

୨୭ରେ ରିଲିଜ୍ ହେବ ଅକ୍ଷୟଙ୍କ 'କନ୍ନାପା' | ୮


# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store



No Matter the Level of Exam
ALLEN
is the Clear Leader
Result: NEET UG 2025

See Page..... 3


RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୭୭ Vol. 22 No-77 17 JUNE 2025 TUESDAY, BHUBANESWAR ମଙ୍ଗଳବାର, ୧୭ ଜୁନ୍ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦



# କୃଷକ ଶକ୍ତି ସମାବେଶ



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

## ବର୍ଷ ଏକ ଉପଲବ୍ଧି ଅନେକ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ପଥରଚେପା ପଡ଼ିଆ, ବଲାଙ୍ଗିର ୧୭ ଜୁନ୍ ୨୦୨୫

### ମୁଖ୍ୟ ଅତିଥି

ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ

### ଗରିମାମୟ ଉପସ୍ଥିତି

ଶ୍ରୀ କନକ ବର୍ଦ୍ଧନ ସିଂହ ଦେଓ
ଉପମୁଖ୍ୟମନ୍ତ୍ରୀ, କୃଷି ଓ କୃଷକ ସଶକ୍ତିକରଣ, ଶକ୍ତି

ଶ୍ରୀ ମୁକେଶ ମହାଲିଙ୍ଗ
ମନ୍ତ୍ରୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା

ଶ୍ରୀ ରବି ନାରାୟଣ ନାଏକ
ମନ୍ତ୍ରୀ, ପଞ୍ଚାୟତିରାଜ ଓ ପାନୀୟ ଜଳ, ଗ୍ରାମ୍ୟ ଉନ୍ନୟନ

ଶ୍ରୀ ଗୋକୁଳାନନ୍ଦ ମଲ୍ଲିକ
ମନ୍ତ୍ରୀ, ମତ୍ସ୍ୟ ଓ ପ୍ରାଣିସଂପଦ ବିକାଶ, ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ

ସାଂସଦ ଏବଂ ବିଧାୟକଗଣ, ବଲାଙ୍ଗିର ଜିଲ୍ଲା

ଓଡ଼ିଶା ସରକାର

DSPL - 125

OIPR 01510/13/0054/2526



ପୁରୀ (ଭାସ୍କର ନ୍ୟୁଜ) : ସାମଗ୍ରିକ ଭାବେ ତିନିରଥ ର ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି। ତିନିରଥ ର ମହାରଣା ସେବକ ଏବଂ ଭୋଇ ସେବକଙ୍କ ମିଳିତ ସହଯୋଗରେ ତିନିରଥର ପ୍ରଥମ ଭୂଇଁ ଉଭୟ ପଟରେ କଇଞ୍ଚି ପଡ଼ିବା ସହ ଦ୍ୱିତୀୟ ଭୂଇଁ ଉଭୟ ପାର୍ଶ୍ୱରେ ଅନ୍ଧାରୀ ତାଗ ବାଡିଆ ଯାଇ,ଅଗ ଭୂଇଁ ବା ତୃତୀୟ ଭୂଇଁ ରେ କଇଞ୍ଚି ସହ ଅନ୍ଧାରୀ ତାଗ ବାଡ଼ିଆ ଶେଷ ହୋଇଛି ।ଭୂଇଁ ଫ୍ରେମ ଗୁଡ଼ିକୁ ମଜବୁତ୍ କରି ଗଢି ତୋଳିବା ପାଇଁ ଭୂଇଁ ଫ୍ରେମ ର ଉଭୟ ପାର୍ଶ୍ୱରେ କଇଁଚି ସଦୃଶ କ୍ରସ୍ କରି କାଠ ବଟନ୍ ବାଡିଆ ଯିବା ସହ ମଝି ଭୂଇଁ ଏବଂ ଅଗ ଭୂଇଁ ର ଉଭୟ ପଟରେ ଦୁଇଟି ୧୬ ଫୁଟିଆ ବଟନ୍ ପଟା ର ଉଭୟ ପଟ କାପ କରାଯାଇ ଭୂଇଁ ଫ୍ରେମ ଗୁଡ଼ିକର ସୁରକ୍ଷା ଦୃଷ୍ଟିରୁ ବାନ୍ଧେଣୀ କରାଯାଇଛି । ଏଥିସହ ତିନିରଥ ରଚାରି କୋଣ ଗୁଡ଼ିକୁ ଛାଡି ତିନିରଥ ଉପର ତାଗ ଗାଡ଼ିଆ ଶେଷ ହୋଇଛି ।ଏଥିସହ ଗତକାଲି ତିନିରଥ ର ତୃତୀୟ ଭୂଇଁ ଉପରେ ସେଟିଂ ହୋଇଥିବା ଏକ ନମ୍ବର ପୋଟଳ ବା ବଡଥଳ ପୋଟଳ କୁ ଟେକି ଧରି ରଖିବା ପାଇଁ ତୃତୀୟ ଭୂଇଁ ଉପରେ ୪ ଟି ଲେଖାଏଁ ପୋଟଳ ଖମ୍ବି ଏବଂ ଦୁଇଟି ଲେଖାଏଁ ଶେଣି ସେଟିଂ କରାଯାଇଛି ।ଏଥିସହ ତିନିରଥ ର ପୋଟଳ ସମେତ ପାରା ଭାଡ଼ି ଏବଂ ଖପୁରୀ ର ନିର୍ମାଣ କାର୍ଯ୍ୟ ଶେଷ । ଏଥିସହ ତିନିରଥ ର ୪ଟି ଲେଖାଏଁ ଚନ୍ଦ୍ର ଶାଳୀ ନିର୍ମାଣ ଶେଷ ହୋଇଛି। ଏଥିସହ ଆଜି ତିନିରଥ ର କଳସ ରେ ସିଲଭର ଚଦର ଫିଟିଙ୍ଗ କାର୍ଯ୍ୟ ଶେଷ ହୋଇଛି। ଚିତ୍ରକାର ସେବକ ମାନେ ତିନିରଥ ର ବାକି ୧୬ ଗୋଟି ନାଟ ଗୋଡ଼ରେ ରାହୁରୂପ ଖୋଦେଇ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଁଚିଛି। ଏଥିସହ ରୂପକାର ସେବକ ମାନେ ତିନି ରଥର ପଟା ଗୁଜ ଗୁଡ଼ିକରେ ନର ବିରାଳ, ଗଜ ବିରଳ ରୂପ ଖୋଦେଇ ଆରମ୍ଭ କରିଛନ୍ତି ।ଚିତ୍ରକାର ସେବକ ମାନେ ରଥ ପାର୍ଶ୍ୱ ଦେବ ଦେବୀ ମାନଙ୍କ ମୂର୍ତ୍ତି ରେ ରଙ୍ଗ କାର୍ଯ୍ୟ ସହ, ତିନିରଥ ବାହ୍ୟ ଅଂଶ କୋଣ ଗୁଜ ,ପଟାଗୁଜ, ଚକ ଇତ୍ୟାଦିରେ ଧଳା ପ୍ରାଇମର୍ ଦେବାପରେ ରଙ୍ଗ କାର୍ଯ୍ୟ ଆରମ୍ଭ କରିଛନ୍ତି।

# ମୃତ୍ୟୁର ବିଭୀଷିକାରେ ମହୋତ୍ସବ ପାଳୁଛନ୍ତି କେନ୍ଦ୍ର ଓ ରାଜ୍ୟ ସରକାର: ଭକ୍ତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): କେନ୍ଦ୍ର ଓ ରାଜ୍ୟ ସରକାର ନିଜର ସଫଳତା ପ୍ରଚାରରେ ମସଗୁଲ ରହିବା ଦେଶବାସୀଙ୍କ ପାଇଁ ପ୍ରତାରଣା ହୋଇଛି। ବିମାନ ଦୁର୍ଘଟଣାରେ ୨୭୨ ଜଣ ପ୍ରାଣ ହରାଇଥିବାବେଳେ ଓଡ଼ିଶାରେ ଝାଡାବାନ୍ତିରେ ୧୨ ଜଣରୁ ଉର୍ଦ୍ଧ୍ୱଲୋକ ମୃତ୍ୟୁବରଣ କଲେଣି। ଏଭଳି ସ୍ଥିତିରେ ସାଧାରଣ ଲୋକଙ୍କ ପ୍ରତି କେନ୍ଦ୍ର ଓ ରାଜ୍ୟ କେତ ସମ୍ବେଦନଶୀଳ ତାହା ବାରି ହୋଇପଡୁଛି ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କ୍ଷୋଭ ପ୍ରକାଶ କରିବା ସହ ତୀବ୍ର ସମାଲୋଚନା କରିଛନ୍ତି। ନୂଆଦିଲ୍ଲୀର ଇନ୍ଦିରା ଭବନଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଦାସ କହିଛନ୍ତି ଯେ ରାଜ୍ୟ ସରକାର ପ୍ରଥମବର୍ଷ ପୂର୍ତ୍ତି ପାଳନ କରୁଛନ୍ତି ହେଲେ ନିର୍ବାଚନ ପ୍ରତିଶ୍ରୁତି ପାଳନ କରିବାରେ ସଂପୂର୍ଣ୍ଣ ବିଫଳ ହୋଇଛନ୍ତି। ସେହିପରି କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ କହିଛନ୍ତି ଯେ ରାଜ୍ୟରେ ବିଜେପି ଯାହା ପ୍ରତିଶ୍ରୁତି ଦେଇଥିଲା ତାହା ପାଳନ କରୁନାହିଁ। ଏହି ସାମ୍ବାଦିକ ସାମ୍ବାଦିକ ସମ୍ମିଳନୀରେ କୋରାପୁଟ ସାଂସଦ ସପ୍ତଗିରି ଉଲାକା, ରାଜ୍ୟ ପ୍ରଭାରୀ ଅଜୟ କୁମାର ଉପସ୍ଥିତ ଥିଲେ।

## ପଞ୍ଚମ ପୃଷ୍ଠାର ଅବଶିଷ୍ଟାଂଶ

### ଗ୍ରାଣ୍ଡ କ୍ରସ୍...

ଆହୁରି କହିଥିଲେ ଯେ ମୁଁ ଏହି ସମ୍ମାନ ଭାରତ ଓ ସାଇପ୍ରସ ମଧ୍ୟରେ ମିତ୍ରତାପୂର୍ଣ୍ଣ ସଂପର୍କ ଓ ମୂଲ୍ୟବୋଧକୁ ସମର୍ପିତ କରୁଛି। ଏହି ପୁରସ୍କାର ଶାନ୍ତି, ସୁରକ୍ଷା, ସାର୍ବଭୌମତ୍ୱ ଓ ଆଞ୍ଚଳିକ ଅଖଣ୍ଡତା ତଥା ଆମ ଲୋକଙ୍କ ସମୃଦ୍ଧି ପ୍ରତି ଅତୁଟ ପ୍ରତିଶ୍ରୁତିବଦ୍ଧତାର ପ୍ରତୀକ ଅଟେ। ଏହାପରେ ମୋଦୀ କହିଥିଲେ ଯେ ତାଙ୍କୁ ବିଶ୍ୱାସ ରହିଛି ଯେ ଭାରତ ଓ ସାଇପ୍ରସ ସକ୍ରିୟ ମେଣ୍ଟ ଆଗାମୀ ଦିନରେ ନୂଆ ଶିଖର ଛୁଇଁବ। ଆମେ ନା କେବଳ ନିଜ ଦେଶର ପ୍ରଗତିକୁ ମଜବୁତ କରିବୁ, ବରଂ ଏକ ଶକ୍ତି ଓ ସୁରକ୍ଷିତ ବାତାବରଣ ପ୍ରସ୍ତୁତ କରିବା ପାଇଁ ମିଳିମିଶି କାମ କରିବୁ। ସୂଚନାଯୋଗ୍ୟ ଯେ ମୋଦୀଙ୍କ ପୂର୍ବରୁ ଏହି ସମ୍ମାନ ପୂର୍ବତନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀ, ଜୋର୍ଡାନର କିଙ୍ଗ ଅବଦୁଲ୍ଲା-୨, ଜର୍ମାନର ପୂର୍ବତନ ରାଷ୍ଟ୍ରପତି ଫ୍ରାଙ୍କ୍ ଭାଲଟର ଷ୍ଟିନ ମିୟର, ରୁଷ ବୈଦେଶିକ ମନ୍ତ୍ରୀ ସର୍ଗେଇ ଲାଭରୋଭଙ୍କ ସହ ପ୍ରମୁଖ ବ୍ୟକ୍ତିବିଶେଷଙ୍କୁ ପ୍ରଦାନ କରାଯାଇଛି।

### ଲଗାଣ ବର୍ଷାରେ...

କେଉଁଠି କାର୍ ବୁଡ଼ିଯାଇଛି ତ ଆଉ କେଉଁଠି ବାଇକ୍ ଭାସିଯାଇଛି। ବିଭିନ୍ନ ଘରରେ ପାଣି ଭର୍ତ୍ତିହୋଇ ରହିଛି। ଏକପ୍ରକାର କହିଲେ ମାଙ୍ଗାଲୋର ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇ ରହିଛି। ରାସ୍ତା, ନଦୀ ଓ ପୋଖରୀ ସବୁ ଏକାକାର ହୋଇପଡ଼ିଛି। ଲଗାଣ ବର୍ଷା ପରେ ଭୂସ୍ଖଳନ ହୋଇଛି। ପାହାଡ଼ ଧସିବା କାରଣରୁ ଜାତୀୟ ରାଜପଥ ବନ୍ଦ ରହିଛି। ୬ରୁ ଅଧିକ ଜିଲ୍ଲାରେ ହାଇଆଲର୍ଟ ଜାରି କରାଯାଇଛି। ସେହିପରି ମୁମ୍ବାଇରେ ବର୍ଷା ତାଣ୍ଡବ ରଚିଛି। ପ୍ରବଳ ବର୍ଷାରେ ରାସ୍ତା ଧସିଛି, ପାଚେରୀ ଭାଙ୍ଗିଛି। ନାଭି ମୁମ୍ବାଇରେ ସ୍ଥିତି ସଙ୍ଗୀନ ରୂପ ଧାରଣ କରିଛି। ପ୍ରବଳ ବର୍ଷା ଯୋଗୁ ମାଟି ଧସିବା ସହ ଏକ ମାର୍କେଟ ବିଲଡିଂର ପାଚେରୀ ଭୁଶୁଡ଼ି ପଡ଼ିଛି। ଫଳରେ ଅନେକ ବାଇକ୍ କ୍ଷତିଗ୍ରସ୍ତ ହୋଇଛି। ବହୁ ଚାରିଚକିଆ ଗାଡ଼ି ଦବିଯାଇ ଅଧା ଢଳି ରହିଛି। ପ୍ରବଳ ବର୍ଷା ଯୋଗୁ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଛି। ସ୍ଥାନୀୟ ପ୍ରଶାସନ ପକ୍ଷରୁ ଜଳ ନିଷ୍କାସନ ପାଇଁ ଉଦ୍ୟମ ଆରମ୍ଭ ହୋଇଛି। ପାଣି ପମ୍ପ ଲଗାଯାଇ ଜଳ ନିଷ୍କାସନ କରାଯାଉଛି। ପ୍ରଭାବିତଙ୍କୁ ରିଲିଫ ଓ ସମସ୍ତ ସହାୟତା ଯୋଗାଇ ଦିଆଯାଉଛି। ଉଦ୍ଧାରକାରୀ ଦଳ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ରହିଛନ୍ତି।

### ୨୦୨୭ ମାର୍ଚ୍ଚରୁ...

ବା ହାଉସ ଲିଷ୍ଟିଂ ଅପରେସନ କରାଯିବ। ଯେଉଁଥିରେ ପ୍ରତିଟି ପରିବାରର ଘରର ସ୍ଥିତି, ସମ୍ପତ୍ତି ଓ ଅନ୍ୟାନ୍ୟ ସୁଖ ସୁବିଧାର ଯାଞ୍ଚ କରାଯିବ। ସେହିଭଳି ଦ୍ୱିତୀୟ ପର୍ଯ୍ୟାୟରେ ଜନସଂଖ୍ୟା ସୂଚୀ ସଂଗ୍ରହ କରାଯିବ। ଯେଉଁଥିରେ ପ୍ରତ୍ୟେକ ପରିବାରର ପ୍ରତ୍ୟେକ ବ୍ୟକ୍ତିଙ୍କ ସଂଖ୍ୟା, ସାମାଜିକ ଓ ଆର୍ଥିକ ସ୍ଥିତି, ସାଂସ୍କୃତିକ ଏବଂ ଅନ୍ୟାନ୍ୟ ତଥ୍ୟ ସଂଗ୍ରହ କରାଯିବ। ସୂଚନାଯୋଗ୍ୟ ଯେ ଗତ ରବିବାର ଗୃହମନ୍ତ୍ରୀ ଅମିତ ଶାହ ଜାତିଗତ ଜନଗଣନା ଉପରେ ଏକ ଉଚ୍ଚସ୍ତରୀୟ ବୈଠକରେ ସମୀକ୍ଷା କରିଥିଲେ।

### ୨୦ରୁ ଖୋଲିବ...

କ୍ୟାମ୍ପସ ପରିସରରେ ଉଠିଥିବା ଗଛଲତା ସଫା କରିବା, ପାଣି ଟାଙ୍କି ସଫା କରିବା, ପିଲାଙ୍କ ବସିବା ବେଞ୍ଚ୍ ଓ ଚେୟାରକୁ ଠିକ୍ ଭାବେ ପ୍ରସ୍ତୁତ ରଖିବାକୁ କୁହାଯାଇଛି। ସେହିପରି ପରିସ୍ରାଗାର, ଇ-ଲାଇବ୍ରେରୀ, ରୋଷେଇ ଘରଗୁଡ଼ିକୁ ମଧ୍ୟ ସଫା କରିବା ସହିତ ମଧ୍ୟାହ୍ନଭୋଜନ ପାଇଁ ଥିବା ସାମଗ୍ରୀ ସବୁକୁ ଯାଞ୍ଚ କରିବାକୁ ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଅନ୍ୟପକ୍ଷରେ ଖରାଛୁଟି ବୃଦ୍ଧି କରାଯିବ ବୋଲି ଏବେ ବିଭିନ୍ନ ସୋସିଆଲ ମିଡିଆରେ ପୋଷ୍ଟ ଓ ଭିଡିଓ ଭାଇରାଲ ହେଉଛି। ଏହାକୁ ନେଇ ଛାତ୍ରୀଛାତ୍ର ଓ ଅଭିଭାବକ ଦ୍ୱନ୍ଦ୍ୱରେ ପଡିଛନ୍ତି। ବିଭିନ୍ନ ସୋସିଆଲ ମିଡିଆ ପୋଷ୍ଟରେ ହଇଜା, କୋଭିଡ୍ ଓ ଗୁଲୁଗୁଳି ଆଦି ଭିନ୍ନ ଭିନ୍ନ କାରଣ ଦର୍ଶାଯାଉଛି। ତେବେ ଏନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ କୌଣସି ବିଜ୍ଞପ୍ତି ପ୍ରକାଶ ପାଇ ନ ଥିବାବେଳେ ଏହା ଏକ ଗୁଜବ ବୋଲି କୁହାଯାଉଛି।

### ଯୁବଶକ୍ତି...

ରହିଥିବାବେଳେ ଜଳସମ୍ପଦ ବିଭାଗର ୬୨, ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗର ୧୧୭ଟି, ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗର ୨୦୪ଟି ଏବଂ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ୧୮ଟି ପଦବୀ ରହିଛି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ସମସ୍ତ ନବନିଯୁକ୍ତଙ୍କୁ ଅଭିନନ୍ଦନ ଜଣାଇବା ସହ ସେମାନେ ଜନସାଧାରଣଙ୍କ ସେବକ ଭାବି ସେମାନଙ୍କ ଆଶା ଓ ଆକାଂକ୍ଷା ପୂରଣ ସହ ସମସ୍ୟା ସମାଧାନ ଦିଗରେ କାର୍ଯ୍ୟ କରିବେ ବୋଲି ଆଶା ପ୍ରକାଶ କରିଥିଲେ। ସେ ଆହୁରି କହିଥିଲେ, ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ସେ ପ୍ରେରିତ ହୋଇ ଓଡ଼ିଶାର ଯୁବଶକ୍ତିଙ୍କ ପାଇଁ ଅନେକ ଯୋଜନା ଆରମ୍ଭ କରିଛନ୍ତି। ସରକାରୀ ସ୍ତରରେ ଆମେ ଯୁବଶକ୍ତିର ବିକାଶ ପାଇଁ ବହୁ ପଦକ୍ଷେପ ଗ୍ରହଣ କରିଛୁ। ତେଣୁ ଯେଉଁମାନେ ନୂତନକରି ନିଯୁକ୍ତି ପାଉଛନ୍ତି ସେମାନେ ସରକାରୀ ସ୍ତରରେ ନିଷ୍ଠାର ସହ କାର୍ଯ୍ୟ କରିବା ଜରୁରି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସେ କହିଥିଲେ, ପ୍ରଥମ ଦୁଇବର୍ଷରେ ଆମର ୬୫ହଜାର ପଦବୀ ପୂରଣ ଲକ୍ଷ୍ୟ ରହିଥିଲା। ୯ଟି ପର୍ଯ୍ୟାୟରେ ୨୮ହଜାର ପଦବୀ ପ୍ରଥମ ବର୍ଷରେ ପୂରଣ କରିଥିବାବେଳେ ଦ୍ୱିତୀୟ ବର୍ଷରେ ଆଉ ୪୦ହଜାର ପଦବୀ ପୂରଣ କରାଯିବ। ଏହି କାର୍ଯ୍ୟକ୍ରମରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ପଞ୍ଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀ ରବିନାରାୟଣ ନାୟକ, ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ନବନିଯୁକ୍ତଙ୍କୁ ଶୁଭେଚ୍ଛା ଜଣାଇବା ସହ ଓଡ଼ିଶା ସରକାରଙ୍କ ବିକାଶ ରଥକୁ ସଫଳତାର ସହ ପରିଚାଳନା କରିବେ ବୋଲି ଆଶାପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ଉନ୍ନୟନ କମିଶନର ଅନୁ ଗର୍ଗ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ପୂର୍ତ୍ତ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂ ଧନ୍ୟବାଦ ଅର୍ପଣ କରିଥିଲେ।

### ଥାଟରାଜା...

ପୁରୀରେ ହୋଇଛି। ରାଜ ପରଂପରା ଅନୁସାରେ ତାଙ୍କର ଶେଷକୃତ୍ୟ ପୁରୀ ସ୍ୱର୍ଗଦ୍ୱାରରେ ଶ୍ରୀମନ୍ଦିର ରୋଷ ଶାଳାର ଅଗ୍ନିରେ ଶତ୍କାର କରାଯାଇଛି ।ତେବେ ରଥଯାତ୍ରା ସମୟରେ ଖୋଦ ଗଜପତିଙ୍କ ନିଜ ସାନ ଭାଇଙ୍କ ମୃତ୍ୟୁ ହୋଇଥିବାରୁ ବର୍ତ୍ତମାନ କେମିତି ଛେରା ପହଁରା ଏବଂ ଗଜପତିଙ୍କ ସେବା କରାଯିବ ସେ ନେଇ ପ୍ରଶ୍ନ ଉଠିଛି। ହେଲେ ଗଜପତିଙ୍କ ପୁରୋହିତଙ୍କ କହିବା ଅନୁସାରେ ଗଜପତି ଦିବ୍ୟସିଂହ ଦେବ କୌଣସି ଅଶୌଚ କାର୍ଯ୍ୟ ସହିତ ସଂପୃକ୍ତ ହେବେ ନାହିଁ। ସେ ପ୍ରଭୁଙ୍କ ସେବା କରୁଥିବାରୁ ତାଙ୍କ ପରିବାରର ଯେ କେହି ମୃତ୍ୟୁ ବରଣ କଲେ ମଧ ଗଜପତି ସେ କାର୍ଯ୍ୟରେ ଯୋଗ ଦେବେ ନାହିଁ କି ସେ ଅଶୌଚ ହେବେ ନାହିଁ। ଏହା ଶ୍ରୀମନ୍ଦିର ପରଂପରାରେ ରହିଆସିଛି ।ଫଳରେ ବର୍ତ୍ତମାନ ଗଜପତିଙ୍କ ନିଜ ଭାଇ ମୃତ୍ୟୁବରଣ କରିଥିଲେ ମଧ ସେ ତିନି ଠାକୁରଙ୍କ ସେବାରୁ ନିବୃତ ରହିବେ ନାହିଁ। ଯାହା ପୂର୍ବରୁ ପ୍ରଚଳିତ ହୋଇଆସୁଛି ତାହା ଗଜପତି ଦିବ୍ୟସିଂହ ଦେବ ଜାରୀ ରଖିବେ। ଫଳରେ ରଥଯାତ୍ରାରେ ଗଜପତିଙ୍କ ସେବା ନିଜେ ଦିବ୍ୟସିଂହ ଦେବ କରିବେ। ରଣାର୍ଣ୍ଣବ ଦେବଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିଛନ୍ତି। ସୋସିଆଲ ମିଡିଆ 'ଏକ୍ସ' ମାଧ୍ୟମରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇବା ସହ ଏହି ଦୁଃଖଦ ସମୟରେ ସେମାନଙ୍କୁ ପ୍ରଭୁ ଶ୍ରୀଜଗନ୍ନାଥ ଧୈର୍ଯ୍ୟ ଦେବାପାଇଁ ପ୍ରାର୍ଥନା କରିଛନ୍ତି। ସେ କହିଛନ୍ତି, ତାଙ୍କ ବିୟୋଗରେ ମୁଁ ଗଭୀର ଦୁଃଖିତ। ଏହି ଅସହ୍ୟ ଦୁଃଖଦ ମୁହୂର୍ତ୍ତରେ ପ୍ରଭୁ ଶ୍ରୀଜଗନ୍ନାଥ ସେମାନଙ୍କୁ ଧୈର୍ଯ୍ୟ ଓ ଶକ୍ତି ପ୍ରଦାନ କରନ୍ତୁ। ସ୍ୱର୍ଗତଃ ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ମୁଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦତଳେ ପ୍ରାର୍ଥନା କରୁଛି ବୋଲି ଶ୍ରୀ ମାଝୀ କହିଛନ୍ତି। ତାଙ୍କ ବିୟୋଗରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ବିରୋଧୀଦଳ ନେତା ନବୀନ ପଟ୍ଟନାୟକ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏବଂ ସାଂସଦ ସମ୍ବିତ ପାତ୍ର ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି।

### ପାନୀୟ, ଖାଦ୍ୟ...

ସହ ଆଲୋଚନା କରିଛନ୍ତି। ସେମାନେ କହିଛନ୍ତି ଯେ ଏହା ପାଣ୍ଡେମିକ୍ ନୁହେଁ, ଏଣ୍ଡେମିକ୍। ଯାଜପୁରରେ କଲେରା ମଧ୍ୟ ବ୍ୟାପିଛି। ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ରୀୟ ଟିମ୍ ରାଜ୍ୟ ସରକାରଙ୍କୁ ଅନେକ ପ୍ରତିକାରମୂଳକ ପଦକ୍ଷେପ ନେବାକୁ ପରାମର୍ଶ ଦେଇଛି। ପାନୀୟ ଓ ଖାଦ୍ୟ ନିରାପତ୍ତା ସହ ବ୍ୟକ୍ତିଗତ ସ୍ୱଚ୍ଛତା ଉପରେ ନଜର ରଖିବାକୁ କୁହାଯାଇଛି। ସୂଚନାଥାଉକି ହଇଜା ସ୍ଥିତିକୁ ନିୟନ୍ତ୍ରଣ ପାଇଁ ଉଭୟ ଜିଲ୍ଲା ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗ ଗୁରୁତ୍ୱ ଦେଉଛନ୍ତି। ସ୍ୱାସ୍ଥ୍ୟ ବିଭାଗର ୨୦ଜଣିଆ ଟିମ୍ ଗାଁ କୁ ଗାଁ ଯାଇ ସଚେତନ କରାଉଛନ୍ତି। ବିଞ୍ଝାରପୁର ଓ ବରୀ ବ୍ଲକ ଅଞ୍ଚଳରେ ଥିବା ଜଳଖିଆ ଦୋକାନ, ଢାବା, ମିଠା ଦୋକାନ, ଫାଷ୍ଟଫୁଡ୍, ଗୁପ୍‌ଚୁପ୍, ଚାଟ୍, ଆଇସକ୍ରିମ କାରଖାନା, ପାଣି ପାଉଚ କାରଖାନା, ମାଛ, ଚିକେନ, ମଟନ ଇତ୍ୟାଦି ଦୋକାନ ଦୁଇ ସପ୍ତାହ ପାଇଁ ବନ୍ଦ ରଖିବାକୁ ସ୍ଥାନୀୟ ତହସିଲଦାରମାନେ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ ସୋମବାର ସ୍ୱାସ୍ଥ୍ୟ ବିଭାଗ କମିଶନର ତଥା ଶାସନ ସଚିବ ଶ୍ରୀମତୀ ଆଶ୍ୱଥି ଏସ ଏବଂ ସ୍ୱାସ୍ଥ୍ୟ ବିଭାଗର ସ୍ୱତନ୍ତ୍ର ସଚିବ ଡ଼ା. ବିଜୟ କୁମାର ମହାପାତ୍ର ଯାଜପୁର ଜିଲ୍ଲାର ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଗସ୍ତକରି ରୋଗୀଙ୍କ ସ୍ୱାସ୍ଥ୍ୟବସ୍ଥା ଏବଂ ସେଠାକାର ପରିସ୍ଥିତି କିପରି ଅଛି ଅନୁଧ୍ୟାନ କରିଥିଲେ। ଏହି ଅବସରରେ ଝାଡାବାନ୍ତି ତଥା ଡାଇରିଆରେ ଆକ୍ରାନ୍ତ ଥିବା ରୋଗୀଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିବା ସହ ଡାକ୍ତରଙ୍କ ସହ ଆଲୋଚନା କରିଥିଲେ। ପରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ପରିସ୍ଥିତି ସମୀକ୍ଷା କରିବା ପରେ ସ୍ୱାସ୍ଥ୍ୟ ବିଭାଗ ଶାସନ ସଚିବ ଆଶ୍ୱଥି ଏସ୍ କହିଥିଲେ ବର୍ତ୍ତମାନ ସୁଦ୍ଧା ୨୪୦ ଜଣ ରୋଗୀ ଚିକିତ୍ସିତ ହେଉଛନ୍ତି। କାଲି ଏବଂ ଆଜି ମଧ୍ୟ ନୂଆ ରୋଗୀ ଆଡ଼ମିଶନ ହୋଇଛନ୍ତି। ଡାକ୍ତରଙ୍କ ବିନା ଅନୁମତିରେ କୌଣସି ରୋଗୀ ଡାକ୍ତରଖାନା ନ ଛାଡ଼ିବା ପାଇଁ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ଡାକ୍ତରଙ୍କ ବିନା ଅନୁମତିରେ ଡିସଚାର୍ଜ ହୋଇ ଯିବା ଦ୍ୱାରା ସଂକ୍ରମଣ ବ୍ୟାପିବାର ସମ୍ଭାବନା ରହିବା ସହିତ ରୋଗୀର ପରିସ୍ଥିତି ଆହୁରି ଖରାପ ହେବାର ସମ୍ଭାବନା ମଧ୍ୟ ରହୁଛି ବୋଲି ଅବଗତ କରାଇଥିଲେ। ପ୍ରଥମ ପର୍ଯ୍ୟାୟରେ କେତେ ବିଶୋଧନ (ଡିସଇନଫେକ୍ସନ୍) କରାଯାଇଛି ଏହାର ମଧ୍ୟ ଆଜି ସମୀକ୍ଷା କରାଗଲା। ନୂଆ ସଂକ୍ରମିତ ଚିହ୍ନଟର କାରଣ କଣ ରହୁଛି ଏହା ଜାଣିବା ପାଇଁ କେନ୍ଦ୍ରୀୟ ଟିମ, ମେଡିକାଲ କଲେଜ୍ ତରଫରୁ କମ୍ୟୁନିଟି ମେଡିକାଲ ଟିମ୍, ରାଜ୍ୟସ୍ତରୀୟ ଆର.ବି.ଏସ. କେ ଟିମ୍ ଅଞ୍ଚଳ ପରିଦର୍ଶନ କରି ତଦାରଖ କରିବା ସହିତ ବିଶୋଧନ (ଡିସଇନଫେକ୍ସନ୍) ସମ୍ବନ୍ଧରେ ମଧ୍ୟ ତଦାରଖ କରୁଛନ୍ତି। ସମଗ୍ର ୩୦ ଟି ଜିଲ୍ଲାରେ ଆଜି ଠାରୁ 'ଷ୍ଟପ ଡାଇରିଆ' ଅଭିଯାନ ମଧ୍ୟ ଆରମ୍ଭ କରାଯାଉଛି। ଏହି ଅଭିଯାନ ମାଧ୍ୟମରେ ଲୋକଙ୍କୁ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ପରାମର୍ଶ ଦିଆଯିବା ସହିତ ଜନସଚେତନତା ସୃଷ୍ଟି କରାଯିବ। ଆଜି ସନ୍ଧ୍ୟା ୬ଟା ସୁଦ୍ଧା ମିଳିଥିବା ସୂଚନା ଅନୁଯାୟୀ କାଲି ରାତି ୧୧ ଟା ସୁଦ୍ଧା ୨୪୪ ଜଣ ଚିକିତ୍ସିତ ହେଉଥିଲେ। ନୂତନ ଭାବେ ଆଜି ୨୨୧ ଜଣ ଆଡମିଟ ହୋଇଥିବା ବେଳେ, ୧୮ ଜଣଙ୍କୁ ରେଫର କରାଯାଇଛି, ୧୮୫ ଜଣଙ୍କୁ ଡିସଚାର୍ଜ କରାଯାଇଛି। ବର୍ତ୍ତମାନ ୨୫୬ ଜଣ ବିଭିନ୍ନ ଡାକ୍ତରଖାନା ଓ ମୁଖ୍ୟ ଚିକିତ୍ସାଳୟ ରେ ଚିକିତ୍ସିତ ହେଉଛନ୍ତି ।ଏହି ସମୀକ୍ଷା ବୈଠକରେ ଜିଲ୍ଲାପାଳ ପି ଅନ୍ୱେଷା ରେଡ୍ଡୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ, ଭେଷଜ ମହାବିଦ୍ୟାଳୟ ର ଡିନ ତଥା ଅଧକ୍ଷ, ମେଡିକାଲ କଲେଜ ସୁପରିଣ୍ଟେଡେଣ୍ଟ, ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ମାନେ ଉପସ୍ଥିତ ଥିଲେ।

# ଶ୍ରୀଜିଉଙ୍କୁ ଫୁଲୁରୀ ତେଲ ଲାଗି



ପୁରୀ (ଭାସ୍କର ନ୍ୟୁଜ) : ଅଣସରରେ ତିନି ଠାକୁର। ୧୦୮ ଗରା ପାଣିରେ ଗାଧୋଇ ପଡିଛନ୍ତି ଜ୍ୱରରେ। ଏହି ଜ୍ୱରର ଉପଚାର ପାଇଁ ଆବଶ୍ୟକ ହୋଇଥାଏ 'ଫୁଲୁରି ତେଲ' ଓ 'ଦଶମୂଳ ମୋଦକ' । ଏହି ଫୁଲିରି ତେଲ ଶ୍ରୀ ବିଗ୍ରହଙ୍କ ପାଦରେ ଘସାଯିବ । ଏହାଦ୍ୱାରା ମହାପ୍ରଭୁଙ୍କୁ ଜ୍ୱର ଛାଡି ଯାଏ ବୋଲି କୁହାଯାଏ । ଆଷାଢ଼ କୃଷ୍ଣ ପଞ୍ଚମୀ ବା 'ଅଣସର ପଞ୍ଚମୀ' ଦିନରୁ ଆଷାଢ଼ କୃଷ୍ଣ ସପ୍ତମୀ ମଧ୍ୟରେ ଏହି ନୀତି ହୋଇଥାଏ । ଆଜି ମହାପ୍ରଭୁଙ୍କୁ ଫୁଲୁରୀ ତେଲ ଲାଗି ହେବ। ସେଥିପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି । ଓଡ଼ିଆ ଭାଗବତକାର ଅତିବଡ଼ୀ ଜଗନ୍ନାଥ ଦାସଙ୍କ ଦ୍ୱାରା ପ୍ରତିଷ୍ଠିତ ବଡ଼ଓଡ଼ିଆ ମଠ ଏହା ଯୋଗାଇ ଥାଆନ୍ତି । ବଡ଼ଓଡ଼ିଆ ମଠ ଏହି ତେଲକୁ ପ୍ରସ୍ତୁତ କରିଥିବାବେଳେ ପ୍ରଥମେ ଶୋଭାଯାତ୍ରା ସହକାରେ ଶ୍ରୀମନ୍ଦିରକୁ ଫୁଲୁରୀ ତେଲକୁ ବିଜେ କରା ଯାଇଥାଏ । ବୈଦ୍ୟଙ୍କ ପରାମର୍ଶକ୍ରମେ ଅଣସର ପିଣ୍ଡିରେ ଶ୍ରୀଜିଉଙ୍କୁ ଏହି ଫୁଲୁରୀ ତେଲର ଚିକିତ୍ସା ସେବା ଯୋଗାଇ ଦିଆଯାଏ । ଅସୁସ୍ଥ ଶ୍ରୀଜିଉମାନେ ଏବେ ସୁସ୍ଥ ହେଉଛନ୍ତି। ଶୟନ ଅବସ୍ଥାରୁ ବିଗ୍ରହମାନଙ୍କୁ ବସାଇବା ଉପକ୍ରମ ଆରମ୍ଭ ହୋଇଛି। ଏଣେ ଲୌକିକ ମତରେ ଜ୍ୱରଗ୍ରସ୍ତ ଠାକୁରମାନଙ୍କ ଦେହରୁ ମଜରା ଛଡାଇବାକୁ କରାଯିବ ଉପଚାର। ଶ୍ରୀଅଙ୍ଗକୁ ସୁସ୍ଥ କରିବାକୁ ଆଜି ମାଲିସ୍ ହେବେ ଫୁଲୁରୀ ତେଲ। ବଡ଼ଓଡ଼ିଆ ମଠ ପ୍ରତିବର୍ଷ ଅଣସରରେ ୬ ସେର ଫୁଲୁରୀ ତେଲ ଯୋଗାଯାଇଥାଏ । କେବଳ ନବକଳେବର ବର୍ଷରେ ୯ ସେର ଫୁଲୁରୀ ତେଲ ଦିଆ ଯାଇଥାଏ । ଆଷାଢ଼ କୃଷ୍ଣ ପଞ୍ଚମୀରୁ ସପ୍ତମୀ ଫୁଲୁରୀ ତେଲ କୁ ଲାଗି କରାଜାଇଥାଏ । ସ୍ୱତନ୍ତ୍ର ପ୍ରଣାଳୀରେ ପ୍ରସ୍ତୁତ ହୋଇଥାଏ । ବର୍ଷେ ପୂର୍ବରୁ ହେରାପଞ୍ଚମୀ ତିଥିରେ ତିନୋଟି ତିନି ସେରିଆ ମାଟି ଘଡ଼ିର ଆବଶ୍ୟକତା ରହିଥାଏ । ତିନି ଘଡ଼ିରେ ଘଣା ପେଡ଼ା ରାଶି ତେଲ ସହିତ କୃଷ୍ଣଭୋଗ ଧାନ, ବେଣା ଚେର, ଚନ୍ଦନ କାଠ, କେତକୀ, ଚମ୍ପା, ବଉଳ, ମାଳତୀ, ମଲ୍ଲୀ, ଜୁଇ, ଜାଇ ଆଦି ଫୁଲର ମିଶ୍ରଣ, ଶାଳ ପର୍ଣ୍ଣ, ଗମ୍ଭାରୀ, ଲବାଙ୍ଗ କୁଳି, ଫଣଫଣା, କୃଷ୍ଣ ପର୍ଣ୍ଣ, ବେଲ, ଖଣି ବଥୁ, ପଟଳି, ଖୁଆ, ଅଙ୍କରାନ୍ତି, ଗୋଖରା, ଲମ୍ବାଗୋଡି, ଦେଶୀ ଘିଅ, ମହୁ, ନବାତ, ଖୁଆସର ଅଦିକୁ ମିଶାଇ ଏକ ବର୍ଷ ପର୍ଯ୍ୟନ୍ତ ମାଟି ତଳେ ପୋତା ହୋଇ ରଖାଯାଇଥାଏ । ଯାହାକୁ ଫୁଲରୀ ତେଲ ବୋଲି କୁହାଯାଇଥାଏ । ଏହି ମିଶ୍ରଣକୁ ମାଟିତଳେ ଦୀର୍ଘ ଏକ ବର୍ଷ କାଳ ରଖିବା ପରେ ଦେବସ୍ନାନ ପୂର୍ଣ୍ଣିମା ଦିନ ମାଟିରୁ ବାହାର କରାଯାଇଥାଏ। ଏହି ଅବଧିରେ ଏହି ମିଶ୍ରିତ ତୈଳ ଔଷଧରେ ରୁପାନ୍ତରିତ ହୋଇଥାଏ। ଆୟୁର୍ବେଦ ଶାସ୍ତ୍ର ମୁତାବକ ଏ ସମସ୍ତ ଫୁଲ ଓ ବେଣା ଚେରରେ ରହି ଦେହକୁ ଉଷ୍ମତା ପ୍ରଦାନ କରିବାର ଶକ୍ତି ଦେବ। ଏଣୁ ମହାପ୍ରଭୁମାନେ ପ୍ରବଳ ସ୍ନାନ ଯୋଗୁ ଅସୁସ୍ଥ ହୋଇପଡିଥିବା କଳ୍ପନା କରାଯାଇ ଶ୍ରୀଅଙ୍ଗରେ ଏହି ତୈଳ ମର୍ଦ୍ଦନ କରାଯାଇଥାଏ। ଏହି ଫୁଲରୀ ତେଲ ମାଲିସ ପରେ ଶ୍ରୀଜିଉ କିଛି ଅଂଶରେ ସୁସ୍ଥ ହୋଇଥାନ୍ତି ବୋଲି ବିଶ୍ୱାସ ରହିଛି । ଏହି ତେଲକୁ ଛଣାଯାଇ ଅମୁଣିଆ ପ୍ରସ୍ତୁତ କରି ମହାପ୍ରଭୁଙ୍କୁ ଲାଗି ପାଇଁ ପଠାଯାଏ ।

# ବଡ଼ ଦୁର୍ଘଟଣାରୁ ବର୍ତ୍ତିଗଲା ବିମାନ

ଲକ୍ଷ୍ନୌ: ବଡ଼ ଦୁର୍ଘଟଣାରୁ ବର୍ତ୍ତିଲା ବିମାନ। ଲକ୍ଷ୍ନୌ ବିମାନ ବନ୍ଦରରେ ଅବତରଣ ବେଳେ ବିମାନ ଚକାରୁ ଧୂଆଁ ବାହାରିଥିଲା। ଏହା ସହ ନିଆଁ ଝୁଲ ମଧ ବାହାରିଥିବା ଦେଖିବାକୁ ମିଳିଥିଲା। ସାଉଦି ଏୟାରଲାଇନ୍ସର ବିମାନ ଏସ୍-ଭି-୩୧୧୨ ୨୫୦ ଜଣ ହଜ୍ ଯାତ୍ରୀଙ୍କୁ ନେଇ ଆସିଥିଲା। ବିମାନ ଏୟାରପୋର୍ଟରେ ଅବତରଣ ବେଳେ ହଠାତ୍ ନିଆଁ ଝୁଲ ଓ ଧୂଆଁ ବାହାରୁଥିବାର ଦେଖିବାକୁ ମିଳିଥିଲା। ପାଇଲଟ୍ ଓ ବିମାନ ବନ୍ଦର ଅଧିକାରୀଙ୍କ ସତର୍କତାମୂଳକ ପଦକ୍ଷେପ ଯୋଗୁ ତୁରନ୍ତ ବିମାନରେ ଥିବା ଯାତ୍ରୀଙ୍କୁ ସୁରକ୍ଷିତ ଉଦ୍ଧାର କରାଯାଇଛି। ସୂଚନାଯୋଗ୍ୟ ଯେ ଏଥିପୂର୍ବରୁ ଅହମ୍ମଦାବାଦରେ ଏୟାରଇଣ୍ଡିଆର ଏଆଇ-୧୭୧ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇ ୨୭୪ଜଣଙ୍କ ଜୀବନ ଯାଇଥିଲା। ଏବେ ବି ଲୋକଙ୍କ ମନରେ ସେହି ଭୟ ଲାଗି ରହିଛି।


**AFFIDAVIT**

By virtue of an affidavit sworn before the Executive Magistrate, Bhubaneswar, dated: 12.06.2025, I Laxmidhar Sahoo, Address: At- Bharatpur, Po- Bharatpur, Ps- Bharatpur, Bhubaneswar, Dist- Khordha, Odisha, PIN-751003, declare that I have changed my son's name from Mahesh Sahoo to Maheswar Sahoo. Henceforth, He shall be known as Maheswar Sahoo for all purposes.

**Sd/- Laxmidhar Sahoo**

---

OFFICE OF THE SR. GENERAL MANAGER (ELECTRICAL)
UPPER INDRAVATI HYDRO ELECTRIC PROJECT, MUKHIGUDA,
DIST: KALAHANDI-766026, E-mail: sgmel_uihep@ohpcltd.com
**CAD-781**
OHPC
ISO 9001-14001 18001 Certified
ODISHA HYDRO POWER CORPORATION LTD. (A GOVERNMENT OF ODISHA UNDERTAKING)
Regd. Office OSPH & W.C Building, Vanivihar Chhak, Janpath, Bhoinagar, Bhubaneswar-751022,
Tel: 91-0674-2542983, 2542802, 2545526, 2542826, Fax:2542102, E-Mail: ohpc.co@gmail.com / md@ohpcltd.com
WEB: www.ohpcltd.com, CIN: U40101OR1995SGC003963

'e'- Procurement Notice
NOTICE INVITING TENDER NO.UIHEP/13/2025-26 DATED.13.06.2025

The Unit Head, UIHEP, Mukhiguda, Dist.- Kalahandi invites percentage rate bids in double cover system i.e. Cover-I (Technical Bid) & Cover II (Price Bid) in **Online mode** from eligible contractors for the work as detailed in the table below.

| Sl. No. | Name of work | Approx. Estimated cost (in Rs.) | EMD (in Rs.) (online) | Class of Contractor | Cost of bid document (in Rs.) (online) | Period of contract |
|---|---|---|---|---|---|---|
| 1 | Renovation of 02 no. 'C' type and 03 no. 'CR' quarters at Sector-I of Power House Colony of UIHEP, Mukhiguda. | 49,06,359/- (Excluding GST) | 49,100/- | 'B' Class Contractor registered with State Govt./Central Govt. / MES / Railways. | 6,000/- + GST @18% = 7,080/- | Six (06) calendar months |

Availability of tender document in the portal: From 18.06.2025 (10:00 Hrs) to 01.07.2025 (up to 13:00 Hrs.)
Last date & time of submission of tenders in the portal: 01.07.2025 up to 13:00 Hrs.
The date & time of opening of the bid: 01.07.2025 at 16:30 Hrs (Only Technical Bid)
The bidders have to participate in **ONLINE** bidding only. Further details can be seen and tender document can be downloaded from the e-Procurement Portal "https://tendersodisha.gov.in".

**OIPR 04008/11/0028/2526**
Sd/-Unit Head
UIHEP, Mukhiguda

---

OFFICE OF THE MUNICIPAL COUNCIL:GUNUPUR
e-procurement Notice
Tender Reference No.GUN-MUN-72/2025-26
**C-529**

No.1056 dt.12.06.2025

| | | | |
|---|---|---|---|
| 01. | Total Nos. of Works | : | One (01 )nos. of Civil Works |
| 02. | Approximate Estimated Cost | : | Rs 84,27,810/- |
| 03. | Period of Completion | : | Six (06) months |
| 04. | Date & Time of availability of Bid Document in the Portal | : | 11.00 Hrs. of Dt. 16-06-2025 to 17.00 Hrs. of Dtd. 04-07-2025 for Online Bidding |
| 05. | Last date/Time for receipt of bids in the portal | : | 17.00 Hrs. of Dtd. 04-07-2025 |
| 06. | Name and address of the Officer Inviting Bids | : | Executive Officer, Gunupur Municipality |
| 07. | Date of opening of Bids | : | 11.00 Hrs. on Dtd. 05-07-2025 |
| 08. | Further details can be seen from the e-Procurement Portal | : | www.tendersodisha.gov.in |
| 09. | Further Addendum/Corrigendum if any will be hosted in the above website | | |

**OIPR 13104/11/0018/2526**
Sd/-Executive Officer
Gunupur Municipality

---

email- serwsbd2003@yahoo.com
GOVERNMENT OF ODISHA
OFFICE OF THE CHIEF CONSTRUCTION ENGINEER
RURAL WORKS CIRCLE, SUNABEDA
**O-298**

No: ____________/ Date: ____________/

e- Procurement Notice for Road works

| | | | |
|---|---|---|---|
| 1 | Name of the work | : | Construction of Road Works - (04 Nos). |
| 3 | Class of contractor | : | "B" & "A" Class of (Odisha PWD) or relevant class of other licensing authority. |
| 3 | Estimated Cost | : | Various from Rs.168.69 Lakhs to Rs.271.67 Lakhs (Approximately) |
| 4 | Details projects as per Annexure attached. | : | |

| Procurement Officer | Bid Identification No. | Availability of Tender online for bidding | | Last Date & Time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bids |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sunabeda | CCERWCSBD – Online – 05/2025-26 | 19.06.2025 at 11.00 A.M. | 03.07.2025 up to 5.00 P.M. | 02.07.2025 up to 2.00 P.M. | 04.07.2025 at 11.00 A.M. | To be intimated separately |

5. The details of works can be seen from the web site https://www.tendersodisha.gov.in
6. Any Corrigendum/Addendum will be displayed in the above e-tender web site.

**OIPR 25182/11/0062/2526**
Sd/-Chief Construction Engineer,
Rural Works Circle, Sunabeda.

---

WATCO
OFFICE OF THE GENERAL MANAGER,
WATCO DIVISION-I, BHUBANESWAR,
Vanivihar Square, Bhubaneswar-751022,
Odisha, India
**C-523**
Telefax: - +91-674-2542821 E-mail – gmdivonewatco@gmail.com

NATIONAL COMPETITIVE BIDDING THROUGH e-PROCUREMENT

Invitation For Bids (IFB)
GMWATCO-I/25/ 2025-26 Dt.10.06.2025

| | | | |
|---|---|---|---|
| 01 | Name of the work | : | 12 Nos (Twelve nos works) |
| 02 | Estimate cost | : | Rs.16.57 Lakhs to 89.66 Lakhs |
| 03 | Period of completion | : | 6 (Six) Months |
| 04 | Class of contractor | : | D, C, B Class |
| 05 | Date & Time of availability of bid document In the portal | : | From 11.00 AM of Dt.23.06.2025 to 5.00 PM of 11.07.2025 |
| 06 | Last date / time of receipt of bids in the portal | : | 5.00 PM of 11.07.2025 |
| 07 | Date & Time of opening of bids | : | At 12.30 PM of 14.07.2025 |
| 08 | Name and Address of the Officer Inviting Bid | : | General Manager WATCO Division-I, BBSR |

Further details can be seen from the e-Procurement portal "https://www.tendersorissa.gov.in"

**OIPR 13083/11/0013/2526**
Sd/-GENERAL MANAGER,
WATCO DIVISION-I,
BHUBANESWAR

---

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION, BHUBANESWAR
Ph. No. – 0674-2301787
Fax No.- 0674-2300965
E.Mail I.D. – eerw_bbsr@yahoo.co.in
No:-Tender – Online – BBSR Divn. – 06 Date :- 12.06.2025
**O-293**

e-Procurement NOTICE

1. Name of the work : Construction of two nos. Class Rooms for Jawaharlal Nehuru Higher Secondary School, Balianta, Khordha.
2. Total No. of Building : 01 No. of Building
3. Class of contractor
   a) Above Rs. 20 lakh and upto 3 crore : 'B' Class (of Odisha PWD) or equivalent class of other licensing authorities.
   b) Upto Rs. 40.00 lakh : 'C' Class (of Odisha PWD) or equivalent class of other licensing authorities.
   c) Upto Rs. 20.00 lakh : 'D' Class (of Odisha PWD) or equivalent class of other licensing authorities.
4. Estimate cost of Individual project : Rs. 38.00 lakh
5. Time for completion : 4 (Four) calendar months
6. Other details

| Procurement Officer | Bid Identification No. | Availability of Tender on-line for bidding | | Date & Time of opening of tender |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Superintending Engineer, Rural Works Division, Bhubaneswar. | Tender Online – BBSR Divn. -06 | 18.06.2025 at 11.00 A.M. | 25.06.2025 up to 5.00 P.M | 26.06.2025 at 11.00 A.M. |

Further details can be seen from the website www.tendersorissa.gov.in

**OIPR 25066/11/0001/2526**
Sd/-Addl. Chief Engineer,
Rural Works Divn.BBSR

---

GOVERNMENT OF ODISHA, DEPARTMENTOF WATER RESOURCES
Office of the Engineer-In-Chief, Water Resources, Secha Sadan, Bhubaneswar
**A-300**
Email Address: cemech.eicwr.od@gmail.com
e-Procurement Notice- Bid Identification No.- CEM/MDC-06/ 2025-26

1. Name of the Work : Mechanical Gate Works
2. No. of Works : 01 (One)
3. Category of executors : SSI Units registered under DIC/ NSIC/ MSME for Irrigation Shutters / Hydro mechanical gates.
4. Bid Identification No. : CEM / MDC - 06/ 2025-26
5. Estimated Cost : Rs. 94,77,043.00
6. Period of Completion : 03 (Three) calendar months.
7. Date & time of availability of bid documents in the Portal : From dt.18.06.2025 (10.00 AM) to dt.01.07.2025(5.30 PM)
8. Last date/ time for receipt of bid In the Portal : dt. 01.07.2025 (up to 5.30 PM)
9. Date and Place of opening of Technical Bid : dt.02.07.2025 (12.00 Noon onwards in the O/O the undersigned)
10. Date and Place of opening of Financial Bid : To be intimated to the qualified Bidders after evaluation of Technical Bid.
11. Name of the Officer inviting bid : Chief Engineer, Mechanical, O/O the E.I.C, Water Resources, Odisha, Bhubaneswar

Further details can be seen from the e-procurement portal https://tendersodisha.gov.in. Any further issue of Addenda/ Corrigenda/ Cancellation Notice shall be uploaded in the aforesaid website only.

**OIPR 32520/11/0043/2526**
Sd/-Chief Engineer, Mechanical
O/o- Engineer-In-Chief,
Secha Sadan, Bhubaneswar

---

GOVERNMENT OF ODISHA
DEPARTMENT OF WATER RESOURCES
**A-290**
OFFICE OF THE CHIEF ENGINEER& BASIN MANAGER
MAHANADI, BRAHMANI & BAITARANI SYSTEM, CHANDIKHOLE
E-mail ID: cembbschandikhole@gmail.com

NOTICE INVITING TENDER
E-Procurement Notice No: CE&BM, MBBS 03 OF 2025-26
Bid Identification No: CE&BM, MBBS AUL 02 OF 2025-26

The Chief Engineer & Basin Manager, Mahanadi, Brahmani & Baitarani System, Chandikhole on behalf of Governor of Odisha invites on-line **Percentage Rate Tender** through e-procurement in **double cover system.**

*Table – 1: Details of Critical Dates, details of work, Bid Security*

| Pkg. No. | Name of works | Approx. Tender Cost | Class of Contractor | Bid Security/ EMD- (online)- (in INR) | Cost of tender document- (online)- (in INR) | Period of Completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Protection to Scoured Bank on Kharasrota Right near Ekamania, Nalapai & Dakhinadhia. | Rs.1562.19 Lakh (Excluding G.S.T) | A & Special Class | Rs. 15,62,200/- | Rs.10,000/- | 15 (Fifteen) Calendar Months |

*Table – 2: e-Procurement Details*

| Procurement Officer | Bid Identification No. | Availability of tender on-line for bidding | | Date of Seeking tender clarification | Date & Time of opening of tender | | Place of opening |
|---|---|---|---|---|---|---|---|
| | | From | To | | Technical Bid | Financial Bid | |
| 1 | 2 | 3 | 4 | 5 | 6 | 7 | 8 |
| Chief Engineer &Basin Manager, Mahanadi, Brahmani & Baitarani System, Chandikhole | CE & BM, MBBS AUL 02 OF 2025-26 | Dt 19.06.2025 at 10.00 hours | Dt.09.07.2025 up to 17.00 hours | Dt 19.06.2025 to 07.07.2025 at Office during office hours. | Dt.10.07.2025 at 11.00 Hours | To be intimated after evaluation of Technical Bid. | Office of Chief Engineer &Basin Manager, Mahanadi, Brahmani & Baitarani System, Chandikhole |

Further details can be seen from the Govt. Web site www.tendersodisha.gov.in
**Other Terms & conditions can be seen from the Government website www.tendersodisha.gov.in*
**The Corrigendum/ cancellation of Tender, if any, will be uploaded and can be seen from the above website only.*

**OIPR 32415/11/0007/2526**
Sd/-Chief Engineer & Basin Manager,
MBBS, Chandikhole



ALLEN's result validated by
Official result validator
EY
Shape the future with confidence
No Matter the Level of Exam
ALLEN is the Clear Leader
660
ALLENites out of 2207 in AIIMS-MBBS (2024)
13
AIR-1 in last 16 years in pre-medical entrance
37
Years of Legacy & Trust of more than 35 Lac Students
Result: NEET UG 2025
AIR 4 Mrinal Kishore Jha Classroom Course
AIR 7 Keshav Mittal Classroom Course
AIR 8 Jha Bhavya Chirag Classroom Course
AIR 10 Aarav Agrawal Distance Learning
AIR 12 Aashi Singh Classroom Course
AIR 13 Tanay Classroom Course
AIR 15 Manvendra S. Rajpurohit Classroom Course
AIR 16 Rachit S. Chaudhuri Online Test Series
AIR 21 Umaid Ahmed Khan Classroom Course
AIR 22 Ruchir Gupta Classroom Course
10 Students in Top 25 AIR
39 Students in Top 100 AIR
ALLEN Odisha Result
ODISHA STATE TOPPER AIR 60 Snehasis Das Classroom Course
AIR 270 Ayush Nanda Classroom Course
AIR 306 Rudhi N. Khatua Classroom Course
AIR 481 Ayush Mishra Classroom Course
AIR 827 Smarak Das Classroom Course
AIR 956 Swayam Kar Classroom Course
AIR 1078 Suvam S. Roul Classroom Course
AIR 1176 Pratyasha Satapathy Classroom Course
AIR 1251 Anandita Bhuyan Classroom Course
AIR 1398 Suvam Pradhan Classroom Course
AIR 1476 Anubhav Dash Classroom Course
AIR 1703 Nrusingh C. Samal Classroom Course
AIR 1818 Sujal Saronit Classroom Course
AIR 2211 Satyabrata Senapati Classroom Course
AIR 2603 Aditya K. Sahoo Classroom Course
AIR 2605 Chiranjib Gochhayat Classroom Course
AIR 3316 Ananya Mohapatra Classroom Course
AIR 4187 Shreyans Dani Classroom Course
AIR 4277 Spandita Mishra Classroom Course
AIR 4302 Bhabani S. Behera Classroom Course
AIR 4471 Gourab Bhuyan Classroom Course
AIR 4800 Amlaandeep Sahoo Classroom Course
AIR 5378 Thanisa Rout Classroom Course
AIR 5402 Srujaant Panda Classroom Course
AIR 5426 Divya S. Sahoo Classroom Course
AIR 6575 Saiprasad Sahoo Classroom Course
AIR 6771 Anwesha Pradhan Classroom Course
AIR 7227 Kashinath Sahu Classroom Course
AIR 7436 Samarth Pradhan Classroom Course
AIR 8650 Sushree S. Nayak Classroom Course
AIR 8831 Subhranshu Garanayak Classroom Course
AIR 9626 Roshan Kumar Classroom Course
AIR 9930 Samapika Raut Classroom Course
06 Students in Top 1000 AIR
39 Students in Top 10000 AIR
No Tamasha. No Dramebaazi. Bas Results
ADMISSIONS OPEN
NEET | JEE | Class 6th to 12th & 12th Pass
NEW BATCHES FROM 16 JUNE ONWARDS
For course start dates & direct admission visit website or nearest center.
Scan to register
TALLENTEX 2026
For Class 5th to 10th Students
Register now & avail early bird benefit, visit tallentex.com
Subject to rules relating to rewards and cash prizes and T&Cs
Scholarships worth* ₹250 Crore
Cash Prizes* ₹2.5 Crore
Scan to register
Attention!
Get up to 90%* Scholarship based on NEET 2025 rank
*T&C Apply.
ALLEN Odisha
95137 31588
allen.ac.in/bhubaneswar
ALLEN KOTA
0744-3556677
allen.ac.in
ALLEN ONLINE
95137 36499
allen.in
Disclaimer: We provide an academic ecosystem and environment to prepare students for their target examinations. Studying at a coaching institute does not guarantee selection in the examination. Selection depends on preparation, available admission seats in the competitive exam, and the number of applicants appearing. All classroom and online students are part of full-time courses. All students mentioned are enrolled in paid programs.

ଓଡ଼ିଶା ଭାସ୍କର
ସମ୍ପାଦକୀୟ



ତୁମେ ଭଗବାନଙ୍କୁ ସେପର୍ଯ୍ୟନ୍ତ ବିଶ୍ୱାସ କରିପାରିବ ନାହିଁ,
ଯେପର୍ଯ୍ୟନ୍ତ ତୁମେ ନିଜେ ନିଜକୁ ବିଶ୍ୱାସ ନକରିଛ।

-ସ୍ୱାମୀ ବିବେକାନନ୍ଦ



କାହିଁରୁ ମୁଁ ଥିଲି ଆସି କାଳ -ସ୍ରୋତେ ଭାସି
ଶୂନ୍ୟହସ୍ତେ ପୁଣି ଯିବି କାହିଁ ?
କୁଟୁମ୍ବାଦି ବନ୍ଧୁ ବିତ୍ତ ଧରମ ବ୍ୟତୀତ
ମୋ' ସାଙ୍ଗେ କେହି ତ' ଯିବେ ନାହିଁ ।

- ଖଗେଶ୍ୱର ସେଠ୍



# ବିଶ୍ୱ ଅର୍ଥନୀତି ପ୍ରଭାବିତ ହେବା ଆଶଙ୍କା

## ପୁଣି ଏକ ବଡ଼ ଯୁଦ୍ଧର କଳାବାଦଲ

ଗତ ତିନିବର୍ଷରୁ ଅଧିକ ସମୟ ଧରି ଚାଲିଥିବା ରୁଷ୍-ୟୁକ୍ରେନ୍ ଯୁଦ୍ଧ ଏବଂ ଦେଢ଼ବର୍ଷର ହମାସ୍-ଇସ୍ରାଏଲ୍ ଯୁଦ୍ଧ ସାରା ବିଶ୍ୱକୁ ଅଶାନ୍ତ ରଖିଥିବା ବେଳେ ଓ ଏହି ଦୁଇ ଯୁଦ୍ଧ ଥମିବାର ନାମଗନ୍ଧ ଧରୁନଥିବା ସମୟରେ ବିଶ୍ୱ ଆକାଶରେ ଘନେଇ ଆସିଛି ଆଉ ଏକ ଭୟଙ୍କର ଯୁଦ୍ଧର କଳାବାଦଲ। ଶୁକ୍ରବାର ସକାଳ ଠାରୁ ଆରମ୍ଭ ହୋଇଛି ଇରାନ୍ ଓ ଇସ୍ରାଏଲ୍ ମଧ୍ୟରେ ଏକ ବଡ଼ଧରଣର ଯୁଦ୍ଧ, ଯାହା ସୋମବାର ଚତୁର୍ଥ ଦିନରେ ପହଞ୍ଚିଛି। ସାମରିକ ଦୃଷ୍ଟିରୁ ଶକ୍ତିଶାଳୀ ଉଭୟ ରାଷ୍ଟ୍ର ପରସ୍ପରର ସାମରିକ ପ୍ରତିଷ୍ଠାନ, ପରମାଣୁ କେନ୍ଦ୍ର ଏପରିକି ସାଧାରଣ ନାଗରିକଙ୍କୁ ଟାର୍ଗେଟ୍ କରି କ୍ଷେପଣାସ୍ତ୍ର ମାଡ଼ କରି ଚାଲିଥିବାରୁ ଦୁଇ ପକ୍ଷରୁ ବ୍ୟାପକ ଧନ ଓ ଜୀବନହାନି ଘଟିଥିବାର ଖବର ମିଳିଛି। ଏପଟେ ଯୁଦ୍ଧ ଆରମ୍ଭ ହୋଇଯିବାରୁ ଆମେରିକା ଓ ଇରାନ୍ ମଧ୍ୟରେ ପରମାଣୁ ବୁଝାମଣା ଆଲୋଚନା ବିଫଳ ହୋଇଛି। ରବିବାର ଦୁଇଦେଶ ଭିତରେ ଷଷ୍ଠ ପର୍ଯ୍ୟାୟରେ ଏହି ଆଲୋଚନା କରାଯିବାକୁ ଥିବା ବେଳେ ସେଥିରୁ କୌଣସି ନିଷ୍କର୍ଷ ମିଳିପାରିଲା ନାହିଁ। ଇସ୍ରାଏଲ୍ ଓ ଇରାନ୍ ମଧ୍ୟରେ ଦୀର୍ଘଦିନ ଧରି ତିକ୍ତତା ବଢ଼ି ଚାଲିଥିଲା ଏବଂ ଶୁକ୍ରବାର ସକାଳେ ଇସ୍ରାଏଲ୍ ଅତର୍କିତ ଭାବରେ ଇରାନ୍ ପରମାଣୁ କେନ୍ଦ୍ର, ତୈଳ ଭଣ୍ଡାର ଓ କ୍ଷେପଣାସ୍ତ୍ର ନିର୍ମାଣ କରାଯାଉଥିବା ସ୍ଥାନ ସମେତ ୪୦୦ ସ୍ଥାନ ଉପରେ ଆକ୍ରମଣ ଆରମ୍ଭ କରିଦେଲା। ଏଥିରେ ଇରାନର ଅନେକ କ୍ଷେପଣାସ୍ତ୍ର କେନ୍ଦ୍ର, ବିମାନଘାଟି, ଆଣବିକ ପ୍ରତିଷ୍ଠାନ ଧ୍ୱଂସ ବିଧ୍ୱସ୍ତ ହେବା ସଙ୍ଗେ ସଙ୍ଗେ ୧୫ଜଣ ପରମାଣୁ ବିଜ୍ଞାନୀ, ସେନା ମୁଖ୍ୟ ମହମ୍ମଦ ବାଘେରୀ, ଅର୍ଦ୍ଧସାମରିକ ବାହିନୀ କମାଣ୍ଡର-ଇନ୍-ଚିଫ୍ ହୋସେନ୍ ସଲାମୀଙ୍କ ମୃତ୍ୟୁ ଘଟିଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ଇସ୍ରାଏଲ୍ ଆକ୍ରମଣରେ ଇରାନ୍‌ର କେତେକ ସେନା କମାଣ୍ଡର୍ ଏବଂ ବାୟୁସେନା ମୁଖ୍ୟ ମଧ୍ୟ ପ୍ରାଣ ହରାଇସାରିଲେଣି। ଇରାନ୍ ବିରୋଧରେ ଇସ୍ରାଏଲ୍‌ର ଏହି ସାମରିକ ଅଭିଯାନକୁ 'ଅପରେସନ୍ ରାଇଜିଂ ଲାୟନ୍' ଭାବରେ ନାମିତ କରାଯାଇଥିବା ବେଳେ ଇରାନ୍‌ର ପ୍ରତିରକ୍ଷା ମନ୍ତ୍ରଣାଳୟ ଉପରେ ହୋଇଥିବା ଆକ୍ରମଣରେ ୪ଜଣ ସାଧାରଣ ନାଗରିକଙ୍କ ମଧ୍ୟ ମୃତ୍ୟୁ ଘଟିଛି। ଯୁଦ୍ଧ ଆରମ୍ଭ ହେବାର ତିନିଦିନ ଭିତରେ ୪୦ଜଣ ମହିଳା ଓ ଅନେକ ଶିଶୁଙ୍କ ସମେତ ୧୨୮ଜଣ ଇରାନ୍ ନାଗରିକ ପ୍ରାଣ ହରାଇଛନ୍ତି। ଏଭଳି ଅମାନୁଷିକ ଆକ୍ରମଣ ପରେ ଇରାନ୍ ମଧ୍ୟ ଚୁପ୍ ନରହି ତ୍ୱରିତ୍ ଜବାବ୍ ଦେବା ଆରମ୍ଭ କରିଛି ଏବଂ ଇସ୍ରାଏଲ୍ ଉପରେ ଶହ ଶହ ସଂଖ୍ୟାରେ କ୍ଷେପଣାସ୍ତ୍ର ମାଡ଼ କରିଛି। ଇରାନ୍ ନିଜର ସାମରିକ ଅଭିଯାନକୁ 'ଅପରେସନ୍ ଅନେଷ୍ଟ ପ୍ରୋମିଜ୍-୩' ନାମରେ ନାମିତ କରି ଇସ୍ରାଏଲ୍‌ର ଏକାଧିକ ସହରକୁ ଟାର୍ଗେଟ୍ କରିଛି। ଇସ୍ରାଏଲ୍ ରାଜଧାନୀ ତେଲଆଭିଭ୍, ଜେରୁଜେଲମ୍, ବାଟ୍‌ୟାମ୍ ଆଦି ସହର ଉପରେ ଇରାନ୍‌ର କ୍ଷେପଣାସ୍ତ୍ର ଆକ୍ରମଣରେ ଅନେକ ଲୋକ ପ୍ରାଣ ହରାଇବା ସଙ୍ଗେ ସଙ୍ଗେ ବହୁ କୋଠାବାଡ଼ି ଧ୍ୱଂସ ପାଇଛି। ଏବେ ଯୁଦ୍ଧ ଜାରି ରହିଥିବା ବେଳେ ଦୁଇଦେଶ ପରସ୍ପର ଉପରେ ଅଧିକ ବଡ଼ଧରଣର ଆକ୍ରମଣ କରିବାକୁ ଧମକ ଦେଇଛନ୍ତି। ଇସ୍ରାଏଲ୍-ଇରାନ୍ ଯୁଦ୍ଧ ଯୋଗୁଁ ମଧ୍ୟପ୍ରାଚ୍ୟରେ ଭୀଷଣ ଉତ୍ତେଜନା ଦେଖାଦେଇଛି ଏବଂ ଇସ୍‌ଲାମୀୟ ଦେଶଗୁଡ଼ିକ ଇରାନ୍ ସପକ୍ଷରେ ଠିଆ ହୋଇଛନ୍ତି। ତେବେ ସମଗ୍ର ବିଶ୍ୱର ଅର୍ଥନୀତି ଉପରେ ଏହି ଯୁଦ୍ଧର ସୁଦୂର ପ୍ରସାରୀ ପ୍ରଭାବ ପଡ଼ିବାର ସମ୍ଭାବନା ଦେଖା ଦେଇଛି। ଇରାନ୍ ଏକ ବୃହତ୍ ତୈଳ ଉତ୍ପାଦନକାରୀ ରାଷ୍ଟ୍ର ହୋଇଥିବାରୁ ଏବଂ ଏହାର ତୈଳ ଉତ୍ପାଦନ ଯୁଦ୍ଧ ଯୋଗୁଁ ଗୁରୁତର ଭାବେ ବ୍ୟାହତ ହେବା କାରଣରୁ ବିଶ୍ୱବ୍ୟାପୀ ତୈଳ ସଙ୍କଟ ଦେଖାଦେବାର ଆଶଙ୍କା ରହିଛି। ଭାରତରେ ମଧ୍ୟ ଅଶୋଧିତ ତୈଳ ଦର ଆକାଶଛୁଆଁ ହେଲେ ପେଟ୍ରୋଲ, ଡିଜେଲ ଓ ଜାଳେଣୀ ଗ୍ୟାସ୍ ମୂଲ୍ୟ ବୃଦ୍ଧି ପାଇବା ସଙ୍ଗେ ସଙ୍ଗେ ଅନ୍ୟ ସମସ୍ତ ଅତ୍ୟାବଶ୍ୟକ ସାମଗ୍ରୀ ଦର ବଢ଼ିପାରେ। ମାନବ ସମାଜର ସାମଗ୍ରିକ କଲ୍ୟାଣ ଦୃଷ୍ଟିରୁ ଇସ୍ରାଏଲ୍-ଇରାନ୍ ଯୁଦ୍ଧର ଅବିଳମ୍ବେ ଅନ୍ତ ଘଟିବା ଏକାନ୍ତ ଜରୁରି। ନଚେତ୍ ଆଗାମୀ ଦିନରେ ଏହା ତୃତୀୟ ବିଶ୍ୱ ଯୁଦ୍ଧର ରୂପ ନେବା କିଛି ଅସମ୍ଭବ ନୁହେଁ।

# ଆକାଶ ପଥରେ ମୃତ୍ୟୁ

ସୌଭାଗ୍ୟ ରଞ୍ଜନ ମହାନ୍ତି
ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧,
ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ଼
ମୋ: ୯୪୩୭୯୯୪୩୭୯

ଗଲା ଗୁରୁବାର ଦିନ ଅହମଦାବାଦ ବିମାନ ବନ୍ଦର ନିକଟରେ ଏୟାର ଇଣ୍ଡିଆର ବୋଇଂ ୭୮୭ ଡ୍ରିମଲାଇନ୍ ବିମାନ ଦୁର୍ଘଟଣା କେବଳ ସମଗ୍ର ଦେଶ ପାଇଁ ଏକ ଆଘାତ ନୁହେଁ, ଏହାର ଭାରତର ବେସାମରିକ ବିମାନ ଚଳାଚଳ କ୍ଷେତ୍ର ପାଇଁ ଏକ ଶକ୍ତ ଧକ୍କା ବୋଲି କୁହାଯାଇପାରିବ। ଏହି ଭୟଙ୍କର ବିମାନ ଦୁର୍ଘଟଣାରେ ବର୍ତ୍ତମାନ ସୁଦ୍ଧା ମୃତ୍ୟୁସଂଖ୍ୟା ୨୭୪କୁ ବୃଦ୍ଧି ପାଇଥିବାବେଳେ ମୃତକଙ୍କ ମଧ୍ୟରେ ୨୨୯ଜଣ ଯାତ୍ରୀ, ଦୁଇ ପାଇଲଟ, ୧୦ ବିମାନ କର୍ମଚାରୀ, ୧୦ ଡାକ୍ତରୀ ଛାତ୍ର ଏବଂ ଅନ୍ୟ ସାଧାରଣ ନାଗରିକ ଅଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ବିଶ୍ୱରେ ଯାତ୍ରୀ ପରିବହନ କ୍ଷେତ୍ରରେ ଭାରତ ଏବେ ତୃତୀୟ ବୃହତମ ବେସାମରିକ ବିମାନ ଚଳାଚଳ ବଜାର ଭାବେ ଉଭା ହୋଇଥିବା ବେଳେ ମାଲ୍ ପରିବହନ କ୍ଷେତ୍ରରେ ମଧ୍ୟ ବିଶ୍ୱରେ ଷଷ୍ଠ ବୃହତମ କ୍ଷେତ୍ରର ମର୍ଯ୍ୟାଦା ହାସଲ କରିଛି। କେବଳ ଏତିକି ନୁହେଁ, ଏହା ମଧ୍ୟ ଭାରତୀୟ ଅର୍ଥନୀତିର ସବୁଠାରୁ ଦ୍ରୁତ ଅଭିବୃଦ୍ଧିକାରୀ କ୍ଷେତ୍ରଗୁଡିକ ମଧ୍ୟରେ ଅନ୍ୟତମ। ସେହିପରି ଗତ କିଛିବର୍ଷ ମଧ୍ୟରେ 'ଉଡାନ' ଯୋଜନାରେ ଦେଶ ମଧ୍ୟରେ ବିମାନ ଚଳାଚଳ ସେବାକୁ ସଂଯୋଗ କରାଯାଇ ଥିବାବେଳେ ନୂତନ ବିମାନ ବନ୍ଦର ପ୍ରତିଷ୍ଠା ଓ ବିମାନ ବନ୍ଦରଗୁଡିକର ସଂପ୍ରସାରଣ ଦିଗରେ ଭାରତ ଅଗ୍ରସର ହେଉଛି। ଦିନକୁ ଦିନ ମଧ୍ୟ ଦେଶରେ ବିମାନ ଯାତ୍ରୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଉଲ୍ଲେଖଯୋଗ୍ୟ ଯେ, ୨୦୧୯ରେ ଦେଶରେ ବିମାନ ଯାତ୍ରୀଙ୍କ ସଂଖ୍ୟା ୧୩୭.୬ ମିଲିୟନ ଥିବାବେଳେ ୨୦୨୪ରେ ବିମାନ ଯାତ୍ରୀଙ୍କ ସଂଖ୍ୟା ୨୨୮ମିଲିଅନକୁ ବୃଦ୍ଧି ପାଇଛି। ସେହିପରି ଦେଶରେ ୨୦୧୯ରୁ ୨୦୨୪ ମଧ୍ୟରେ ୬୪୬ ରୁ ୮୨୩କୁ ବୃଦ୍ଧି ପାଇଛି। ଦେଶର କେତେକ ବଡ ବଡ ତଥା ଆନ୍ତର୍ଜାତିକ ବିମାନ ବନ୍ଦରରୁ କେତେକ ଦେଶକୁ ସିଧାସଳଖ ବିମାନ ଉଡାଣ ସଂଯୋଗ ହୋଇଛି। କହିବା ବାହୁଲ୍ୟ ଯେ, ଦେଶରେ ମଧ୍ୟବିତ୍ତ, ଆୟକାରୀ ଏବଂ ପ୍ରଫେସନାଲ ବିମାନ ଯାତ୍ରୀଙ୍କ ସଂଖ୍ୟା ମଧ୍ୟ ଦିନକୁ ଦିନ ବଢିବାରେ ଲାଗିଛି। ଏହା ନିଃସନ୍ଦେହ ଯେ, ସଡ଼କ ଓ ରେଳ ପରିବହନ ପରେ ବିମାନ ପରିବହନ ଏବେ ଦେଶରେ ତୃତୀୟ ବୃହତ୍ତମ ଯାତ୍ରୀ ପରିବହନ କ୍ଷେତ୍ରର ମର୍ଯ୍ୟାଦା ହାସଲ କରିଛି। ଦେଶରେ ଦିନକୁ ଦିନ ବିମାନ ଯାତ୍ରୀଙ୍କ ସଂଖ୍ୟା ବଢୁଥିବାବେଳେ ଅହମଦାବାଦରେ ଭୟଙ୍କର ଦୁର୍ଘଟଣା ଭାରତର ବେସାମରିକ ବିମାନ ଚଳାଚଳ ଇତିହାସରେ କେବଳ ସବୁଠାରୁ ବଡ଼ ଛାତିଥରା ବିପର୍ଯ୍ୟୟ ନୁହେଁ, ଚଳିତ ଶତାବ୍ଦୀରେ ସବୁଠାରୁ ବଡ଼ ଘାତକ ଦୁର୍ଘଟଣା ହୋଇଛି। ୧୯୯୬ ମସିହାରେ ହରିଆନା ଚାରଖିଦାଦ୍ରୀରେ ମଧ୍ୟ ଆକାଶରେ ଦୁଇଟି ବିମାନ ମଧ୍ୟରେ ଧକ୍କା, ଯେଉଁଥିରେ ୩୪୯ଜଣଙ୍କ ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ପରେ ଏହା ହେଉଛି ଦେଶର ସବୁଠାରୁ ଭୟଙ୍କର ବିମାନ ଦୁର୍ଘଟଣା। ଏହା ନିଃସନ୍ଦେହ ଯେ, ଦେଶରେ ବିମାନ ଦୁର୍ଘଟଣା ନୂଆ ନୁହେଁ, କିନ୍ତୁ ବିରଳ ଶେଷଥର ପାଇଁ ୨୦୨୦ ଅଗଷ୍ଟରେ ଭାରତୀୟ ବିମାନ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା। ଅହମଦାବାଦରେ ଦୁର୍ଘଟଣାଗସ୍ତ ଏୟାର ଇଣ୍ଡିଆର ବୋଇଂ ୭୮୭ ଡ୍ରିମଲାଇନ୍‌ର ବିମାନଟି ୧୧ବର୍ଷର ପୁରୁଣା। ବିମାନଟି ଦୁଇଟି ଇଞ୍ଜିନ ବିଶିଷ୍ଟ। ତେବେ ପ୍ରଶ୍ନ ଉଠୁଛି ଦୁଇଟିଯାକ ଇଞ୍ଜିନ ଏକ ସମୟରେ ଅଚଳ ହେଲା କିପରି ? ଯାତ୍ରୀ ସୁରକ୍ଷା କ୍ଷେତ୍ରରେ ୭୮୭ ଡ୍ରିମଲାଇନ୍‌ର ସ୍ୱତନ୍ତ୍ର ରେକର୍ଡର ଅଧିକାରୀ। ଏହି ଡ୍ରିମଲାଇନ୍‌ର ବିମାନ ସେବା ଆରମ୍ଭର ୧୪ବର୍ଷ ମଧ୍ୟରେ ଏହା ପ୍ରଥମ ଦୁର୍ଘଟଣା ବୋଲି କୁହାଯାଏ। ଗଲା ୧୪ବର୍ଷ ମଧ୍ୟରେ ୭୮୭ ଡ୍ରିମଲାଇନ୍‌ର ୧୧୭୫ଟି ବିମାନ ଦୈନିକ ୨୧୦୦ଥର ଉଡାଣ କରିଥିବାବେଳେ ପ୍ରତ୍ୟହ ୧ବିଲିଅନ ଯାତ୍ରୀ ଉଡାଣ କରିଥାନ୍ତି। କେବେ କୌଣସି ଡ୍ରିମଲାଇନ୍‌ର ଦୁର୍ଘଟଣା ଗ୍ରସ୍ତ ହୋଇନଥିଲା। କିନ୍ତୁ ଏହା ସତ୍ୟ ଯେ, ଡ୍ରିମଲାଇନ୍‌ର ବିମାନରୁ ତୈଳ ଲିକ୍, ଲିଥିୟମ ବ୍ୟାଟେରୀରୁ ଧୂଆଁ ନିର୍ଗତ ଏବଂ କମ୍ପ୍ୟୁଟର ହ୍ୟାକ ନେଇ ଗୁଜବର ସମ୍ମୁଖୀନ ହୋଇ ଆସୁଥିଲା। ତେବେ ଅହମଦାବାଦ ବିମାନ ବନ୍ଦରରୁ ବିମାନଟି ଉଡାଣ ଆରମ୍ଭ କରିବାର କିଛି ସମୟ ପରେ ଦୁର୍ଘଟଣାଗସ୍ତ ହେବା ନିଶ୍ଚିତ ଭାବେ ଚିନ୍ତାଜନକ। ଏହା ବିମାନରେ ଯାନ୍ତ୍ରୀକ ତ୍ରୁଟି ନା ମଣିଷକୃତ ତ୍ରୁଟି ନା ଅନ୍ୟ କିଛି, ସେ ନେଇ ନିରପେକ୍ଷ ଭାବେ ବିସ୍ତୃତ ତଦନ୍ତ ହେବା ଆବଶ୍ୟକ। ଅବଶ୍ୟ ବିମାନ ବିଶାରଦମାନେ ଏ ନେଇ ତଦନ୍ତ ଜାରି ରଖିଥିବାବେଳେ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ଦୁର୍ଘଟଣାରେ ତଦନ୍ତ ପାଇଁ ଏକ ଉଚ୍ଚସ୍ତରୀୟ ତଦନ୍ତ କମିଟି ଗଠନ କରିଛି। ତେବେ ଆନ୍ତର୍ଜାତିକ ବେସାମରିକ ବିମାନ ଚଳାଚଳ ସଂଗଠନକୁ ୩୦ଦିନ ମଧ୍ୟରେ ପ୍ରାଥମିକ ତଦନ୍ତ ରିପୋର୍ଟ ପ୍ରଦାନ ବାଧ୍ୟତାମୂଳକ ରହିଛି। ଏହି ପ୍ରାଥମିକ ତଦନ୍ତ ରିପୋର୍ଟକୁ ସାର୍ବଜନୀନ କରାଯିବାର ଆବଶ୍ୟକତା ରହିଛି। ଏହା ନିଃସନ୍ଦେହ ଯେ, ଯାତ୍ରୀଙ୍କ ବିନା ବିମାନ ଚଳାଚଳ ଅସମ୍ଭବ। ଦେଶରେ ବିମାନ ଯାତ୍ରୀଙ୍କ ସଂଖ୍ୟା ବଢିବା ସହ ବିମାନ ଯାତ୍ରୀ ଉପରେ ଲୋକଙ୍କ ଆଶା ଭରସା, ଆସ୍ଥା ବଢିବାରେ ଲାଗିଛି। ଯେଉଁଭଳି ବିମାନଯାତ୍ରୀଙ୍କ ସଂଖ୍ୟା ବଢିବାରେ ଲାଗିଛି, ଆସନ୍ତା ବର୍ଷ ସୁଦ୍ଧା ଭାରତୀୟ ବିମାନ ସେବା ବିଶ୍ୱରେ ବିମାନ ଚଳାଚଳ ବଜାରରେ ସବୁଠାର ଦୃତ ଅଭିବୃଦ୍ଧିକାରୀ ସଂସ୍ଥାରେ ପରିଣତ ହେବା ନେଇ ଆଶା କରାଯାଉଛି। ଏପରି ସ୍ଥଳେ ଯାତ୍ରୀ ସୁରକ୍ଷା ସବୁଠୁ ଆଗରେ। ଭାରତୀୟ ଏୟାର ଲାଇନ୍ସରେ ସୁରକ୍ଷାମାନକୁ ସୁନିଶ୍ଚିତ କରିବା ପାଇଁ ପୁଞ୍ଜି ନିବେଶ ସହ ଯାଞ୍ଚ ପ୍ରକ୍ରିୟାକୁ ତ୍ୱରାନ୍ୱିତ ଓ ସକ୍ରିୟ କରାଯିବା ଜରୁରି। ଏହା ନିଶ୍ଚିତ ଅହମଦାବାଦ ବିମାନ ଦୁର୍ଘଟଣା ଦେଶର ବିମାନ ସେବା ଉପରେ କଳା ବାଦଲ ଢାଙ୍କି ଦେଇଛି। ଏହି କଳାବାଦଲକୁ ହଟାଇବା ପାଇ ଦୁର୍ଘଟଣାର କାରଣ ଖୋଜି ଦୋଷୀକୁ ଦାୟୀ କରାଯିବା ସହ ଦଣ୍ଡବିଧାନ ଏବଂ ଆବଶ୍ୟକୀୟ ପ୍ରତିକାର ବ୍ୟବସ୍ଥା ଗ୍ରହଣ କରାଯିବା ଜରୁରି।

# ଆତଙ୍କ ବିରୁଦ୍ଧରେ ଭାରତର କୂଟନୈତିକ ଯୁଦ୍ଧର ବିଜୟ



ମହାମେଘବାହନ ଐର ଖାରବେଳ ସ୍ୱାଇଁ
Email: kharabelaswain(@gmail.com
ମୋ: ୯୪୩୭୦୨୦୨୯୦

ଯେତେବେଳେ ଗୋଟିଏ ଦେଶର ବିଦେଶନୀତି କାମ କରେ, ସେତେବେଳେ ରାଷ୍ଟ୍ରୀୟ ସ୍ୱାର୍ଥ ତା'ର ମୁଖ୍ୟ କଥା ହୋଇଥାଏ। ରାଜନୈତିକ ଦଳମାନେ ଯେଉଁ ଭାଗରେ ବିଭକ୍ତ ହେଉଥାଆନ୍ତୁ ନା କାହିଁକି ଯେତେବେଳେ ରାଷ୍ଟ୍ରୀୟ ସୁରକ୍ଷା କଥା ଆସେ ଓ ଯେତେବେଳେ ସ୍ୱାର୍ବଭୌମତ୍ୱର କଥା ଆସେ ଓ ଲୋକମାନଙ୍କର ସୁରକ୍ଷାର କଥା ଆସେ ଆମେ ବାସ୍ତବରେ ଏକା ସାଙ୍ଗରେ ରାଷ୍ଟ୍ରୀୟ ସୁରକ୍ଷାର କଥା କହୁ।

ଆମର ଗଣତାନ୍ତ୍ରିକ ଇତିହାସ ଯେଉଁଠି ଅନେକ ଦୃଷ୍ଟାନ୍ତ ରହିଛି ପୂର୍ବତନ ପ୍ରଧାନମନ୍ତ୍ରୀଙ୍କର ଯାହା ଇନ୍ଦିରା ଗାନ୍ଧିଙ୍କ ଠାରୁ ଆରମ୍ଭ କରି ନରସିଂହ, ମନମୋହନ ସିଂହ, ଯେଉଁଠି ରାଜନୈତିକ ସହଯୋଗୀମାନେ ଓ ବିଶିଷ୍ଟ ଭାରତୀୟମାନେ ଦଳର କଥାକୁ ଛାଡ଼ି ବର୍ତ୍ତମାନର ଭାରତର ବିଦେଶୀମାନଙ୍କର ରାଷ୍ଟ୍ରୀୟ ଗୁରୁତ୍ୱ ଆସିଥାଏ। ଏହି ସର୍ବଦଳୀୟ ଘଟଣା ରାଷ୍ଟ୍ରୀୟ ଅସୁବିଧା କଥାକୁ କହିଥାଏ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସରକାର ୭ଟି ସର୍ବଦଳୀୟ ସଂସଦୀୟ କମିଟି ସାରା ପୃଥିବୀକୁ ପଠାଇଛନ୍ତି। ଗୋଷ୍ଠୀ ଏମ୍‌ପିମାନଙ୍କର ଓ ପୂର୍ବତନ ଉଚ୍ଚନୀତିଜ୍ଞମାନଙ୍କର ବିଦେଶୀ ରାଜଧାନୀମାନଙ୍କୁ ପଠାଇଥିଲେ। ଏହାଛଡ଼ା ପୂର୍ବତନ କୂଟନୀତିଜ୍ଞମାନଙ୍କୁ ମଧ୍ୟ ପଠାଇଥିଲେ। ବିଭିନ୍ନ ରାଜନୈତିକ ଗୋଷ୍ଠୀ ଓ ସେମାନଙ୍କର ବାସ୍ତବତାର ସହିତ ସମ୍ପର୍କ ଉପରେ ସେମାନେ ବିଦେଶରେ ଆଲୋଚନା କରିଥିଲେ। ଭାରତର ଆଞ୍ଚଳିକ ଓ ଧର୍ମଗତ ନେତାମାନେ ବିବିଧତାର ପ୍ରତୀକ ଅଟନ୍ତି। କିନ୍ତୁ ସେମାନେ ସେମାନଙ୍କର ବାର୍ତ୍ତା ଦେବାରେ ଏକଜୁଟ ହୋଇଥିଲେ। ଏହି ପ୍ରତିନିଧି ମଣ୍ଡଳି ଚେଷ୍ଟା କରିଥିଲେ ଯେ, ଭାରତର ଶୈର୍ଯ୍ୟ କରିବାର ଶକ୍ତିରେ ଗୋଟିଏ ସୀମା ଅଛି। ପହେଲଗାମ ଆତଙ୍କବାଦୀ ଆକ୍ରମଣ ଓ ଅପରେସନ ସିନ୍ଦୁର ବେଳେ ଏହି ଆକ୍ରମଣର ଗୋଟିଏ ସୀମା ମଧ୍ୟ ରହିଛି।

ଆଉ ଗୋଟିଏ ଲକ୍ଷ୍ୟ ହେଉଛି ଆମର ଆନ୍ତର୍ଜାତିକ ମଧ୍ୟସ୍ତିମାନଙ୍କୁ ପାକିସ୍ତାନର ଏହି ଆତଙ୍କବାଦ ଆକ୍ରମଣର ସମ୍ପୃକ୍ତି ସମ୍ପର୍କରେ ବୁଝାଇବା ଯେଉଁଥିରେ ଅଛି ଆତଙ୍କବାଦର ଘଟଣା ଓ ଏହାର ଆତଙ୍କବାଦ ଗୋଷ୍ଠୀମାନଙ୍କୁ ପାକିସ୍ତାନର ଏଥିରେ ସମ୍ପୃକ୍ତି ଓ ତା'ର ଆତଙ୍କବାଦୀ ଗୋଷ୍ଠୀମାନଙ୍କୁ ବଢ଼ାଇବାର ପ୍ରବୃତି ଆମେ ଭାରତ ବିରୁଦ୍ଧରେ ପାକିସ୍ତାନର ଅସ୍ତ୍ର ସଜାକୁ ଦେଖିଲୁ ଏବଂ ତା'ର ଆତଙ୍କବାଦକୁ ଗୋଟିଏ ରାଷ୍ଟ୍ରନୀତି ହିସାବରେ କାମ କରିବାର ଦେଖିଲୁ। ଏହି ଧରଣର ଘଟଣା କ୍ଷେତ୍ରରେ ପହଞ୍ଚିବାର ଉଦ୍ଦେଶ୍ୟ ହେଲା ସାରା ବିଶ୍ୱର ସମର୍ଥନକୁ ଯୋଗାଡ଼ କରିବା ଭାରତ ପାଇଁ ଏବଂ ଭାରତର ଆତଙ୍କବାଦ ବିରୋଧୀ ପ୍ରଚେଷ୍ଟାକୁ ରକ୍ଷା କରିବା ପାଇଁ ଯେତେବେଳେ ସମସ୍ତେ କହୁଛନ୍ତି ଗୋଟିଏ ଘଟଣା ଯେ, ଆତଙ୍କବାଦ ଆକ୍ରମଣ ଏବଂ ଆତଙ୍କବାଦ ଦ୍ୱାରା କ୍ଷତିଗ୍ରସ୍ତ ହେଉଥିବା ଅଧିକାଂଶ ସମ୍ପର୍କରେ ଏକାସାଙ୍ଗରେ କଥା କୁହାଯାଇ ପାରିବନି। କେବଳ ମଧ୍ୟସ୍ଥତା କରାଯାଇପାରିବ। ଏହାଦ୍ୱାରା କ୍ଷତିଗ୍ରସ୍ତ ହୋଇଥିବା ଲୋକଙ୍କୁ ଗୋଟିଏ ସ୍ଥାନରେ ରଖାଯିବା ଉଚିତ। କିନ୍ତୁ ଯେତେବେଳେ ଏହି ପ୍ରତିନିଧିମମଣ୍ଡଳୀଙ୍କୁ ସେମାନଙ୍କର ଲକ୍ଷ୍ୟସ୍ଥଳକୁ ପଠାଯାଉଛି ବିଭିନ୍ନ ପ୍ରକାର ମତ ଗୁଡ଼ିକ ସେତେବେଳେ ବାହାରୁଛି ଆମର ବିବାଦ ମଧ୍ୟରେ। ବିଭିନ୍ନ ପ୍ରତିନିଧି ମଣ୍ଡଳୀ ଯେଉଁଠି ସେମାନଙ୍କର ଲକ୍ଷ୍ୟ ରହୁଛି ସେତେବେଳେ ଅଲଗା ଅଲଗା ପ୍ରକାର ମତ ରହୁଛି ଯାହା ଆରମ ଦ୍ୱନ୍ଦ୍ୱାତ୍ମକ ମତକୁ ପରିପ୍ରକାଶ କରୁଛି। ଏ ସମ୍ପର୍କରେ ସମ୍ବାଦମାନଙ୍କର ପ୍ରଶ୍ନଉଠୁଛି ଏମାନଙ୍କର ସଫଳତାର। କେତେକ ଏହାକୁ ଗୋଟିଏ ଟିକସଦାତାଙ୍କର ଅର୍ଥ ଅଯଥା ଖର୍ଚ୍ଚ କରୁଛନ୍ତି କିନ୍ତୁ ସତ୍ୟ ହେଉଛି ଏହା ଯେ, ଆମର ସଫଳତା ନିର୍ଭର କରୁଛି ଦୃଢ଼ତାର ସହିତ ଏହା ଉପରେ ଯେ ଆମେ କ'ଣ କରିବାକୁ ଯାଉଛୁ ସେମାନଙ୍କ ମଧ୍ୟରେ ୭ଟି ପ୍ରତିନିଧି ମଣ୍ଡଳୀ ଅଛନ୍ତି, ଏହାଛଡ଼ା ସେଗୁଡ଼ିକ ପ୍ରତିଫଳନ କରୁଛନ୍ତି ସେମାନଙ୍କର ସଫଳତାକୁ। ଆମେ କେମିତି ବିଭିନ୍ନ ଦେଶମାନଙ୍କ ନିକଟରେ ପହଞ୍ଚିପାରିବା ଓ ଆମର ସଫଳତାକୁ ଦେଖେଇ ପାରିବା ତାହା ହେଉଛି ଗୁରୁତ୍ୱପୂର୍ଣ୍ଣ କଥା। ଏଗୁଡ଼ିକ ୫ଟି ଦେଶରେ ପ୍ରତିଫଳିତ ହେବା ଉଚିତ। ଯେଉଁଗୁଡ଼ିକ ଦକ୍ଷିଣ, କେନ୍ଦ୍ର ଓ ଉତ୍ତର ଆମେରିକାରେ ଅଛନ୍ତି ଏମାନଙ୍କ ମଧ୍ୟରେ ଯେଉଁ ଦେଶ ଅଛନ୍ତି ସେମାନେ ହେଲେ ଗୁଏନା, ପାନାମା, କଲମ୍ବିଆ, ବ୍ରାଜିଲ ଓ ଆମେରିକା ଏହି ୫ଟି ଦେଶରେ ଭାରତର ପ୍ରତିନିଧି ମଣ୍ଡଳୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଆମର ଏହି ପ୍ରତିନିଧି ମଣ୍ଡଳୀକୁ ଉତ୍ସାହର ସହିତ ଓ ସମ୍ମାନର ସହିତ ଗ୍ରହଣ କରାଯାଇଥିଲା ଯାହା ଭାରତକୁ ଏକ ଗଣତାନ୍ତ୍ରିକ ଏବଂ ସମସ୍ତଙ୍କୁ ସାଥିରେ ନେଉଥିବା ଗୋଟିଏ ମିଳିତ ଆଭିମୁଖ୍ୟ ଦେଶ ବୋଲି ପ୍ରତିପାଦିତ କରିଥିଲା। ଭାରତର ସମସ୍ତଙ୍କୁ ମିଶାଇ କରି ନେଉଥିବା ଆଭିମୁଖ୍ୟ ଏ ଦେଶ ପାଇଁ ବଡ଼ ଗୁରୁତ୍ୱପୂର୍ଣ୍ଣ ଅଟେ। ଆମର ବିବିଧତା ଯାହା ରାଜନୈତିକ ସମ୍ପୃକ୍ତିର ସହ କାମ କରିଥାଏ ବିଶ୍ୱାସର ସହ କାମ କରିଥାଏ ତାହା କିଛି ପ୍ରତିଜ୍ଞାର କଥା କହିଥାଏ ମଧ୍ୟ। ଯାହା ସତ୍ୟ ବୋଲି କୁହାଯାଇପାରେ। ଏତେଗୁଡ଼ିଏ ଏହି ଭଳି କଥାବାର୍ତ୍ତା ବିଭିନ୍ନ ଦେଶ ସହିତ ଭାରତୀୟ ପ୍ରତିନିଧି ମଣ୍ଡଳର ହୋଇଛି। ଏପରିକି ଭାରତୀୟ ପ୍ରତିନିଧି ମଣ୍ଡଳର ଗୁଆନାର ରାଷ୍ଟ୍ରପତି ମହମ୍ମଦ ଇର୍ଫାନ ଅଲି ଓ ପ୍ରଧାନମନ୍ତ୍ରୀ ବ୍ରିଗେଡିଅର ମାର୍କ ଆନ୍ଥୋନୀ ଫିଲିପ୍ସ, ଉପରାଷ୍ଟ୍ରପତି ବ୍ରାଜିଲ ଜେନାଲ୍ଡୋ ଅଲକୋମିନ ଓ ଆମେରିକାର ଉପରାଷ୍ଟ୍ରପତି ଜିଡି ଭାନ୍ସଙ୍କ ସହିତ ହୋଇଛି। ଭାରତର ବାର୍ତ୍ତା ପ୍ରତିଫଳିତ କରୁଛି ସର୍ବୋଚ୍ଚ ସ୍ତରର ନିଷ୍ପତ୍ତିର କଥା ଏବଂ ଆଇନ ତିଆରି କରିବାର କଥା ଯାହା ବିଭିନ୍ନ ସଂସ୍ଥାରେ ରହିଛି। ସେ ଦେଶର ପ୍ରତିନିଧିମାନଙ୍କୁ ଏ ସମ୍ପର୍କରେ ବିଶେଷକରି ଅପରେସନ ସିନ୍ଦୁର ସମ୍ପର୍କରେ ବିସ୍ତୃତ କଥା କୁହାଯାଇଛି। ଭାରତ ସହିତ କଥାବାର୍ତ୍ତା ହେଉଥିବା ଦେଶମାନେ ସେମାନେ ଯେଉଁ ନୀତିଗୁଡ଼ିକ ପାଳନ କରୁଛନ୍ତି ଓ ଭାରତର ଆତଙ୍କବାଦ ବିରୋଧ ନୀତିକୁ ସମର୍ଥନ କରୁଛନ୍ତି ସେମାନଙ୍କୁ ଏ ସମ୍ପର୍କରେ ବୁଝାଇ ଦିଆଯାଇଛି। ଏଥିସହିତ ବିଦେଶୀ ବ୍ୟାପାର କମିଟି ଏହି ୫ଟି ଦେଶରେ ତାଙ୍କର ମତକୁ ବିଦେଶୀମାନଙ୍କୁ ଆମେରିକାର ସିନେଟର ବିଦେଶ ସମ୍ପର୍କିତ କମିଟିରେ ବୁଝାଇଛନ୍ତି। ଭାରତ ସମର୍ଥକ ସିନେଟର ଯାହାକୁ (କକଶ) ମଧ୍ୟ ବୁଝାଇ ଦିଆଯାଇଛି। ଏହି କକଶ ଗୋଷ୍ଠୀଟି ହେଉଛି ଭାରତୀୟ ହୋଇନଥିଲେ ମଧ୍ୟ ଭାରତର ସମର୍ଥକ। ଏହାଛଡ଼ା ଭାରତର ପ୍ରତିନିଧିମଣ୍ଡଳୀ ସେଠାକାର ଗଣମାଧ୍ୟମ ସହିତ ଓ ନିତିଗତ ବିଶେଷଜ୍ଞମାନଙ୍କ ସହିତ କଥାବାର୍ତ୍ତା କରିଛନ୍ତି। ସେମାନଙ୍କର ଚିନ୍ତକଗୋଷ୍ଠୀମାନଙ୍କ ସହିତ କଥାବାର୍ତ୍ତା ହୋଇଛନ୍ତି। ଆମେରିକାର ବିଦେଶ ସମ୍ପର୍କ ପରିଷଦ ସହିତ କଥାବାର୍ତ୍ତା ହୋଇଛି ଏବଂ ପ୍ରବାସୀ ଭାରତୀୟମାନଙ୍କୁ ଏ ସମ୍ପର୍କରେ କହି ତାଙ୍କୁ ମଧ୍ୟ ବୁଝାଇ ଦିଆଯାଇଛି ଯେ, ଏ ସମ୍ପର୍କରେ ଘଟଣାଗୁଡ଼ିକ କ'ଣ ଘଟିଛି। ସେମାନଙ୍କୁ ଏ ସମ୍ପର୍କରେ ଅତି ନିର୍ଦ୍ଦିଷ୍ଟ କଥା କୁହାଯାଇଛି ଯେତେବେଳେ ଏ ସମ୍ପର୍କରେ ସୂଚନା ଦିଆଯାଇଛି ଯାହା ଭାରତର ସ୍ଥିତିକି କ'ଣ। ଯଦିଓ ଭାରତର ଲକ୍ଷ୍ୟ ହେଉଛି ଏବଂ ଏହି ସମ୍ପର୍କରେ ଚିନ୍ତାଗୁଡ଼ିକ ହେଉଛି ବିଦେଶ ନୀତି ସହିତ ଯେଉଁମାନେ କି ଗୋଟିଏ ପ୍ରଭାବ ସୃଷ୍ଟି କରିପାରିବେ ସେ ସମ୍ପର୍କରେ ଭାରତକୁ ଅବାସ୍ତବ ଭାବରେ ଆଶା କରିବାକୁ ପଡ଼ିବ ନାହିଁ ଯେ, ଏ ସମ୍ପର୍କରେ ସବୁ କିଛି ଭାରତ ସପକ୍ଷରେ ଆସିବ। ଭାରତର ଏ ଦେଶରେ ବିଭିନ୍ନ ଧରଣର ମତ ଦେବାର ବାଟ ରହିଛି ଯେଉଁଥିରେ ଦେଶମାନେ ଚିନ୍ତା କରନ୍ତି ଯେ, ଏ ସମ୍ପର୍କରେ କ'ଣ କରିବାକୁ ହେବ। ଯେତେବେଳେ ମୂଳ ପ୍ରସଙ୍ଗ ସମ୍ପର୍କରେ ଏକଥା କୁହାଯାଇଥାଏ ସେତେବେଳେ ଆତଙ୍କବାଦ ସମ୍ପର୍କରେ ଆସିଥାଏ। ଯେତେବେଳେ ଭାରତର ମୂଳ ପ୍ରସଙ୍ଗ ଆତଙ୍କବାଦ ବୋଲି କୁହାଯାଇଥାଏ ଆମର ଏ ସମ୍ପର୍କରେ ଆଲୋଚନା ଅବଶ୍ୟ ବ୍ୟାପିଥାଏ ସୀମାଞ୍ଚଳକୁ କିଏ କେତେକ ମାଡ଼ି ବସିପାରିଛି। ଟେକ୍ନୋଲୋଜି, ପ୍ରତିରକ୍ଷା, ବାଣିଜ୍ୟ ଓ ଅର୍ଥନୀତି ତାହା ହାତରେ କେତେ ଅଛି। ଏହାଫଳରେ ବିଭିନ୍ନ ଅଞ୍ଚଳ ସହିତ ଭାରତର ସମ୍ପର୍କରେ ସୁଦୃଢ଼ ହୋଇଥାଏ। ଆମ ଦେଶରେ ଭାରତ ସମ୍ପର୍କରେ ନିର୍ଦ୍ଦିଷ୍ଟ ବର୍ଣ୍ଣନା ଚାଲିଛି । ଆମ ଦେଶରେ ଆମେ ଯାହା କହୁଛୁ ତାହା ଅତି ନିର୍ଦ୍ଦିଷ୍ଟ ଅଟେ। ଆମର ଅପରେସନ ସିନ୍ଦୂର ପାଇଁ ଘଟଣାମାନ ଘଟୁଛି। ଯେଉଁ ସାଂସ୍କୃତିକ ଓ ପ୍ରତିନିଧମୂଳକ କାରଣମାନ ରହୁଛି ସେଗୁଡ଼ିକ ପାଇଁ ସମର୍ଥନ ଯୋଗାଡ଼ କରିବାକୁ ହେବ ଯେ, ଭାରତର ଗୋଟିଏ ସାର୍ବଭୌମ ଅଧିକାର ଅଛି ନିଜର ପ୍ରତିରକ୍ଷା କରିବା ପାଇଁ। ଗତ ମେ' ୬-୭ ତାରିଖ ରାତିରେ ଭାରତ କେବଳ ଆକ୍ରମଣ କରିଥିଲା ଯାହା ଗୋଟିଏ ଦୃଷ୍ଟାନ୍ତମୂଳକ ଘଟଣା ଥିଲା। ଏଥିରେ ଅଂଶଗ୍ରହଣ କରିବାର ସୁବିଧା ଥିଲା ଏବଂ ନିର୍ଦ୍ଦିଷ୍ଟ ଲକ୍ଷ୍ୟସ୍ଥଳରେ ଆଘାତ କରିବାର ଥିଲା ଯାହା ଭାରତ କରିଛି ଏହି ଯୁଦ୍ଧରେ। ଭାରତ କେବଳ ଦୃଷ୍ଟାନ୍ତମୂଳକ ଉଦାହରଣ ଦେଇଥିଲା ଆତଙ୍କବାଦୀ ଆକ୍ରମଣ ସମ୍ପର୍କରେ। ଏଥିରେ ନିର୍ଦ୍ଦିଷ୍ଟତା ଥିଲା କିନ୍ତୁ ସଂଯମତା ମଧ୍ୟ ଥିଲା। ପାକିସ୍ତାନର ଆତଙ୍କ ଭିତ୍ତିଭୂମି ଯାହା ଭାରତ ଅଧିକୃତ କାଶ୍ମୀରରେ ଅଛି ଓ ପାକିସ୍ତାନ ଏମାନଙ୍କୁ ଦଣ୍ଡ ଦେଉଛି ସେ କ୍ଷେତ୍ରରେ ଭାରତ ଏ ସମ୍ପର୍କରେ ଉଦାହରଣ ଦେବା ଉଚିତ। ଭାରତ କହୁଛି ଯେ, ଏହି ଗଣ୍ଡଗୋଳର ମୂଳ ସୃଷ୍ଟି ସାମୟିକ, ଅସମାନ ଓ ଉତ୍ତେଜନା ମୂଳକ। ପାକିସ୍ତାନର ଆକ୍ରମଣ ଯେଉଁଥିରେ ଆମେ ଗୋଟିଏ ସାମରିକ ଘାଟୀ ଉପରେ ଲକ୍ଷ୍ୟ କରିପାରୁ ଓ ଏହା ଉପରେ ପାକିସ୍ତାନ ତରଫରୁ ଆକ୍ରମଣ ହୋଇପାରେ ଏବଂ ଯେଉଁଠି ପାକିସ୍ତାନ ସେଠାରେ ବୋମାମାଡ଼ କରିପାରେ। ଏଠାରେ ଭାରତ ମଧ୍ୟ ପ୍ରତିଆକ୍ରମଣ କରିପାରେ।

ଏହାର ପ୍ରତି ଜବାବରେ କେତେକ ଦେଶ ଅତି ଦୃଢ଼ତାର ସହିତ ଆମର ଆତଙ୍କବାଦ ବିରୁଦ୍ଧରେ ଲଢ଼େଇକୁ ସମର୍ଥନ କରନ୍ତି ଯାହା କୋଟି କୋଟି ସୀମାରେ ଥିବା ଆତଙ୍କବାଦକୁ ରୋକିପାରେ। ଏହା ଆମର ଅଭିବୃଦ୍ଧିକୁ ମଧ୍ୟ ଆକ୍ରମଣ କରିପାରେ। ଏହା ଆତଙ୍କବାଦକୁ ରୋକିପାରେ। ଏହା ପାକିସ୍ତାନର ସାମରିକ ଅଧିକାରୀମାନଙ୍କୁ ଓ ପୋଲିସମାନଙ୍କୁ ଆତଙ୍କବାଦୀମାନଙ୍କର ଶବକ୍ରିଆରେ ସମ୍ମାନ କରିପାରେ ଯେଉଁମାନେ ଅପରେସନ ସିନ୍ଦୂରରେ ପ୍ରାଣ ହରାଇଛନ୍ତି। ଏହାଛଡ଼ା ଆହୁରି ବଡ଼ ସଫଳତା ହେଉଛି ଯେ, ପ୍ରତିନିଧି ମଣ୍ଡଳୀରେ ଥବା କଲମ୍ବିଆର ଏହି ଗୋଷ୍ଠୀ ସହିତ ଘନିଷ୍ଠ ସମ୍ପର୍କ ଯାହା ପାକିସ୍ତାନକୁ ତା'ର ସଭ୍ୟତାର ଯୁଦ୍ଧ ମନ୍ତବ୍ୟ ପାଇଁ ନିନ୍ଦା କରିଥିଲା ଯାହା ଅପରେସନ ସିନ୍ଦୂର ଆସିଥିଲା। ଆମେ ଥରେ କହିଥିଲୁ ଆମର ଦୁଃଖ ଓ ଆମର ଦାୟିତ୍ୱପୂର୍ଣ୍ଣ ପଦକ୍ଷେପଗୁଡ଼ିକ ଯାହା ଆମେ ନେଇଛୁ। କଲମ୍ବିଆର ଏହି ପଦକ୍ଷେପଗୁଡ଼ିକ ଆଶା କରିଥିଲେ ଯେ, ଏହାର ସମର୍ଥନ ଭାରତ ପ୍ରତି ଆସିବ। ଏଗୁଡ଼ିକ କଲମ୍ବିଆକୁ ସାହାଯ୍ୟ କରୁଛି । କଲମ୍ବିଆ ଗୋଟିଏ ଅଣ ଚିରସ୍ଥାୟୀ ସଦସ୍ୟ ଜାତିସଂଘର ନିରାପତ୍ତା ପରିଷଦର ୨୦୨୬ରେ । ଏହାର ସମର୍ଥନ ଯାହା ପୂର୍ବରୁ ଥିଲା ତାହା ଏହାର ରାଷ୍ଟ୍ରୀୟ ସୁରକ୍ଷା ଓ ଏହାର ଆତଙ୍କବାଦ ବିରୋଧୀ ରାଷ୍ଟ୍ରୀୟ ସୁରକ୍ଷାକୁ ବଢ଼ାଇ ଦେଇଛି। ଏହା କହିଛି ଯେ, ଏଥିରେ ନିଶ୍ଚିତ ଭାବରେ ବର୍ତ୍ତମାନର ନିରାପତ୍ତା ପରିଷଦର ସଦସ୍ୟ ପାନାମାର ଭାରତକୁ ଜାତିସଂଘରେ ସ୍ଥାୟୀ ସଦସ୍ୟ କରିବାର ଭୂମିକାକୁ ଦେଖଉଛି। ଏପରିକି ଆମେ ଯେହେତୁ ଆମେରିକାକୁ ସମର୍ଥନ ଦେଉଛୁ ଗୋଟିଏ କୂଟନୈତିକ ଅଭିଯାନ ପାକିସ୍ତାନ ପକ୍ଷରୁ ଆରମ୍ଭ ହୋଇଛି ଯାହା ତା' ନିଜ କଥା ଚାରିଆଡ଼େ କହୁଛି ଭାରତ ଜାତିସଂଘ ନିରାପତ୍ତା ପରିଷଦରେ ତା'ର ସ୍ଥାୟୀ ସଦସ୍ୟତା ଚାହୁଁଛି। ଏ ସମ୍ପର୍କରେ ଆମେରିକାର ସମର୍ଥନ ଚାହିଁବା ପାକିସ୍ତାନ ପାଖରୁ ଏକ ବଡ଼ କଥା ଅଟେ। ଆମର ନିଜର ଗଣତାନ୍ତ୍ରିକ ଉଚ୍ଚାରଣ ଓ ଆମର ଆଚରଣ ଭିବଷ୍ୟତରେ ପ୍ରମାଣିତ କରିବ ଭାରତ ତା'ର ପୃଷ୍ଠଭୂମିରେ କ'ଣ ରଖିବାକୁ ଯାଉଛି। ଅତୀତରେ ଭାରତ ବିଭିନ୍ନ ଆମେରିକୀୟ ନେତାନେତ୍ରୀମାନଙ୍କ ସହିତ ସୁସମ୍ପର୍କ ରଖି ଆସିଥିଲା ଯେଉଁମାନଙ୍କ ମଧ୍ୟରେ ହିଲାରୀ କ୍ଲିଣ୍ଟନ ଯିଏକି ଭାରତର ପୃଷ୍ଠଭୂମିରେ ରହିଥିଲେ। ସେମାନଙ୍କୁ ଆଶା କରାଯାଉଥିଲା ଯେ ସେମାନେ କେବଳ ତାଙ୍କର ପଡୋଶୀ ଦେଶ ଉପରେ ଆକ୍ରମଣ କରିବେ।

ଭାରତର ଦୃଷ୍ଟିଭଙ୍ଗୀ ଯୁକ୍ତି ସିଦ୍ଧ କରିଥିଲା ଯେ, ବଡ଼ ଦୃଢ଼ତାର ସହିତ ଆମେରିକାର ଆଇନ ତିଆରି କରୁଥିବା ବ୍ୟକ୍ତିମାନଙ୍କ ପାଇଁ ପାକିସ୍ତାନର ପ୍ରତିନିଧିମଣ୍ଡଳୀ ଯେଉଁଥିରେ ଆଶା କରାଯାଉଥିଲା ପାକିସ୍ତାନ ଏ ଧରଣର କଦର୍ଯ୍ୟ ଆତଙ୍କବାଦୀ ଗୋଷ୍ଠୀ ଯଥା ଜୈସ-ଇ-ମହମ୍ମଦ ଆଦି ଗୋଷ୍ଠୀକୁ ହଟାଇବ ସେଗୁଡ଼ିକ ଆମକୁ କହେ ଯେ, ଭାରତର ସ୍ଥିତି ହେଉଛି କ'ଣ ? ଆମେ ଗୋଟିଏ କଥାକୁ ବୁଝୁଛୁ ଯେ, ଭାରତର ସ୍ଥିତି ପ୍ରତି ତ୍ୱରିତତା ଆଣିବାକୁ ପଡ଼ିବ। ଆମେ ଗୋଟିଏ କଥା ବୁଝିବାକୁ ଚେଷ୍ଟା କରୁ ଯେ, ସୀମା ପାର ଅଞ୍ଚଳରେ ଆମର ଦୃଷ୍ଟିଭଙ୍ଗୀ ଆମେ କଥାବାର୍ତ୍ତା କରି ଅନେକ ସମୟରେ ସମାଧାନ କରିପାରୁବୁ ନାହିଁ ଯାହା ପାକିସ୍ତାନ ସହିତ କରାଯିବ। ଏହି ପ୍ରସଙ୍ଗଗୁଡ଼ିକ ଆମର ନିଜର ଉପରକୁ ବଢ଼ିବାର ପ୍ରସଙ୍ଗ ଥିଲା। ଏଥିରେ ଆମର ବିଶ୍ୱସନିୟତା ଦୃଷ୍ଟିଭଙ୍ଗୀ ଥିଲା। ଆତଙ୍କବାଦୀ ଭିତ୍ତିଭୂମି ଏ ପର୍ଯ୍ୟନ୍ତ ପାକିସ୍ତାନରୁ କିଛି କମିନାହିଁ। ପାକିସ୍ତାନ ଗୋଟିଏ ପରେ ଅନ୍ୟ ଗୋଟିଏ ପ୍ରସଙ୍ଗ ଉପରେ ବର୍ତ୍ତମାନ କହିଚାଲିଛି। ଏହାର ବିଶ୍ୱାସନୀୟତା ନଷ୍ଟ ହୋଇଗଲାଣି। ଏହାର ଅନ୍ୟ ଅଞ୍ଚଳଗୁଡ଼ିକ ମଧ୍ୟ କ୍ଷତିଗ୍ରସ୍ତ ହୋଇଗଲାଣି। ପାକିସ୍ତାନର ଆତଙ୍କବାଦୀ ଭିତ୍ତିଭୂମି ତାଙ୍କର ନିଜର ଅଞ୍ଚଳରେ ରହିଛି। ତାକୁ ଯେତେଶୀଘ୍ର ଭଙ୍ଗା ଯାଇପାରିବ ସେତେ ଭଲ।

# ସମ୍ପର୍କ ତଳେ ଲୁଚି ରହିଥିବା ଯନ୍ତ୍ରଣା : ବିବାହ ବହିର୍ଭୂତ ସମ୍ପର୍କ



ମାନସ କୁମାର କର
କୋତାଙ୍ଗ, କୋଣାର୍କ
ମୋ: ୭୩୮୧୩୮୨୨୧୦

ପ୍ରେମ - ଏକ ଶବ୍ଦ ଯାହା ଶୁଣିବାକୁ ସରଳ ଲାଗେ, କିନ୍ତୁ ଯେତେବେଳେ ଏହା ଜୀବନରେ ଏହାର ସୀମା ଅତିକ୍ରମ କରେ, ଏହା ସବୁଠାରୁ ଜଟିଳ ଏବଂ ବିପଜ୍ଜନକ ରୂପ ଧାରଣ କରେ। ବିଶେଷକରି ଯେତେବେଳେ ଏହା ବିବାହର ସାମାଜିକ ଏବଂ ନୈତିକ ସୀମା ଅତିକ୍ରମ କରେ। ବିବାହ ବହିର୍ଭୂତ ସମ୍ପର୍କ କୌଣସି ନୂଆ କଥା ନୁହେଁ, କିନ୍ତୁ ସାମ୍ପ୍ରତିକ ବର୍ଷଗୁଡ଼ିକରେ ସେଥିରୁ ସୃଷ୍ଟି ହୋଇଥିବା ଅପରାଧ, ହିଂସା ଏବଂ ଆତ୍ମହତ୍ୟା କେବଳ ବ୍ୟକ୍ତିଗତ ଦୁଃଖଦ ଘଟଣା ନୁହେଁ। ଏହା ସାମାଜିକ ଗଠନରେ ବ୍ୟାପିଥିବା ଫାଟର ସ୍ପଷ୍ଟ ପ୍ରମାଣ, ଯାହାକୁ ବର୍ଷ ବର୍ଷ ଧରି ନୈତିକତାର ଆବରଣରେ ଘୋଡ଼ାଇ ରଖିବାକୁ ଚେଷ୍ଟା କରାଯାଇଛି।

ସମାଜରେ ପ୍ରେମର ବଦଳୁଥିବା ପ୍ରକୃତି ଏବଂ ଏହା ଦ୍ୱାରା ସୃଷ୍ଟି ହେଉଥିବା ଚ୍ୟାଲେଞ୍ଜଗୁଡ଼ିକ, ପ୍ରେମ ଆଉ କେବଳ ଏକ ଭାବନା ହୋଇ ନାହିଁ, ଏହା ମାଲିକାନା, ଆଶା, କର୍ତ୍ତୃତ୍ୱ ଏବଂ ମତଭେଦ ମଧ୍ୟରେ ଫସି ରହିଥିବା ଏକ ବିସ୍ଫୋରକ ରାସାୟନିକ ପ୍ରକ୍ରିୟାରେ ପରିଣତ ହୋଇଛି। ଯେତେବେଳେ ସନ୍ଦେହ ଏକ ସମ୍ପର୍କରେ ସ୍ୱଚ୍ଛତା ଏବଂ ଯୋଗାଯୋଗକୁ ବଦଳାଇଥାଏ ଏବଂ କର୍ତ୍ତୃତ୍ୱ ଘନିଷ୍ଠତାକୁ ବଦଳାଇଥାଏ, ସେତେବେଳେ ସମ୍ପର୍କ ଏକ ପ୍ରୟୋଗଶାଳାରେ ପରିଣତ ହୁଏ - ଯେଉଁଠାରେ ସାମାନ୍ୟ ଭୁଲ ମଧ୍ୟ ବିସ୍ଫୋରକ ଫଳାଫଳ ଆଣିପାରେ। ଏବଂ ଏହି ବିସ୍ଫୋରଣ ଆଉ ବ୍ୟକ୍ତିଗତ ନୁହେଁ, ଏହା ସାର୍ବଜନୀନ ଏବଂ ପ୍ରାୟତଃ ଘାତକ ହୋଇଥାଏ।

ବିବାହ ବାହାରେ ସମ୍ପର୍କରୁ ସୃଷ୍ଟି ହୋଇଥିବା ସାମ୍ପ୍ରତିକ ହତ୍ୟା, ଆତ୍ମହତ୍ୟା ଏବଂ ପ୍ରତିଶୋଧ ଘଟଣାଗୁଡ଼ିକ ଏକ ଧାରା ଅନୁସରଣ କରୁଥିବା ପରି ମନେ ହେଉଛି: ସ୍ୱଚ୍ଛତା ଏବଂ ଯୋଗାଯୋଗର ଅଭାବ, ଭାବପ୍ରବଣ ଅସନ୍ତୁଳନ, ବିଶ୍ୱାସ ହରାଇବା ଏବଂ ଅପମାନ ଯାହା ଗୋଟିଏ ପକ୍ଷ ପାଇଁ ଅସହ୍ୟ ହୋଇଯାଏ। ଏହି ଘଟଣାଗୁଡ଼ିକ ସେହିଦିଗକୁ ପ୍ରକାଶ କରେ ଯାହାକୁ ଏଡାଇ ଦିଆଯାଇଛି କିମ୍ବା ଏହାକୁ 'ବ୍ୟକ୍ତିଗତ ବିଷୟ' ବୋଲି କହି ଲୁଚାଇ ରଖାଯାଇଛି। ଆଜି, ସମ୍ପର୍କ କେବଳ ଅପରାଧର କାରଣ ନୁହେଁ, ବରଂ ନିଜେ ଏକ ଅପରାଧ ପାଲଟିଛି।

ଏବେ ଅପରାଧ କୌଣସି ଏକ ଲିଙ୍ଗ ଭିତ୍ତିକ ଉପରେ ନିର୍ଭରଶୀଳ ନୁହେଁ। ପୁରୁଷମାନେ କେବଳ ଅପରାଧୀ ନୁହଁନ୍ତି, କିମ୍ବା ମହିଳାମାନେ କେବଳ ପୀଡିତା ନୁହଁନ୍ତି। କିଛି କ୍ଷେତ୍ରରେ, ପୁରୁଷମାନେ ସେମାନଙ୍କ ଜୀବନସାଥୀ ଏବଂ ତାଙ୍କ ସହଯୋଗୀଙ୍କ ଷଡ଼ଯନ୍ତ୍ରର ଶିକାର ହେଉଛନ୍ତି, ଯେତେବେଳେ ଅନେକ କ୍ଷେତ୍ରରେ ମହିଳାମାନେ ଏପରି ସମ୍ପର୍କର ଶିକାର ହେଉଥିଲେ ଯେଉଁଥିରେ ପ୍ରେମ ପ୍ରକୃତରେ ପ୍ରତାରଣା, କାମନା ଏବଂ ନିୟନ୍ତ୍ରଣର ଅନ୍ୟ ନାମ ଥିଲା। ଏହା କୌଣସି ଗୋଟିଏ ଶ୍ରେଣୀର ନୈତିକ ବିଫଳତା ନୁହେଁ - ଏହା ଏପରି ଏକ ସମାଜର ପତନ ଯାହା ସମ୍ପର୍କକୁ ବଜାୟ ରଖିବା, ଲୁଚାଇବା ଏବଂ ଟାଣି ନେବାରେ ଗର୍ବ କରେ, କିନ୍ତୁ ଯୋଗାଯୋଗ, ସ୍ୱଷ୍ଟତା ଏବଂ ନିଷ୍ପତ୍ତି ନେବାର ସଂସ୍କୃତିରୁ ଦୂରେଇ ଯାଏ।

ଡିଜିଟାଲ୍ ମିଡିଆ ଏହି ସମ୍ପର୍କଗୁଡ଼ିକୁ ଆହୁରି ଭୟଙ୍କର କରିଦେଇଛି। ପ୍ରେମ ଆଉ ଏକ ସ୍ମୃତି ନୁହେଁ, ବରଂ ସ୍କ୍ରିନସଟ୍, ଚାଟ୍, ରେକର୍ଡିଂ ଏବଂ ଭିଡିଓ ଆକାରରେ ସଂରକ୍ଷିତ - ଯାହା ପ୍ରତିଶୋଧର ଅସ୍ତ୍ର ହୋଇଯାଏ, ଭାବପ୍ରବଣ ଦଲିଲ୍ ନୁହେଁ। ଯେତେବେଳେ ଏକ ସମ୍ପର୍କ ଭାଙ୍ଗିଯାଏ, ଏହାର ଭଗ୍ନାବଶେଷ ଆଉ ମନରେ ନରହି ଇଣ୍ଟରନେଟରେ ବିସ୍ତାରିତ ହୁଏ। ଏବଂ ଏହି ଆଭାସୀ ହିଂସା ପ୍ରକୃତ ହିଂସା ଅପେକ୍ଷା ବହୁତ ଗଭୀର ଭାବରେ ଆଘାତ ଦିଏ।

ବିବାହ ବାହାରେ ସମ୍ପର୍କର ଅସ୍ତିତ୍ୱକୁ ଅସ୍ୱୀକାର କରାଯାଇପାରିବ ନାହିଁ। କିନ୍ତୁ ଏପରି ପ୍ରତ୍ୟେକ ସମ୍ପର୍କ କେବଳ 'ଭାବପ୍ରବଣ ଶୂନ୍ୟତା' ପାଇଁ ଏକ କ୍ଷତିପୂରଣ ବୋଲି ଧରି ନେବା ମଧ୍ୟ ଏକ ସୁବିଧାଜନକ ମିଥ୍ୟା। ଅସନ୍ତୁଷ୍ଟିର ଅର୍ଥ ନୁହେଁ ଯେ ତୃତୀୟ ବ୍ୟକ୍ତିଙ୍କର ବନ୍ଧନ ଭାଙ୍ଗିବାର ନୈତିକ ଅଧିକାର ଅଛି। ତା'ପରେ 'ପ୍ରେମ' କେବଳ ଏକ ବାହାନା ହୋଇଯାଏ - ଏବଂ ଏହା ତଳେ ବିଶୃଙ୍ଖଳା, ଲୋଭ ଏବଂ ସ୍ୱାର୍ଥପରତା ବୃଦ୍ଧି ପାଏ। ଏହି ଅସନ୍ତୁଳନ ଅପରାଧ ଆଡ଼କୁ ନେଇଯାଏ। ଏବଂ ଯେତେବେଳେ ଏହି ଅପରାଧଗୁଡ଼ିକ ଘଟେ, ସେତେବେଳେ ଜଣେ ବ୍ୟକ୍ତି, ଏକ ପରିବାର ଏବଂ କେତେକ ସମୟରେ ସମଗ୍ର ସାମାଜିକ ସନ୍ତୁଳନକୁ ମୂଲ୍ୟ ଦେବାକୁ ପଡ଼ିଥାଏ।

ବିବାହ ଆଉ ସ୍ଥିରତାର ଗ୍ୟାରେଣ୍ଟି ନୁହେଁ, ବରଂ ସନ୍ଦେହ, ଅସୁରକ୍ଷା ଏବଂ ସୁପ୍ତ ଦ୍ୱନ୍ଦ୍ୱର ଏକ ଯୁଦ୍ଧକ୍ଷେତ୍ର ପାଲଟିଛି। ଯେତେବେଳେ ଏଥିରେ ତୃତୀୟ ବ୍ୟକ୍ତିଙ୍କ ଉପସ୍ଥିତି ଯୋଡାଯାଏ, ଭାବପ୍ରବଣ କିମ୍ବା ଶାରୀରିକ, ଏହା ଏକ ବିପଦପୂର୍ଣ୍ଣ ତ୍ରିଭୁଜରେ ପରିଣତ ହୁଏ ଯେଉଁଥିରେ ଶେଷରେ ସବୁକିଛି ଭାଙ୍ଗିଯାଏ। ବିଶ୍ୱାସ, ସମ୍ପର୍କ ଏବଂ କେତେକ ସମୟରେ - ଏପରିକି ଜୀବନ। ପ୍ରତ୍ୟେକ ଭଙ୍ଗା ସମ୍ପର୍କ ହତ୍ୟା ନୁହେଁ, କିନ୍ତୁ ଯେତେବେଳେ ଏହା ପ୍ରତିଶୋଧର ପଥ ହୋଇଯାଏ, ସେତେବେଳେ ଏଥିରେ କେବଳ ଦୁଇଜଣ ବ୍ୟକ୍ତି ଚୂର୍ଣ୍ଣ ହୁଅନ୍ତି ନାହିଁ - ବିଶ୍ୱାସ, ପରିବାର ଏବଂ ସମାଜର ମୂଳଦୁଆ ମଧ୍ୟ ଭାଙ୍ଗିଯାଏ।

ଏହି ଘଟଣାଗୁଡ଼ିକ କେବଳ ପୋଲିସ ମାମଲା ନୁହେଁ। ଏଗୁଡ଼ିକ ହେଉଛି ଗଭୀରତା ଭିତରରୁ ଉଠୁଥିବା ଚିତ୍କାର, ଯେଉଁଠାରେ ଜଣେ ନିଜକୁ ହତ୍ୟା କରିବା ବ୍ୟତୀତ ଅନ୍ୟ କିଛି ଭାବିପାରେ ନାହିଁ। ଏହା ଏପରି ଏକ ସମାଜର ପରାଜୟ ଯାହା ଭାଙ୍ଗିବା ପୂର୍ବରୁ ଜଣେ ବ୍ୟକ୍ତିଙ୍କୁ କହିବାକୁ ମଧ୍ୟ ଅନୁମତି ଦିଏ ନାହିଁ। ଯେଉଁଠାରେ ଯୋଗାଯୋଗକୁ ଦୁର୍ବଳତା ଏବଂ ସ୍ୱଚ୍ଛତାକୁ ଅସ୍ୱସ୍ତି ବୋଲି ବିବେଚନା କରାଯାଏ। ପ୍ରକୃତ ପରାଜୟ ସେହିଠାରେ - ଯେଉଁଠାରେ ଏପରି ଘଟଣାଗୁଡ଼ିକୁ ନୈତିକତାର ଚାଦର ଘୋଡ଼ାଇ ଦିଆଯାଏ, କିମ୍ବା ଏକ ସମ୍ବେଦନଶୀଳତା ଭାବରେ ବିକ୍ରି କରାଯାଏ। କିନ୍ତୁ ପ୍ରତ୍ୟେକ ଥର ଫଳାଫଳ ସମାନ - ଆଉ ଏକ ମୃତଦେହ, ଆଉ ଏକ ଭାଇରାଲ ଭିଡିଓ, ଏବଂ ଗୋଟିଏ ଆଘାତରେ ଭାଙ୍ଗି ପଡ଼ିଥିବା ଆଉ ଏକ ଘର।

ଯେପର୍ଯ୍ୟନ୍ତ ସମ୍ପର୍କରେ ସ୍ୱଷ୍ଟତା, ଦାୟିତ୍ୱ ଏବଂ ରେଖୀୟ ପ୍ରତିବଦ୍ଧତା ନଥିବ ସେପର୍ଯ୍ୟନ୍ତ ପରିସ୍ଥିତି ଖରାପ ହୋଇ ଚାଲିଥିବ, କାରଣ ଯେକୌଣସି ସମ୍ପର୍କ କେବଳ ସେତେବେଳେ ବଞ୍ଚିଥାଏ ଯେତେବେଳେ ଏହା ବୋଝ ହୋଇନଥାଏ। ଏବଂ ବୋଝ ସେତେବେଳେ ସୃଷ୍ଟି ହୁଏ ଯେତେବେଳେ ଉଭୟଙ୍କ ମଧ୍ୟରେ ଯୋଗାଯୋଗ ବନ୍ଦ ହୋଇଯାଏ।




କଟକ(ଭାସ୍କର ନ୍ୟୁଜ୍): କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ବିଭିନ୍ନ ଶିଳ୍ପଭିତିକ ଯୋଜନାଗୁଡିକ ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇବା ଉଦ୍ଦେଶ୍ୟରେ ବାଲିଯାତ୍ରା ତଳ ପଡିଆରେ ବିକାଶ ମେଳାରେ ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ପିଏମ ବିଶ୍ୱକର୍ମା ଯୋଜନା, ପ୍ରଧାନମନ୍ତ୍ରୀ ରୋଜଗାର ସୃଜନ କାର୍ଯ୍ୟକ୍ରମ, ପ୍ରଧାନମନ୍ତ୍ରୀ ସୂକ୍ଷ୍ମ ଖାଦ୍ୟ ପ୍ରକ୍ରିୟାକରଣ ଉଦ୍‌ଯୋଗ ଯୋଜନା, ଗୁରୁ ଶିଷ୍ୟ ପରମ୍ପରା ତାଲିମ, ନିପୁଣ ଶିଳ୍ପୀଙ୍କ ମାଧ୍ୟମରେ ତାଲିମ, ଶିଳ୍ପୀ ଗ୍ରାମ ଯୋଜନା, ହସ୍ତଶିଳ୍ପ କାରିଗରଙ୍କ କର୍ମଶାଳା ନିର୍ମାଣ ଯୋଜନା, ଶିଳ୍ପୀ ଉନ୍ନତି ଯୋଜନା, ନମୁନା ବିକାଶ କାର୍ଯ୍ୟକ୍ରମ ଆଦି ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏଥିସହ ଲଘୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗଗୁଡିକୁ ପ୍ରୋତ୍ସାହନ ଦେବା ଦିଗରେ ବ୍ୟାଙ୍କଗୁଡିକର ଭୂମିକା ଉପରେ ମଧ୍ୟ ଜନସାଧାରଣଙ୍କୁ ଅବଗତ କରାଯାଇଥିଲା । କାର୍ଯ୍ୟକ୍ରମରେ ଜିଲ୍ଲା ଶିଳ୍ପ କେନ୍ଦ୍ରର ସାଧାରଣ ପରିଚାଳକ ତରୁଣକାନ୍ତ ମହାନ୍ତି, ଦୀପାର ଟିମ ଲିଡର୍ ସୁସ୍ମିତା ମହାନ୍ତି, ୟୁକୋ ବ୍ୟାଙ୍କର ରମଣ ମଲିକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସଫଳ ଉଦ୍ୟୋଗୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



# ସରିଲା ରଜ ମଉଜ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଇତିମଧ୍ୟରେ ଶେଷ ହୋଇଛି ଚଳିତବର୍ଷର ରଜ ମଉଜ । ରାଜ୍ୟର ଗଣପର୍ବ ରଜ ପାଇଁ ପ୍ରତ୍ୟେକ ପରିବାରରେ ଆନନ୍ଦ ଉଲ୍ଲାସ ପରିଲକ୍ଷିତ ହୋଇଥିଲା । ରଜ ତିନିଦିନ ବ୍ୟାପୀ ଆୟୋଜିତ ହୋଇଥିବା ବେଳେ ପହିଲି ରଜ, ରଜ ସଂକ୍ରାନ୍ତି ଓ ଭୂମି ଦହନ ଶେଷ ହେବା ପରେ ଚଳିତ ବର୍ଷ ରଜ ମଉଜ ଶେଷ ହୋଇଛି । ପୁଣି କୁମାରୀ ଓ ନବବଧୂମାନେ ଆର ବର୍ଷକୁ ରଜ ପାଳିବାକୁ ଅପେକ୍ଷା କରି ରହିଛନ୍ତି । ଚଳିତବର୍ଷ ଟ୍ୱିନ୍‌ସିଟିରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଧୂମ୍‌ଧାମରେ ରଜ ମହୋତ୍ସବ ଆୟୋଜିତ ହୋଇଥିବା ବେଳେ ଏହିସବୁ ସ୍ଥାନଗୁଡିକରେ ଦୋଳି ଖେଳଠାରୁ ଆରମ୍ଭକରି ପୁଚି, ଅଳତା, ମେହେନ୍ଦି ଲଗାଇବାର ପ୍ରତିଯୋଗିତାମାନ ହୋଇଥିଲା । ଆଉ କିଛି କିଛି ସ୍ଥାନରେ ଛୋଟ ପିଲାମାନଙ୍କୁ ଖୁସି କରାଇବା ନିମନ୍ତେ ଗୋଟିଏ ମଞ୍ଚରେ ନାଚ ଗୀତର ଆସର ଜମିଥିଲା । ଏହା ବ୍ୟତୀତ ମୀନାବଜାର ସାଙ୍ଗକୁ ଚଟପଟି ଖାଦ୍ୟର ମଜ୍ଜା ନେଇଥିଲେ ସହରବାସୀ । ସେହିପରି କଟକ ସହରରେ ଅନୁରୂପ ଭାବେ ରଜ ମହୋତ୍ସବକୁ ନିଆରା ଢଙ୍ଗରେ ସହରବାସୀ ପାଳିଥିବା ବେଳେ ଶେଷ ରଜରେ ସବୁଠି ଭିଡ ଜମିଥିଲା । ଏପରିକି ନନ୍ଦନକାନନରେ ପର୍ଯ୍ୟଟକଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଇଥିଲା । ରଜ ଛୁଟିରେ ସପରିବାର ନନ୍ଦନକାନନ ବୁଲି ପଶୁପକ୍ଷୀଙ୍କୁ ଦେଖିବା ସହ ଏହାକୁ ମନଭରି ଉପଭୋଗ କରିଥିଲେ । ଏହିଭଳି ଢଙ୍ଗରେ ଚଳିତବର୍ଷ ରଜ ପର୍ବ ଶେଷ ହୋଇଥିବା ବେଳେ ପୁଣି ଆରବର୍ଷକୁ ସମସ୍ତେ ଅପେକ୍ଷା କରିରହିଛନ୍ତି ।

## ରଜର ତୃତୀୟ ଦିନ ଭୂମି ଦହନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଆଜି ହେଉଛି ରଜର ତୃତୀୟ ଦିନ ଭୂମି ଦହନ । ରାଜ୍ୟରେ ବେଶ୍ ଉତ୍ସାହର ସହ ପାଳନ ହେଉଛି ରଜପର୍ବ । ପହିଲି ରଜ, ରଜ ସଂକ୍ରାନ୍ତି ପରେ ଆଜି ହେଉଛି ଭୂମି ଦହନ । ରଜ ପାଇଁ ଗାଁଠୁ ସହର ଉତ୍ସବ ମୁଖର । ପୋଡପିଠା ଖାଇ ରଜଦୋଳିରେ ଝୁଲୁଛନ୍ତି ଯୁବତୀ । ନୂଆ ଡ୍ରେସ ପିନ୍ଧିବା ସହ ଅଳତା, କୁଙ୍କୁମ ଲଗାଇ ସଜେଇ ହୋଇଛନ୍ତି କୁନି କୁନି ପିଲା । ରଜରେ ରଜପାନର କଥା ବେଶ୍ ନିଆରା । ରଜ ଓଡ଼ିଶାର ଏକ ପାରମ୍ପାରିକ ପର୍ବ ଓ ରାଜ୍ୟର ଗଣପର୍ବ । ଏହା ତିନିଦିନ ଧରି ପାଳନ କରାଯାଇଥାଏ । ରଜ ସଂକ୍ରାନ୍ତିର ପୂର୍ବଦିନ ପହିଲି ରଜ, ଦ୍ୱିତୀୟ ଦିବସ ହେଉଛି ରଜ ସଂକ୍ରାନ୍ତି, ତୃତୀୟ ଦିବସ ହେଉଛି ଭୂମିଦାହ ବା ଭୂମି ଦହନ ।

## ନେକ୍ସସ୍ ଏସ୍‌ପ୍ଲାନେଡ୍‌ରେ ରଜ ପର୍ବ ପାଳିତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ନେକ୍ସସ୍ ଏସ୍‌ପ୍ଲାନେଡ୍ ସବୁବେଳେ ସ୍ୱତନ୍ତ୍ର ଓ ଅନନ୍ୟ କାର୍ଯ୍ୟକ୍ରମ ଆଣିବା ପାଇଁ ପରିଚିତ ଯାହା ପ୍ରାସଙ୍ଗିକ ହୋଇଥାଏ। ଚଳିତ ରଜ ପର୍ବରେ ନେକ୍ସସ୍ ଏସ୍‌ପ୍ଲାନେଡ୍ ୩ ଦିନିଆ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ପ୍ରସ୍ତୁତ କରିଛି। ସହରର ପ୍ରମୁଖ ଖୁଚୁରା ଗନ୍ତବ୍ୟସ୍ଥଳ ରଜରେ ନାରୀତ୍ୱର ସମ୍ମାନର ଏକ ଭବ୍ୟ ଉତ୍ସବ ସହ ଓଡ଼ିଶାର ସବୁଠାରୁ ପ୍ରିୟ ପର୍ବର ଭାବନାକୁ ଗ୍ରହଣ କରୁଛି । ସପିଂ ଓ ମନୋରଞ୍ଜନ ପାଇଁ ଭୁବନେଶ୍ୱରର ଗନ୍ତବ୍ୟସ୍ଥଳ ଭାବେ ପରିଚିତ ନେକ୍ସସ ଏସ୍‌ପ୍ଲାନେଡ୍ ରଜରେ ଆସୁଥିବା ସମସ୍ତଙ୍କ ପାଇଁ ଘର ଭଳି ଅନୁଭବ କରାଇବାକୁ ଲକ୍ଷ୍ୟ ରଖିଛି। ସାଙ୍ଗମାନଙ୍କ ସହ ଗୋଟିଏ ଦିନ ପାଇଁ ହେଉ, ପାର୍ବଣ ସପିଂ ହେଉ କିମ୍ବା କେବଳ ଆନନ୍ଦରେ ଭିଜିବା ହେଉ, ସମସ୍ତଙ୍କ ପାଇଁ ଏଠାରେ କିଛି ନା କିଛି ଅଛି । ଓଡ଼ିଶା ପାଇଁ ଅନନ୍ୟ ୩ ଦିନିଆ ପର୍ବରେ ପୃଥିବୀ ମାତାଙ୍କ ବ୍ୟକ୍ତିତ୍ୱ ମାଧ୍ୟମରେ ପ୍ରକୃତିର ଚକ୍ର ପାଳନ କରିବା ସହ ଋତୁସ୍ରାବ ଓ ଉର୍ବରତାକୁ ପାଳନ କରାଯାଇଥାଏ।



ଚଳିତ ବର୍ଷ ନେକ୍ସସ ଏସ୍‌ପ୍ଲାନେଡ୍ ଏକ ଆନନ୍ଦଦାୟକ ବାତାବରଣ ସୃଷ୍ଟି କରିଛି ଯେଉଁଥିରେ ରଜ ଦୋଳି, ପାରମ୍ପରିକ ଖେଳ, ମେହେନ୍ଦି କର୍ଣ୍ଣର ଏବଂ ସେଲ୍ଫି ସ୍ପଟ୍ ରହିଛି, ଯାହା ରଜ ପର୍ବର ପ୍ରକୃତ ଭାବନାକୁ ଧରିବା ପାଇଁ ଡିଜାଇନ୍ କରାଯାଇଛି ।



ଆପାର୍ଟମେଣ୍ଟ ବୁଲି ଡାଇରିଆର ସମୀକ୍ଷା କରୁଛନ୍ତି ମେୟର ସୁଲୋଚନା ଦାସ

## ଏସ୍‌ସିବି ଡ଼ାଇରିଆ ୱାର୍ଡ ପରିଦର୍ଶନ କଲା କେନ୍ଦ୍ରୀୟ ଟିମ୍

କଟକ(ଭାସ୍କର ନ୍ୟୁଜ୍): କେନ୍ଦ୍ରୀୟ ଟିମର ୩ ଜଣିଆ ପ୍ରତିନିଧିଦଳ ମଙ୍ଗଳବାର କଟକ ଏସ୍‌ସିବିର ଡ଼ାଇରିଆ ୱାର୍ଡ ପରିଦର୍ଶନ କରି ଚିକିତ୍ସିତ ରୋଗୀଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିଛନ୍ତି। ନିଲମ ସୋମଲକର, ଡାକ୍ତର ପ୍ରମିତ ଘୋଷ, ମାଇକ୍ରୋ ବାୟୋଲୋଜିଷ୍ଟ ଡାକ୍ତର ସୃଜନା ମହାନ୍ତି ଏବଂ ଖାଦ୍ୟ ନିରାପତ୍ତା ଅଧିକାରୀ ଶଶିକାନ୍ତ ଭୂୟାଁ, ଅଧିକ୍ଷକ ପ୍ରଫେସର ଡା. ଗୌତମ କୁମାର ଶତପଥି ପ୍ରମୁଖଙ୍କୁ ନେଇ ଏହି ଦଳ ଚିକିତ୍ସିତ ରୋଗୀଙ୍କ ସ୍ୱାସ୍ଥ୍ୟବସ୍ଥା ସମ୍ପର୍କରେ ପଚାରି ବୁଝିଛନ୍ତି । ସୂଚନାଥାଉ କି ଗତ ୧୦ ତାରିଖଠାରୁ ଏ ପର୍ଯ୍ୟନ୍ତ ଏସ୍‌ସିବି ଡ଼ାଇରିଆ ୱାର୍ଡରେ ୧୪୬ ରୋଗୀ ଚିକିତ୍ସିତ ହୋଇ ୧୧୫ ରୋଗୀ ଆରୋଗ୍ୟ ହୋଇସାରିଛନ୍ତି ।

## ୨୦ରୁ ମଧ୍ୟାହ୍ନ ଭୋଜନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଜୁନ୍ ୨୦ରୁ ମିଳିବ ମଧ୍ୟାହ୍ନ ଭୋଜନ । ରାଜ୍ୟର ସମସ୍ତ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ଶିଶୁ ବାଟିକାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ଛାତ୍ରଛାତ୍ରୀଙ୍କୁ ଆସନ୍ତା ଜୁନ୍ ୨୦ ତାରିଖରୁ ମଧ୍ୟାହ୍ନ ଭୋଜନ ପ୍ରଦାନ କରାଯିବ । ଏନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ଜରିଆରେ ସୂଚନା ଦିଆଯାଇଛି ।

## ପଛକୁ ପଛ ମାଡ ହେଲା ୪ଟି ଟ୍ରକ୍

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ପାତ୍ରପଡା ଛକରେ ସିରିଜ ଦୁର୍ଘଟଣା ଓ ଟ୍ରକକୁ ଟ୍ରକ ରାସ୍ତା ଉପରେ ପିଟିଥିଲା ଓ ଏତେ ଯୋରରେ ଦୁର୍ଘଟଣା ଘଟିଥିଲା ଯେ, ଟ୍ରକଟି ମାଡ଼ ହୋଇ ଭାଙ୍ଗି ଯାଇଥିଲା ଓ ଏକାକାଳୀନ ୪ଟି ଟ୍ରକ ମାଡ଼ ହୋଇଥିବା ଦେଖିବାକୁ ମିଳିଥିଲା । ନିଶାଶକ୍ତ, ଏବଂ ଓଭରଟେକିଙ୍ଗକୁ ନେଇ ଦୁର୍ଘଟଣା ହୋଇଥିବା ଅନୁମାନ କରାଯାଉଛି ଓ ଏଥିରେ ୩ ଗୁରୁତର ଆହତଙ୍କୁ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି । ରାତି ୧୨ଟା ବେଳେ ଘଟିଛି ଏହି ଘଟଣା । ଦେଢ଼ଘଣ୍ଟା ଧରି ରାସ୍ତା ଜାମ ଲାଗି ରହିଥିଲା ଓ ଘଟଣାସ୍ଥଳରେ ପୋଲିସ ପହଞ୍ଚିବା ପରେ ସ୍ଥିତି ସୁଧୁରି ଥିଲା ।

## ମରଣାନ୍ତକ ଆକ୍ରମଣ, ୭ ଗିରଫ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଗାଡି ସାଇଡ ମରାକୁ ନେଇ ମରଣାନ୍ତକ ଆକ୍ରମଣ ହୋଇଛି । ୭ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି ସହିଦନଗର ଥାନା ପୋଲିସ । ଗିରଫ ଅଭିଯୁକ୍ତ ହେଲେ ବିକାଶ ରାଉତ ଓରଫ ବୁବୁ, ପ୍ରକାଶ ଦାସ ଓରଫ ବାବୁ, ଦେବି ପ୍ରସାଦ ବାରିକ ଓରଫ ବିକି, ସୁଧୀର କୁମାର ରାଉତରାୟ, ପୂର୍ଣ୍ଣ ଚନ୍ଦ୍ର ସିଅଳ, ରାକେଶ କୁମାର ସାହୁ, ରତ୍ନାକର ବେହେରା । ସେମାନେ ରସୁଲଗଡ, ଯାଜପୁର, ବାଲେଶ୍ୱର ଓ ପୁରୀ ଅଞ୍ଚଳର ହୋଇଥିବା ସୂଚନା ମିଳିଛି । ରସୁଲଗଡ଼ ଶିଳ୍ପାଞ୍ଚଳରେ ଗାଡି ପାର୍କିଂକୁ ନେଇ ବ୍ୟବସାୟୀ ତପନ କୁମାର ସ୍ୱାଇଁଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ । ବାଇକ ସକପଚର ଲୁହା ପାଇପରେ ଅଭିଯୁକ୍ତ ମାନେ ମରଣାନ୍ତକ ଆକ୍ରମଣ କରିଥିଲେ ।

## ରାଜ୍ୟବାସୀଙ୍କୁ ବର୍ଷ ପୂର୍ତ୍ତିର ରିପୋର୍ଟ କାର୍ଡ ଦେବେ ପ୍ରଧାନମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଆସନ୍ତା ୨୦ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓଡ଼ିଶା ଆସୁଛନ୍ତି । ପ୍ରଧାନମନ୍ତ୍ରୀ ରାଜ୍ୟବାସୀଙ୍କୁ ବିଜେପି ସରକାରର ରିପୋର୍ଟ କାର୍ଡ ଦେବେ ବୋଲି କହିଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା । ସେ କହିଛନ୍ତି ରାଜ୍ୟ ସରକାରଙ୍କ ଏକ ବର୍ଷର ଉପଲବ୍ଧି ଅନେକ ରହିଛି। ଡବଲ ଇଞ୍ଜିନ ସରକାରଙ୍କ ଏହା ହେଉଛି ବର୍ଷ ପୂର୍ତ୍ତି। କାରଣ ରାଜ୍ୟରେ ବିଜେପି ସରକାରଙ୍କୁ ଏକ ବର୍ଷ କେନ୍ଦ୍ରରେ ମୋଦି ସରକାରଙ୍କ ୧୧ ବର୍ଷ ପୂର୍ତ୍ତି। ୧ ଆଉ ୧୧ ମିଶି ୧୧୧ ସ୍ପିଡରେ କାମ କରିବ ଡବଲ ଇଞ୍ଜିନ ସରକାର। ଉଭୟ ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀ ଲୋକଙ୍କୁ ବିଜେପି ସରକାର କାମର ରିପୋର୍ଟ କାର୍ଡ ଦେବେ ।

## ନିଶାଶକ୍ତ ଅବସ୍ଥାରେ ଯୁବତୀ ଉଦ୍ଧାର
## ୨ ବଙ୍ଗୀୟ ଯୁବକ ଅଟକ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜଧାନୀରେ ନିଶାଶକ୍ତ ଅବସ୍ଥାରେ ଯୁବତୀ ଉଦ୍ଧାର, ଦୁଇ ବଙ୍ଗୀୟ ଯୁବକ ଅଟକ । ଭୁବନେଶ୍ୱର ଖଣ୍ଡଗିରି ଅଞ୍ଚଳରୁ ଦୁଇ ବଙ୍ଗୀୟ ଯୁବକ ଅଟକ । ଗତ ସୋମବାର ବିଳମ୍ବିତ ରାତିରେ ଜଣେ ଯୁବତୀଙ୍କ ସହ ଉତ୍ପାତ କରୁଥିବା ବେଳେ ସମସ୍ତଙ୍କୁ କାବୁ କଲା ପୋଲିସ । ନିଶାଶକ୍ତ ଯୁବତୀଙ୍କୁ ହସ୍ପିଟାଲରେ ଭର୍ତି କରାଯାଇଛି । ଦୁଇ ବଙ୍ଗୀୟ ଯୁବକଙ୍କୁ ପଚରାଉଚରା କରାଯାଉଛି । ୩ଜଣ ଭୁବନେଶ୍ୱରରେ ରହି ମିସ୍ତ୍ରୀ କାମ କରନ୍ତି ।

## ଖୁବ୍‌ଶୀଘ୍ର ନିଯୁକ୍ତି ହେବେ ମହିଳା କମିଶନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଖୁବଶୀଘ୍ର ନିଯୁକ୍ତି ହେବେ ମହିଳା କମିଶନ। ଏହା ଉପରେ ତର୍ଜମା ଚାଲିଛି। ଏକା ସମୟରେ ମହିଳା କମିଶନ, ଶିଶୁ କମିଶନ ପଦବୀ ପୂରଣ ହେବ ବୋଲି ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଭାତୀ ପରିଡ଼ା ପ୍ରକାଶ କରିଛନ୍ତି । ଏହି କମିଶନ୍ ପଦବୀ ଗୁଡିକ ପୂରଣ ହେଲେ ରାଜ୍ୟବାସୀ ଉପକୃତ ହେବେ ।

## ମୁଖ୍ୟମନ୍ତ୍ରୀଙ୍କ ସହ ଷଷ୍ଠ ରାଜ୍ୟ ଅର୍ଥ କମିଶନଙ୍କ ଆଲୋଚନା



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଷଷ୍ଠ ରାଜ୍ୟ ଅର୍ଥ କମିଶନ ସୋମବାର ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରି ରାଜ୍ୟର ସ୍ଥାନୀୟ ନିକାୟ ସଂସ୍ଥାଗୁଡ଼ିକୁ ସଶକ୍ତ କରିବା ପାଇଁ ତାଙ୍କର ବହୁମୂଲ୍ୟ ପରାମର୍ଶ ଲୋଡ଼ିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଓଡ଼ିଶା ରାଜ୍ୟ ଅର୍ଥ କମିଶନର ୱେବସାଇଟ୍ ଉନ୍ମୋଚନ କରିଛନ୍ତି । ଏହି ୱେବସାଇଟ୍ ନିର୍ବାଚିତ ପ୍ରତିନିଧି, ଗ୍ରାମ ପଞ୍ଚାୟତ, ପଞ୍ଚାୟତ ସମିତି, ଜିଲ୍ଲା ପରିଷଦ, ନଗର ନିଗମ, ପୌରପାଳିକା, ବିଜ୍ଞାପିତ ଅଞ୍ଚଳ ପରିଷଦ, ବୁଦ୍ଧିଜୀବୀ, ବିଶ୍ୱବିଦ୍ୟାଳୟ ଏବଂ ଗବେଷଣା ସଂଗଠନ, ସାମାଜିକ ସଂଗଠନ ଏବଂ ବ୍ୟକ୍ତିବିଶେଷଙ୍କଠାରୁ ପରାମର୍ଶ/ମତାମତ ଆହ୍ୱାନ କରିବା ପାଇଁ ବିକଶିତ କରାଯାଇଛି । ୱେବସାଇଟ୍‌ରେ ଜନସାଧାରଣଙ୍କ ସୂଚନା ପାଇଁ ପୂର୍ବ ଏବଂ ବର୍ତ୍ତମାନର ରାଜ୍ୟ ଅର୍ଥ କମିଶନ, ଅଧ୍ୟୟନ ରିପୋର୍ଟ, ପୂର୍ବ ରାଜ୍ୟ ଅର୍ଥ କମିଶନର ରିପୋର୍ଟ ଇତ୍ୟାଦିର ବିବରଣୀ ମଧ୍ୟ ରହିଛି । ବୈଠକରେ ଷଷ୍ଠ ରାଜ୍ୟ ଅର୍ଥ କମିଶନର ଅଧ୍ୟକ୍ଷ ଡକ୍ଟର ଅରୁଣ କୁମାର ପଣ୍ଡା, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗର ପ୍ରମୁଖ ଶାସନ ସଚିବ ବିଶାଳ କୁମାର ଦେବ, ଷଷ୍ଠ ରାଜ୍ୟ ଅର୍ଥ କମିଶନର ସଦସ୍ୟ ପ୍ରଫେସର ଅସିତ ରଞ୍ଜନ ମହାନ୍ତି, ପ୍ରଫେସର ଅମରେଶ ସାମନ୍ତରାୟ ଏବଂ ଡକ୍ଟର ବିଭୁ ପ୍ରସାଦ ନାୟକ, କମିଶନର ସଦସ୍ୟ ସଚିବ ଡକ୍ଟର ସତ୍ୟପ୍ରିୟ ରଥ ପ୍ରମୁଖ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ ଯେ ରାଜ୍ୟପାଳ, ଭାରତୀୟ ସମ୍ବିଧାନର ଧାରା ୨୪୩-ଆଇ ଏବଂ ଧାରା ୨୪୩-ୱାଇ ଅନୁଯାୟୀ, ଡକ୍ଟର ଅରୁଣ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଷଷ୍ଠ ରାଜ୍ୟ ଅର୍ଥ କମିଶନ ଗଠନ କରିଛନ୍ତି, ଯାହା ୧ ଏପ୍ରିଲ ୨୦୨୬ରୁ ୫ ବର୍ଷ ପାଇଁ ରାଜ୍ୟ ସରକାରଙ୍କଠାରୁ ସ୍ଥାନୀୟ ନିକାୟ ସଂସ୍ଥାଗୁଡିକୁ ସମ୍ବଳ ହସ୍ତାନ୍ତର ପାଇଁ ସୁପାରିଶ କରିବେ ।

**ରାଜ୍ୟ ଅର୍ଥ କମିଶନର ୱେବ୍‌ସାଇଟ୍ ଉନ୍ମୋଚିତ**

## ଏଚ୍‌ଏଲ୍‌ସିଏ ବୈଠକରେ ୮ ମେଗା ପ୍ରକଳ୍ପକୁ ମଞ୍ଜୁରି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ସୋମବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଏଚ୍‌ଏଲ୍‌ସିଏର ଏକ ବୈଠକ ବସି ୧,୫୧,୨୩୯ କୋଟି ଟଙ୍କାର ୮ଟି ମେଗା ପ୍ରକଳ୍ପକୁ ମଞ୍ଜୁରି ଦିଆଯାଇଛି । ଢେଙ୍କାନାଳରେ ବେଦାନ୍ତ ଆଲୁମିନା ସ୍ଥାପନ କରିବ । ଏଥିପାଇଁ ୧ଲକ୍ଷ ୨୮ ହଜାର କୋଟି ଟଙ୍କା ବିନିଯୋଗ କରିବ । ଏହା ଫଳରେ ୩୦ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିବ । ଏଥିସହ ଏକ କ୍ୟାପ୍ଟିଭ୍ ପାୱାର ପ୍ଲାଣ୍ଟ ମଧ୍ୟ ସ୍ଥାପନ କରାଯିବ । ସେହିପରି ଏସ୍‌ଆରଏଫ୍ ଲିମିଟେଡ୍ ଧାତୁ ଜିନ୍ଦଲ ଇଣ୍ଡିଆ ଷ୍ଟିଲଟେକ୍ ଲିମିଟେଡ୍, ଶ୍ୟାମ ଷ୍ଟିଲ ମ୍ୟାନୁଫାକଚରିଂ ଲିମିଟେଡ, ଲିଣ୍ଡେ ଇଣ୍ଡିଆ ଲିମିଟେଡ୍ ପ୍ରମୁଖ ବିଭିନ୍ନ ପ୍ରକାର ଶିଳ୍ପ ପ୍ରତିଷ୍ଠା କରିବେ ବୋଲି ସୂଚନା ଦିଆଯାଇଛି । ଏହା ଫଳରେ ୬୦ହଜାର ୨୦୦ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିବ ।

## ‘ସମ୍ବିଧାନର ସୁରକ୍ଷା ପାଇଁ କଂଗ୍ରେସ ସଂଗ୍ରାମ ଜାରି ରଖିବ’



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟରେ ଶାସନ ଦିଗହରା ହେଉଥିବାବେଳେ ମିଥ୍ୟା ବିକାଶର ଡିଣ୍ଡିମ ପିଟୁଛନ୍ତି ମୋହନ ସରକାର। କେବଳ ରଙ୍ଗମାରି ଭେଳିକି ଦେଖାଇ ମିଛ କୁହା କୁଆ ଭଳି ଚାରିଆଡେ ରାଉରାଉ ଶବ୍ଦ ଶୁଭୁଛି। କଂଗ୍ରେସ ଯେଭଳି ସଂଗ୍ରାମ କରି ଦେଶକୁ ସ୍ୱାଧୀନତା ଆଣିଥିଲା ସେହିଭଳି ସମ୍ବିଧାନର ସୁରକ୍ଷା ପାଇଁ କଂଗ୍ରେସ ତା’ର ସଂଗ୍ରାମ ଜାରି ରଖିବ। ଓଡ଼ିଶାରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ, ସ୍ୱାସ୍ଥ୍ୟ ଅବସ୍ଥା ଉଦ୍‌ବେଗଜନକ। ନାରୀ ହିଂସା ସୀମା ପାର ହୋଇଥିବାବେଳେ ରାଜ୍ୟରେ ବିଜେପି ସରକାରଙ୍କଠାରୁ ବିକାଶ ଆଶା କରିବା ବୃଥା ବୋଲି କଂଗ୍ରେସର ବରିଷ୍ଠ ନେତା ତାରା ପ୍ରସାଦ ବାହିନିପତି କଂଗ୍ରେସ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। ସୋମବାର କଂଗ୍ରେସ ଭବନରେ ସମ୍ବିଧାନ ବଞ୍ଚିଲେ ଦେଶ ବଞ୍ଚିବ। ସମ୍ବିଧାନର ସୁରକ୍ଷା ନେଇ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଓ ଏ.ଆଇସିସି ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖର୍ଗେ ଯେଉଁ ଡାକରା ଦେଇଛନ୍ତି ତାହା ରାଜ୍ୟର ପ୍ରତ୍ୟେକ ଜିଲ୍ଲାରେ କଂଗ୍ରେସ କର୍ମୀ ଏହାକୁ ଏକ ସଂଗ୍ରାମ ରୂପେ ଗଢ଼ି ତୋଳିବାକୁ ସଂକଳ୍ପ ନେଇଛନ୍ତି ବୋଲି ଶ୍ରୀ ବାହିନିପତି କହିଛନ୍ତି। ବିଧାୟକ ଦଳ ଉପନେତା ଅଶୋକ ଦାସ କହିଥିଲେ ଯେ ସ୍ୱାଧୀନତା ପରେ ଆମ ସମ୍ବିଧାନ ୧୯୫୦ ମସିହା ଜାନୁୟାରୀ ୨୬ ତାରିଖରୁ ଲାଗୁ ହୋଇଥିଲା। ଜନତାଙ୍କ ହିତକାରୀ ଭାବେ ବିଧିବ୍ୟବସ୍ଥାରେ ଦେଶରେ ଶାସନ ଚାଲିବ ଓ ଲୋକ ଉପକୃତ ହେବେ। ବିଜେପି ସରକାର ଯେବେଠାରୁ ଆସିଛି ସେବେଠୁ ସମ୍ବିଧାନ ଛିନ୍‌ଭିନ୍ କରି ବିଶୃଙ୍ଖଳା ସୃଷ୍ଟି କରିଛି। ତେଣୁ କଂଗ୍ରେସ ସମ୍ବିଧାନ ବଞ୍ଚାଅ ଦେଶ ବଞ୍ଚାଅ ଡାକରା ଦେଇ ଲୋକଙ୍କ ପାଖକୁ ଯାଉଛି। ବିଜେପିର ମନ୍ତ୍ରୀମାନେ ଜିଲ୍ଲାକୁ ଜିଲ୍ଲା ବୁଲି ମିଥ୍ୟା ପ୍ରଚାରରେ ମାତିଛନ୍ତି। ମିଥ୍ୟା ପ୍ରତିଶ୍ରୁତି ଦେଇ ଯେଭଳି ପ୍ରତାରଣା କରିଛନ୍ତି ସେହିବାର୍ତ୍ତା ଲୋକଙ୍କ ପାଖରେ ପହଂଚାଇବା ପାଇଁ କଂଗ୍ରେସ ସମ୍ବିଧାନ ବଞ୍ଚାଅ ଦେଶ ବଞ୍ଚାଅ କାର୍ଯ୍ୟକ୍ରମ ହାତକୁ ନେଇଛି ବୋଲି ଶ୍ରୀ ଦାସ କହିଛନ୍ତି। ଅନ୍ୟମାନଙ୍କ ଭିତରେ ଭୁବନେଶ୍ୱର ଜିଲ୍ଲା ସଭାପତି ବିଶ୍ୱଜିତ ଦାସ, ଜିଲ୍ଲା ପର୍ଯ୍ୟବେକ୍ଷକ ଜାନକୀ ବଲ୍ଲଭ ପଟ୍ଟନାୟକ, ସେବାଦଳ ଅଧ୍ୟକ୍ଷ ଶୁଭେନ୍ଦୁ ମହାନ୍ତି, ପିସିସି ସମ୍ପାଦକ ଶ୍ରୀକ୍ଷିଶ୍ରୀ ହରିଚନ୍ଦନ, ବରିଷ୍ଠ କଂଗ୍ରେସ ନେତା ଶିବାନନ୍ଦ ରାୟ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ବିଶ୍ୱଜିତ ଦାସଙ୍କ ଅଧ୍ୟକ୍ଷତାରେ ସମ୍ବିଧାନ ବଞ୍ଚାଅ ଓ ଦେଶ ବଞ୍ଚାଅ କାର୍ଯ୍ୟକ୍ରମ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି।

## ଜାତୀୟ ଯୁବ ନେତୃତ୍ୱ ବିକାଶ ଶିବିରରେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟକୁ ସୁଯୋଗ



କଟକ(ଭାସ୍କର ନ୍ୟୁଜ): ଦାର୍ଜିଲିଂର କର୍ସିୟାଙ୍ଗସ୍ଥିତ ସ୍ନୋ ହ୍ୱାଇଟ୍ କ୍ୟାମ୍ପସାଇଟ୍ ଅନ୍ତର୍ଗତ ନ୍ୟାସନାଲ ଆଡଭେଞ୍ଚର ଇନଷ୍ଟିଚ୍ୟୁଟ୍ ଆଣ୍ଡ ଟ୍ରେନିଂ ସେଣ୍ଟରରେ ଗତ ୧୧ରୁ ୧୫ ତାରିଖ ପର୍ଯ୍ୟନ୍ତ ଭାରତ ସ୍କାଉଟ୍ସ ଓ ଗାଇଡ୍ସର ଜାତୀୟ ମୁଖ୍ୟାଳୟ ପକ୍ଷରୁ ଜାତୀୟସ୍ତରୀୟ ଯୁବ ନେତୃତ୍ୱ ବିକାଶ ଶିବିର ସଫଳତାର ସହ ସମ୍ପନ୍ନ ହୋଇଯାଇଛି । କଟକସ୍ଥିତ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର କୃଷି ବିଭାଗ ସହକାରୀ ପ୍ରାଧ୍ୟାପକ ଡ.ସନ୍ଦିପ ରାଉତଙ୍କ ନେତୃତ୍ୱରେ ଓଡ଼ିଶାରୁ ୧୫ ଜଣିଆ ଦଳ ସଫଳତାର ସହ ଅଂଶଗ୍ରହଣ କରି ପ୍ରତ୍ୟାବର୍ତ୍ତନ କରିଛନ୍ତି । ବିଭିନ୍ନ ଶିକ୍ଷାନୁଷ୍ଠାନରୁ ଆସିଥିବା ୬ ଜଣ ଲେଖାଏଁ ରୋଭର୍ସ ଓ ରେଞ୍ଜର୍ସ ଥିବାବେଳେ ୩ ୟୁନିଟ୍ ଲିଡର ସାମିଲ ଥିଲେ । ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରୁ ରୋଭର୍ ରାକେଶ କୁମାର ମଲ୍ଲିକ, ଦୀପକ କୁମାର ପଣ୍ଡା ଏବଂ ରୋଭର ସ୍କାଉଟ୍ ଲିଡର ଡ. ସନ୍ଦିପ ରାଉତ ସାମିଲ ଥିଲେ । ଶିବିରରେ ଭାରତର ୧୪ଟି ଭିନ୍ନ ଭିନ୍ନ ରାଜ୍ୟର ସମୁଦାୟ ୧୭୬ ରୋଭର୍ସ, ରେଞ୍ଜର୍ସ ଓ ଲିଡର ଅଂଶଗ୍ରହଣ କରିଥିଲେ । ସହକାରୀ ନିର୍ଦ୍ଦେଶକ ଆନାଲେନ୍ଦ୍ର ଶର୍ମାଙ୍କ ସଫଳ ନେତୃତ୍ୱରେ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା । କାର୍ଯ୍ୟକ୍ରମରେ ଉତ୍ତର-ପୂର୍ବ ରେଳବାଇର ରାଜ୍ୟ ପ୍ରଶିକ୍ଷଣ ଆୟୁକ୍ତ ଅନୁଜ ରଞ୍ଜନ, କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନର ରାଜ୍ୟ ଅର୍ଗାନାଇଜିଂ ଆୟୁକ୍ତ ଜି.ଭୁବନ ବାବୁ ତଥା ମେଘାଳୟ ରାଜ୍ୟ ପ୍ରଶିକ୍ଷଣ ଆୟୁକ୍ତ ଅଡିୟୋର ପ୍ରମୁଖ ସକ୍ରିୟ ଭାବରେ ଜଡ଼ିତ ଥିଲେ । ସମାରୋହରେ ପଶ୍ଚିମବଙ୍ଗ ରାଜ୍ୟ ଆୟୁକ୍ତ (କବ୍) ଯୋଗେନ୍ଦ୍ର ପ୍ରସାଦ ଏବଂ କର୍ସିୟାଙ୍ଗର ଉପଜିଲ୍ଲାପାଳ ବି.ତେଜା ଦୀପକ ଅଂଶଗ୍ରହଣକାରୀଙ୍କୁ ମାର୍ଗଦର୍ଶନ କରିଥିଲେ । ଶିବିରରେ ଓଡ଼ିଶାକୁ ପ୍ରତିନିଧିତ୍ୱ କରି ସଫଳତାର ସହ ପ୍ରତ୍ୟାବର୍ତ୍ତନ କରିଥିବାରୁ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ୩ବିଦ୍ୟାର୍ଥୀ ଓ ପ୍ରାଧ୍ୟାପକଙ୍କୁ କୁଳପତି ପ୍ରଫେସର ତେଜପ୍ରତାପ, ଛାତ୍ରକଲ୍ୟାଣ ଡିନ୍ ପ୍ରଫେସର ଜୟପ୍ରକାଶ ଭଟ୍ଟ ଏବଂ ସର୍ବୋପରି କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ ପ୍ରମୁଖ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି ।

## ‘ଦକ୍ଷତାଭିତ୍ତିକ ତାଲିମ ଦ୍ୱାରା ପୀଡିତାଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ ମୂଳ ଲକ୍ଷ୍ୟ’

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓଡ଼ିଶା ରାଜ୍ୟ ମହିଳା ଆୟୋଗ ଆନୁକୂଲ୍ୟରେ ଭୁବନେଶ୍ୱରସ୍ଥିତ ରାଜ୍ୟ ମହିଳା ଓ ଶିଶୁ ପ୍ରତିଷ୍ଠାନ ସଭା ଗୃହରେ ଲିଙ୍ଗଭିତ୍ତିକ ହିଂସା ଏବଂ ପୀଡିତାମାନଙ୍କ ମାନସିକ ଆଘାତ ଯତ୍ନ ସମ୍ପର୍କିତ ରାଜ୍ୟସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଲିଙ୍ଗଭିତ୍ତିକ ହିଂସା ପ୍ରତି ସରକାର ଶୂନ୍ୟ ସହନଶୀଳତା ନୀତି ଆପଣେଇଛନ୍ତି ବୋଲି ଦୃଢ ମତ ରଖିଥିଲେ । ସଖୀ-ୱାନ ଷ୍ଟପ ସେଣ୍ଟର ଭଳି କେନ୍ଦ୍ରମାନଙ୍କରେ ରହୁଥିବା ପୀଡିତମାନଙ୍କ ଦକ୍ଷତା ବିକାଶ ଉପରେ ଧ୍ୟାନ ଦେଇ ସେମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ସହ ସେମାନଙ୍କ ଆତ୍ମବିଶ୍ୱାସକୁ ପୁନର୍ଜିବିତ କରି ବଞ୍ଚିବାର ରାହା ପ୍ରଦାନ କରିବାକୁ ସେ ମତ ପ୍ରକାଶ କରିଥିଲେ । ଲିଙ୍ଗଭିତ୍ତିକ ହିଂସା ସହ ଜଡ଼ିତ କେସଗୁଡିକୁ ସମ୍ବେଦନଶୀଳ ଭାବେ ସମାଧାନ କରିବା ପାଇଁ ସେ ପୋଲିସ କାର୍ଯ୍ୟକର୍ତ୍ତାମାନଙ୍କୁ ପରାମର୍ଶ ଦେଇଛନ୍ତି । ଏହି ଅବସରରେ ଶୁଭା ଶର୍ମା, ପ୍ରମୁଖ ଶାସନ ସଚିବ, ମହିଳା ଶିଶୁ ବିକାଶ ବିଭାଗ ତଥା ଅଧ୍ୟକ୍ଷ, ଓଡ଼ିଶା ରାଜ୍ୟ ମହିଳା ଆୟୋଗ ଲିଙ୍ଗଭିତିକ ହିଂସାକୁ ରୋକିବା ନିମନ୍ତେ ରାଜ୍ୟସରକାରଙ୍କ ସମସ୍ତ ବିଭାଗକୁ ସମନ୍ୱୟରେ କାର୍ଯ୍ୟ କରିବାକୁ ପଡିବ ବୋଲି ସେ ଉଲ୍ଲେଖ କରିଥିଲେ। ଏହି କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିରୋଧୀ ଅପରାଧ ଶାଖା, ପୋଲିସ ମହାନିରୀକ୍ଷକ, ସାଇନି ଏସ. ନିଜ ପରିବାର ସଦସ୍ୟଙ୍କ ଦ୍ୱାରା ମହିଳାମାନଙ୍କ ପ୍ରତି ବଢୁଥିବା ହିଂସାକୁ ନେଇ ଚିନ୍ତାବ୍ୟକ୍ତ କରିଥିଲେ । ଏଥିପାଇଁ ସମାଜର ମନୋଭାବରେ ପରିବର୍ତ୍ତନର ଆବଶ୍ୟକତା ଅଛି ବୋଲି ସେ ଦୃଢ ମତ ରଖିଥିଲେ। ୟୁଏନଏଫପିଏ ଇଣ୍ଡିଆ ରିପ୍ରେଜେଣ୍ଟେଟିଭ ଓ କଣ୍ଟ୍ରି ଡିରେକ୍ଟର, ଭୁଟାନ, ମିସ ଆନ୍ଦ୍ରିୟା ଏମ. ୱ୍ଜନର ଓଡ଼ିଶାରେ ମହିଳା ସଶକ୍ତିକରଣ ପାଇଁ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡାଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ । ଲିଙ୍ଗଭିତିକ ହିଂସା ଲୋପ କରିବା ନିମନ୍ତେ ସେ ସାମୁହିକ କର୍ତବ୍ୟ ଉପରେ ଗୁରୁତ୍ୱାରୋପ କରିଛନ୍ତି । ଏହି କର୍ମଶାଳାରେ ପଦ୍ମଶ୍ରୀ ପୁରସ୍କାରପ୍ରାପ୍ତ ସମାଜସେବୀ ତଥା ହାଇଦ୍ରାବାଦସ୍ଥିତ ପ୍ରଜ୍ୱଳା ସାମାଜିକ ଅନୁଷ୍ଠାନର ପ୍ରତିଷ୍ଠାତା ସୁନିତା କ୍ରୀଷ୍ଣନ କାର୍ଯ୍ୟକ୍ରମରେ ସମ୍ବଳ ବ୍ୟକ୍ତି ଭାବେ ଯୋଗଦାନ କରି ବିଶେଷ ଉପସ୍ଥାପନା ସହ ଅଂଶଗ୍ରହଣକାରୀଙ୍କୁ ଏହି ପ୍ରସଙ୍ଗରେ ସୂଚନା ପ୍ରଦାନ କରିବା ସହ ବିଶଦ ଆଲୋଚନା କରିଥିଲେ ।





କେନ୍ଦୁଝର, (ଭାସ୍କର ନ୍ୟୁଜ) : କେନ୍ଦୁଝର ଜିଲ୍ଲାରେ ରଜପର୍ବ ଆହୁରି ଦୁଇ ତିନିଦିନ ଧରି ପାଳିତ ହେବାକୁ ଥିବାରୁ ରଜ ଆସର ଜମିବ ବୋଲି କୁହାଯାଉଛି । ମହିଳାଠାରୁ ପୁରୁଷ, ଛୋଟଠାରୁ ବଡ ଏବଂ ଯୁବକଠାରୁ ଯୁବତୀଙ୍କ ଯାଏ ରଜପର୍ବକୁ ସରସସୁନ୍ଦର ଭାବେ ପାଳନ ପାଇଁ ମସଗୁଲ । ଘରେ ଘରେ ନୂତନ ବସ୍ତ୍ର ଓ ସୁଖାଦ୍ୟ ଭୋଜନରେ ସମସ୍ତେ ଖୁସି । ବନ୍ଧୁବାନ୍ଧବମାନଙ୍କର ଉପସ୍ଥିତି ରଜ ମାହୋଲକୁ ଆହୁରି ଉଷ୍ମ କରି ଦେଉଛି । ପ୍ରଥମ ରଜ ଦିନ ଜିଲ୍ଲାର ବିଭିନ୍ନ ସ୍ଥାନରେ ଦୋଳିଖୁଣ୍ଟା ପରେ ରଜ ମଉଜ ଆରମ୍ଭ ହୋଇଥିବାବେଳେ ସ୍ଥାନେ ସ୍ଥାନେ ରଜଗୀତ ପ୍ରତିଯୋଗୀତା ଆୟୋଜନ କରାଯାଇଥିବା ଜଣାପଡିଛି । ରଜ ସଂକ୍ରାନ୍ତି ଅବସରରେ ଦୋଳିରେ ଯୁବତୀ, ମହିଳା ଓ ଶିଶୁମାନଙ୍କର ଭିଡ ପରିଲକ୍ଷିତ ହୋଇଛି । ଜିଲ୍ଲାର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ସାତାବିଞ୍ଜି ସମେତ ବାଣାଝରି, ଗଡାଧରପୁର, ଉପରଡିହା, ବିଷ୍ଣୁପାଳ, ରାଇସୁଆଁ ହର୍ଷପୁର, ସେଣ୍ଟକାପ, ପୁଟୁଳିଆ, ଚଉଁସରୁଆ, ପୁରୁଣାବଜାର ଡିପାସାହି, ଝାରବେଲଡା, ଖିରୋଇଟାଙ୍ଗିରୀ, ମଇଦାନକେଲ, ଧନୁର୍ଜୟପୁର ସମେତ ଅନେକ ସ୍ଥାନରେ ଯୁବକ ଶରଣ ଓ ଦୋଳି ଖେଳର ପ୍ରକମିତ ହେଉଛି । ପଟ୍ଟାଦୋଳି, ଖାଇଦୋଳି, ଚକ୍ରି ଦୋଳି, ରାମଦୋଳିରେ ଯୁବକ, ଯୁବତୀ ଓ କିଶୋର କିଶୋରୀମାନେ ଦୋଳି ଖେଳର ମଜା ଉଠାଉଥିବାବେଳେ ନୂତନ ବସ୍ତ୍ର ପରିଧାନ କରି ଦୋଳି ଖେଳୁଥିବାର ଦୃଶ୍ୟ ବେଶ ମନୋମୁଗ୍ଧକର ଥିଲା ।



# କଳା ବ୍ୟାଚ ପିନ୍ଧି ଶାନ୍ତିପୂର୍ଣ୍ଣ ପ୍ରତିବାଦ କଲେ ଅଣଗେଜେଟେଡ଼ ବନ ବିଭାଗ କର୍ମଚାରୀ

କୋରୁକୋଣ୍ଡା, (ଭାସ୍କର ନ୍ୟୁଜ) : ଦୀର୍ଘ ଦିନରୁ ଓଡିଶା ଅଣ ଗେଜେଟେଡ଼ ବନ ସେବା ସଂଘ ପକ୍ଷରୁ ରାଜ୍ୟ ସରକାରଙ୍କ ନିକଟରେ ବିଭିନ୍ନ ଦାବି କରି ଆସୁଥିଲେ ମଧ ରାଜ୍ୟ ସରକାର ସେମାନଙ୍କର ଦାବି ଗୁଡିକ ପ୍ରତି ସକରାତ୍ମକ ନିଷ୍ପତ୍ତି ନେଇନଥିବା ପ୍ରତିବାଦରେ ରବିବାର ଦିନ ରାଜ୍ୟ ଅଣଗେଜେଟେଡ଼ ବନବିଭାଗ ସେବା ସଂଘର ନିଷ୍ପତି କ୍ରମେ ବାଲିମେଳା ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟ ଅଧୀନରେ କାର୍ଯ୍ୟରତ ଥିବା ବାଲିମେଳା ବନପାଳ ମୋହନ ଗୁଡ଼ିଆ, ବନରକ୍ଷୀ ପ୍ରଶାନ୍ତ କୁମାର ରାଉତ, ସୁପ୍ରଭା ଦାସ, ଜ୍ୟୋଶ୍ନାମୟୀ ପଣ୍ଡା, ସେହିପରି ବାଲିମେଳା ବନାଞ୍ଚଳ ଅଧୀନରେ ଥିବା ସୋମନାଥପୁର ବନ କାର୍ଯ୍ୟାଳୟରେ କାର୍ଯ୍ୟରତ ଥିବା ବନପାଳ କ୍ଷୀର ଲତା ନାୟକ, ବନ ରାକ୍ଷୀ ସୁପ୍ରଭା ଜେନା ଏବଂ ସଂଯୁକ୍ତା ମଣ୍ଡଳଙ୍କ ସମେତ ସମସ୍ତ ଅଣ ଗେଜେଟେଡ଼ ବନ କର୍ମଚାରୀ ମାନେ କଳା ବ୍ୟାଚ



ପରିଧାନ କରି ଶାନ୍ତିପୂର୍ଣ୍ଣ ଭାବେ ପ୍ରତିବାଦ ଜଣାଇଛନ୍ତି । ଆସନ୍ତା ୨୧ ତାରିଖ ପର୍ଯ୍ୟନ୍ତ ସମସ୍ତ କର୍ମଚାରୀ କଳା ବ୍ୟାଚ ପରିଧାନ କରି ପ୍ରତିବାଦ ଜଣାଇବାକୁ ସଙ୍ଘ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି । ଯଦି ୨୧ ତାରିଖ ସୁଧା ଦାବି ପୂରଣ ନହେଲେ ରାଜ୍ୟ ସଂଘର ନିଷ୍ପତ୍ତି କ୍ରମେ ଆସନ୍ତା ୨୨ ତାରିଖ ଠାରୁ ଅନିର୍ଦ୍ଧିଷ୍ଟ କାଳ ପର୍ଯ୍ୟନ୍ତ ସମସ୍ତ ଅଣ ଗେଜେଟେଡ଼ ବନ କର୍ମଚାରୀ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ନିଆଯାଇଛି । ତେବେ ରାଜ୍ୟ ଅଣ ଗେଜେଟେଡ଼ ବନ କର୍ମଚାରୀଙ୍କ ସଙ୍ଘ ପକ୍ଷରୁ କରାଯାଇଥିବା ପ୍ରମୁଖ ଦାବୀ ଗୁଡିକ ହେଲା ବନ କର୍ମଚାରୀଙ୍କ ସୁରକ୍ଷା ନିମନ୍ତେ ସରକାରଙ୍କ ପକ୍ଷରୁ କଠୋର ଆଇନ ଲାଗୁ କରିବାକୁ ଦାବି କରାଯାଇଛି । ସେହିପରି ଅଣ ଗେଜେଟେଡ଼ ବନ କର୍ମଚାରୀ ଯଥା ଫରେଷ୍ଟଗାର୍ଡ, ଫରେଷ୍ଟର ଓ ଡେପୁଟି ରେଞ୍ଜର ମାନଙ୍କ ପାଇଁ ବନ କମିଶନ ଗଠନ କରି ନିୟମିତ କାର୍ଯ୍ୟ ଦକ୍ଷତା ତର୍ଜମା କରିବା, ଭୌଗଳିକ ଅଞ୍ଚଳ ଓ ଜଙ୍ଗଲର ଘନତା ଅନୁଯାୟୀ ରେଞ୍ଜ ବିଟ ହାଉସ ଗଠନ ପାଇଁ ଦାବି ରହିଛି । ବନ୍ୟ ପ୍ରାଣୀ ସୁରକ୍ଷା ନିମନ୍ତେ ସ୍ୱତନ୍ତ୍ର ଚୟନ କରାଯାଇ ସ୍ପେଶାଲ ଷ୍ଟ୍ରାଇକିଙ୍ଗ ଫୋର୍ସ ଏବଂ ରାପିଡ୍ ରେସ୍ପଣ୍ଡ ଟିମ ଗଠନ କରାଯିବା ପାଇଁ ଦାବୀ କରାଯାଇଛି । ଗତ ମାସ ୨୪ ତାରିଖରେ ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ରେଞ୍ଜ ବନରାକ୍ଷୀ ପ୍ରହଲ୍ଲାଦ ପ୍ରଧାନଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇଥିଲା ।ତାଙ୍କ ପରିବାରକୁ ଏକ କୋଟି ଟଙ୍କା କ୍ଷତି ପୂରଣ, ପିଲାମାନଙ୍କ ପାଠ ପଢା ଏବଂ ସେମାନଙ୍କୁ ଥଇଥାନ କରିବା ସହିତ ମାମଲାର ଫାଷ୍ଟ ଟ୍ରାକ୍ କୋର୍ଟରେ ବିଚାର କରିବାକୁ ରାଜ୍ୟ ଅଣ ଗେଜେଟେଡ଼ ବନ କର୍ମଚାରୀ ସଙ୍ଘ ପକ୍ଷରୁ ରାଜ୍ୟ ସରକାରଙ୍କ ନିକଟରେ ଦାବୀ କରାଯାଇଛି ।

# ମହିଳା ସ୍ୱାକ୍ଷର ଅଭିଯାନର ଶୁଭାରମ୍ଭ ସହିତ ରଜ ଉତ୍ସବ ପାଳିତ

ଉମରକୋଟ, (ଭାସ୍କର ନ୍ୟୁଜ) : ପ୍ରଥମଥର ପାଇଁ ଉମରକୋଟ ପୌର ପରିଷଦର ୧ ନମ୍ବର୍ ୱାର୍ଡରେ ଆସୁଥିବା ଦର୍ଗାଗୁଡ଼ା ଠାରେ ସ୍ଥାନୀୟ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ଏକ ଅଭିନବ ଅଭିଯାନ ଆରମ୍ଭ କରାଯାଇଛି । ଯେଉଁଥିରେ କି ଗୋଷ୍ଠୀର ଅଶିକ୍ଷିତ ମହିଳା ମାନେ ଯେଉଁମାନେ ଲେଖିପଢ଼ି ଶିଖି ନାହାନ୍ତି ସେମାନଙ୍କୁ ଗୋଷ୍ଠୀର ଶିକ୍ଷିତ ମହିଳା ମାନେ ସ୍ୱାକ୍ଷର ଶିଖାଇବେ । ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଲା ସହାୟକ ଗୋଷ୍ଠୀର ଶିକ୍ଷିତ ମହିଳା ମାନେ ଅଶିକ୍ଷିତ ମହିଳା ମାନଙ୍କୁ ନିଜ ନିଜ ସ୍ୱାକ୍ଷର ଶିଖାଇ ସମାଜର ମୁଖ୍ୟ ଧାରାରେ ଯୋଡ଼ିବା । ଏହି କାର୍ଯ୍ୟକ୍ରମକୁ ଗଣ ଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏହାର ଶୁଭାରମ୍ଭ କରିଥିଲେ । ଏହି ଅବସରରେ ମନ୍ତ୍ରୀ କିଛି ମହିଳା ମାନଙ୍କୁ ସିଲଟ ଓ ଖଡ଼ି ବଣ୍ଟନ କରିଥିଲେ । ପ୍ରଥମଥର ପାଇଁ ଉମରକୋଟ ସହରର ଦର୍ଗାଗୁଡ଼ା ଠାରେ ଓଡ଼ିଆଙ୍କ ଗଣ ପର୍ବ ରଜ ଉତ୍ସବର ଆୟୋଜନ କରାଯାଇଥିଲା ।



ଏହି ଉତ୍ସବରେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗ ଦେଇ ଆୟୋଜକ ମାନଙ୍କ ମଧ୍ୟରେ ଉତ୍ସାହ ଭରି ଦେଇଥିଲେ । ଏହି ପର୍ବକୁ କୁମାରୀ ଯୁବତୀ ମାନେ ମହାଆଡ଼ମ୍ବର ସହକାରେ ପାଳନ କରିଥାନ୍ତି । ଏହାକୁ ଦୃଷ୍ଟିରେ ରଖି ଦର୍ଗାଗୁଡ଼ା ଶତାଧିକ ଯୁବତୀ ଓ କୁନିକୁନି ଝିଅ ମାନେ ଏକତ୍ର ହେଇ ଏହି ପର୍ବର ଅୟୋଜନ କରିଥିଲେ । ଏପରିକି ବହୁ ସଂଖ୍ୟାରେ ଦୋଳି ବନ୍ଧା ଯାଇଥିଲା ଓ ମନ୍ତ୍ରୀ ଏହି ଅବସରରେ କୁନିକୁନି ଝିଅଙ୍କ ସହ ଦୋଳି ଖେଳି ଥିଲେ । ଏପରିକି ଝିଅ ମାନଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିବା କାକରା, ମଣ୍ଡା ଓ ଆରିସା ପିଠାକୁ ଉପସ୍ଥିତ ସମସ୍ତ ଲୋକଙ୍କ ମଧ୍ୟରେ ବଣ୍ଟନ କରଯାଇଥିଲା । ସମସ୍ତ ରୀତିନୀତି ଅନୁସାରେ ଯୁବତୀ ଓ ଝିଅ ମାନେ ଏହି ୩ ଦିନିଆ ପର୍ବକୁ ମହାଆଡମ୍ବର ସହକାରେ ପାଳନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗ ଦେଇ ସମସ୍ତଙ୍କୁ ଉତ୍ସାହିତ କରିଥିଲେ । ଏହି ଅବସରରେ ଅନୁଷ୍ଠିତ ସଭା କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ଭାବେ ୧ ନମ୍ବର ୱାର୍ଡର କାଉନସିଲର ତପନ କୁମାର ଦେବନାଥ, ଭାଜପାର ରାଜ୍ୟ ସମ୍ପାଦକ ରମେଶ ଚନ୍ଦ୍ର ସାହୁ, ମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ ପାଢ଼ୀ, ସାଂସଦ ପ୍ରତିନିଧି ରାମ ନାୟକ, ପୂର୍ବତନ କାଉନସିଲର ଭୁବନେଶ୍ୱର ମାଝୀ, ଅବସର ପ୍ରାପ୍ତ ଶିକ୍ଷକ ବିଘ୍ନରାଜ ସାନ୍ତ୍ରା, ଅବସରପ୍ରାପ୍ତ ଅଧ୍ୟାପକ ସରୋଜ ପଟ୍ଟନାୟକ, ବିଜେପି ନେତା ସୁରେଶ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ । ଗ୍ରାମ କମିଟି ସଭାପତି କୃଷ୍ଣ ଚନ୍ଦ୍ର ନନ୍ଦ ସଭାରେ ସଭାପତିତ୍ୱ କରିଥିବା ବେଳେ ସତ୍ୟ ନାରାୟଣ ରାଉତ ମଞ୍ଚ ପରିଚାଳନା କରିଥିଲେ । ଏହି ଅବସରରେ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ମନ୍ତ୍ରୀ ଦର୍ଗାଗୁଡ଼ା ଠାରେ ମନ୍ତ୍ରୀଙ୍କ ଲ୍ୟାଡ଼ରୁ ୨ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହେଇଥିବା କୀର୍ତ୍ତନ ମଣ୍ଡପ ଓ ଯୁଭି ୪ ଦର୍ଗାଗୁଡ଼ା ବର୍ଗୀୟ ଗ୍ରାମ ୨ ଲକ୍ଷ ଟଙ୍କାରେ ନିର୍ମିତ ଦୁର୍ଗା ମଣ୍ଡପକୁ ମଧ ଉଦ୍‌ଘାଟନ କରିଥିଲେ ।

# ବଖାଣିଲେ ସରକାରଙ୍କ ସଫଳତା

କୋରାପୁଟ, (ଭାସ୍କର ନ୍ୟୁଜ) : କୋରାପୁଟ ମ୍ୟୁନିସିପାଲଟି ଅଡିଟୋରିୟମରେ ଭାଜପା ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏଥିରେ ରାଜ୍ୟ ସଭା ସଦସ୍ୟ ସୁଜିତ କୁମାର ରାଜ୍ୟ ସରକାରଙ୍କ ୧ବର୍ଷ ପୂର୍ତ୍ତି ଅବସରରେ ସଫଳତା ବଖାଣିଥିଲେ । ୧ବର୍ଷରେ ନିଆଯାଇଥିବା ବିଭିନ୍ନ ଯୋଜନା ତଥା ସୁଭଦ୍ରା ଯୋଜନା, ମାଧୋସିଂ ହାତଖର୍ଚ୍ଚ, କୃଷିକ୍ଷେତ୍ରରେ ନିଷ୍ପତି ଆଦି ସହ ବିକଶିତ ଓଡିଶା ବିକଶିତ ଭାରତ ସ୍ୱପ୍ନ ପୂରଣ ନେଇ ସାମୂହିକ ସଚେତନ କରିଥିଲେ । ରାଜ୍ୟ ସରକାରଙ୍କ ୧ବର୍ଷ ପୂର୍ତ୍ତି ଅବସରରେ ବିକାଶ ମେଳାକରି ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ସଚେତନ କରାଯାଉଛି । ସଫଳତା ସହ ଜିଲ୍ଲାରେ ନୂତନ ବସଷ୍ଟାଣ୍ଡ, ବାଇପାସ ନିର୍ମାଣ, ସ୍ୱାସ୍ଥ୍ୟସେବା ଉନ୍ନତି, ଶିକ୍ଷାର ବିକାଶ ନେଇ କାର୍ଯ୍ୟ ଚାଲୁଥିବା କୋରାପୁଟ ବିଧାୟକ ରଘୁରାମ ମାଛ କହିଛନ୍ତି । ଜିଲ୍ଲାର କଫି ଚାଷୀଙ୍କୁ ଚିହ୍ନଟ କରାଇବା, ସୀମାନ୍ତରେ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ କରିବା, ରାଜ୍ୟର ବିକାଶ ପାଇଁ ଆଦିବାସୀ ଅଧୁଷିତ ଅଚଂଳର ବିକାଶର ଆବଶ୍ୟକତା ରହିଛି । ଏଥିପାଇଁ ସରକାର ଦାୟିତ୍ୱ ନେଇଛନ୍ତି । ଜିଲ୍ଲାର ଶୀତଳ ଭଣ୍ଡାର ଅଭାବ ଯୋଗୁଁ ଚାଷୀ କ୍ଷତି ସହୁଛନ୍ତି । କୋରାପୁଟ ଏକ ଆଦିବାସୀ ଅଧୁଷିତ ଅଚଂଳ୍ର ଏହି ସମସ୍ୟାକୁ ଗୁରୁତ୍ୱ ଦେଇ ଜିଲ୍ଲାର ଥିବା ଶୀତଳ ଭଣ୍ଡାର ପୁନଃକାର୍ଯ୍ୟକ୍ଷମ କରିବା ସହ ନୂତନ ଶୀତଳଭଣ୍ଡାର ସ୍ଥାପନ ନେଇ ରାଜ୍ୟ ସରକାର ପଦକ୍ଷେପ ନେବାକୁ ଯାଉଛନ୍ତି । କାର୍ଯ୍ୟକ୍ରମରେ ଜିଲ୍ଲା ବିଜେପି ସଭାପତି ଶିବ ମୁଦୁଲି, ପୂର୍ବତନ ଜିଲ୍ଲା ସଭାପତି ସୁମନ୍ତ ପ୍ରଧାନ ଓ ଭାଜପା ନେତା କାଳିରାମ ମାଝି ଉପସ୍ଥିତ ଥିଲେ । ଭାଜପା କୋରାପୁଟ ମଣ୍ଡଳ ସଭାପତି ସମ୍ମିଳନୀ ପରିଚାଳନା କରିଥିଲେ ।

# ୧୨ ହିତାଧିକାରୀଙ୍କୁ ଜଙ୍ଗଲ ଅଧିକାର ପଟ୍ଟା ବଣ୍ଟନ

ବୌଦ୍ଧ, (ଭାସ୍କର ନ୍ୟୁଜ୍) : ବୌଦ୍ଧରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ, ବୌଦ୍ଧ ପକ୍ଷରୁ ଜଙ୍ଗଲ ଅଧିକାର ନିୟମ -୨୦୦୬ ଅନୁଯାୟୀ ସର୍ବମୋଟ ୧୨ଜଣ ହିତାଧିକାରୀଙ୍କୁ ବ୍ୟକ୍ତିଗତ ଜଙ୍ଗଲ ଅଧିକାର ପଟ୍ଟା ବଣ୍ଟନ କରାଯାଇଥିଲା । ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡା, ସମ୍ମାନୀତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ଜିଲ୍ଲା ଉନ୍ନୟନ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଉପ ଜିଲ୍ଲାପାଳ ପ୍ରବୀଣ କୁମାର ବାଣୁଆ ଯୋଗ ଦେଇ ପଟ୍ଟା ବଣ୍ଟନ କରିଥିଲେ । ଜିଲ୍ଲା ମଙ୍ଗଳ ଅଧିକାରୀ ସୂର୍ଯ୍ୟ ନାରାୟଣ ବେହେରା ସ୍ୱାଗତ ଭାଷଣ ପ୍ରଦାନ ଓ ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ସୌମ୍ୟରଞ୍ଜନ ରାୟ ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଚନ୍ଦ୍ରକାନ୍ତି ବେଉରା ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମକୁ ମେଂଢ଼ାମାଲ ଉଚ୍ଚ ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ପ୍ରମୋଦ ପ୍ରଧାନ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଏହି ଅବସରରେ ପ୍ରଧାନଶିକ୍ଷକ, ଝାଡ଼ରାଜିଙ୍ଗ, ପ୍ରଧାନଶିକ୍ଷକ, ବାଳିକା ଉଚ୍ଚ ବିଦ୍ୟାଳୟ, ବଡ଼ବନ୍ଧ ଏବଂ ସଂସ୍କୃତ ଶିକ୍ଷକ ପ୍ରମୋଦ ପ୍ରଧାନଙ୍କୁ ଭଲ କାମ କରିଥିବାରୁ ଅତିଥି ମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରିଥିଲେ ।

# ବିଜେପିର ମିଶ୍ରଣ ପର୍ବ

ବାଙ୍କୀ, (ଭାସ୍କର ନ୍ୟୁଜ୍) : ବାଙ୍କୀ ରାଜନୀତିରେ ଏବେ ଦେଖିବାକୁ ମିଳିଛି ନୂଆ ଟ୍ରେଣ୍ଡ । ପ୍ରତି ସପ୍ତାହରେ ଚାଲିଛି ବିଜେପିର ମିଶ୍ରଣ ପର୍ବ । ବିଜେପି ବିଧାୟକ ପ୍ରାର୍ଥୀ ତୁଷାରକାନ୍ତଙ୍କ ନେତୃତ୍ୱରେ ବିଭିନ୍ନ ପଞ୍ଚାୟତର କର୍ମୀ ବିଜେପିରେ ମିଶୁଛନ୍ତି । ତେବେ ବିଜେପିର ଅନ୍ୟ ସମାନ୍ତରାଳ ସଂଗଠନର ନେତା ଶୁଭ୍ରାଂଶୁ ମୋହନ ପାଢୀ କେବଳ ବିଭିନ୍ନ କାର୍ଯ୍ୟକ୍ରମରେ ଅତିଥି ହେବାରେ ସିମୀତ ହୋଇ ରହିଛନ୍ତି । ଅନ୍ୟ ବିଜେପି ନେତା ଅଜୟ ସ୍ୱାଇଁ, ସୁବଳ ବେହେରା, ଉତ୍କଳମଣି ମନ୍ତ୍ରୀ ନିର୍ବାଚନ ପରଠାରୁ ଦୃଶ୍ୟ ପଟରୁ ଗାଏବ କହିଲେ ଚଳେ । କାଁ ଭାଁ ଫେସବୁକରେ ଦଳୀୟ ନେତାଙ୍କ ସହ ଯାହା ଫଟୋରେ ଦେଖା ଯାଉଛନ୍ତି । ତେବେ ତିନିଦିନ ତଳେ ପଶ୍ଚିମ ବାଙ୍କୀର ଜଗନ୍ନାଥପୁର ପଞ୍ଚାୟତରେ ହୋଇଥିବା ମିଶ୍ରଣ ପର୍ବକୁ ନେଇ ଟିକେ ଭିନ୍ନ ଆଲୋଚନା ଦେଖିବାକୁ ମିଳିଛି । ଲୋକେ କହୁଛନ୍ତି ମଉକା ଦେଖି ଚୌକା ମାରିଦେଲେ ବାଙ୍କୀ ବିଜେପି ନେତା ତୁଷାରକାନ୍ତ ଚକ୍ରବର୍ତ୍ତୀ । ପଞ୍ଚାୟତର ଖଇରୀପଙ୍ଗା ଗ୍ରାମରେ ଏକ ଚୋରୀ ଘଟଣାକୁ ନେଇ ଖଟ ବୁଲା ଏବଂ ପରେ ସେଠାରେ ସାମ୍ବାଦିକ ଓ ପୋଲିସକୁ ଆକ୍ରମଣ ନେଇ ବୈଦେଶ୍ୱର ଥାନାରେ ତିନୋଟି ମାମଲା ରୁଜୁ ହୋଇଛି । ଏ ମଧ୍ୟରେ ପୋଲିସ ଚାରି ଜଣଙ୍କୁ ଗିରଫ କରିଥିବା ବେଳେ ବହୁ ଅଭିଯୁକ୍ତ ଫେରାର ଅଛନ୍ତି । ତେବେ ମାମଲାରେ ସହଯୋଗ ପ୍ରତିଶ୍ରୁତି ଦେଇ ସେହି ପଂଚାୟତରେ ବିଜେପି ନେତା ମିଶ୍ରଣ ପର୍ବ କରିଥିବାର ଆଲୋଚନା ହେଉଛି ।

# ଶିଶୁ ଶ୍ରମିକ ନିରାକରଣ ସଚେତନତା ପଦଯାତ୍ରା



ପାରଳାଖେମୁଣ୍ଡି, (ଭାସ୍କର ନ୍ୟୁଜ୍) : ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସର ଠାରେ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଶ୍ରମ ବିଭାଗ ପକ୍ଷରୁ ଆୟୋଜିତ ଶିଶୁ ଶ୍ରମିକ ନିରାକରଣ ସଚେତନତା ଶୋଭାଯାତ୍ରାକୁ ଅତିରିକ୍ତ ଜିଲ୍ଲାପାଳ ଫାଲଗୁନି ମାଝୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହି ଶୋଭାଯାତ୍ରାରେ ଜିଲ୍ଲା ଶ୍ରମ ଅଧିକାରୀ ଭାରତୀ ବେହେରା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଓ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଶୋଭାଯାତ୍ରା ସହର ପରିକ୍ରମା କରି ସମସ୍ତ ଜନସାଧାରଣଙ୍କୁ ସଚେତନତା ସୃଷ୍ଟି କରିବା ସହ ଶିଶୁ ଶ୍ରମ ଆଇନ ସମ୍ପର୍କିତ ଦଣ୍ଡବିଧାନ ସହ ଶିଶୁ ଶ୍ରମିକ ମାନଙ୍କର ଉଦ୍ଧାର ଓ ଥଇଥାନ ସମ୍ପର୍କରେ ସଚେତନ କରାଯାଇଥିଲା । ସରକାରଙ୍କ ନିର୍ଦ୍ଦେଶ କ୍ରମେ ଓଡ଼ିଶାକୁ ଶିଶୁଶ୍ରମ ମୁକ୍ତ ରାଜ୍ୟ କରିବା ନିମନ୍ତେ ଜିଲ୍ଲା ସ୍ତରରେ ବିଭିନ୍ନ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଉଛି । ଏହି ସଂପର୍କରେ ଶିଶୁ ଓ କିଶୋର ଶ୍ରମ ଆଇନକୁ କଡ଼ାକଡ଼ି ଭାବେ ପାଳନ କରିବା ସହ ଶିଶୁ ଶ୍ରମ ନିରାକରଣ ରାଲି ଓ କର୍ମଶାଳା ଆୟୋଜନ କରାଯାଉଛି । ଏହି ଶୋଭାଯାତ୍ରାରେ ପାରଳାଖେମୁଣ୍ଡି ପୌରପରିଷଦ ଅଞ୍ଚଳରେ ଥିବା ଜନସାଧାରଣ, ବିଭିନ୍ନ ସଙ୍ଗଠନର ସଦସ୍ୟ ଓ ଶ୍ରମିକ ମାନେ ଅଂଶଗ୍ରହଣ କରିଥିଲେ ।

# ଅଗ୍ନିଶମ ବାହିନୀ କାର୍ଯ୍ୟାଳୟରେ ମକଡ୍ରିଲ

ବୌଦ୍ଧ, (ଭାସ୍କର ନ୍ୟୁଜ୍) : ବୌଦ୍ଧ ଅଗ୍ନିଶମ ବାହିନୀ କାର୍ଯ୍ୟାଳୟ ଠାରେ ବିଭିନ୍ନ ଯନ୍ତ୍ରପାତିର ମକ ଡ୍ରିଲ ଅନୁଷ୍ଠିତ ହୋଇ ଯାଇଛି । ବିଭିନ୍ନ ଆପଦ ବିପଦ ସମୟରେ ଉଦ୍ଧାର କାର୍ଯ୍ୟରେ ବିନିଯୋଗ ହେଉଥିବା ଯନ୍ତ୍ରପାତି ଗୁଡିକର ପରିଚାଳନା ଓ ବ୍ୟବହାର ସମ୍ପର୍କରେ ମକ ଡ୍ରିଲରେ ପ୍ରଦର୍ଶନ କରା ଯାଇଥିଲା । ବରିଷ୍ଠ ଆଗ୍ନିକ କାର୍ତ୍ତିକେଶ୍ୱର୍ ନାଥଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ ମକ ଡ୍ରିଲ କାର୍ଯ୍ୟକ୍ରମରେ ସମସ୍ତ କର୍ମଚାରୀ ମାନେ ଅଂଶ ଗ୍ରହଣ କରିଥିଲେ ।



# ଅଞ୍ଚଳଗୁମା ଠାରେ ବିକାଶ ବହନ ରଥକୁ ସ୍ୱାଗତ

ତେନ୍ତୁଲିଖୁଣ୍ଟି, (ଭାସ୍କର ନ୍ୟୁଜ) : ରାଜ୍ୟ ସରକାରଙ୍କ ଏକ ବର୍ଷ ଶାସନ ପୂର୍ତ୍ତି ଅବସରରେ ସମଗ୍ର ରାଜ୍ୟରେ ବିକାଶ ବାହନ ରଥ ପରିକ୍ରମା କରୁଛି । ଏହି ଅବସରରେ ନବରଙ୍ଗପୁର ଜିଲ୍ଲା ତେନ୍ତୁଲିଖୁଣ୍ଟି ବ୍ଲକ ଅନ୍ତର୍ଗତ ଅଞ୍ଚଳ ଗୁମା ଶିଶୁ ମନ୍ଦିର ନିକଟରେ ବିକାଶ ବାହନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବ୍ଲକରେ ଏହି କାର୍ଯ୍ୟକ୍ରମ ଚଳିତ ମାସ ୧୨ ତାରିଖରୁ ଆରମ୍ଭ ହୋଇଛି । କୁକୁଡ଼ା ବାଇ, କଂଗ୍ରା, କାମତା, ଅମଲା ଭଟ୍ଟା, କଣ୍ଟା ଗାଁ, ଝରିଗୁମା ପଞ୍ଚାୟତ ରେ ଏହି କାର୍ଯ୍ୟ କ୍ରମ ସମାପ୍ତ ହୋଇ ଥିବାବେଳେ ଆଜି ପାତ୍ରପୁଟ ଓ ଅଞ୍ଚଳ ଗୁମା ପଞ୍ଚାୟତରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଆଗାମୀ ୨୧ ତାରିଖ ପର୍ଯ୍ୟନ୍ତ ବ୍ଲକର ବିଭିନ୍ନ ପଞ୍ଚାୟତ ଗୁଡିକରେ ଏହି କାର୍ଯ୍ୟକ୍ରମ ହେବ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ବିଧାୟକ ନବରଙ୍ଗପୁର ଗୌରୀ ଶଙ୍କର ମାଝୀ ଯୋଗ ଦେଇ ଥିବା ବେଳେ ବ୍ଲକ ଅଧ୍ୟକ୍ଷା ନିଳେନ୍ଦ୍ରୀ ନାୟକ, ଉପାଧ୍ୟକ୍ଷ ରାଜେନ୍ଦ୍ର ବିଷୋୟୀ, ସରପଞ୍ଚ କୁସୁମା ପୂଜାରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ମନୋଜ କୁମାର



ପାଣିଗ୍ରାହୀ,ମଣ୍ଡଳ ସଭାପତି ଅଭିମନ୍ୟୁ ହରିଜନ ମଞ୍ଚାସିନ ରହି ସରକାରଙ୍କ ବିକାଶ ମୂଳକ କାର୍ଯ୍ୟକ୍ରମ, ବିଭିନ୍ନ ଜନ ହିତକର କାର୍ଯ୍ୟକ୍ରମ, ବିକଶିତ ଗାଁ ବିକଶିତ ଓଡ଼ିଶା, ଆୟୁଷ୍ମାନ ଭାରତ ତଥା ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଭଳି ବିଭିନ୍ନ ଯୋଜନା ବିଷୟରେ ଉପସ୍ଥିତ ଜନସାଧାରଣ ବୁଝାଇବା ସହ ବିକାଶ ବାହନ ଦ୍ୱାରା ବ୍ଲକର ସମସ୍ତ ଜନ ସାଧାରଣଙ୍କୁ ସଚେତନ କରାଯିବା ନେଇ କହିଥିଲେ । ରାଜ୍ୟ ସରକାରଙ୍କ ବିଗତ ଏକ ବର୍ଷ ଭିତରେ କଣ ସବୁ ବିକାଶ ହୋଇଛି ଏବଂ ଆଗାମୀ ଦିନରେ କଣ ସବୁ ବିକାଶ ଓ ଯେଉଁ ସବୁ ପଦକ୍ଷେପ ସରକାର ନେଇଛନ୍ତି ତାହା ନିଜ ଅଭିଭାଷଣ ମାଧ୍ୟମରେ ଅତିଥି ମାନେ କହିଥିଲେ । ଏହି କାର୍ଯ୍ୟକ୍ରମରେ ୭୦ ବର୍ଷ ଓ ଉର୍ଦ୍ଧ୍ୱ ନାଗରିକଙ୍କୁ ଆୟୁଷ୍ମାନ ବୟୋ ବନ୍ଦନରେ ସାମିଲ କରି ଇକେୱାଇସି କରାଯାଉଛି । ଆଗାମୀ ଦିନରେ ସେମାନଙ୍କୁ କାର୍ଡ ପ୍ରଦାନ କରାଯିବ । ଆଜିର କାର୍ଯ୍ୟକ୍ରମ ପିଇଓ ଅମିତ୍ ଭୂଷଣ ପରିଚାଳନା କରି ଥିବାବେଳେ ତେନ୍ତୁଲିଖୁଣ୍ଟି ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଦୀପ୍ତ କୁମାର ଦାସ, ଅତିରିକ୍ତ ଗୋଷ୍ଠି ଶିକ୍ଷା ଅଧିକାରୀ ମୋହନ ମଧୁସୂଦନ ବାଘ୍, ଏମ୍ଆଇ ରୋହିତ ମାଝୀ, ପୂର୍ବତନ ବିଜେପି ଜିଲ୍ଲା ସଭାପତି ଜଗଦୀଶ ବିଷୋୟୀ, ବରିଷ୍ଠ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ହିମାଂଶୁ ବିଷୋୟୀ, ପୂର୍ବତନ ସରପଞ୍ଚ ସୂର୍ଯ୍ୟ ନାରାୟଣ ରନ୍ଧାରୀ, ଜିଲ୍ଲା ସାଧାରଣ ସମ୍ପାଦକ ଅଚ୍ୟୁତାନନ୍ଦ ବିଷୋୟୀ, ପଞ୍ଚାୟତ ସମିତି ତେନ୍ତୁଲିଖୁଣ୍ଟିର ସମସ୍ତ କର୍ମଚାରୀ, ସମସ୍ତ ଲାଇନ୍ ବିଭାଗର କର୍ମଚାରୀ, ଗ୍ରାମ ପଞ୍ଚାୟତର ସମସ୍ତ କର୍ମଚାରୀ ଉପସ୍ଥିତ ରହିଥିଲେ । ସମସ୍ତଙ୍କ ମନୋରଞ୍ଜନ ପାଇଁ ଅଞ୍ଚଳଗୁମା ପ୍ରାଥମିକ ବିଦ୍ୟାଳୟର କୁନି କୁନି ଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇ ଥିଲା । ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ବିଭାଗ, ଆଇସିଡ଼ିଏସ୍, ମିଶନ ଶକ୍ତି, ବ୍ୟାଙ୍କ୍, ଶିକ୍ଷା ବିଭାଗର ଷ୍ଟଲ ଗୁଡ଼ିକ ହୋଇଥିଲା ।

# କ୍ଷୀର ବ୍ୟବସାୟୀଙ୍କ ଝିଅ ନିଟ୍ ପରୀକ୍ଷାରେ ଉନ୍ନିତ




ମାଲାକନଗିରି, (ଭାସ୍କର ନ୍ୟୁଜ୍) : କ୍ଷୀର ବ୍ୟବସାୟ କରି ଝିଅକୁ ବଡ଼ ଚାକିରି କରେଇବା ପାଇଁ ଦିନ ରାତି ଅହରହ ପରିଶ୍ରମ କରିଥିଲେ ବାପା । ଆଉ ବାପାଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ଦିନରାତି ଏକ କରି ଝିଅ ମଧ ନିଟ୍ ପରୀକ୍ଷା ପାଇଁ କରିଥିଲା ପ୍ରସ୍ତୁତି ଯାହାକି ଆଜି ଫଳପ୍ରଦ ହୋଇଛି । ଜିଲ୍ଲା ପାଇଁ ଗର୍ବ ଆଣିବା ସହ ପରିବାର ମୁହଁରେ ହସ ଫୁଟେଇ ଥିବା ଏହି ଛାତ୍ରୀ ଜଣଙ୍କ ହେଉଛନ୍ତି ମାଲକାନଗିରି ଜିଲ୍ଲାର ତମନ୍ନା ରାୟ । ତମନ୍ନାଙ୍କ ଏହି ସଫଳତା ପାଇଁ ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି । ତମନ୍ନା ମାଲକାନଗିରି ସଦରର ଏମ୍‌ଭି ୪୩ ନମ୍ବର ଗ୍ରାମର ସୁଜନ ରାୟଙ୍କ କନ୍ୟା ହୋଇଥିବା ବେଳେ ସେ ବରଗଡ଼ ଜିଲାର ଏକ ଘରୋଇ କଲେଜରେ ଯୁକ୍ତଦୁଇ ପାଠପଢ଼ି ନିଟ୍ ପରୀକ୍ଷା ଦେଇ କୃତକାର୍ଯ୍ୟ ହୋଇଛନ୍ତି । ସେ ଡାକ୍ତରୀ ପଢ଼ିବା ପାଇଁ ପ୍ରସ୍ତୁତ ହେଉଛନ୍ତି । ଦିନ ରାତି ଝିଅକୁ ସଫଳ କରିବା ପାଇଁ ଗାଈ ଲାଳନ ପାଳନ କରି କ୍ଷୀର ବ୍ୟବସାୟୀ ଭାବେ ସୁଜନ ଯେଉଁ ପରିଶ୍ରମ କରିଥିଲେ ତାହା ଆଜି ସଫଳ ହୋଇଛି ବୋଲି ସେ ଖୁସିରେ ବିଭୋର ହୋଇଯାଇଛନ୍ତି ଓ ତମାନ୍ନା ସର୍ବ ଭାରତୀୟ ସ୍ତରରେ ୩୮୯୨ ନମ୍ବର ସ୍ଥାନ ହାସଲ କରିଥିବା ଜଣା ପଡ଼ିଛି ।

# ବିକାଶ ମେଳାରେ ରଜ ଉତ୍ସବ

କୋରାପୁଟ, (ଭାସ୍କର ନ୍ୟୁଜ୍) : କୋରାପୁଟ ପୋଲିସ ପଡିଆରେ ସରକାରଙ୍କ ଏକବର୍ଷ ପୂର୍ତ୍ତି ଉପଲକ୍ଷେ ଆୟୋଜିତ ବିକାଶ ମେଳାରେ ରଜ ଉତ୍ସବ ପାଳିତ ହୋଇଯାଇଛି । ଏହି ଉତ୍ସବରେ ସମସ୍ତେ ଦୋଳି, ଫ୍ୟାସନ ସୋ'ର ମଜା ନେଇଥିଲେ । ଏଥି ସହିତ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଚତୁର୍ଥ ସଧ୍ୟାରେ ଆୟୋଜିତ ଉଦ୍‌ଘାଟନି ଉତ୍ସବରେ ସ୍ଥାନିୟ କଳାକାରମାନଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା । ଆୟୋଜିତ ମେଳାରେ ୭୦ଟି ଷ୍ଟଲ ଖୋଲା ଯାଇଥିବା ବେଳେ ଏହି ଷ୍ଟଲରେ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରଦର୍ଶନୀ ସହ ପଲ୍ଲୀଶ୍ରୀ ମେଳା ଏବଂ ବିଭିନ୍ନ ବିଭାଗ ପକ୍ଷରୁ ସରକାରଙ୍କ ବିଭିନ୍ନ ଯୋଜନାର ସଫଳ ରୂପାୟନ କାର୍ଯ୍ୟ ପ୍ରଦର୍ଶିତ ହୋଇଥିଲା । କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ସମସ୍ତ ଯୋଜନା ଉପରେ ଲୋକଙ୍କୁ ସଚେତନ କରିବା ପାଇଁ ଏହି ଷ୍ଟଲ ମାଧ୍ୟମରେ ଯୋଜନାର ରୂପରେଖ ପ୍ରଦର୍ଶିତ କରାଯାଇଥିଲା । ସଂଧ୍ୟାରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ହଜାର ହାଜର ଦର୍ଶକ ଉପଭୋଗ କରିଥିଲେ । ଓଡିଶୀ ନୃତ୍ୟ, ଭଜନ ଏବଂ ମେଲୋଡି ଦର୍ଶକଙ୍କ ମନ ମୋହିଥିଲା । ଏହି ଅବସରରେ କୋରାପୁଟ ଜିଲ୍ଲାପାଳ ଭି କୀର୍ତ୍ତି ଭାସନ, ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାୟକ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବେଣୁଧର ଶବର, ଜିଲ୍ଲା ସଂସ୍କୃତି ଅଧିକାରୀ ପ୍ରୀତିସୁଦ୍ଧା ଜେନା, ଜିଲ୍ଲା ଶିକ୍ଷା ଅଧିକାରୀ ଡ. ପ୍ରଶାନ୍ତ କୁମାର ମହାନ୍ତି, ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ ଉପନିର୍ଦ୍ଦେଶକ ସୂର୍ଯ୍ୟକାନ୍ତ ବେହେରା ସମେତ ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ ।

# ଫକୀର ମୋହନଙ୍କ ଶ୍ରାଦ୍ଧ ଦିବସ ପାଳିତ


ଉମରକୋଟ, (ଭାସ୍କର ନ୍ୟୁଜ୍) : ଉମରକୋଟ ଫକୀର ମୋହନ ପଠନଶାଳା ପକ୍ଷରୁ ନୂଆ ବସ୍ ଷ୍ଟାଣ୍ଡ ଠାରେ ଫକୀର ମୋହନଙ୍କ ଶ୍ରାଦ୍ଧ ଦିବସ ଓ ଓଡିଶାର କୃଷିଭିତ୍ତିକ ରଜ ପର୍ବ ପାଳିତ ହୋଇଯାଇଛି । ଉକ୍ତ କାର୍ଯକ୍ରମରେ ଫକୀରମୋହନ ପଠନଶାଳାର ସଂପାଦକ ପ୍ରଫୁଲ୍ଲ କୁମାର ରାଉତ ସଭାପତିତ୍ୱ କରିଥିଲା ବେଳେ ଓଡିଶା ସାହିତ୍ୟ ଏକାଡ଼େମୀର ପ୍ରାକ୍ତନ ସଦସ୍ୟ ବଲ୍ଲଭ ରାଉତ ମୁଖ୍ୟ ଅତିଥି, ବିଶିଷ୍ଟ ସାହିତ୍ୟିକ ଡା ସୁରେନ୍ଦ୍ର ନାଥ ଦାଶ ମୁଖ୍ୟବକ୍ତା, ସମ୍ମାନିତ ବକ୍ତା ଭାବେ ଅବସରପ୍ରାପ୍ତ ଶିକ୍ଷାଧିକାରୀ ଉମେଶ ଚନ୍ଦ୍ର ଭୁକ୍ତା,ବରିଷ୍ଠ ଓକିଲ ଶ୍ରୀନିବାସ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ ଦିବାକର ପରିଡ଼ା ସ୍ୱାଗତ ଭାଷଣ



ପ୍ରଦାନ କରି ଥିଲେ ଓ ଶିକ୍ଷକ ବିବେକାନନ୍ଦ ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିଲେ । ମୁଖ୍ୟ ଅତିଥି ରଜ ପର୍ବର ଉଦ୍ଦେଶ୍ୟ ଉପରେ ବକ୍ତବ୍ୟ ପ୍ରଦାନ କରିଥିବା ବେଳେ ମୁଖ୍ୟବକ୍ତା ଫକୀର ମୋହନଙ୍କ ଉପରେ ଆଲୋଚନା କରିଥିଲେ ।ଉକ୍ତ କାର୍ଯକ୍ରମରେ ପୂର୍ଣ୍ଣଚନ୍ଦ୍ର ସେଠୀ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ନଗେନ୍ଦ୍ର କୁମାର ରାଉତ, ହରିହର ଶତପଥୀ, ଅନନ୍ତ ଚରଣ ସାହୁ, ସଞ୍ଜୟ କୁମାର ପରିଡ଼ା, ଅଧ୍ୟାପକ ରମେଶ ଚନ୍ଦ୍ର ପଟ୍ଟନାୟକ, ପଦ୍ମ ଲୋଚନ ସାଗର, ଗୀତାଞ୍ଜଳି ଦାସ ଓ ବାବୁ ଛୋଟ ରାୟ ପ୍ରମୁଖ ସହଯୋଗ କରିଥିଲେ । ସଭା ଶେଷରେ ସହ ସଂପାଦକ ରାମ ଚନ୍ଦ୍ର ରାମ ଧନ୍ୟବାଦ୍ ପ୍ରସ୍ତାବ ଆଗତ କରିଥିଲେ ।

# ୨୮ ଅଭିଯୋଗର ଶୁଣାଣି ସହିତ ୫ଜଣଙ୍କୁ ସହାୟତା ରାଶି ପ୍ରଦାନ

ଗୁଣପୁର, (ଭାସ୍କର ନ୍ୟୁଜ୍) : ଗୁଣପୁର ଉପ ଜିଲ୍ଲାପାଳଙ୍କ ସଦଭାବନା ସଭାଗୃହରେ ଜିଲ୍ଲାପାଳ, ରାୟଗଡ଼ଙ୍କ ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ପାରୁଲ ପଟୱାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ଆରକ୍ଷୀ ଅଧ୍ୟକ୍ଷକ ସ୍ୱାଥି ଏସ୍ କୁମାର, ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ, ରାୟଗଡ ଅକ୍ଷୟ କୁମାର ଖେମୁଣ୍ଡୁ, ଗୁଣପୁର ଉପ ଜିଲ୍ଲାପାଳ କିରନଦୀପ କୌର ସହୋତା, ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ଜନ ସ୍ୱାସ୍ଥ୍ୟ ଅଧିକାରୀ ପ୍ରଫୁଲ୍ଲ କୁମାର ପାଢୀ ଯୋଗଦେଇ ଅଭିଯୋଗର ଶୁଣାଣୀ କରିଥିଲେ । ଗୋଷ୍ଠୀ ଉନ୍ନୟନ ଅଧିକାରୀ ସ୍ୱସ୍ତିକ ଜମାଦାରଙ୍କ ତତ୍ତ୍ୱାବଧାନରେ ପରିଚାଳିତ ଏହି କାର୍ଯ୍ୟକ୍ରମରେ ମୋଟ ୨୮ଟି ଅଭିଯୋଗର ଶୁଣାଣୀ ହୋଇଥିବା ବେଳେ, ସେଥିରୁ ୧୭ଟି ବ୍ୟକ୍ତିଗତ, ୦୬ଟି ସାମୁହିକ, ପାଞ୍ଚଟି ସ୍ୱାସ୍ଥ୍ୟଗତ ଦରଖାସ୍ତ ପଞ୍ଜିକରଣ ହୋଇଥିଲା । ମୋଟ ପାଞ୍ଚ ଜଣଙ୍କୁ ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠିରୁ ୩୫୦୦୦/- ଟଙ୍କାର ଆର୍ଥିକ ସାହାଯ୍ୟ ଜିଲ୍ଲାପାଳ ପ୍ରଦାନ କରିଥିଲେ । ଅନ୍ୟ ଅଭିଯୋଗ ଗୁଡିକୁ ତଦନ୍ତ କରି ତୁରନ୍ତ ପଦକ୍ଷେପ ଗ୍ରହଣ କରିବା ନିମନ୍ତେ ଜିଲ୍ଲାପାଳ ସମ୍ପୃକ୍ତ ଅଧିକାରୀଙ୍କୁ ଦରଖାସ୍ତ ଗୁଡିକ ପ୍ରଦାନ କରିବା ସହ ଗ୍ରହଣ କରିଥିବା ପଦକ୍ଷେପର ବିବରଣୀ ଜିଲ୍ଲାପାଳଙ୍କୁ ଅବଗତ କରିବା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ । ଏହି ଅଭିଯୋଗ ଶିବିରରେ ଗୁଣପୁର ଉପଖଣ୍ଡ ଆରକ୍ଷୀ ଅଧିକାରୀ ବାବୁଲି ନାୟକ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ବିଷ୍ଣୁ ପ୍ରସାଦ କର, ଜିଲ୍ଲା ପ୍ରାଣୀଧନ ଚିକିତ୍ସା ଅଧିକାରୀ ଡାକ୍ତର




ଦେବରାଜ ନାୟକ, ଜିଲ୍ଲା ଶିକ୍ଷା ଅଧିକାରୀ ରାମଚନ୍ଦ୍ର ନାୟକ, ଉଦ୍ୟାନ କୃଷି ନିର୍ଦ୍ଦେଶକ ଦୟାନିଧି ରାଉତ, ଜିଲ୍ଲା ପଞ୍ଚାୟତ ଅଧିକାରୀ ସୂର୍ଯ୍ୟ ନାରାୟଣ ମହାରଣା, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ଶ୍ରୀକାନ୍ତ ପାଣିଗ୍ରାହୀ, ଜିଲ୍ଲା ସଂସ୍କୃତି ଅଧିକାରୀ ସୁସ୍ମିତା ବାଉରୀ, ଲିଡ଼ ବ୍ୟାଙ୍କ ମ୍ୟାନେଜର ଦେବେନ୍ଦ୍ର ବାଉରୀ, ଅବକାରୀ ଅଧ୍ୟକ୍ଷକ ସନ୍ତୋଷ କୁମାର ଧଳ ସାମନ୍ତ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଧନଞ୍ଜୟ ବେହେରା, ଶିଶୁ ବିକାଶ ଯୋଜନା ଅଧିକାରୀ ସୁଷମା ପ୍ରସାଦ ଓ ଅନ୍ୟାନ୍ୟ ଅଧିକାରୀ ଯୋଗଦାନ କରି ଅଭିଯୋଗ ଗୁଡିକର ଶୁଣାଣୀ କରିଥିଲେ । ସହକାରି ଜିଲ୍ଲାପାଳ ତଥା ଅଭିଯୋଗ ଶୁଣାଣି ଅଧିକାରୀ ସସ୍ମିତା ପଟ୍ଟନାୟକ, ଅଭିଯୋଗ ଶୁଣାଣିର ବରିଷ୍ଠ ରାଜସ୍ୱ ସହାୟକ ଅଚ୍ୟୁତାନନ୍ଦ ଲିମା କନିଷ୍ଠ ରାଜସ୍ୱ ସହାୟକ ଲୋପାମୁଦ୍ରା ଶିବିର ପରିଚାଳନା କରିଥିବା ବେଳେ ଗୁଣପୁର ଆଦର୍ଶ ଥାନା ଅଧିକାରୀ କେକେବିକେ କହଁର ଆଇନ ଶୃଙ୍ଖଳା ରକ୍ଷା କରିଥିଲେ ।



ଏରସମା (ଭାସ୍କର ନ୍ୟୁଜ୍) : ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ ଅନ୍ତର୍ଗତ ବାମଦେଇପୁର ଗ୍ରାମପଞ୍ଚାୟତ ଜାଳପଦା (ଛତର କନ୍ଧା) ମହାବିର ହନୁମାନଙ୍କ ପୀଠରେ ମହାବୀର ଯୁବକସଂଘ ପକ୍ଷରୁ ନବମ ବାର୍ଷିକ ରଜ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ନବମ ବାର୍ଷିକ ରଜ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ବାମଦେଇପୁର ପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି ହରିହର ଲିଙ୍ଗରାଜ ମହାନ୍ତିଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ବାଲିକୁଦା ଏରସମା ନିର୍ବାଚନ ମଣ୍ଡଳୀର ବିଧାୟକ ସାରଦା ପ୍ରସନ୍ନ ଜେନା, ମୁଖ୍ୟ ବ୍ୟକ୍ତା ଭାବେ ଏରସମା ବ୍ଲକ ବିଜେଡି ସଭାପତି ତଥା ତିନି ନଂ ଜୋନର ଜିଲ୍ଲା ପରିଷଦ ସଭ୍ୟ ପୀତବାସ ଗଚ୍ଛାୟତ, ସମ୍ମାନିତ ଅତିଥି ଭାବେ ବାମଦେଇପୁର ପଞ୍ଚାୟତ ସମିତି ସଭ୍ୟ ବିକ୍ରମ ମହାପାତ୍ର, ପୂର୍ବତନ ସରପଞ୍ଚ ଗୋପୀନାଥ ସାମନ୍ତରାୟ, କୃଷ୍ଣଚନ୍ଦ୍ରପୁର ସମବାୟ ସମିତିର ସଭାପତି ସମୀର ରଞ୍ଜନ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ବିଧାୟକ ଶ୍ରୀଯୁକ୍ତ ଜେନା ଆନୁଷ୍ଠାନିକ ଭାବେ ପ୍ରଦୀପ ପ୍ରଜ୍ୱଳନ କରିବା ସହିତ ଜନସାଧାରଣଙ୍କୁ ରଜର ଅଭିନନ୍ଦନ ଶୁଭେଚ୍ଛା ଜଣାଇଥିଲେ। ଦିନକୁ ଦିନ ପୁରୁଣା ସଂସ୍କୃତି ଭାଇଚାରା ଲୋପ ପାଇବାକୁ ବସୁଥିବା ବେଳେ ଜାଳପଦା ଗ୍ରାମବାସୀ ଏକତ୍ରିତ ହେବା ସହିତ ଆଜିର ଯୁବପିଢ଼ିମାନେ ଏକାଠି ହୋଇ ଏହି ଉତ୍ସବକୁ ମିଳିମିଶି ଆନନ୍ଦ ଉଲ୍ଲାସର ସହିତ ପ୍ରତିବର୍ଷ ଗାଁରେ ରଜ ମହୋତ୍ସବ ପାଳନ କରିବାକୁ ପରାମର୍ଶ ଦେଇଥିଲେ। ରଜ ମହୋତ୍ସବ କମିଟିର ବିଜୟ କୁମାର ସାହୁ, ସୋମ୍ୟରଞ୍ଜନ ସାହୁ, ମଧୁସୂଦନ ପଲାଇ, ମନୋଜ ସ୍ୱାଇଁ, ସୁନିଲ ରାଉତ,ସୁରେଶ ଖଟେଇ, ସୌରି ମହାରଣା, ଚନ୍ଦନ କୁମାର ସାହୁ ପ୍ରମୁଖଙ୍କ ସମେତ ଗ୍ରାମ ବାସୀମାନେ ପରିଚାଳନା କରିଥିଲେ।

# ସମସ୍ୟା ସମାଧାନ ନହେଲେ ୭ରୁ ଷ୍ଟିୟରିଂ ଛାଡ଼ ଆନ୍ଦୋଳନ



ଜଳେଶ୍ୱର (ଭାସ୍କର ନ୍ୟୁଜ୍) : ଜଳେଶ୍ୱର ବ୍ଲକ୍ ପରିସରରେ ସୋମବାର ଦିନ ୧୨ ଘଟିକା ସମୟରେ ଓଡ଼ିଶା ଡ୍ରାଇଭର ସଂଘ ଜଳେଶ୍ୱର ଶାଖା ତରଫରୁ ଜଳେଶ୍ୱର ବିଡିଓ ଗୌରାଙ୍ଗ ଚରଣ ଘୋଷଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଉକ୍ତ ଦାବିପତ୍ରରେ ବିଗତ ଦିନରୁ ଡ୍ରାଇଭର ମାନଙ୍କର ବିଭିନ୍ନ ସମସ୍ୟାକୁ ନେଇ ସରକାରଙ୍କୁ ବିଭିନ୍ନ ସମୟରେ ଦାବି ଜଣାଇ ଆସୁଛନ୍ତି। ଡ୍ରାଇଭରମାନଙ୍କ ଆଠ ଦଫା ଦାବି ମଧ୍ୟରୁ ଏକ ମାତ୍ର ଦାବୀ ପୂରଣ ହୋଇଛି ଯାହାକୁ ନେଇ ସମସ୍ୟାର ସମାଧାନ ହୋଇ ପାରିନାହିଁ। ତେଣୁ ସୋମବାର ଓଡ଼ିଶା ଡ୍ରାଇଭର ସଂଘ ଜଳେଶ୍ୱର ଶାଖା ତରଫରୁ ୭ ଦଫା ଦାବିପତ୍ର ନେଇ ବିଡିଓ ଗୌରାଙ୍ଗ ଚରଣ ଘୋଷଙ୍କୁ ପ୍ରଦାନ କରିଛନ୍ତି। ସଙ୍ଘ ତରଫରୁ ଓଡ଼ିଶା ମୋଟର ଟ୍ରାନ୍ସପୋର୍ଟ ଡ୍ରାଇଭର ଏଣ୍ଡ ୱାର୍କର୍ସ ୱେଲଫେୟାର ବୋର୍ଡରେ ଅଟୋ ଡ୍ରାଇଭରଙ୍କୁ ସାମିଲ୍, ଜନସାଧାରଣଙ୍କ ଆକ୍ରୋଶର ଶିକାର ହେଉଥିବା ଡ୍ରାଇଭର ସମାଜର ସୁରକ୍ଷା ପାଇଁ ସ୍ୱତନ୍ତ୍ର ଆଇନ ତିଆରି କରାଯିବା, ବୃତ୍ତିଗତ ଡ୍ରାଇଭରଙ୍କୁ ୬୦ ବର୍ଷ ପରେ ସ୍ୱତନ୍ତ୍ର ଭତ୍ତା ପ୍ରଦାନ କରାଯିବା, ଗାଡି ଗୁଡ଼ିକୁ ପାର୍କିଂ ଏବଂ ଡ୍ରାଇଭରଙ୍କ ବିଶ୍ରାମ ପାଇଁ ପାର୍କିଂ ସହିତ ବିଶ୍ରାମାଗାର ଓ ଶୌଚାଳୟର ବ୍ୟବସ୍ଥା ପ୍ରତି ଶହେ କିଲୋ ମିଟର ଅନ୍ତରରେ କରାଯିବା, ଓଡ଼ିଶାରେ ଥିବା ପ୍ରତ୍ୟେକ ଖଣି ଖାଦାନ ଏବଂ କାରଖାନା ଗୁଡିକରେ ଶତକଡ଼ା ୭୦ ପ୍ରତିଶତ ଡ୍ରାଇଭରଙ୍କୁ ଅଗ୍ରାଧିକାର ଦିଆଯିବା, ସେପ୍ଟେମ୍ବର ୧କୁ ଜାତୀୟ ଡ୍ରାଇଭର ଦିବସ ରୂପେ ଘୋଷଣା କରାଯିବା ଏବଂ ଗାଡ଼ି ଗୁଡ଼ିକର ଯାଞ୍ଚ କ୍ଷମତା ପୋଲିସ ବିଭାଗକୁ ଦିଆ ନଯିବା ଆଦି ୭ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରା ଯାଇଥିଲା। ଉକ୍ତ ସମସ୍ତ ଦାବି ଆସନ୍ତା ଏକ ମାସ ଭିତରେ ପୂରଣ ନହେଲେ, ଆସନ୍ତା ଜୁଲାଇ ୮ ତାରିଖରୁ କୌଣସି ଡ୍ରାଇଭର ଗାଡି ଚଳେଇବେ ନାହିଁ। ଦରକାର ପଡ଼ିଲେ ରାଜ ରାସ୍ତାକୁ ଓହ୍ଲେଇ ସରକାରଙ୍କୁ ସମ୍ପୂର୍ଣ୍ଣ ଅସହଯୋଗ କରିବେ ବୋଲି ଓଡ଼ିଶା ଡ୍ରାଇଭର ମହା ସଙ୍ଘର ଜଳେଶ୍ୱର ଶାଖା ତରଫରୁ ସଭାପତି ଭାସ୍କର ମହଲା, ସମ୍ପାଦକ ଚନ୍ଦନ ଭଟ୍ଟାଚାର୍ଯ୍ୟ ସହିତ ଗୁରୁଦିପନ ବେହେରା, ପୂର୍ଣ୍ଣଚନ୍ଦ୍ର ବିନ୍ଧାଣି, ଗୋପୀନାଥ ମହାନ୍ତଙ୍କ ସହିତ ବହୁ ଡ୍ରାଇଭର ଉପସ୍ଥିତ ଥିଲେ।

## ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଭୁବନ ଗସ୍ତ

# ଡାଇରିଆ ନିରାକରଣ ଅଭିଯାନ ଶୁଭାରମ୍ଭ




ଭୁବନ (ଭାସ୍କର ନ୍ୟୁଜ୍) : ଯାଜପୁର ଜିଲ୍ଲାରୁ ଆରମ୍ଭ ହୋଇଥିବା ଡାଇରିଆ ଢେଙ୍କାନାଳ ଜିଲ୍ଲାକୁ ବ୍ୟାପିବା ପରେ ଭୁବନରେ ୫୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଆକ୍ରାନ୍ତ ହେବ ସହ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ଏ ସମ୍ପର୍କରେ ସ୍ଥିତି ଅନୁଧ୍ୟାନ ପାଇଁ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ ଦିନିକିଆ ଗସ୍ତରେ ଭୁବନ ଆସି ଡାକ୍ତରଖାନା ପରିଦର୍ଶନ କରି ଚିକିତ୍ସିତ ହେଉଥିବା ରୋଗୀଙ୍କ ସ୍ୱାସ୍ଥ୍ୟ ଅବସ୍ଥା ପଚାରି ବୁଝିଥିଲେ ଓ ରୋଗୀଙ୍କୁ ତ୍ୱରିତ ସେବା ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ପରେ ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଆୟୋଜିତ ରାଜ୍ୟସ୍ତରୀୟ ଡାଇରିଆ ନିରାକରଣ ଅଭିଯାନକୁ ଶୁଭାରମ୍ଭ କରି କହିଥିଲେ ଯେ, ସ୍ୱଚ୍ଛତା ସହିତ ଓଆର୍‌ଏସ୍ ଦ୍ରବଣ, ଡାଇରିଆର ନିରାକରଣ। ଲୋକମାନେ ସ୍ୱଚ୍ଛତା ଅବଲମ୍ବନ କରିବା ସହ ପର୍ଯ୍ୟାପ୍ତ ପରିମାଣର ବିଶୁଦ୍ଧ ଜଳ ପିଇବା ଓ ଅସୁସ୍ଥ ଲାଗିଲେ ଓଆର୍‌ଏସ ପିଇବାକୁ ପରାମର୍ଶ ଦେଇଥିଲେ। ଖୁବ୍ ଶୀଘ୍ର ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆବଶ୍ୟକ ସଂଖ୍ୟକ ଡ଼ାକ୍ତର ନିଯୁକ୍ତି ଦିଆଯିବ ଏବଂ ଆସନ୍ତା ଦୁଇ ବର୍ଷ ମଧ୍ୟରେ ସ୍ୱାସ୍ଥ୍ୟକେନ୍ଦ୍ରର ରୂପରେଖ ବଦଳିଯିବ ବୋଲି ମନ୍ତ୍ରୀ ଶ୍ରୀଯୁକ୍ତ ମହାଲିଙ୍ଗ କହିଥିଲେ। ସମ୍ମାନିତ ଅତିଥି ଭାବେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ପ୍ରତିନିଧି ଜିଲ୍ଲା ବିଜେପି ସଭାପତି ରାସ ବିହାରୀ ବେହେରା, ସାଂସଦ ରୁଦ୍ର ନାରାୟଣ ପାଣି, ପରଜଙ୍ଗ ବିଧାୟକ ବିଭୁତି ଭୂଷଣ ପ୍ରଧାନ, କାମାକ୍ଷା ନଗର ବିଧାୟକ ଶତ୍ରୁଘ୍ନ ଜେନା, ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ, ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ, ନଗରପାଳ ଶୁଭେନ୍ଦୁ କୁମାର ସାହୁ, ଅତିରିକ୍ତ ନିର୍ଦ୍ଦେଶକ (ଶିଶୁ ସ୍ୱାସ୍ଥ୍ୟ) ଡା. ଆଦିତ୍ୟ ମହାପାତ୍ର, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସଞ୍ଜୟ କୁମାର ମହାପାତ୍ର , ଭୁବନ ମେଡ଼ିକାଲ ଅଫିସର ଡ଼ା. ରମେଶ କୁମାର ସାହୁ, ଡିପିଏମ (ଏନ୍‌ଏଚଏମ୍) ସସ୍ମିତା ସାହୁ ପ୍ରମୁଖ ଯୋଗଦେଇ ଥିଲେ। ଏହି ଅବସରରେ ନଗରପାଳ ଶୁଭେନ୍ଦୁ କୁମାର ସାହୁ ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଏନ୍‌ଏସିର ୩୦ ହଜାରରୁ ଊର୍ଦ୍ଧ୍ୱ ଓ ବ୍ଲକର ଲକ୍ଷାଧିକ ଲୋକ ନିର୍ଭର କରୁଥିବା ବେଳେ ଏଠାରେ ୧୨ଜଣ ଡାକ୍ତରଙ୍କ ବଦଳରେ ମାତ୍ର ୨ଜଣ ଡାକ୍ତର ରହିବା ଯୋଗୁ ସ୍ୱାସ୍ଥ୍ୟସେବା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଥିବା ଉଲ୍ଲେଖ କରି ତୁରନ୍ତ ଆବଶ୍ୟକ ସଂଖ୍ୟକ ଡ଼ାକ୍ତର ନିଯୁକ୍ତି ଦେବାକୁ ଲିଖିତ ଭାବେ ଦାବିପତ୍ର ପ୍ରଦାନ କରିଥିଲେ। ଶେଷରେ ଡାଇରିଆ ଅଭିଯାନ ପ୍ରଚାର ଗାଡ଼ିକୁ ପତାକା ଦେଖାଇ ଶୁଭାରମ୍ଭ କରାଯାଇଥିଲା। ଜୁଲାଇ ୩୧ ପର୍ଯ୍ୟନ୍ତ ନିରାକରଣ ଅଭିଯାନ ଚାଲିବ। ଆକାଉଣ୍ଟାଣ୍ଟ ଶୁଭକାନ୍ତ ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ସମସ୍ତ କର୍ମଚାରୀ ସକ୍ରିୟ ଅଂଶଗ୍ରହଣ କରି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

# ବିଜେଡିର ତିନି କର୍ମକର୍ତ୍ତା ମନୋନୀତ

ବଡ଼ଚଣା (ଭାସ୍କର ନ୍ୟୁଜ୍) : ବଡଚଣାରେ ବିଜୁ ଜନତା ଦଳ ତା'ର ତୃଣମୂଳ ସ୍ତରରୁ ସଂଗଠନକୁ ସୁଦୃଢ଼ ଓ ଶୃଙ୍ଖଳିତ କରିବା ପାଇଁ ଆଜି ଚଣ୍ଡିଖୋଲ ସ୍ଥିତ ରାଜୀବ ମେମୋରିଆଲ କାର୍ଯ୍ୟାଳୟ ଠାରେ କ୍ୟାପଟେନ ରାଜ ନାରାୟଣ ମହାପାତ୍ର ଓ ଦଳର ନବ ନିଯୁକ୍ତ ସଭାପତି ତାପସ ଚନ୍ଦ୍ର ରାୟଙ୍କ ଉପସ୍ଥିତିରେ ବଡଚଣା ବ୍ଲକ୍ ୧୯ନମ୍ବର ଜୋନ ଜିଲ୍ଲା ପରିଷଦ ସଭାପତି ଭାବେ କାର୍ତ୍ତିକ ମହାନ୍ତି, ସଧାରଣ ସମ୍ପାଦକ ଭାବରେ ତପନ କୁମାର ରାଉତରାୟ ଓ ସମ୍ପାଦକ ଭାବରେ ରଞ୍ଜିତ ସାମଲଙ୍କୁ ମନୋନୀତ କରାଗଲା ବୋଲି ଏକ ପ୍ରେସ ଇସ୍ତାହାରରେ ଜଣାଇଛନ୍ତି। ଏହି ତିନି ଜଣ ମନୋନୀତ ହୋଇଥିବା କମିଟିରେ ଯୋଗଦାନ ଦଳକୁ ଆହୁରି ମଜଭୂତ କରିବା ସହିତ ତୃଣମୂଳ ସ୍ତରରେ ପହଞ୍ଚାଇବାରେ ସକ୍ଷମ ହେବ।

# ଅବସରପ୍ରାପ୍ତ ଗୃହ ସଚିବଙ୍କ ଦସ୍ତଖତ ଜାଲିଆତି ନେଇ ଏତଲା



ଜଗତସିଂହପୁର (ଭାସ୍କର ନ୍ୟୁଜ୍) : ଅବସରପ୍ରାପ୍ତ ଗୃହ ବିଭାଗ ସଚିବ (୬୮) ବର୍ଷୀୟ କ୍ଷେତ୍ରମୋହନ ସେଠି ଆଜି ତିର୍ତ୍ତୋଲ ଥାନାରେ ଲିଖିତ ଅଭିଯୋଗରେ ଦର୍ଶାଇଛନ୍ତି ଯେ ତାଙ୍କ ଦସ୍ତଖତକୁ ଜାଲିଆତି କରି କନକପୁର ଫାଣ୍ଡି ଅଧିକାରୀ କୋର୍ଟରେ ଦାଖଲ କରିଛନ୍ତି। କ୍ଷେତ୍ରମୋହନ ସେଠି ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି ଯେ ଗତ ୭.୧୦.୨୪ରେ ସେ ତିର୍ତ୍ତୋଲ ଥାନାରେ କରିଥିବା ଅଭିଯୋଗକୁ ଭିତ୍ତିକରି ଥାନା କର୍ତ୍ତୃପକ୍ଷ ୪୯୭/୨୪ ନଂ କେସ୍ କରିଥିଲେ। ଉକ୍ତ କେସ୍ ଜି.ଆର କେସ ନଂ ୫୭୪/୨୪ ଭାବେ ତିର୍ତ୍ତୋଲ ଜେଏମ୍‌ଏଫ୍‌ସିଙ୍କ କୋର୍ଟରେ ବିଚାରାଧୀନ ରହିଛି। ଉକ୍ତ କେସ୍‌ରେ କ୍ଷେତ୍ରମୋହନ ସେଠୀଙ୍କୁ କୋର୍ଟରେ ୧୮.୨.୨୫ରେ ହାଜିରି ହେବା ପାଇଁ ନୋଟିସ ହୋଇଥିଲା। ସେ କୋର୍ଟରୁ ସାର୍ଟିଫାଏଡ଼ କପି ବାହାର କରିବା ପରେ ଜାଣିବାକୁ ପାଇଲେ ଯେ ଉକ୍ତ କେସ୍‌ର ତଦନ୍ତକାରୀ ଅଧିକାରୀ ଭାବେ କନକପୁର ଫାଣ୍ଡି ଅଧିକାରୀ ରାଜେନ୍ଦ୍ର କୁମାର ଭୋଳ ଅଛନ୍ତି। ତଦନ୍ତକାରୀ ଅଧିକାରୀ କେସ୍‌ର ତଦନ୍ତ ନକରି ଫାଇନାଲ ରିପୋର୍ଟ ତିର୍ତ୍ତୋଲ ଜେଏମ୍‌ଏଫ୍‌ସିରେ ଦାଖଲ କରିଛନ୍ତି। ବିଡ଼ମ୍ବନାର ବିଷୟ ଯେ ତଦନ୍ତକାରୀ ଅଧିକାରୀ ଏସ୍‌ଆଇ ରାଜେନ୍ଦ୍ର କୁମାର ଭୋଳ କ୍ଷେତ୍ରମୋହନ ସେଠୀଙ୍କ ନାମରେ ୩୧.୧୨.୨୪ରେ ଏକ ରେଫର ନୋଟିସ କରି ନୋଟିସ କପିରେ କ୍ଷେତ୍ରମୋହନ ସେଠୀଙ୍କ ଜାଲ ଦସ୍ତଖତ କରି କୋର୍ଟରେ ପ୍ରଦାନ କରିଛନ୍ତି। ଉକ୍ତ ନୋଟିସ ସମ୍ପର୍କରେ କ୍ଷେତ୍ରମୋହନ ସେଠି କିଛି ଜାଣି ନାହାନ୍ତି ବା ଦସ୍ତଖତ କରିନାହାନ୍ତି। ଜଣେ ଦଳିତ ବର୍ଗର ବରିଷ୍ଠ ନାଗରିକ ତଥା ଅବସରପ୍ରାପ୍ତ ଗୃହ ବିଭାଗ ସଚିବ କ୍ଷେତ୍ରମୋହନ ସେଠୀଙ୍କ ନାମରେ ହୋଇଥିବା ଜାଲ ଦସ୍ତଖତ ସମ୍ପର୍କରେ ତଦନ୍ତ ପାଇଁ ସେ ତିର୍ତ୍ତୋଲ ଥାନାରେ ସାର୍ଟିଫାଏଡ଼ କପି ସହିତ ଅଭିଯୋଗ କରିଛନ୍ତି। ଘଟଣା ସମ୍ପର୍କରେ ଏସ୍‌ପି, ଆଇଜି (କେନ୍ଦ୍ରାଞ୍ଚଳ), ପୋଲିସ ମହାନିର୍ଦ୍ଦେଶକ ଓ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରିଛନ୍ତି।

# ୪ଟି ଛକରେ ଉଠା ଜଳଖିଆ ଦୋକାନ ଉପରେ ଚଢ଼ାଉ



ବଡ଼ଚଣା (ଭାସ୍କର ନ୍ୟୁଜ୍) : ବଡଚଣା ବ୍ଲକରେ ଝାଡାବାନ୍ତି ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ବେଳେ ଏହାକୁ ପ୍ରତିରୋଧ କରିବା ପାଇଁ ବ୍ଲକ ପ୍ରଶାସନ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରଯାଇଛି। ବଡଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରତିଦିନ ଝାଡ଼ାବାନ୍ତି ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ପ୍ରଶାସନ ପାଇଁ ମୁଣ୍ଡବ୍ୟଥାର କାରଣ ହୋଇଛି। ଦୂଷିତ ପାଣି, ଦୂଷିତ ଖାଦ୍ୟ, ବାସୀଖାଦ୍ୟ, ଭୋଜି ଭାତ ଓ ଖୋଲା ମେଳାରେ ବିକ୍ରି ହେଉଥିବା ଜଳଖିଆ, ଖାଇବା ଯୋଗୁ ଏହି ରୋଗ ବ୍ୟାପୁଛି ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି। ବଡଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଗତକାଲି ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଗସ୍ତ ଓ ଆଜି ସ୍ୱାସ୍ଥ୍ୟ ସଚିବଙ୍କ ଗସ୍ତ ଯୋଗୁ ପ୍ରଶାସନ ତତ୍ପର ହୋଇ ଉଠିଛି। ଆଜି ଦର୍ପଣ ତହସିଲଦାର ମାନସ ରଞ୍ଜନ ତ୍ରିପାଠୀ ଓ ଅତିରିକ୍ତ ତହସିଲଦାର ଗଗନ ବିହାରୀ ଦାସଙ୍କ ନେତୃତ୍ୱରେ ଛତିଆ, ବଡ଼ଚଣା, ବାଲିଚନ୍ଦ୍ରପୁର, ଚଣ୍ଡିଖୋଲ ଆଦି ୪ଟି ଛକରେ ଥିବା ଉଠା ଜଳଖିଆ ଦୋକାନ, ଗୁପଚୁପ ଦହିବରା, ଫାଷ୍ଟ ଫୁଡ୍ ଦୋକାନ, ମାଛ, ମାଂସ ଦୋକାନ ଉପରେ ଚଢ଼ାଉ କରାଯାଇ ଖାଦ୍ୟର ମାନ ଯାଞ୍ଚ କରାଯାଇଛି। ବର୍ତ୍ତମାନ ରଜ ପର୍ବ ପାଳନ ଚାଲୁଥିବାରୁ ପିଲାମାନଙ୍କ ଠାରୁ ଆରମ୍ଭ କରି ବୟସ୍କ ବ୍ୟକ୍ତିମାନେ ବିଭିନ୍ନ ସ୍ଥାନରେ ବୁଲାବୁଲି କରିବା ସହିତ ବାହାରେ ବିକ୍ରୀ ହେଉଥିବା ଖାଦ୍ୟଖାଇ ଝାଡ଼ାବାନ୍ତିରେ ଆକ୍ରାନ୍ତ ହେଉଛନ୍ତି। ତୁରନ୍ତ ପ୍ରଶାସନ ପକ୍ଷରୁ ଏଥିପ୍ରତି ଦୃଷ୍ଟି ଦେବା ସହିତ ଖୋଲା ମେଳାରେ ବିକ୍ରି ହେଉଥିବା ଜଳଖିଆ ଦୋକାନୀ ଓ ଫାଷ୍ଟ ଫୁଡ୍ ଦୋକାନୀ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସାଧାରଣରେ ଦାବି ହେଉଛି। ଆଜି ସ୍ୱାସ୍ଥ୍ୟ ସଚିବ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଗସ୍ତ କରି ଯାଜପୁର ଜିଲ୍ଲା ସଦରମହକୁମା ସମୀକ୍ଷା କରିବା ପାଇଁ ଯାଇଥିବ ଜଣାପଡିଛି।

# ଅଘୋଷିତ ବିଦ୍ୟୁତ୍ କାଟ୍ ନେଇ ଦାବିପତ୍ର

ତାଳଚେର (ଭାସ୍କର ନ୍ୟୁଜ୍) : ଅଲ୍ ଓଡ଼ିଶା ମାନବଧିକାର ପରିଷଦ ସଭାପତି ଡ. ଦେବେନ୍ଦ୍ର କୁମାର ସିଂହ ଆଜି ତାଳଚେର ଉପଜିଲ୍ଲାପାଳ ସମୀର ଜେନାଙ୍କୁ



ତାଳଚେରରେ ବାରମ୍ବାର ଅଘୋଷିତ ବିଦ୍ୟୁତ୍ କାଟକୁ ରୋକାଯିବାକୁ ନେଇ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ତାଳଚେର ଏକ ଶିଳ୍ପାଞ୍ଚଳ ହୋଇଥିବାରୁ ଏଠାରେ ପାରଦ ଉପରମୁହାଁ ହେଉଥିବା ବେଳେ କୋଇଲା ପୋଡ଼ି ଓ କଳକାରଖାନା ଯୋଗୁଁ ପ୍ରଚୁର ପରିମାଣରେ ଗୁଳୁଗୁଳି ସହିତ ଅସହ୍ୟ ଗ୍ରୀଷ୍ମତାପ ଅଞ୍ଚଳବାସୀଙ୍କୁ ଅତିଷ୍ଠ କରି ପକାଇଥାଏ। ଏହାକୁ ନେଇ ରୋଗୀମାନଙ୍କ ସହ ଛାତ୍ରଛାତ୍ରୀଙ୍କ ପାଠପଢ଼ାରେ ବ୍ୟାହତ ହେଉଛି। ତାଳଚେର ୩ଟି ତାପଜ ବିଦ୍ୟୁତ୍ ପ୍ରକଳ୍ପ ରହିଥିଲେ ମଧ୍ୟ ତାଳଚେରବାସୀଙ୍କୁ ଏଥିରୁ ଉପେକ୍ଷା କରାଯାଇ ବାହାର ରାଜ୍ୟରେ ନିରବଚ୍ଛିନ୍ନ ଭାବରେ ବିଦ୍ୟୁତ୍ ସେବା ଯୋଗାଇ ଦେଉଥିବା ବେଳେ ଦୀପତଳ ଅନ୍ଧାର ସଦୃଶ୍ୟ ତାଳଚେର ଅଞ୍ଚଳରେ ବାରମ୍ବାର ବିଦ୍ୟୁତକାଟ ଜନଜୀବନକୁ ଅସ୍ତବ୍ୟସ୍ତ କରିପକାଉଛି। ଏହାକୁ ବିଚାରାକୁ ନେଇ ଶ୍ରୀ ସିଂହ ତାଳଚେର ଉଜିଲ୍ଲାପଳଙ୍କୁ ଲୋଭୋଲଟେଜ୍ ଓ ଅଘୋଷିତ ବିଦ୍ୟୁତ୍ କାଟ୍ ଭଳି ସମସ୍ୟା ସୁଧାର ଆଣିବାକୁ ଦାବିପତ୍ରରେ ମାଧମରେ ଜଣାଇଛନ୍ତି। ତେବେ ଉପଜିଲ୍ଲାପାଳ ଏଥିରେ ହସ୍ତକ୍ଷେପ କରି ଆଗାମୀ ଦିନରେ କ'ଣ ପଦକ୍ଷେପ ନେଉଛନ୍ତି ତାହା ଦେଖିବାକୁ କେବଳ ବାକି ରହିଛି।

# ଜେଏସ୍‌ଡବ୍ଲ୍ୟୁ ଉତ୍କଳ ଷ୍ଟିଲ୍ ପକ୍ଷରୁ ରଜ ମହୋତ୍ସବ



ପାରାଦୀପ (ଭାସ୍କର ନ୍ୟୁଜ୍) : ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ ପକ୍ଷରୁ ମଧୁବନ ସ୍ଥିତ କମ୍ପାନୀ କାର୍ଯ୍ୟାଳୟ ପରିସରରେ ପାରମ୍ପାରିକ ରଜ ମହୋତ୍ସବ ପାଳିତ ହେଇଯାଇଛି। ତିନିଦିନ ବ୍ୟାପି ଏହି ରଜପର୍ବକୁ କମ୍ପାନୀର ମହିଳା କର୍ମଚାରୀମାନେ ଅତି ଆନନ୍ଦଉଲ୍ଲାସ ସହକାରେ ପାଳନ କରିଥିଲେ। ପହିଲି ରଜରେ ଝିଅମାନଙ୍କ ମଧ୍ୟରେ ଅନ୍ତାକ୍ଷରୀ, ଅଳତା ଲଗେଇବା, ରଜ ପାନ ଭାଙ୍ଗିବା ଓ ରଜ କୁଇନ ପ୍ରତିଯୋଗିତା କରାଯାଇଥିଲା। ଏଥିରେ ଝାନସୀ ମଲ୍ଲ ରଜ କୁଇନ ଭାବେ ପ୍ରଥମ ସ୍ଥାନ ଅଧିକାର କରିଥିଲା ବେଳେ ନମିତା ନାୟକ ଅଳତା ଲଗା ପ୍ରତିଯୋଗିତାରେ ପ୍ରଥମ ହୋଇଥିଲେ। ଏହି କୃତୀ ପ୍ରତିଯୋଗୀମାନଙ୍କୁ ଜେଏସଡବ୍ଲ୍ୟୁ ପକ୍ଷରୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ସମସ୍ତେ ଆନନ୍ଦ ସହକାରେ ଦୋଳିରେ ଝୁଲିବା ସହିତ ଲୁଡୁ ଓ ଅନ୍ତାକ୍ଷରୀ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥଲେ। ଶେଷରେ ଜେଏସଡବ୍ଲ୍ୟୁ ପକ୍ଷରୁ ଏକ ସୁସ୍ୱାଦୁ ମଧ୍ୟାହ୍ନ ଭୋଜନର ବ୍ୟବସ୍ଥା କରାଯାଇଥିଲା। ଏହି ଉତ୍ସବରେ ସ୍ଥାନୀୟ କାର୍ଯ୍ୟାଳୟର ବିଭିନ୍ନ ବିଭାଗୀୟ ମୁଖ୍ୟ ଓ ଅନ୍ୟ ସମସ୍ତ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ବରିଷ୍ଠ ନାଗରିକ ସମିତିର ସ୍ୱତନ୍ତ୍ର ବୈଠକ




ବାରିପଦା (ଭାସ୍କର ନ୍ୟୁଜ୍) : ଆଜି ପୂର୍ବାହ୍ନ ୧୧ଘଟିକା ସମୟରେ ବରିଷ୍ଠ ନାଗରିକ ସମିତି, ବାରିପଦା, ମୟୂରଭଞ୍ଜର ଏକ ବିଶେଷ ଅଧିବେଶନ, ଅନୁଷ୍ଠାନର ସ୍ଥାୟୀ ସଭାପତି ଡ. ଯୋଗେନ୍ଦ୍ର ନାଥ ପଣ୍ଡାଙ୍କ ପୌରୋହିତ୍ୟରେ ମଧୁବନ ସ୍ଥିତ ମୟୂରଭଞ୍ଜ କେମିଷ୍ଟ ଓ ଡ୍ରାଗିଷ୍ଟ ଭବନରେ ଅନୁଷ୍ଠିତ ହୋଇ ଯାଇଛି। 'ବରିଷ୍ଠ ନାଗରିକ ମାନଙ୍କର ମାନସିକ ସ୍ୱାସ୍ଥ୍ୟ ସଚେତନତା ପାଇଁ ଯୋଗ ଓ ଦୈନନ୍ଦିନ ଶାରିରୀକ ବ୍ୟାୟାମର ଆବଶ୍ୟକତା' ଶୀର୍ଷକ ବିଷୟବସ୍ତୁ ଉପରେ ଆଲୋଚନା ନିମନ୍ତେ ବିଷୟ ବିଶାରଦ ଭାବରେ କନ୍ୟାକୁମାରୀ ବିବେକାନନ୍ଦ କେନ୍ଦ୍ରର ଜିଲ୍ଲା ପ୍ରମୁଖ ଅନିଲ କୁମାର କର, ଜିଲ୍ଲା କେନ୍ଦ୍ର ପରିଚାଳକ ଅବସରପ୍ରାପ୍ତ ଅଧକ୍ଷ ସନ୍ଦିପ କୁମାର ଚାନ୍ଦ, ସହର ମୁଖ୍ୟ କେନ୍ଦ୍ର ପରିଚାଳକ ଶିବ ଶଙ୍କର ଗିରି ପ୍ରମୁଖ ଯୋଗଦେଇ ବିଷୟ ବସ୍ତୁ ଭିତ୍ତିକ ସାରଗର୍ଭକ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅଥିତି ସାମ୍ବାଦିକ ସଂଜୟ ଚୌଧୁରୀ ଜିଲ୍ଲା ତଥା ଆଞ୍ଚଳିକ ଉନ୍ନତି ପାଇଁ ଅନୁଷ୍ଠାନର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟକ୍ରମ ବିଷୟ ନିଜ ବକ୍ତବ୍ୟରେ ଉଲ୍ଲେଖ କରିଥିଲେ। ଅନୁଷ୍ଠାନର ସମ୍ପାଦକ ବସନ୍ତ କୁମାର ଦାସ ଆଗାମୀ ଦିନରେ ଅନୁଷ୍ଠାନ ବହୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ହାତକୁ ନେବା ବିଷୟ ନିଜ ବକ୍ତବ୍ୟରେ ଉଲ୍ଲେଖ କରିଥିଲେ। ଅନୁଷ୍ଠାର ଉପସଭାପତି ରଘୁନାଥ ପଣ୍ଡା ଅତିଥି ମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିବା ସଙ୍ଗେ ସଙ୍ଗେ ଅତିଥି ମାନଙ୍କର ପରିଚୟ ପ୍ରଦାନ କରିଥିଲେ। ଅନୁଷ୍ଠାନର ଉପଦେଷ୍ଟା ସର୍ବେଶ୍ୱର ଭୂୟାଁ, ରଞ୍ଜନ କୁମାର ପାତ୍ର ଓ ଡ. କୁଞ୍ଜବନ ପୃଷ୍ଟି ନିଜ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଅହମଦାବାଦ ବିମାନ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଯାତ୍ରୀମାନଙ୍କ ଉଦ୍ଦେଶ୍ୟରେ ଏକ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ଶତାଧିକ ବରିଷ୍ଠ ନାଗରିକ ଏହି ବୈଠକରେ ଯୋଗ ଦେଇଥିଲେ। ଅନୁଷ୍ଠାନର ପ୍ରମୋଟର ବିକ୍ରମ କେଶରୀ ଜେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଦସ୍ୟ ଈଶ୍ୱର ଚନ୍ଦ୍ର ଦାସ, ସୁବୋଧ କୁମାର ପଲେଇ ଓ ନନୀଗୋପାଲ ମହାନ୍ତି ସହଯୋଗ କରିଥିଲେ। ଶେଷରେ ବରିଷ୍ଠ ସଦସ୍ୟ ତଥା ଅନୁଷ୍ଠାନର ଉପସଭାପତି ରଘୁନାଥ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।


## ଅସହ୍ୟ ହେଉଛି ମହାଜନଙ୍କ ନିର୍ଯାତନା, ଗାଁ ଛାଡୁଛନ୍ତି ଲୋକେ

# ୫ ବର୍ଷରେ ୧୦ ପରିବାର ନିଖୋଜ


ଧାମନଗର (ଭାସ୍କର ନ୍ୟୁଜ୍) : ଓଡ଼ିଆ ଘରର ବଡ଼ ପର୍ବ 'ରଜ'। ସମସ୍ତଙ୍କ ଘରେ ପିଠାପଣା। ପିଲାଙ୍କର ନୂଆ ପୋଷାକ। କେତେ ଉତ୍ସାହ ଉଦ୍ଦୀପନା। ହେଲେ କାଳିଆ ସୂତାରଙ୍କ ପରିବାରରେ ସବୁକିଛି ମଉଳି ଯାଇଛି। ଦୁଇ ପିଲାଙ୍କ ଠାରେ ସରସ ନାହିଁ। ସ୍ତ୍ରୀଙ୍କ ମନରେ ସରାଗ ନାହିଁ। ମୁଣ୍ଡ ଉପରେ ପିଲାଙ୍କ ପାଠପଢ଼ାର ବୋଝ। ପୁଣି ସ୍ୱାମୀଙ୍କ ଘର ଛାଡ଼ିବାର ଦୁଃଖ। ଧାମନଗର ଥାନା ଅଞ୍ଚଳ ଆନନ୍ଦପୁର ପଞ୍ଚାୟତର ଏମିତି ଗୋଟିଏ ଘଟଣା ନୁହଁ, ଦଶ ଦଶଟି ପରିବାରରେ ଏ ପରିସ୍ଥିତି। ଡାକଘର ପାଖ ଅନନ୍ତ ବାରିକଙ୍କର ଅବସ୍ଥା ବି ସେମିତି। ୨୦୧୪ରୁ ଘର ଛାଡ଼ି ପଳାଇଛନ୍ତି। ମା ଚାଲିଗଲେ। ହେଲେ ସେ ଆସିଲେ ନାହିଁ। ଉତ୍ତେଇପୁରର ସୂତାର ଘରର ସ୍ୱାମୀ ସ୍ତ୍ରୀ ବି ନିଖୋଜ। ପାହାଡ଼ପୁରର ସ୍ୱାଇଁ ଘରର ପୁଅ ବୋହୂ ଫେରାର। ଆନନ୍ଦପୁର ନାଥ ସାହିରୁ ଜଣେ ମହିଳାଙ୍କ ପତ୍ତା ମିଳୁନି। ଚମ୍ପାବାଗ ନାଥସାହିର ରାଜୁ ବି ସ୍ତ୍ରୀଙ୍କୁ ଧରି ଗାଁ ଛାଡ଼ି ଦେଇଛି। ଯାଦବ ସାହିର ଜୟନ୍ତ, ହାତିଡିଅର ଶିବ ଜେନା ମଧ୍ୟ ପିଲାଛୁଆଙ୍କୁ ନେଇ ଗାଁ ଛାଡ଼ି ବାହାରେ ଲୁଚୁଛନ୍ତି। ଏଗୁଡ଼ିକ ହେଉଛି ଆଖି ଦେଖା ଉଦାହରଣ। ଆହୁରି ଅନେକ ଘଟଣା ଏମିତି ସବୁ ହେଉଛି। ଗାଁରେ ବେଆଇନ ମହାଜନି କାରବାରର ଶିକାର ଓ ଋଣ ଆଦାୟ ସଂପର୍କିତ ନିର୍ଯାତନା ସହି ନ ପାରି ଏମାନେ ଗାଁ ଛାଡ଼ିବାକୁ ବାଧ ହୋଇଛନ୍ତି। କରୋନା ପରଠାରୁ ଏଭଳି ସଂଖ୍ୟା ବଢ଼ିବାରେ ଲାଗିଛି। ଏମାନଙ୍କ ଭିତରୁ କେହି କେହି ଛୋଟମୋଟ ବେପାର ପାଇଁ ଗାଁ ମହାଜନ, ଗାଁରେ ଗଢ଼ି ଉଠିଥିବା ବେଆଇନ ସୋସାଇଟିରୁ ହାତ ଉଧାରି ଆଣିଥିଲେ। ଆଖି ସାମନାରେ ଥିବା ନିହାତି ଆବଶ୍ୟକତାକୁ ଗୁରୁତ୍ୱ ଦେଇ ଉଚ୍ଚ ସୁଧ ହାରକୁ ଅଣଦେଖା କରି ଋଣ ନେଇଥିଲେ। କିଏ ମାସିକ ୨୦ ପଇସା ତ କିଏ ସାପ୍ତାହିକ ୫ ପଇସା ସୁଧ ହାରରେ ଲୋନ୍ ନେଇଥିଲେ। ଏଇ ମହାଜନମାନେ ଆଖପାଖରେ ଥିବା ସୋସାଇଟିରୁ ବା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ପାଖରୁ ଅଳ୍ପ ସୁଧ ହାରରେ ଟଙ୍କା ନେଇ ନିଅନ୍ତି। ଆଉ ସେହି ଟଙ୍କାକୁ ଗାଁରେ ଉଚ୍ଚ ସୁଧ ହାରରେ ଉଧାର ଆକାରରେ ଦେଇଥାନ୍ତି। ଗରିବ ଲୋକଟି କିଏ ବେପାର ପାଇଁ ତ କିଏ ପିଲାର ଉଚ୍ଚଶିକ୍ଷା ଭଳି ଜରୁରି ଆବଶ୍ୟକତାକୁ ପୂରଣ ଲାଗି ଏହି ମହାଜନଙ୍କୁ ସୁଧ ହାରରେ ରାଜି ହୋଇ ଋଣ ନେଇଯାଆନ୍ତି। ତା'ପରେ ଏ ମହାଜନଙ୍କ ସର୍ତ୍ତ ବି ଅଜବ ପ୍ରକାରର ଥାଏ। ବେପାର ବୁଡ଼ିଯିବା, ରୋଜଗାର ହରାଇବା ଭଳି ଅବସ୍ଥାରେ ପଡ଼ି ଋଣ ସୁଝି ପାରନ୍ତି ନାହିଁ କି ସୁଧ ଦେଇ ପାରନ୍ତି ନାହିଁ। ମାସେ ଦି ମାସ ପରେ ମହାଜନଙ୍କର ପ୍ରାଦୁର୍ଭାବ ବଢ଼ିଯାଏ। କିଏ ଲୋକ ଲଗାଇ ଧମକ ଚମକ ଦିଏ ତ କିଏ ରାସ୍ତାଘାଟରେ ହଇରାଣ ହରକତ କରେ। ସାମାଜିକ ସମ୍ମାନହାନିର ଭୟରେ ଋଣ ନେଇଥିବା ଲୋକଟି ଶେଷରେ ଗାଁ ଛାଡ଼ିବାକୁ ବାଧ୍ୟ ହୋଇଥାଏ। ଗରିବ ଲୋକ। ଚାକିରି ନଥିବାରୁ ସିବିଲ ସ୍କୋର ସମସ୍ୟା ଥାଏ। ଏଣୁ ଏମାନଙ୍କୁ ବ୍ୟାଙ୍କ ଋଣ ଦେଇନଥାଏ। ଏଥିଲାଗି ଏମାନେ ଗାଁରେ ହାତ ଉଧାରି ନେଇ ଆବଶ୍ୟକ ମେଣ୍ଟାଇଥାନ୍ତି। ଅପରପକ୍ଷରେ ଏଭଳି ମହାଜନ୍ କାରବାରକୁ ରୋକିବା ଲାଗି ସରକାରଙ୍କର ଦି ଉରୋସିଅସ ଲୋନସ ଆକ୍ଟ ୨୦୧୮ ଥିଲେ ବି ଗାଁ ଗହଳିର ଲୋକ ଏ ଆଇନ ଜାଣନ୍ତି ନାହିଁ। ଏଣୁ ହଇରାଣ ହୁଅନ୍ତି। ତେବେ ଗାଁ ଗହଳିରେ ଏଭଳି ସମସ୍ୟାକୁ ରୋକିବା ଲାଗି କର୍ଣ୍ଣାଟକ ସରକାରଙ୍କ ଭଳି ମାଇକ୍ରୋ ଫାଇନାନ୍ସ ରେଗୁଲେସନ ଆକ୍ଟ ଲାଗୁ କରିବାର ଆବଶ୍ୟକତା ରହିଛି ବୋଲି ଫାଇନାନସିଆଲ ଆଡଭାଇଜର ବିରଜା ପ୍ରସାଦ ସିଂହ କହିଛନ୍ତି। ସେପଟେ ପୋଲିସ ମଧ୍ୟ ସାମାଜିକ ସନ୍ତୁଳନ ରକ୍ଷା କରିବା ଲାଗି ନିଜଆଡୁ ମାମଲା ରୁଜୁ କରିବା ଦରକାର ବୋଲି ସେ କହିଛନ୍ତି। ଆଉ ଜଣେ ଆର୍ଥିକ କାରବାର ବିଶେଷଜ୍ଞ ସ୍ୱାଧୀନ ସାହୁଙ୍କ କହିବା ଅନୁସାରେ, ଯେଉଁ ଲୋକମାନେ ଋଣ ନେଇ ଉଚ୍ଚ ସୁଧ ଦେଉଛନ୍ତି, ତାହାର ପ୍ରମାଣ ରଖି ପୋଲିସରେ ଅଭିଯୋଗ କଲେ ମହାଜନି କାରବାର ଉପରେ କାର୍ଯ୍ୟାନୁଷ୍ଠାନ ହୋଇପାରନ୍ତା।

## ରାଶିଫଳ


ମଙ୍ଗଳବାର, ୧୭ ଜୁନ୍ ୨୦୨୫



**ମେଷ:** ପରିଶ୍ରମର ଫଳ ମିଠା ହେବ। ସାମାଜିକ କାର୍ଯ୍ୟରେ ଆଗ୍ରହୀ ହେବେ। ଆପଣଙ୍କୁ ସମ୍ମାନ ମିଳିବ। ବ୍ୟବସାୟ ଇଚ୍ଛାକୃତ ଲାଭ ପ୍ରଦାନ କରିବ। ଜଣେ ପ୍ରଭାବଶାଳୀ ବ୍ୟକ୍ତିଙ୍କ ପରିଚୟ ବୃଦ୍ଧି ପାଇବ। ଶାରୀରିକ କଷ୍ଟ ସମ୍ଭାବନା। ଅଜ୍ଞାତ ଭୟ ହନ୍ତସନ୍ତ କରିବ। ଚିନ୍ତା ଏବଂ ଟେନସନ ରହିବ।




**ବୃଷ:** ଆପଣ ଦୂରରୁ ସୁଖଦ ସୂଚନା ପାଇପାରିବେ। ଅତିଥିମାନେ ଘରେ ପହଞ୍ଚିବେ। ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ବିପଦ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ। ବଡ କାମ କରିବାକୁ ଇଚ୍ଛା କରିବେ। ପରିବାର ସହାୟତା ଯୋଗାଇ ଦିଆଯିବ।



**ମିଥୁନ:** ନୂତନ ପୋଷାକ କିଣିବା ଉପରେ ଖର୍ଚ୍ଚ ହେବ। ଯାତ୍ରା ଚିତ୍ତାକର୍ଷକ ହେବ। ଆପଣଙ୍କର ଭାଇମାନଙ୍କ ସମର୍ଥନ ପାଇବେ। ବିପଦ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ। ଘର ବାହାରେ ଖୁସିର ପରିବେଶ ରହିବ। ନୂତନ ବନ୍ଧୁ ସୃଷ୍ଟି ହେବ। ଏକ ନୂତନ ଉଦ୍ୟମ ଆରମ୍ଭ କରିବାକୁ ଯୋଜନା ହୋଇପାରେ।




**କର୍କଟ:** ପାରିବାରିକ ଚିନ୍ତାଧାରା ରହିବ। କାରବାରରେ ତତ୍ପର ହୁଅନ୍ତୁ ନାହିଁ। ଆବଶ୍ୟକ ଦ୍ରବ୍ୟ ହଜିଯାଇ ପାରେ। ବିବାଦକୁ ପ୍ରୋତ୍ସାହିତ କରନ୍ତୁ ନାହିଁ। ଜଣେ ବ୍ୟକ୍ତିଙ୍କ ଉତ୍ତେଜନାରେ ଆସନ୍ତୁ ନାହିଁ। ଆଜି କୌଣସି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଅନ୍ତୁ ନାହିଁ।




**ସିଂହ:** ପରିବାର ଏବଂ ସାଙ୍ଗମାନଙ୍କ ସହିତ ଏକ ମନୋରମ ଯାତ୍ରା ଆୟୋଜିତ ହୋଇ ପାରିବ। ବନ୍ଦ ହୋଇଥିବା ଅର୍ଥ ହେଉଛି ପ୍ରାପ୍ତିର ପରିମାଣ। ସାଙ୍ଗମାନଙ୍କ ସାହାଯ୍ୟରେ କାର୍ଯ୍ୟ ସମାପ୍ତ ହେବ। ଏକ ନୂତନ କାର୍ଯ୍ୟ ଆରମ୍ଭ କରିବାକୁ ଯୋଜନା ହେବ। ଏହି କାର୍ଯ୍ୟ ଉଚ୍ଚ ପଦାଧିକାରୀଙ୍କ ପ୍ରଶଂସା ପାଇବେ। ସମୟ ଅନୁକୂଳ ଅଟେ।




**କନ୍ୟା:** କର୍ମକ୍ଷେତ୍ରରେ ପରିବର୍ତ୍ତନ ସମ୍ଭବ। ଆଜିର ଯୋଜନା ସଫଳ ହେବ। ବ୍ୟବସାୟ ଅଭିବୃଦ୍ଧିକୁ ବିଚାର କରାଯାଇପାରେ। ଅଧିକାରୀମାନେ ଚାକିରିରେ ଖୁସି ହେବେ। ଅଧସ୍ତନମାନଙ୍କ ସହଯୋଗ ଯୋଗାଇ ଦିଆଯିବ। ପାରିବାରିକ ଚିନ୍ତାଧାରା ରହିବ। ବ୍ୟବସାୟରେ ଅନୁକୂଳ ଲାଭ ହେବ। ଉତ୍ସାହ ଏବଂ ସୁଖ ରହିବ।



**ତୁଳା:** ଏକ ଧାର୍ମିକ ସ୍ଥାନକୁ ଯାତ୍ରା ଯୋଜନା କରାଯାଇପାରେ। ସତସଙ୍ଗର ଲାଭ ହେବ। ପରିବାର ସହାୟତା ଉପଲବ୍ଧ ହେବ। ଘର ବାହାରେ ଶାନ୍ତି ଏବଂ ସୁଖ ରହିବ। ଜଣେ ପ୍ରଭାବଶାଳୀ ବ୍ୟକ୍ତିଙ୍କ ମାର୍ଗଦର୍ଶନ ସହାୟକ ହେବ। ଟଙ୍କା ପାଇବାରେ ବାଧା ଦୂର ହେବ।



**ବିଛା:** ଆଘାତ ଏବଂ ଦୁର୍ଘଟଣାରୁ କ୍ଷତି ସମ୍ଭବ। ବେପରୁଆ ହୁଅନ୍ତୁ ନାହିଁ। ଜଣେ ବ୍ୟକ୍ତିଙ୍କ ସହିତ ଏକ ଅର୍ଥହୀନ ବିବାଦ ହୋଇପାରେ। ମାନସିକ ଦୁଃଖ ଆସିବ। ମୂଲ୍ୟବାନ ସାମଗ୍ରୀକୁ ସୁରକ୍ଷିତ ରଖନ୍ତୁ। ବିପଦ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ। ଚିନ୍ତା ଏବଂ ଟେନସନ ରହିବ। ଆୟ ହ୍ରାସ ହୋଇପାରେ। ବ୍ୟବସାୟ ଭଲ କରିବ। ଲୋକଙ୍କଠାରୁ ଅଧିକ ଆଶା କରନ୍ତୁ ନାହିଁ।




**ଧନୁ:** ଶୀଘ୍ର କାର୍ଯ୍ୟ କଲେ ତାହା ଖରାପ ହେବ ଏବଂ ସମସ୍ୟା ବଢିପାରେ। ବିଭିନ୍ନ କ୍ଷେତ୍ରରେ ବିରୋଧ ହେବ। ପ୍ରେମ ସଂପର୍କରେ ସୁସଙ୍ଗତତା ରହିବ। ବାହାରକୁ ଯିବାକୁ ଯୋଜନା ହେବ। ଜଣେ ବୟସ୍କ ବ୍ୟକ୍ତିଙ୍କ ସହଯୋଗ କାର୍ଯ୍ୟକୁ ସହଜ କରିବ। ଘର ବାହାରେ ଶାନ୍ତି ରହିବ। ଚାକିରିରେ ଶାନ୍ତି ରହିବ। ବ୍ୟବସାୟ ଲାଭଦାୟକ ହେବ।




**ମକର:** ଜମି, ବିଲଡିଂ, ଦୋକାନ, ଶୋ'ରୁମ୍ ଏବଂ କାରଖାନା ଇତ୍ୟାଦି କିଣାବିକାରେ ଲାଭବୃଦ୍ଧି ହେବ। ବଡ କାରବାର ବଡ ଲାଭ ଦେଇପାରେ। ଭାଗ୍ୟର ପଦୋନ୍ନତି ପ୍ରୟାସ ସଫଳ ହେବ। ବିବାଦକୁ ପ୍ରୋତ୍ସାହିତ କରନ୍ତୁ ନାହିଁ। ଦୁର୍ନୀତିରୁ ଦୂରେଇ ରୁହନ୍ତୁ। ବିପଦ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ।



**କୁମ୍ଭ:** ମୂଲ୍ୟବାନ ଜିନିଷକୁ ସୁରକ୍ଷିତ ରଖନ୍ତୁ। ଏକ ପାର୍ଟୀ ଏବଂ ପିକନିକ୍ ପାଇଁ ଏକ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇପାରିବ। ଶୁଭ କାର୍ଯ୍ୟରେ ଭାଗ ନେବାକୁ ଆପଣ ଏକ ସୁଯୋଗ ପାଇବେ। ସୁସ୍ୱାଦୁ ଖାଦ୍ୟଗୁଡ଼ିକ ଉପଭୋଗ ହେବ। ସାଙ୍ଗମାନଙ୍କଠାରୁ ସମର୍ଥନ ପାଇବେ। ପରିବାରରେ ସୁଖ ରହିବ। ଶୀଘ୍ର କାର୍ଯ୍ୟ କଲେ କ୍ଷତି ସମ୍ଭବ। ଶରୀର ସମସ୍ୟାରୁ ଦୂରେଇ ରୁହନ୍ତୁ।



**ମୀନ:** ଅନ୍ୟମାନଙ୍କଠାରୁ ଅଧିକ ଆଶା କରନ୍ତୁ ନାହିଁ। ଶୀଘ୍ର କାର୍ଯ୍ୟରେ ବାଧା ସୃଷ୍ଟି କରିବ। ଦୌଡ଼ଧାପଡ ଅଧିକ ହେବ। ଆପଣ ଚିନ୍ତାଜନକ ସୂଚନା ପାଇପାରିବେ, ଧର୍ଯ୍ୟବାନ ହୁଅନ୍ତୁ। ନିର୍ମାଣ କାର୍ଯ୍ୟ ବିଳମ୍ବ ହେବ। ଚିନ୍ତା ଏବଂ ଟେନସନ ରହିବ। ସାଙ୍ଗମାନଙ୍କ ସହିତ ସମୟ ଭଲ ହେବ। ଚାକିରିରେ ରହିବେ।



ଶ୍ରୀପତି ଆଚାର୍ଯ୍ୟ

ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ନୂଆପଡ଼ା, (ଭାସ୍କର ନ୍ୟୁଜ): କବିର କବିତ୍ୱ ଉପରେ ଆସ୍ଥା ରହିବା ଦରକାର । ମନନ କଲେ ନିରନ୍ତର ପଠନ ଓ ଅଭ୍ୟାସ ରଖିଲେ କବିତା ମାର୍ଜିତ ଏବଂ ସର୍ବ ଜନାଦୃତ ହୋଇଥାଏ ବୋଲି ଜିଲ୍ଲାପାଳ ମଧୁସୂଦନ ଦାଶ କହିଛନ୍ତି । ସ୍ଥାନୀୟ ମିନି ଷ୍ଟାଡିୟମ ପଡିଆରେ ଚାଲିଥିବା ବିକାଶ ମେଳାରେ ଆୟୋଜିତ କବିତା ପାଠୋତ୍ସବରେ ଯୋଗ ଦେଇ ଜିଲ୍ଲାପାଳ ଏହା କହିଛନ୍ତି । ସମବାୟ ବିଭାଗ ଦ୍ୱାରା ଆୟୋଜିତ ଏହି ସମ୍ମିଳନୀରେ ଜିଲ୍ଲାପାଳ ଅଧ୍ୟକ୍ଷତା କରିଥିଲେ । ଏଥିରେ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ୫୦ ସଂଖ୍ୟକ କବି ଯୋଗ ଦେଇଥିଲେ । ଜିଲ୍ଲାର ପ୍ରଖ୍ୟାତ ସହ ବିଭିନ୍ନ ଦିଗରେ ସ୍ୱକୀୟ ଅନୁଭୂତିକୁ କବିତା ମାଧ୍ୟମରେ ବଖାଣିଥିଲେ । ଏହି ଅବସରରେ ଜିଲ୍ଲାପାଳ ମଧୁସୂଦନ ଦାଶ, ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଇତ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ୱୋଦର ଧରୁଆ, ଉପ ଜିଲ୍ଲାପାଳ ଯୋଗେନ୍ଦ୍ର ମାଝୀ, ଡେପୁଟି କଲେକ୍ଟର କୁରୁକ୍ଷେତ୍ର ନାଏକଙ୍କ ସମେତ ବହୁ ଜିଲ୍ଲା ସ୍ତରୀୟ ଅଧିକାରୀମାନେ ମଧ ନିଜ ନିଜର କବିତା ପାଠ କରିଥିଲେ । ବରିଷ୍ଠ ଶିକ୍ଷକ ତଥା କବି ଗୌରାଙ୍ଗ ଚରଣ ସାହୁ ଏବଂ କବୟତ୍ରୀ ଲକ୍ଷ୍ମୀ କବୟତ୍ରୀ ଆସରକୁ ସଂଯୋଜନା କରିଥିଲେ ଓ ବିଷ୍ଣୁ ଦତ୍ତ ମିଶ୍ର ମଞ୍ଚ ପରିଚାଳନା କରିଥିଲେ । ଶେଷରେ ସମସ୍ତ କବିଙ୍କୁ ମାନପତ୍ର ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା । କାର୍ଯ୍ୟକ୍ରମରେ ବିଶେଷ ଅତିଥିଭାବେ ପୂର୍ବତନ କଳାହାଣ୍ଡି ସାଂସଦ ବସନ୍ତ କୁମାର ପଣ୍ଡା ଯୋଗ ଦେଇ କବିତା ଆସରର ମୁଖ୍ୟ ସୁଯୋଗ ଜିଲ୍ଲାପାଳ, ଜିଲ୍ଲା ପ୍ରଶାସନ ତଥା ସମସ୍ତ କବି କବୟତ୍ରୀ ମାନଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ । ଜିଲ୍ଲାର ବହୁ ସଂଖ୍ୟାରେ କବିତା ପ୍ରେମୀ ସୁଧି ମଣ୍ଡଳୀ ଏହି କବିତା ଆସରକୁ ଉପଭୋଗ କରିଥିଲେ ।

# ବିକାଶ ମେଳାରେ ଯୋଗ ଦେଲେ ଖଣିମନ୍ତ୍ରୀ



ରାୟଗଡା, (ଭାସ୍କର ନ୍ୟୁଜ): ସ୍ଥାନୀୟ ଗୋବିନ୍ଦ ଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ବିକାଶ ମେଳା ଅନୁଷ୍ଠିତ ହୋଇଯାଇଛି । ରବିବାର ଜିଲ୍ଲାପାଳ ପାରୁଲ ପଟାୱରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ବିକାଶ ମେଳାର ୪ର୍ଥ ଦିବସରେ ମୁଖ୍ୟ ଅତିଥି ଭାବେ ବାଣିଜ୍ୟ ଓ ପରିବହନ, ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୁତି ଭୂଷଣ ଜେନା ଯୋଗ ଦେଇଥିଲେ । ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଅବସରରେ ନୂଆ ସରକାର କଥା ଦେଇ କଥା ରଖି ରାଜ୍ୟର ଜନସାଧାରଣଙ୍କ ହିତ ଉଦ୍ଦେଶ୍ୟରେ କାର୍ଯ୍ୟକାରୀ କରିଥିବା ଓ ଆଗାମୀ ଦିନରେ ହେବାକୁ ଥିବା ବିଭିନ୍ନ ବିକାଶମୁଖୀ ଯୋଜନା ଓ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ । ରାୟଗଡା ଜିଲ୍ଲାର ପ୍ରଭାରୀ ଦାୟିତ୍ୱ ତୁଲାଉ ଥିବାରୁ ଜିଲ୍ଲାର ସର୍ବାଙ୍ଗୀନ ଉନ୍ନତି ଓ ବିକାଶ ନିମନ୍ତେ ଆବଶ୍ୟକ ସମସ୍ତ ପଦେକ୍ଷପ ସରକାରଙ୍କ ତରଫରୁ ନିଆଯିବ ଓ ଏଥିପାଇଁ ସମସ୍ତଙ୍କର ସହଯୋଗର ଆବଶ୍ୟକତା ରହିଛି ବୋଲି ମାନ୍ୟବର ମନ୍ତ୍ରୀ ଦର୍ଶାଇଥିଲେ । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ସହାୟତା ବଣ୍ଟନ ସହ ହିତାଧିକାରୀଙ୍କୁ ସମ୍ବର୍ଦ୍ଧନା କରିଥିଲେ ଯଥା ନିର୍ମାଣ ଶ୍ରମିକ ସହାୟତା ରାଶି,ଆୟୁଷ୍ମାନ କାର୍ଡ, ବୟୋ ବନ୍ଦନା କାର୍ଡ, ଅନ୍ତୋଦୟ ଗୃହ ଯୋଜନା କାର୍ଯ୍ୟାଦେଶ ଇତ୍ୟାଦି ମୁଖ୍ୟ ଅତିଥି ମାନ୍ୟବର ମନ୍ତ୍ରୀ ଙ୍କ କରକମଳରେ ପ୍ରଦାନ କରାଯାଇଥିଲା । ଜିଲ୍ଲାରେ ଅନୁସୁଚିତ ଜନଜାତିଙ୍କ ସଂଖ୍ୟା ସର୍ବାଧିକ ତଥା ଡଙ୍ଗରିଆ କନ୍ଧ ଓ ଲାଞ୍ଜିଆ ସୌରଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରିବା ସହ ବିକାଶର ଧାରାକୁ ପୁରପଲ୍ଲୀରେ ପହଞ୍ଚାଇବାରେ ବଳିଷ୍ଠ ପଦକ୍ଷେପ ଗ୍ରହଣ ପାଇଁ ପରାମର୍ଶ ଦେଇଥିଲେ । ମନ୍ତ୍ରୀ ପଡିଆରେ ସମସ୍ତ ଷ୍ଟଲ ବୁଲି ଦେଖିଥିଲେ ଓ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟଙ୍କ ସହ ଆଲୋଚନା କରିଥିଲେ । ମା' ପାଇଁ ଗଛଟିଏ ଯୋଜନାରେ ଜିସିଡି ପଡିଆରେ ଚାରାରୋପଣ କରିଥିଲେ । ଏହି କାର୍ଯ୍ୟକ୍ରମ ରାୟଗଡ଼ ଅରକ୍ଷୀ ଅଧିକ୍ଷକ ଏସ ସ୍ୱାତୀ କୁମାର, ଖଣ୍ଡିୟ ବନ ଅଧିକାରୀ, ସଚିନ ଅନ୍ନାହେବ ଓହଲେ, ଉପଜିଲ୍ଲାପାଳ ରାୟଗଡ଼ ରମେଶ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ । ମୁଖ୍ୟ ଉନ୍ନୟନ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ ପ୍ରାରମ୍ଭିକ ଅଭିଭାଷଣ ରଖିଥିଲେ । ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । । ପରେ ମଞ୍ଚ ଜିଲ୍ଲା ସଂସ୍କୃତି ପରିଷଦ ତରଫରୁ ସାଂସ୍କତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସମସ୍ତ କାର୍ଯ୍ୟକ୍ରମକୁ ବିଦିଶା ଶତପଥୀ ପରିଚାଳନା କରିଥିଲେ ।

# ବାକିଆ କାମ ଖୁବ୍‌ଶୀଘ୍ର ପୂରଣ ହେବ: ବିଜେପି




କନ୍ଧମାଳ, (ଭାସ୍କର ନ୍ୟୁଜ): କନ୍ଧମାଳ ଜିଲ୍ଲା ଭାରତୀୟ ଜନତା ପାର୍ଟି ଜିଲ୍ଲା ସଭାପତି ପଣ୍ଡିତ କୁମାର ବିଶିମାଝିଙ୍କ ସଭାପତିତ୍ୱରେ କେନ୍ଦ୍ର ସରକାର, ଯଶ୍ୱସୀ ପ୍ରଧାନମନ୍ତ୍ରୀନରେନ୍ଦ୍ର ମୋଦିଙ୍କ ୧୧ ବର୍ଷ ଓ ଓଡ଼ିଶାରମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଉପଲକ୍ଷେ ସ୍ଥାନୀୟ ସର୍କିଟ ହାଉସ ଠାରେ ଏକ ସାମ୍ବାଦିକ ସମ୍ମିଳନୀର ଆୟୋଜନ ହୋଇଥିଲା । ଉକ୍ତ ସମ୍ମିଳନୀରେ ଓଡିଶା ସରକାରଙ୍କ ମୁଖ୍ୟ ସଚେତକବୌଦ୍ଧ ବିଧାୟକ ସରୋଜ ପ୍ରଧାନ, ଫୁଲବାଣୀ ବିଧାୟକ ଉମା ଚରଣ ମଲ୍ଲିକ, ଓ ରାଜ୍ୟ ଭାରତୀୟ ଜନତା ଯୁବମୋର୍ଚ୍ଚା ସଭାପତି । ଅଭିଳାଷ ପଣ୍ଡା ପ୍ରମୁଖ ମଞ୍ଚାସିନ ଥିଲେ । ବିଜେପି ସରକାର ନିର୍ବାଚନ ବେଳେ ଦେଇଥିବା କଥା ଏକ ବର୍ଷ ଭିତରେ ଅଧା ପୂରଣ କରିଛୁ ଆଉ ଅଧା ଖୁବ ଶିଘ୍ର ପୂରଣ କରିବୁ । କେନ୍ଦ୍ର ରେ ଯେଉଁ ସବୁ ଯୋଜନା ଜନତାଙ୍କ ହିତ ପାଇଁ କାର୍ଯ୍ୟକାରୀ ହେଉଛି ସେହି ସବୁ ଯୋଜନା ରାଜ୍ୟରେ ମଧ କାର୍ଯ୍ୟକାରୀ ହେବାକୁ ଯାଉଛି ତାହା ବିଷୟରେ ଉପସ୍ଥିତ ଗଣମାଧମଙ୍କୁ ଅବଗତ କରାଇଥିଲେ । ଆହୁରି ମଧ୍ୟ କହିଥିଲେ କେନ୍ଦ୍ରର ମୋଦି ସରକାର ଦେଶର ସୁରକ୍ଷା, ଗମନାଗମନ, ଶିକ୍ଷ, ବୈଷୟିକ ଜ୍ଞାନ କୌଶଳକୁ ଉଚିତ ଦିଗ ଦର୍ଶନ ଦେଇଛନ୍ତି । ଦେଶର ସାମଗ୍ରିକ ଅର୍ଥନୈତିକ ସ୍ଥିତିକୁ ସମଗ୍ର ବିଶ୍ୱରେ ୪ର୍ଥ ସ୍ଥାନକୁ ନେବା କେନ୍ଦ୍ର ସରକାରଙ୍କ ଏକ ବଡ଼ ଉପଲବ୍ଧି ଅଟେ । ମୋଦି ସରକାରଙ୍କ ଏହି କାର୍ଯ୍ୟକାଳ ଦେଶର ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ । ଏହି କାର୍ଯ୍ୟକାଳ 'ବିକଶିତ ଭାରତ' ଏବଂ 'ଆତ୍ମନିର୍ଭରଶୀଳ ଭାରତ'ର 'ସଂକଳ୍ପ ସିଦ୍ଧି'ର ସୁବର୍ଣ୍ଣ ଯୁଗ ହୋଇଛି ବୋଲି ମତପୋଷଣ କରିଥିଲେ । ଏହି ଅବସରରେ ଭାଜପାର ବହୁ ଆଗଧାଡିର ନେତା,ଯଥା ରମେଶ ଚନ୍ଦ୍ର ମହାନ୍ତି, ଲିଙ୍ଗରାଜ ଦଳବେହେରା, ଟିକୁ ସାହୁ,ଅନୀଲ ପ୍ରାଧନ, ସଞ୍ଜିତ ପାତ୍ର,ଚନ୍ଦ୍ରପଣ୍ଡା ଙ୍କ ସମେତ ଶତାଧିକ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ । ଦେଖିବା ଓଡ଼ିଶାର ବିକାଶ ହେଉଛି କିନ୍ତୁ କନ୍ଧମାଳ ର ବିକାଶ,ପର୍ଯ୍ୟଟନ ସ୍ଥଳୀ, ପିଲା ସାଲୁଙ୍କି ଡ୍ୟାମ,ଏରିଗସନ ପ୍ରୋଜେଟ କେତେ ବର୍ଷ ହେବ ଦେଖିବାକୁ ରହିଛି ।

## ବଣିକ ସଙ୍ଘ ପକ୍ଷରୁ ତହସିଲଦାରଙ୍କୁ ଦାବିପତ୍ର



ଉମରକୋଟ, (ଭାସ୍କର ନ୍ୟୁଜ): ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକ ସଦର ମହକୁମାର ସରକାରୀ ଜାଗାରେ ଥିବା କିଛି ଦୋକନ ଗୃହକୁ ଉଛେଦ ପାଇଁ ଝରିଗାଁ ତହସିଲ ପକ୍ଷରୁ ନୋଟିସ ଜାରି କରିଥିବା ବେଳେ ଉଛେଦ ନକରିବା ପାଇଁ ଝରିଗାଁ ବଣିକ ସଙ୍ଘ ପକ୍ଷରୁ ଝରିଗାଁ ତହସିଲଦାରଙ୍କ ଜରିଆରେ ନବରଙ୍ଗପୁର ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଝରିଗାଁ ବ୍ଲକ ସଦର ମହକୁମା ଠାରେ ଅଧିକାଂଶ ଦୋକାନ ଗୃହ ସରକାରୀ ଜାଗାରେ ରହିଥିବା ବେଳେ ଉଛେଦ ପ୍ରକ୍ରିୟା ଆରମ୍ଭ ହେଲେ ବ୍ୟବସାୟୀ ମାନେ ବହୁ ମାତ୍ରାରେ ଆର୍ଥିକ କ୍ଷତି ସହିବା ସହ ସେମାନଙ୍କ ପରିବାରର ଆର୍ଥିକ ମେରୁଦଣ୍ଡ ଭାଙ୍ଗିଯିବ । ତେଣୁ ସରକାରଙ୍କ ନିୟମ ଅନୁସାରେ ଅନ୍ୟ କିଛି ପଦକ୍ଷେପ ଗ୍ରହଣ କରିବା ସହ କୋହଳ ମାନଭାବ ପୋଷଣ କଲେ ବ୍ୟବସାୟୀ ଏବଂ ଅଞ୍ଚଳର ସାମାଜିକ ଓ ଅର୍ଥନୈତିକ ବିକାଶ କ୍ଷେତ୍ରରେ ସହାୟକ ହୋଇ ପାରିବ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଥିଲା ।ଦାବିପପତ୍ର ପ୍ରଦାନ ବେଳେ ଝରିଗାଁ ବଣିକ ସଂଘର କର୍ମକର୍ତ୍ତା ସହ ବହୁ ସଦସ୍ୟ ଉପସ୍ଥିତ ରହି ଉଛେଦ ନକରିବା ପାଇଁ ତହସିଲଦାରଙ୍କୁ ଅନୁରୋଧ କରିଥିଲେ ।

## ବିଶ୍ୱ ବୟସ୍କ ନିର୍ଯାତନା ବିରୋଧୀ ସଚେତନତା ଦିବସ ପାଳିତ

କନ୍ଧମାଳ, (ଭାସ୍କର ନ୍ୟୁଜ): କନ୍ଧମାଳ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଫୁଲବାଣୀ ଦ୍ୱାରା ବିଶ୍ୱ ବୟସ୍କ ନିର୍ଯାତନା ବିରୋଧୀ ସଚେତନତା ଦିବସ ଫୁଲବାଣୀ ସାର୍ତ୍ତାଗୁଡାସ୍ଥିତ ସମନ୍ୱିତ ଭିତ୍ତିଭୂମି ପରିସର ଠାରେ ପାଳିତ ହୋଇଯାଇଅଛି । ଜିଲ୍ଲା ଜଜ୍ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ରାମ ଶଙ୍କର ହୋତାଙ୍କ ନିର୍ଦ୍ଦେଶ କ୍ରମେ ବିଶ୍ୱ ବୟସ୍କ ନିର୍ଯାତନା ବିରୋଧୀ ସଚେତନତା ଦିବସ ପାଳନ ଅବସରରେ ଏକ ସଚେତନ କାର୍ଯ୍ୟକ୍ରମ ଫୁଲବାଣୀ ସାର୍ତ୍ତାଗୁଡାସ୍ଥିତ ସମନ୍ୱିତ ଭିତ୍ତିଭୂମି ପରିସର ଠାରେ ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଫୁଲବାଣୀ, ପୋକ୍ସୋ କୋର୍ଟର ବିଚାରପତି, ଶ୍ରୀଯୁକ୍ତ ମନୋରଞ୍ଜନ ଦାଶ, ରେଜିଷ୍ଟ୍ରାର ସିଭିଲ କୋର୍ଟ, ଫୁଲବାଣୀ ଶ୍ରୀଯୁକ୍ତ ପ୍ରିୟ ରଞ୍ଜନ ଓଝା, ଜେ.ଏମ୍.ଏସ.ସି, ଫୁଲବାଣୀ, ଶ୍ରୀଯୁକ୍ତ ବଦ୍ରିନାଥ ବିଶ୍ୱାଳ, ଶ୍ରୀମତୀ ଜୟନ୍ତୀ ପାଣିଗ୍ରାହୀ, ଚିଫ ଲିଗାଲ ଏଡ ଡିଫେନ୍ସ କାଉନସ୍ଲେ, ଶ୍ରୀଯୁକ୍ତ ନିରୋଦ କୁମାର ପାତ୍ର, ଡେପୁଟି ଚିଫ ଲିଗାଲ ଏଡ ଡିଫେନ୍ସ କାଉନସ୍ଲେ, ଡି.ଏସ.ପି. ଫୁଲବାଣୀ ଶ୍ରୀଯୁକ୍ତ ସର୍ବେଶ୍ୱର ବେହେରା, ଫୁଲବାଣୀ, ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀଯୁକ୍ତ ପ୍ରମୋଦ କୁମାର ବଡ଼ଶେଠ, ଫୁଲବାଣୀ ଶେୟାର ଅନୁଷ୍ଠାନର ନିର୍ଦ୍ଦେଶକ କରାମତ ଅଲି ଖାନ, ପାରା ଲିଗାଲ ସ୍ୱେଚ୍ଛାସେବୀ, ସମନ୍ୱିତ ଭିତ୍ତିଭୂମି ପରିସର ସାର୍ତ୍ତା ।ଗୁଡ଼ାର କର୍ମଚାରୀ ଓ ଅନ୍ତେବାସୀ ଉପସ୍ଥିତ ଥିଲେ । ନାଲ୍ସା ଦ୍ୱାରା ବରିଷ୍ଠ ନାଗରିକଙ୍କ ପାଇଁ ରହିଥିବା ଯୋଜନା, ଆଇନ ବ୍ୟବସ୍ଥା ଏବଂ ବିଶ୍ୱ ବୟସ୍କ ନିର୍ଯାତନା ବିରୋଧୀ ସଚେତନତା ଦିବସରେ ବୟସ୍କ ମାନେ ଯେପରି ସ୍ନେହ, ଶ୍ରଦ୍ଧା ଓ ସମ୍ମାନ ପାଇବେ, ସେ ଦିଗରେ ଯତ୍ନବାନ ହେବା ପାଇଁ ସଂକଳ୍ପ ନେବାକୁ ସଚେତନ କରାଯାଇଥିଲା । ଜିଲ୍ଲା ଆଇନ ସେବା ପ୍ରାଧିକରଣ ର ସଚିବଙ୍କ ଦାୟିତ୍ୱରେ ଥିବା ରେଜିଷ୍ଟ୍ରାର ସିଭିଲ କୋର୍ଟ, ଫୁଲବାଣୀ ଶ୍ରୀଯୁକ୍ତ ପ୍ରିୟ ରଞ୍ଜନ ଓଝା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଓ ସର୍ବଶେଷରେ ଉକ୍ତ ସଭା ରେ ଉପସ୍ଥିତ ଥିବା ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରି ସଭା ସାଙ୍ଗ କରିଥିଲେ ।

## ନିଟ୍ ପରୀକ୍ଷାଫଳ ପ୍ରକାଶିତ

# ସର୍ବ ଭାରତୀୟ ସ୍ତରରେ ୨୧ ନମ୍ବର ର୍ୟାଙ୍କ ରଖି ଜିଲ୍ଲା ପାଇଁ ଗୌରବ ଆଦର୍ଶ

ନୂଆପଡା, (ଭାସ୍କର ନ୍ୟୁଜ): ନୂଆପଡ଼ା ଜିଲ୍ଲା ଖଡିଆଳ ବ୍ଲକ ବେନ୍ଦ୍ରାବାହାଲ ନିବାସୀ ଆଦର୍ଶ ଶବର ନିଟ୍ ପରୀକ୍ଷାରେ ସର୍ବ ଭାରତୀୟ ସ୍ତରରେ ୨୧ ନମ୍ବର୍ ର୍ୟାଙ୍କରେ ଉତ୍ତୀର୍ଣ୍ଣ ହୋଇ ଜିଲ୍ଲା ପାଇଁ ଗର୍ବ ଓ ଗୌରବ ଆଣିଦେଇଛନ୍ତି । ସେ ଅଞ୍ଚଳ ପାଇଁ ଗର୍ବ ଆଣିବା ସହ ବିଦ୍ୟାର୍ଥୀଙ୍କ ପାଇଁ ପ୍ରେରଣା ଉତ୍ସ ପାଲଟିଛନ୍ତି । ଖଡ଼ିଆଳ ବ୍ଲକ ବେନ୍ଦ୍ରାବାହାଲ ନିବାସୀ ବନ୍ ବିଭାଗ କାର୍ଯ୍ୟରତ



ଫରେଷ୍ଟର କ୍ଷମାନିଧି ଶବରଙ୍କ ପୁଅ ଆଦର୍ଶ ଶବର । ସେ ବରଗଡ ଆକାଶରେ ଶିକ୍ଷା ଲାଭ କରୁଥିଲେ । ମା' ସନ୍ଧ୍ୟାରାଣୀ ଶବର ଜଣେ ଉଚ୍ଚ ଶିକ୍ଷିତା ତଥା ଗୃହିଣୀ ଅଟନ୍ତି । ସେ ନିଜର କଠିନ ପରିଶ୍ରମ ଓ ପିତା ମାତାଙ୍କ ଆଦର୍ଶରେ ଅନୁପ୍ରାଣୀତ ହୋଇ ଗୁରୁଜନଙ୍କ ଆଶୀର୍ବାଦରୁ ଏହି ସଫଳତା ପାଇଛି ବୋଲି ମତପ୍ରକାଶ କରିଛନ୍ତି । ଆକାଶ ଭୁବନେଶ୍ୱରରେ ଅଧ୍ୟୟନ କରୁଥିଲେ । ସେ ଭବିଷ୍ୟତରେ ଜଣେ ଉଚ୍ଚ ମାନର ଡକ୍ଟର ହୋଇ ଲୋକଙ୍କ ସେବା ପ୍ରାଥମିକତା କରିବା ପାଇଁ ସଂକଳ୍ପ ବଦ୍ଧ । ତାଙ୍କର ଏହି ସଫଳତା ପାଇଁ ତାଙ୍କୁ ଅନେକ ଶୁଭେଚ୍ଛାର ସୁଅ ଛୁଟୁଛି । ଆଦିବାସୀ କଲ୍ୟାଣ ସଂଘ, ଜିଲ୍ଲା ବିଭିନ୍ନ ମହଲରୁ ଶୁଭେଚ୍ଛା ଜଣାଇଛନ୍ତି । ଛୋଟ ବେଳୁ ମେଧାବୀ ଛାତ୍ର ଭାବେ ତାଙ୍କର ଜୀବନଶୈଳୀ ଗଢ଼ି ଉଠିଥିଲା । ସେ ଦଶମରେ ୯୫ ପ୍ରତିଶତ, +୨ରେ ୯୫ ପ୍ରତିଶତ ରଖିଥିଲେ ।

# ନଦୀକୁ ମାଛ ଧରିବାକୁ ଯାଇ ନାବାଳକ-ନାବାଳିକା ମୃତ

କୋରାପୁଟ, (ଭାସ୍କର ନ୍ୟୁଜ): କୋରାପୁଟ ଜିଲ୍ଲା ନନ୍ଦପୁର ବ୍ଲକ ଜଲାପୁଟ ଜଳଭଣ୍ଡାର ଦଳେଇପୁଟ ଘାଟରୁ ନାବାଳିକା ଓ ନାବାଳକ ମୃତଦେହ ଉଦ୍ଧାର ହୋଇଛି । ମୃତକ ହେଲ ଅତଣ୍ଡା ପଞ୍ଚାୟତ ବନୁର ଗ୍ରାମର ପୁଷ୍ପା ବୈରାଗୀ( ୧୫) ଓ ଦେବେନ୍ଦ୍ର କିର୍ଷାନୀ ( ୧୭) । ଏନେଇ ଉଭୟ ମୃତକଙ୍କ ବାପା ଶିବ ବୈରାଗୀ ଓ ଲକି କିର୍ଷାନୀ ପାଡୁଆ ଥାନାରେ ଅଭିଯୋଗ କରିଥିଲେ । ଏତଲା ଅନୁଯାୟୀ, ସକାଳୁ ପୁଷ୍ପା ଓ ଦେବେନ୍ଦ୍ର ଜଲାପୁଟ ଜଳଭଣ୍ଡାରର ଦଳେଇପୁଟ ଘାଟ ପାତାଳୀ ନଦୀକୁ ମାଛ ଧରିବାକୁ ଯାଇଥିଲେ । ସେଠାରେ ପୁଷ୍ପାଙ୍କ ଗୋଡ ଖସି ଯିବାରୁ ସେ ପାଣି ବୁଡିଯାଇଥିଲେ । ଏହା ଦେଖି ଦେବେନ୍ଦ୍ର ତାଙ୍କୁ ଉଦ୍ଧାର କରିବାକୁ ଯାଇ ପାଣିର ବୁଡି ଯାଇଥିଲେ । କେତେକ ଲୋକ ନଦୀ ଘାଟରେ ମୋବାଇଲ ପଡିଥିବା ଦେଖି ବୁଡି ଯାଇଥିବା ସନ୍ଦେହ କରି ସେମାନଙ୍କ ପରିବାରଙ୍କୁ ସୂଚନା ଦେଇଥିଲେ । ପରେ ପାଡୁଆ ପୋଲିସ ଓ ନନ୍ଦପୁର ଅଗ୍ନିଶମ ବାହିନୀ ସୂଚନା ଦିଆଯାଇଥିଲା । ଅଗ୍ନିଶମ ବିହିନୀ ଜଳଭଣ୍ଡାରରେ ଖୋଜାଖୋଜି କରି ୫ଘଣ୍ଟା ପରେ ୨ ମୃତଦେହ ଉଦ୍ଧାର କରିଥିଲା । ପୋଡୁଆ ପୋଲିସ କେସ୍ ନଂ ୭/୨୫ ଓ ୮/୨୫ରେ ଅପମୃତ୍ୟୁ ମାମଲା ରୁଜୁ କରିଛି । ଏଏସ୍ଆଇ ରାମଚନ୍ଦ୍ର ମାଡକାମି ଓ ଏଏସ୍ଆଇ ରୁଦ୍ର ମାଝି ଘଟଣାର ତଦନ୍ତ କରୁଛନ୍ତି । ମୃତଦେହ ବ୍ୟବଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି ।

## ବିକଶିତ ଜିଲ୍ଲା ପରାମର୍ଶ କର୍ମଶାଳା

# ଜିଲ୍ଲାର ବିକାଶରେ ଜନ ଭାଗିଦାରିତାକୁ ଗୁରୁତ୍ୱାରୋପ

ମାଲକାନଗିରି, (ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲାର ସମସ୍ତ ବୁଦ୍ଧିଜୀବୀ ତତ୍ ସହିତ କଳା ସଂସ୍କୃତି, ଶିଳ୍ପ, କ୍ରୀଡ଼ା, ବ୍ୟବସାୟ, କୃଷି, ଶିକ୍ଷା ଇତ୍ୟାଦି କ୍ଷେତ୍ରର ବ୍ୟକ୍ତି ବିଶେଷଙ୍କୁ ନେଇ ରବିବାର ମତ୍ସ୍ୟ ଓ ପ୍ରାଣୀସମ୍ପଦ ଏବଂ ସୂକ୍ଷ୍ମ କ୍ଷୁଦ୍ର ମଧ୍ୟମ ଉଦ୍ୟୋଗ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ଓଡ଼ିଶା ଭିଜନ ୨୦୩୬ ଓ ୨୦୪୭ ବିକଶିତ ଓଡ଼ିଶା ପାଇଁ ବିକଶିତ ଜିଲ୍ଲା ପରାମର୍ଶ କର୍ମଶାଳା ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା । ବିଭିନ୍ନ କ୍ଷେତ୍ରର ବ୍ୟକ୍ତି ବିଶେଷଙ୍କ ପରାମର୍ଶକୁ ନେଇ ୨୦୩୬ ସୁଦ୍ଧା ମାଲକାନଗିରିକୁ ଏକ ବିକଶିତ ଜିଲ୍ଲା ଭାବେ ଗଢି ତୋଳିବା ପାଇଁ ରୋଡମ୍ୟାପ୍ ପ୍ରସ୍ତୁତ କରିବା ପାଇଁ ଏହି କର୍ମଶାଳା ଆୟୋଜନ କରାଯାଇଛି ବୋଲି ମନ୍ତ୍ରୀ ପ୍ରକାଶ କରିଛନ୍ତି । ସରକାରଙ୍କ ବିଭିନ୍ନ ଯୋଜନାକୁ ବିକାଶ ମେଳା ମାଧ୍ୟମରେ ଲୋକଙ୍କ ପାଖରେ ପହଞ୍ଚେଇବାର ପ୍ରୟାସ କରାଯାଇଛି । କୃଷି, ମହିଳା ସଶକ୍ତିକରଣ, ଆବାସ ଯୋଜନା, ରାସନ କାର୍ଡ, ଭତ୍ତା ଇତ୍ୟାଦି ସମସ୍ତ ଯୋଜନାକୁ ଲୋକଙ୍କ ପାଖରେ ପହଞ୍ଚେଇବା ପାଇଁ ଜିଲ୍ଲା ପ୍ରଶାସନ ତତ୍ପର ରହିଛି । ରାସ୍ତା, ସ୍ୱାସ୍ଥ୍ୟ, ପାନୀୟ ଜଳ, ଜନଜାତି ଉନ୍ନୟନ ସହ ଜିଲ୍ଲାର ସମସ୍ତ ମୌଳିକ ଆବଶ୍ୟକତାକୁ ଗୁରୁତ୍ୱ ଦିଆଯାଇଛି ବୋଲି ମନ୍ତ୍ରୀ ପ୍ରକାଶ କରିଛନ୍ତି । ଆଗାମୀ ଦିନରେ ଦକ୍ଷିଣ ଓଡ଼ିଶାର ସମସ୍ତ ଜିଲ୍ଲାକୁ ନେଇ ନୂତନ ଉଦ୍ୟୋଗୀ ସୃଷ୍ଟି ନିମନ୍ତେ ଏକ ଆଞ୍ଚଳିକ କର୍ମଶାଳା ଆୟୋଜନ କରାଯିବ । ଯେଉଁଥିରେ କେନ୍ଦ୍ର ସୂକ୍ଷ୍ମ କ୍ଷୁଦ୍ର ମଧ୍ୟମ ଉଦ୍ୟୋଗ ବିଭାଗ ତରଫରୁ ରିସର୍ସ ପରସନ୍ ଯୋଗ ଦେଇ ତାଲିମ ପ୍ରଦାନ କରିବେ । ମାଲକାନଗିରି ଜିଲ୍ଲାର ୭ ଟି ଜିଲ୍ଲାରୁ ୭୦ ଜଣ ଯୁବକ ଚୟନ ହୋଇ ଏଥିରେ ଭାଗ ନେବେ ବୋଲି ସାଂସଦ ବଳଭଦ୍ର ମାଝୀ ସୂଚନା ଦେଇଛନ୍ତି । ଆୟୋଜିତ ଏହି କର୍ମଶାଳା ରେ ମାଲକାନଗିରି ବିଧାୟକ ନରସିଂହ ମାଡକାମୀ, ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ ଓ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ନରେଶ ଚନ୍ଦ୍ର ଶବର ଉପସ୍ଥିତ ଥିଲେ । ଜିଲ୍ଲାପାଳ ଶ୍ରୀ ପାଟିଲ ଏହି କର୍ମଶାଳାର ଆଭିମୁଖ୍ୟ ସମ୍ପର୍କରେ ସମସ୍ତଙ୍କୁ ସୂଚନା ଦେଇ ସ୍ୱାଗତ ଜଣାଇଥିଲେ । ପରିଶେଷରେ ଶ୍ରୀ ଶବର ଧନ୍ୟବାଦ ଅର୍ପଣ କରିଥିଲେ । ଏହି କର୍ମଶାଳାରେ ଜିଲ୍ଲାର ସମସ୍ତ ଅଧିକାରୀ, ବିଭିନ୍ନ କ୍ଷେତ୍ରରେ ଦକ୍ଷତା ଥିବା ବ୍ୟକ୍ତି ବିଶେଷ ଓ ଜିଲ୍ଲାର ବୁଦ୍ଧିଜୀବୀ ଉପସ୍ଥିତ ଥିଲେ ।

## ସଙ୍କୀର୍ତ୍ତନ ସଂସ୍କୃତି ସୁରକ୍ଷା ବୈଠକ



ବରଗଡ଼, (ଭାସ୍କର ନ୍ୟୁଜ): ଝାରବନ୍ଧ ବ୍ଲକ କୂର୍ଲୁ ପାଲି ଠାରେ ସଙ୍କୀର୍ତ୍ତନ ସଂସ୍କୃତି ସୁରକ୍ଷା ପାଇଁ ଏକ ଗୁରୁତ୍ୱ ପୂର୍ଣ୍ଣ ବୈଠକ ପ୍ରମୋଦ ପ୍ରଧାନ ଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଓ ଜିଲ୍ଲା ସଙ୍କୀର୍ତ୍ତନ ପରିଷଦର ଝାରବନ୍ଧ ବ୍ଲକ ସଂଯୋଜକ ଶିବାଜି ବାଗଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି ।ଏହି ବୈଠକରେ ପୂଟୁକା, ଗୌଡ ମାଲ,ଚଣ୍ଡୀ ଭଟା, ମୋହଗାଁ ,ନିଲଜି ପତ୍ରା,ଭଇସାଦରହା , କୁରଲୁ ପାଲି , ଦାପ ପାଲି , ବିଜା ଢୋଲ ,ଅନୁଗୁଳ ଭଣ୍ଡାର ପୁରୀ, ଜାମ ପାଲି , ଲୋହର ସିଂ ଆଦି ଗ୍ରାମ ର ସଙ୍କୀର୍ତ୍ତନ ପ୍ରେମୀ ଏକତ୍ରିତ ହୋଇ ଆଗାମୀ ଦିନରେ ଅଶ୍ଳୀଳ ଓ ଦୁଇ ଅର୍ଥ ବୋଧକ ସଙ୍କୀର୍ତ୍ତନ ପରିବେଷଣକୁ କିପରି ଏ ଅଞ୍ଚଳରେ ବିରୋଧ କରାଯିବ ସେ ବିଷୟ ରେ ବିସ୍ତୃତ ଆଲୋଚନା କରାଯାଇଥିଲା ।ଏଥି ସହିତ ପ୍ରତି ସଙ୍କୀର୍ତ୍ତନ ମଣ୍ଡଳୀର ପ୍ରତିଟି ସଦସ୍ୟ କିପରି ପଞ୍ଜୀକୃତ ହେବେ ସେ ବିଷୟ ରେ ମଧ ଆଲୋଚନା କରାଯାଇଥିଲା । କାର୍ଯ୍ୟ କ୍ରମ ରେ ସଭାପତି ମନୋଜ ସାହୁ ,ଘନଶ୍ୟାମ ନାଗ ,ଲିଙ୍ଗରାଜ ପ୍ରଧାନ,ପୂର୍ଣ୍ଣାନନ୍ଦ୍ ପ୍ରଧାନ,ପ୍ରମୋଦ ସାହୁ,ଘନଶ୍ୟାମ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଆସନ୍ତା ଅକ୍ଟୋବର ମାସ ରେ ଝାରବନ୍ଧ ବ୍ଲକ ରେ ପଡୋଶୀ ଛତିଶଗଡ଼ ରାଜ୍ୟ ଓ ଓଡ଼ିଶା ର ସଙ୍କୀର୍ତ୍ତନ ଦଳ ଙ୍କ ମିଳିତ ଆନୁକୂଲ୍ୟରେ ଏକ ବିରାଟ ସଙ୍କୀର୍ତ୍ତନ ସଂସ୍କୃତି ଜାଗରଣ ମହୋତ୍ସବ ଆୟୋଜନ ପାଇଁ ପ୍ରସ୍ତାବ ଆଗତ କରିଥିଲେ ।ପ୍ରମୋଦ ସାହୁ ସଭା ସଞ୍ଚାଳନ କରିଥିବା ବେଳେ ଡାକ୍ତର ଅରୁଣ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

## ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

ପାରଳାଖେମୁଣ୍ଡି, (ଭାସ୍କର ନ୍ୟୁଜ): କାଶୀନଗର ବ୍ଲକ ଅନ୍ତର୍ଗତ ହଡୁଭଙ୍ଗି ଗ୍ରାମର କଲ୍ୟାଣ ମଣ୍ଡପରେ ରବିବାର ୪ଟାରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଗଜପତିଙ୍କ ପକ୍ଷରୁ 'ବିଶ୍ୱ ଶିଶୁ ଶ୍ରମିକ ବିରୋଧ ଦିବସ' ପାଳନ ଅବସରରେ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ନ୍ୟାୟାଧୀଶ ତଥା ଅଧ୍ୟକ୍ଷ, ଜିଲ୍ଲା ଆଇନ ସେବା ପ୍ରାଧିକାରଣ ଜଗଦୀଶ ପ୍ରସାଦ ମହାନ୍ତି ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଶିଶୁମାନଙ୍କ ସୁରକ୍ଷା ପାଇଁ ବିଭିନ୍ନ ଆଇନ ଓ ବ୍ୟବସ୍ଥା ବିଷୟରେ ଉପସ୍ଥିତ ଲୋକଙ୍କୁ ସଚେତନ କରାଇଥିଲେ । ଏହି ଅବସରରେ ଜିଲ୍ଲା ଆଇନ ସେବା ପ୍ରାଧିକାରଣର ସଚିବ, ବିମଳ ରାଉଳ, ପାରଳାଖେମୁଣ୍ଡି ଓକିଲ ସଂଘର ସଭାପତି, ଜିତେନ୍ଦ୍ର ପଟ୍ଟନାୟକ, ଗୁମ୍ମୁଡୁ ଚିତି ବାବୁ,ବରିଷ୍ଟ ଓକିଲ, ହଡୁଭଙ୍ଗି ଗ୍ରାମପଞ୍ଚାୟତ ସରପଞ୍ଚ ଟି. ଶଙ୍କର ରାଓ, ଜି. ବଡତାୟ (ଡିସିପିଓ ପ୍ରତିନିଧି) ଏବଂ ଜେ. ନର୍ମଦା ଅତିରିକ୍ତ ବ୍ଲକ୍ ଶିକ୍ଷା ଅଧିକାରିଣୀ, କାଶୀନଗର ଉପସ୍ଥିତ ଥିଲେ । ସମସ୍ତ ଅତିଥିମାନେ ଶିଶୁ ଶ୍ରମ ହେବାର କାରଣ, ଏହାର କୁଫଳ ଓ ଏହାକୁ କିପରି ସମାଜରୁ ହଟାଯିବ ତାହା ବିଷୟରେ ସ୍ଥାନୀୟ ଗ୍ରାମବାସୀମାନେ ଓ ଅନ୍ୟାନ୍ୟ ଉପସ୍ଥିତ ଲୋକଙ୍କୁ ସଚେତନ କରିଥିଲେ ।

## ଶାଢୀ ଚୋରକୁ ପୋଲିସରେ ଜିମା ଦେଲେ ବ୍ୟବସାୟୀ


ବୌଦ୍ଧ, (ଭାସ୍କର ନ୍ୟୁଜ): ବୁଣାକାର ବଜାରରେ ଶାଢୀ ଚୋରକୁ ଧରି ଉତ୍ତମ ମଧ୍ୟମ ଦେଇ ପୋଲିସକୁ ଜିମା ଦେଇଥିବା ସୂଚନା ଦେଇଛନ୍ତି । ମିଳିଥିବା ସୂଚନା ଅନୁଯାୟୀ ବୌଦ୍ଧ ଠାରେ ପ୍ରତ୍ୟେକ ରବିବାର ଓଡିଶାର ଦ୍ୱିତୀୟ ସର୍ବ ବୃହତ ବୁଣାକାର ବଜାର ବସିଥାଏ । ଓଡିଶାର ବିଭିନ୍ନ ଜିଲ୍ଲାରୁ ବୁଣାକାର ଓ ବ୍ୟବସାୟୀ ମାନେ ହସ୍ତତନ୍ତ ସାମଗ୍ରୀ ବିକ୍ରି ପାଇଁ ଆସିଥାଆନ୍ତି । ରବିବାର ବଜାର ଚାଲିଥିବା ବେଳେ ଜଣେ ବ୍ୟବସାୟୀଙ୍କ ଦୋକାନରେ ଶାଢୀ କିଣିବା ପାଇଁ ବଛାବଛି କରିବା ଭିତରେ ଖଣ୍ଡେ ଶାଢୀ ଧରି ଚମ୍ପଟ୍ ମାରିଥିଲେ । ବ୍ୟବସାୟୀ ମାନେ ଗୋଡ଼ାଇ ତାକୁ ଧରି ଉତ୍ତମ ମଧ୍ୟମ ଦେଇଥିଲେ । ଖବର ପାଇ ପୋଲିସ ପହଞ୍ଚିବା ପରେ ପୋଲିସକୁ ଜିମା ଦେଇଥିଲେ ।

## ଚୋରି ମାମଲାରେ ୩ ଗିରଫ

ବ୍ରଜରାଜନଗର, (ଭାସ୍କର ନ୍ୟୁଜ): ଓରିଏଣ୍ଟ ଥାନା ଅନ୍ତର୍ଗତ ଅଭୟପୁରରେ ଗତ ଏପ୍ରିଲ ୧୧ ତାରିଖ ରାତିରେ ଘଟିଥିବା ଏକ ଚୋରି ଘଟଣାରେ ପୁଲିସ ତିନି ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଛି । ତା ସହିତ ଚୋରି ଗହଣା ମଧ୍ୟ ଜବତ କରିଛି । ଗିରଫ ଅଭିଯୁକ୍ତ ମାନେ ହେଲେ ବାବା ମାଠିଆ ଅଂଚଳର ଚନ୍ଦନ ରାଏ ଓରଫ ଧୋଡୁ (୨୩), ହଂସାମୁରା କଟାପାଲି ଅଂଚଳର ସତୀଶ ବେହେରା (୨୫) ଓ ରିସିଭର ଭାବେ ଗାୟତ୍ରୀ ନଗର ଅଂଚଳର ରୂପେଶ ତନ୍ତୀ (୪୫) । ପୁଲିସ ରିସିଭରଙ୍କ ଠାରୁ ୨୪.୪୧୦ ଗ୍ରାମ ସୁନା ଓ ୨୧୦.୩୫୦ ଗ୍ରାମ ରୂପା ଜବତ କରିଥିବା ବ୍ରଜରାଜନଗର ଏସଡ଼ିପିଓ ଚିନ୍ତାମଣି ପ୍ରଧାନ ଏକ ପ୍ରେସ ବିବୃତିରେ ସୂଚନା ଦେଇଛନ୍ତି । ସୂଚନା ଅନୁସାରେ, ଗତ ଅପ୍ରେଲ ୧୧ ରାତିରେ ଅଭୟପୁର ସ୍ଥିତ ଗୌରୀ ଦୋରାଙ୍କ ଘରେ କେହି ନଥିବାର ସୁଯୋଗ ନେଇ ଚୋରମାନେ ମୁଖ୍ୟ ଦ୍ୱାରର ତାଲା ଭାଙ୍ଗି ଘରେ ପଶିଥିଲେ ଓ ନଗଦ ୬୦ ହଜାର ଟଙ୍କା ସହିତ ସୁନା ରୁପା ଗହଣା ଚୋରି କରି ନେଇଥିଲେ । ଏନେଇ ଶ୍ରୀମତୀ ଦୋରା ଓରିଏଣ୍ଟ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ତଦନ୍ତ କରି ତିନି ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ।

# ଚାନ୍ଦିଲି, ପେଣ୍ଟା ଓ କର୍ଲାକଣା ପଞ୍ଚାୟତରେ ବୁଲିଲା ବିକାଶ ବାହନ

କଲ୍ୟାଣସିଂହପୁର, (ଭାସ୍କର ନ୍ୟୁଜ୍): ରାୟଗଡା ବ୍ଲକର ଚାନ୍ଦିଲି, ପେଣ୍ଟା ଓ କର୍ଲାକଣା ପଞ୍ଚାୟତରେ ବିକାଶ ବାହନ ଚତୁର୍ଥ ଦିନରେ ସଚେତନତା ବାର୍ତ୍ତା ପ୍ରଚାର କରିଛି । ଅଠର ହଜାରରୁ ଉର୍ଦ୍ଧ ଲୋକ ସଂଖ୍ୟା ସମ୍ବଳିତ ଚାନ୍ଦିଲିର ଚବିଶି ଗୋଟି ୱାର୍ଡରୁ ବିକାଶ ବାହନ ନିକଟରେ ଅଧିକ ଜନସମାଗମ ଦେଖିବାକୁ ମିଳିଥିଲା । ତିନିଗୋଟି ପଞ୍ଚାୟତରେ ରଥକୁ ସ୍ୱାଗତ କରାଯାଇଥିଲା । ତହସିଲଦାର ରାୟଗଡ ପ୍ରିୟଦର୍ଶିନୀ ସ୍ୱାଇଁ, ଏବିଡିଓ ତଥା ନୋଡାଲ ଅଧିକାରୀ କାଳୁଚରଣ ନାୟକ , ପଞ୍ଚାୟତ ନିର୍ବାହୀ ଅଧିକାରୀ ସୁନିଲ ବ୍ରହ୍ମା, ଅରୁଣ ପାଣିଗ୍ରାହୀ, ମଙ୍ଗଳ ଅଧିକାରୀ ପ୍ରକାଶ କୁମାର ନାୟକ ସମେତ ବିଭିନ୍ନ ବିଭାଗର କର୍ମଚାରୀ ଉପସ୍ଥିତ ଥିଲେ । ରବିବାର ଦିନ ବତିଷିଗୋଟି ବୟୋବନ୍ଦନା ଯୋଜନାରେ କାର୍ଡ, ବ୍ଲକ ପକ୍ଷରୁ ତେରଗୋଟି ଅନ୍ତୋଦୟ ଗୃହ ଯୋଜନାରେ କାର୍ଯ୍ୟାଦେଶ, ନଅଗୋଟି ଜବ କାର୍ଡ, ଚାରିଗୋଟି ହିତାଧିକାରୀଙ୍କୁ ନୂତନ ରେସନ କାର୍ଡ, ଆୟୁଷ୍ମାନ ଭାରତ ଯୋଜନାରେ



ନବେଗୋଟି ସ୍ୱାସ୍ଥ୍ୟକାର୍ଡ, ଜଙ୍ଗଲ ଅଧିକାର ଆଇନରେ ତେରଗୋଟି ବ୍ୟକ୍ତିଗତ ଓ ତିନୋଟି ସାମୁହିକ ଜମିପଟ୍ଟା, ଆଠଟି ନୂତନ ଭତ୍ତା, ଦୁଇଟି ଶ୍ରମ କାର୍ଡ ଓ ଦୁଇଟି ନିର୍ମାଣ ଶ୍ରମିକ କାର୍ଡ, ଚଉଦ ଜଣଙ୍କ ଆଧାର ପଞ୍ଜିକରଣ ଏବଂ ଛପନ ଗୋଟି ଗଛ ମାଁଙ୍କ ନାମରେ ରୋପଣ କରାଗଲା । ବ୍ୟାନର ମାଧ୍ୟମରେ ସରକାରୀ ଯୋଜନା ସଂପର୍କିତ ଜନ ସଚେତନତା ସୃଷ୍ଟି କରାଯାଇ ଥିଲା । ଜାଣିଲେ ଜିଣିବା ସ୍ଲୋଗାନ ମାଧ୍ୟମରେ ଲୋକଙ୍କୁ ସ୍ୱାସ୍ଥ୍ୟ, ଶିକ୍ଷା, ଯୋଗାଣ , ଭତ୍ତା, ପାନୀୟଜଳ ଆଦି ସମସ୍ୟା ସଂପର୍କିତ ଅଭିଯୋଗ ମାନ ଗ୍ରହଣ କରାଯାଇଥିଲା । ଏହା ମାଧ୍ୟମରେ ଲୋକଙ୍କ ନିକଟତର ହେଉଛନ୍ତି ସରକାର ବୋଲି ତହସିଲଦାର ଶ୍ରୀମତୀ ସ୍ୱାଇଁ ପ୍ରକାଶ କରିଛନ୍ତି ।

# ବିଶ୍ୱ ରକ୍ତଦାତା ଦିବସ ପାଳିତ

ନୂଆପଡ଼ା, (ଭାସ୍କର ନ୍ୟୁଜ): ନୂଆପଡ଼ା ଠାରେ ଜିଲ୍ଲା ସ୍ତରୀୟ ବିଶ୍ୱ ରକ୍ତଦାତା ଦିବସ ୨୦୨୫ ପାଳିତ ହୋଇଯାଇଛି । ଏହି ଅବସରରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରୁ ଏକ ରାଲି ବାହାରି ଏକତା ଛକ ଦେଇ ନ୍ୟାସନାଲ ହାଇସ୍କୁଲ ଠାରେ ପହଞ୍ଚିଥିଲା । ଜିଲ୍ଲାପାଳ ମଧୁସୂଦନ ଦାସ ନେତୃତ୍ୱ ନେଇଥିବା ଏହି ରାଲି ରେ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ, ବିଭିନ୍ନ ବିଭାଗର କର୍ମଚାରୀ, ଶିକ୍ଷକ ଶିକ୍ଷୟିତ୍ରୀ, ସ୍ୱେଚ୍ଛାସେବୀ, ଛାତ୍ର ଛାତ୍ରୀ,ନୂଆପଡ଼ା ଷ୍ଟୁଡେଣ୍ଟସ ରକ୍ତ ଦାତା ସଂଘ,ରାଜସ୍ୱ ବିଭାଗ, ସ୍ୱାସ୍ଥ୍ୟ ବିଭାଗର ସମସ୍ତ କର୍ମଚାରୀମାନେ ସାମିଲ ଥିଲେ । ପରେ ନ୍ୟାସନାଲ ହାଇସ୍କୁଲରେ ରକ୍ତଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହାକୁ ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାସ ଉଦଘାଟନ କରିଥିଲେ । ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ଼ ମନୋଜ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଚେତନତା ସଭା କାର୍ଯ୍ୟରେ ଜିଲ୍ଲାପାଳ ମଧୁସୂଦନ ଦାସ ମୁଖ୍ୟ ଅତିଥି ରୂପେ ଯୋଗଦାନ କରିଥିବାବେଳେ ସମ୍ମାନିତ ଅତିଥି ରୂପେ ସି ଡି ଓ ଲମ୍ୱୋଦର



ଧରୁଆ, ଏ ଡି ଏମ ସୁବାଷ ଚନ୍ଦ୍ର ରଇତ, ଭାର ପ୍ରାପ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ଼ ମନୋଜ କୁମାର ସାହୁ,ଜିଲ୍ଲା ଚିକିତ୍ସାଳୟର ତତ୍ତ୍ୱାବଧାରକ ଡ଼ ଲଳିତ ମୋହନ ବିଶି,ଡି ପି ଏମ ସତ୍ୟନାରାୟଣ ତ୍ରିପାଠୀ,ଜିଲ୍ଲା କୋଷାଗର ଅଧିକାରୀ ମର୍ଦରାଜ ମହାଲିଙ୍ଗ,ନ୍ୟାସନାଲ ହାଇସ୍କୁଲ ପ୍ରଧାନ ଶିକ୍ଷକ ଗୋଲାପ ଚନ୍ଦ୍ର ସାହୁ, ଯୋଗଦାନ କରିଥିଲେ । ଜିଲ୍ଲାପାଳଙ୍କ ସମେତ ସମସ୍ତ ଅତିଥି କର୍ମଶାଳାର ସମସ୍ତ ଯୁବଗୋଷ୍ଠୀ ତଥା ରକ୍ତଦାନ ଶିବିରର ଆୟୋଜକ ଷ୍ଟୁଡେଣ୍ଟସ ମହାସଂଘର କର୍ମ କର୍ତ୍ତା ମାନଙ୍କୁ ଏହି ସାଧୁ ଉଦ୍ୟମ ସବୁବେଳେ ଚାଲୁ ରଖିବାକୁ ଆହ୍ୱାନ ଦେଇଥିଲେ । ବିଭିନ୍ନ ପ୍ରକାର ସାହାଯ୍ୟ ସହଯୋଗ ତୁଳନାରେ ରକ୍ତ ଦାନ ଅତୁଳନୀୟ ବୋଲି ମତ ପ୍ରକାଶ କରି ଉତ୍ସାହିତ କରିଥିଲେ । ଶିବିରରେ ସି ଆର୍ ପି ଏଫ୍ କମାଣ୍ଡେଣ୍ଟ ଏରିକ୍ ଗିଲବର୍ଟ ଜୋସେଫ ନିଜେ ରକ୍ତଦାନ କରିବା ସହିତ ଅନ୍ୟ ୪ ଜଣ ଯବାନ ମଧ ରକ୍ତଦାନ କରିଥିଲେ ।ସମୁଦାୟ ୫୩ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିବାବେଳେ ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ କିଶୋର ଚନ୍ଦ୍ର ପଟେଲ ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ ।

# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store





RNI Regd. No.ORI ORI 2004/12956 Postal Regd. No. BN/294/21-232 | Published Simultaneously from Bhubaneswar, Angul & Berhampur. | www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୭୭ | Vol. 22 No-77 | 17 JUNE 2025 TUESDAY, BHUBANESWAR | ମଙ୍ଗଳବାର, ୧୭ ଜୁନ୍ ୨୦୨୫ | ପୃଷ୍ଠା-୮ | ମୂଲ୍ୟ: ୭.୦୦







## ସଂକ୍ଷେପରେ...

### ବଜ୍ରାଘାତରେ ୨ ମହିଳା ମୃତ

ଗୁଣୁପୁର,୧୬।୬(ଭାସ୍କର ନ୍ୟୁଜ): ସୋମବାର ଅପରାହ୍ନରେ ରଜପାଇଁ ଭୋଜି କରୁଥିବାବେଳେ ହଠାତ୍ ବଜ୍ରପାତ ହେବାରୁ ୨ ମହିଳାଙ୍କ ମୃତ୍ୟୁ ଘଟିଛି। ଅନ୍ୟଜଣେ ନାବାଳିକା ଗୁରୁତର ହୋଇଛନ୍ତି। ଗୁଡାରି ପୌରାଞ୍ଚଳରେ ଏହି ଅଘଟଣ ଘଟିଥିବା ସୂଚନା ମିଳିଛି।

### ବେଳାଭୂମିରେ ଯୁବତୀଙ୍କୁ ଗଣଦୁଷ୍କର୍ମ ଅଭିଯୋଗ

ଗୋପାଳପୁର,୧୬।୬(ଭାସ୍କର ନ୍ୟୁଜ): ଗୋପାଳପୁର ବେଳାଭୂମିରେ ସୋମବାର ଜଣେ ଯୁବତୀଙ୍କୁ ଗଣଦୁଷ୍କର୍ମ କରାଯାଇଥିବା ନେଇ ଅଭିଯୋଗ ହୋଇଛି। ଯୁବତୀ ଜଣକ ତାଙ୍କ ପୁରୁଷ ବନ୍ଧୁଙ୍କ ସହ ବେଳାଭୂମିରେ ବୁଲୁଥିବାବେଳେ ତାଙ୍କୁ ୭ଜଣ ଦୁର୍ବୃତ୍ତ ଘେରି ଯାଇଥିଲେ। ପରେ ଧମକ ଚମକ ଦେଇ ପୁରୁଷ ବନ୍ଧୁଙ୍କୁ ବାନ୍ଧି ପକାଇଥିଲେ। ତାଙ୍କ ସମ୍ମୁଖରେ ଯୁବତୀଙ୍କୁ ଜଣକ ପରେ ଜଣେ ଦୁଷ୍କର୍ମ କରିଥିଲେ। ପରେ ସେଠାରୁ ଫେରାର ହୋଇଯାଇଥିଲେ। ଯୁବତୀ ଜଣକ ଏ ନେଇ ଗୋପାଳପୁର ଥାନାରେ ଅଭିଯୋଗ କରିବା ପରେ ପୋଲିସ ୭ ଦୁର୍ବୃତ୍ତଙ୍କୁ କାବୁ କରିବା ସହ ଥାନାରେ ଅଟକ ରଖି ପଚରାଉଚୁରା କରୁଛି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି।

## ଯାଜପୁର ହଇଜା ସ୍ଥିତି ଅନୁଧ୍ୟାନ କରି ଫେରିଲେ କେନ୍ଦ୍ରୀୟ ଟିମ୍

# ପାନୀୟ, ଖାଦ୍ୟ ନିରାପତ୍ତା ଉପରେ ଗୁରୁତ୍ୱ





- ଭିବ୍ରିଓ କଲେରା ନେଇ ସ୍ପଷ୍ଟ କଲା ଟିମ୍
- ସ୍ୱାସ୍ଥ୍ୟ ବିଭାଗ ସହ ଟିମ୍‌ର ଆଲୋଚନା
- ସ୍ୱଚ୍ଛତା ବଜାୟ ରଖିବାକୁ ପରାମର୍ଶ
- ଝାଡ଼ାବାନ୍ତି ସହ ବ୍ୟାପୁଛି ହଇଜା
- ବିଭିନ୍ନ ବ୍ଲକରେ ପ୍ରଶାସନର ଚଢାଉ
- ସ୍ଥିତିର ସମୀକ୍ଷା କଲେ ସ୍ୱାସ୍ଥ୍ୟ ସଚିବ

ଯାଜପୁର/ଭୁବନେଶ୍ୱର,୧୬।୬ (ଭାସ୍କର ନ୍ୟୁଜ): ରାଜ୍ୟରେ ହଇଜା ହାହାକାର। ଜିଲ୍ଲାପରେ ଜିଲ୍ଲାକୁ ମାଡ଼ି ଚାଲିଛି ଝାଡ଼ାବାନ୍ତି। ହଟ୍‌ସ୍ପଟ୍ ଯାଜପୁରରେ ମାରାତ୍ମକ ଭିବ୍ରିଓ କଲେରାର ଉପସ୍ଥିତି ନେଇ କେନ୍ଦ୍ରୀୟ ଟିମ୍ ସ୍ପଷ୍ଟ କରିଥିବାବେଳେ ଏହା ଏବେ ଏଣ୍ଡେମିକ୍ ଷ୍ଟେଜ୍‌ରେ ଥିବା ସୂଚନା ଦେଇଛନ୍ତି। ଯାଜପୁର ପରେ କେନ୍ଦୁଝର, କଟକ, କେନ୍ଦ୍ରାପଡ଼ା, ଭଦ୍ରକ ଓ ଢେଙ୍କାନାଳ ଭଳି ୬ଟି ଜିଲ୍ଲାରେ ଝାଡ଼ାବାନ୍ତି କାୟା ମେଲାଇବା ପରେ ସାରା ରାଜ୍ୟରେ ହଇଜା ଆତଙ୍କ। ଯାଜପୁରରେ ବ୍ୟାପିଥିବା ଝାଡ଼ାବାନ୍ତି ରୋଗ ଏବେ ସମସ୍ତଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ଯାଜପୁର ପରେ ଏହା ବିଭିନ୍ନ ଜିଲ୍ଲାକୁ ବ୍ୟାପିବାରେ ଲାଗିଛି। ଇତିମଧ୍ୟରେ ଏହି ରୋଗରେ ୧୪ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଥିବାବେଳେ ୨୦୦ରୁ ଅଧିକ ଲୋକ ଏବେ ବି ବିଭିନ୍ନ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଯଦିଓ ସ୍ଥିତିରେ କିଛିଟା ସୁଧାର ଆସିଛି, ତେବେ ନୂଆ ଆକ୍ରାନ୍ତ ଡାକ୍ତରଖାନାମାନଙ୍କରେ ଭର୍ତ୍ତି ହେଉଛନ୍ତି। ଯାହାକୁ ନେଇ ଜିଲ୍ଲା ପ୍ରଶାସନ ଚିନ୍ତା ପ୍ରକଟ କରିଛି। ମେଡ଼ିକାଲ ଟିମ୍ ଗାଁକୁ ଗାଁ ଯାଇ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଔଷଧ ଯୋଗାଇ ଦେଉଛନ୍ତି। ଇତିମଧ୍ୟରେ କେନ୍ଦ୍ରରୁ ଆସିଥିବା ୧୪ଜଣିଆ ଟିମ୍ ଯାଜପୁର ଜିଲ୍ଲାର ବିଭିନ୍ନ ଗ୍ରାମକୁ ଯାଇ ସ୍ଥିତି ଅନୁଧ୍ୟାନ ସହ ସ୍ୱାସ୍ଥ୍ୟବିଭାଗର ବରିଷ୍ଠ ଅଧିକାରୀମାନଙ୍କ • ପୃଷ୍ଠା ୨ ଦେଖନ୍ତୁ

### ରାଜଧାନୀକୁ ବ୍ୟାପିଲା ଡାଇରିଆ

## ଚଢାଉ ଜୋର୍‌ଦାର୍

ଭୁବନେଶ୍ୱର,୧୬।୬(ଭାସ୍କର ନ୍ୟୁଜ): ଯାଜପୁର ପରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ଡାଇରିଆ ମାମଲା ବୃଦ୍ଧି ପାଇବା ପରେ ଏହା ଏବେ ରାଜଧାନୀକୁ ବ୍ୟାପିଥିବା କୁହାଯାଇଛି। ଏଥିପାଇଁ ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ଚଢାଉକୁ ଜୋରଦାର କରାଯାଇଛି। ଚଢାଉ ସମୟରେ ବିଏମ୍‌ସି ଟିମ୍ ବିଭିନ୍ନ ହୋଟେଲରୁ ବାସି ଖାଦ୍ୟ ଓ ଅନଧିକୃତ ଖାଦ୍ୟ ରଙ୍ଗ ଜବତ କରିଛି। ଭୁବନେଶ୍ୱର କଳିଙ୍ଗନଗରର ଏକ ଆପାର୍ଟମେଣ୍ଟରୁ ଡାଇରିଆ ମାମଲା ରିପୋର୍ଟ ହେବା ପରେ ବିଏମ୍‌ସି ମେୟର ସୁଲୋଚନା ଦାସ ଘାଟିକିଆ ଅଞ୍ଚଳର ଯାଇ ସ୍ଥିତିର ସମୀକ୍ଷା କରିଛନ୍ତି। ସେ କହିଛନ୍ତି, ଡ୍ରେନ୍ ପାଣି ପାନୀୟଜଳରେ ମିଶିଥିବା ପ୍ରମାଣ ମିଳିଛି। ଫଳରେ ଜଳ ନମୁନା ପରୀକ୍ଷଣ ପାଇଁ ପଠାଯାଇଛି। ଏହି ଆପାର୍ଟମେଣ୍ଟର ୬୨ଜଣ ଆକ୍ରାନ୍ତ ହୋଇ ବିଭିନ୍ନ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି।

## ପ୍ରକାଶ ପାଇଲା ଗେଜେଟ ବିଜ୍ଞପ୍ତି

# ୨୦୨୭ ମାର୍ଚ୍ଚ ୧ରୁ ଜନଗଣନା

ନୂଆଦିଲ୍ଲୀ,୧୬।୬: ୨୦୨୭ ମାର୍ଚ୍ଚ ପହିଲାରୁ ଦେଶରେ ଷୋଡ଼ଶ ଜନଗଣନା ଆରମ୍ଭ ହେବ। ଦୁଇଟି ପର୍ଯ୍ୟାୟରେ ଏହି ଜନଗଣନା କରାଯିବ। ସଂପୂର୍ଣ୍ଣ ଡିଜିଟାଲ ମାଧ୍ୟମରେ ଏହି ଗଣନା କରାଯିବ। ଏ ନେଇ ମୋବାଇଲ ଆପ୍ ପ୍ରସ୍ତୁତ ହବ। ଜନଗଣନା ସହିତ ଜଡ଼ିତ ସମସ୍ତ ତଥ୍ୟ ୧୬ଟି ଭାଷାରେ ଆପ୍‌ରେ ଉପଲବ୍ଧ ହେବ। ଜନଗଣନାରେ ୩୪ଲକ୍ଷ ପର୍ଯ୍ୟବେକ୍ଷକ ନିଯୁକ୍ତ ହେବେ। ଏ ନେଇ ଗୃହ ମନ୍ତ୍ରଣାଳୟ ପକ୍ଷରୁ ସୋମବାର ଗେଜେଟ ବିଜ୍ଞପ୍ତି ପ୍ରକାଶ ପାଇଛି। ଜାରି ହୋଇଥିବା ବିଜ୍ଞପ୍ତି ଅନୁଯାୟୀ ତୁଷାରପାତ ହେଉଥିବା ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଆଗୁଆ ଜନଗଣନା କରାଯିବ। ଲଦାଖ, ଜାମ୍ମୁକାଶ୍ମୀର, ହିମାଚଳପ୍ରଦେଶ ଓ ଉତ୍ତରାଖଣ୍ଡରେ ୨୦୨୬ ଅକ୍ଟୋବର ୧ରୁ ଜନଗଣନା କରାଯିବ। ଏହାପରେ ବଳକା ରାଜ୍ୟରେ ୨୦୨୭ ମାର୍ଚ୍ଚ ୧ରୁ ଆରମ୍ଭ କରାଯିବ। ଜନଗଣନା ସହିତ ଜାତି ଜନଗଣନା ମଧ୍ୟ କରାଯିବ। ଏହି କାର୍ଯ୍ୟ ଶେଷପାଇଁ ପାଖାପାଖି ୨୧ ମାସ ଲାଗିବ ବୋଲି ଆକଳନ କରାଯାଇଛି। ଜନସଂଖ୍ୟା ଓ ପରିବାରର ତଥ୍ୟ ସଂଗ୍ରହ ଲାଗି ୩୪ଲକ୍ଷ ଗଣନାକାର ତଥା ସୁପରଭାଇଜର ଏବଂ ୧.୩ ଲକ୍ଷ ଜନଗଣନା କାର୍ଯ୍ୟକର୍ତ୍ତାଙ୍କୁ ନିଯୁକ୍ତି ଦିଆଯିବ। ଦେଶ ଆରମ୍ଭରୁ ଏହା ଷୋଡ଼ଶ ତଥା ୧୯୪୭ରେ ସ୍ୱାଧୀନତା ଲାଭ କରିବା ପରେ ଏହା ଅଷ୍ଟମ ଜନଗଣନା ହେବ। ମୋବାଇଲ ଆପ୍ ଜରିଆରେ ସଂପୂର୍ଣ୍ଣ ଡିଜିଟାଲ ପ୍ରକ୍ରିୟାରେ ଜନଗଣନା କରାଯିବ। ସେହିଭଳି ଜନଗଣନା ସମୟରେ ଲୋକମାନଙ୍କ ତଥ୍ୟ କିପରି ସୁରକ୍ଷିତ ରଖାଯାଇପାରିବ ସେ ନେଇ ଆବଶ୍ୟକ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯିବ। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ତଥ୍ୟ ଅନୁଯାୟୀ ଦେଶରେ ଦୁଇଟି ପର୍ଯ୍ୟାୟରେ ଏହା କରାଯିବ। ପ୍ରଥମ ପର୍ଯ୍ୟାୟରେ ଗୃହ ତାଲିକା ଅଭିଯାନ • ପୃଷ୍ଠା ୨ ଦେଖନ୍ତୁ

**ଦୁଇଟି ପର୍ଯ୍ୟାୟରେ ହେବ ଗଣନା**

**ନିଯୁକ୍ତ ହେବ ୩୪ଲକ୍ଷ ପର୍ଯ୍ୟବେକ୍ଷକ**


**ସଂପୂର୍ଣ୍ଣ ଡିଜିଟାଲ ମାଧ୍ୟମରେ ହେବ ଗଣନା**

ସେନ୍‌ସେକ୍ସ: ୮୧,୭୯୬.୧୫

ସର୍ବାଧିକ: ୨୯.୪ ଡିଗ୍ରୀ
ସର୍ବନିମ୍ନ: ୨୬.୮ ଡିଗ୍ରୀ

**୧୬।୬।୨୦୨୫ ର ମତାମତ**

କରୋନା ସଂକ୍ରମଣ ପାଇଁ ଲୋକେ ସଚେତନ ରହିବା ଉଚିତ ନୁହେଁ କି?




**ଆଜିର ପ୍ରସଙ୍ଗ**

ରାଜ୍ୟରେ ଘଟୁଥିବା ଗଣଦୁଷ୍କର୍ମ ଘଟଣାରେ ପୋଲିସ ଠୋସ୍ ପଦକ୍ଷେପ ନେବା ଉଚିତ ନୁହେଁ କି?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ www.odishabhaskar.com

## ମୋଦୀଙ୍କୁ ସାଇପ୍ରସର ସର୍ବୋଚ୍ଚ ନାଗରିକ ସମ୍ମାନ

# ଗ୍ରାଣ୍ଡ କ୍ରସ୍ ଅଫ୍ ଦ ଅର୍ଡର ଅଫ୍ ମକାରିଓସ୍‌ରେ ସମ୍ମାନିତ



ନୂଆଦିଲ୍ଲୀ,୧୬।୬: ତିନି ଦେଶ ଯାତ୍ରାର ପ୍ରଥମ ପର୍ଯ୍ୟାୟରେ ରବିବାର ସାଇପ୍ରସରେ ପହଞ୍ଚିଥିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ସୋମବାର ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ସାଇପ୍ରସ ସରକାର ତାଙ୍କ ଦେଶର ସର୍ବୋଚ୍ଚ ନାଗରିକ ସମ୍ମାନ ପ୍ରଦାନ କରିଛନ୍ତି। ସାଇପ୍ରସ ରାଷ୍ଟ୍ରପତି ନିକୋସ୍ ଫିଷ୍ଟୋଡୋଲିଡେସ୍ ମୋଦୀଙ୍କୁ ଗ୍ରାଣ୍ଡ କ୍ରସ ଅଫ୍ ଦ ଅର୍ଡ ଅଫ ମକାରିଓଇସ-ୀରେ ସମ୍ମାନିତ କରିଛନ୍ତି। ଏହାପରେ ନିକୋସ ମୋଦୀଙ୍କ ସହ ଗଣମାଧ୍ୟମକୁ ସମ୍ବୋଧିତ କରି ଆତଙ୍କବାଦ ବିରୋଧରେ ଭାରତର ଲଢେଇକୁ ଖୋଲା ସମର୍ଥନ କରିଥିଲେ। ସମ୍ମାନିତ ହେବାପରେ ପ୍ରଧାନମନ୍ତ୍ରୀ ମୋଦୀ ରାଷ୍ଟ୍ରପତି ନିକୋସଙ୍କୁ ଧନ୍ୟବାଦ ଅର୍ପଣ କରି କହିଛନ୍ତି ଯେ ମୁଁ ସାଇପ୍ରସ ସରକାର ଓ ସାଇପ୍ରସର ନାଗରିକଙ୍କୁ ହୃଦୟରୁ ଧନ୍ୟବାଦ ଜଣାଉଛି। ଏହା କେବଳ ନରେନ୍ଦ୍ର ମୋଦୀଙ୍କୁ ନୁହେଁ, ବରଂ ୧୪୦ କୋଟି ଭାରତୀୟଙ୍କ ସମ୍ମାନ। ଏହା ଆମର ସଂସ୍କୃତି, ବନ୍ଧୁତ୍ୱ ଓ ବସୁଧୈବ କୁଟୁମ୍ବକମ୍ ବିଚାରଧାରାର ସମ୍ମାନ। ମୋଦୀ • ପୃଷ୍ଠା ୨ ଦେଖନ୍ତୁ

## ୯୬୪ଜଣଙ୍କୁ ନିଯୁକ୍ତିପତ୍ର ବଣ୍ଟନ କଲେ ମୁଖ୍ୟମନ୍ତ୍ରୀ

# ଯୁବଶକ୍ତି ବିକାଶର ସାରଥୀ

ଭୁବନେଶ୍ୱର,୧୬।୬ (ଭାସ୍କର ନ୍ୟୁଜ): ଯୁବଶକ୍ତି ହେଉଛନ୍ତି ଆମ ବିକାଶ ରଥର ସାରଥୀ। ଯୁବଶକ୍ତିଙ୍କ ମଧ୍ୟରେ ଥିବା ଶକ୍ତି, ସାମର୍ଥ୍ୟ ଓ ଉତ୍ସାହକୁ ରାଜ୍ୟର ବିକାଶ ସହିତ ସମାଜ କଲ୍ୟାଣରେ ଉପଯୋଗ କରିବା ପାଇଁ ଆମେ ପ୍ରାଧାନ୍ୟ ଦେଉଛୁ। ଆମ ସରକାର ରାଜ୍ୟରେ ଆସିବା ଦିନଠାରୁ ସରକାରୀ ଓ ବେସରକାରୀ କ୍ଷେତ୍ରରେ ରୋଜଗାର ସୃଷ୍ଟିକୁ ଗୁରୁତ୍ୱ ଦେଉଛୁ ବୋଲି ସୋମବାର ୫ଟି ବିଭାଗର ୯୬୪ଜଣଙ୍କୁ ନିଯୁକ୍ତିପତ୍ର ବଣ୍ଟନ ଅବସରରେ କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଶ୍ରୀ ମାଝୀ କହିଛନ୍ତି, ଗତ ଏକବର୍ଷ ଭିତରେ ୯ଟି ପର୍ଯ୍ୟାୟରେ ପ୍ରାୟ ୨୮ହଜାରରୁ ଅଧିକ ପଦବୀ ପୂରଣ ହୋଇଛି। ସୋମବାର ଆଉ ୯୬୪ଟି ପଦବୀ ପାଇଁ ନିଯୁକ୍ତିପତ୍ର ବଣ୍ଟନ କରାଯାଇଛି। ସେଥିରେ ପୂର୍ତ୍ତବିଭାଗର ୫୬୩ଟି • ପୃଷ୍ଠା ୨ ଦେଖନ୍ତୁ




## ତୀର୍ଯ୍ୟକ

**ଅର୍ଚ୍ଚିତ ଅନିର୍ବାଣ**



କେଦାରନାଥରେ ହେଲିକେପଟର
ଅହମ୍ମଦାବାଦରେ ବିମାନ,
ନିଇତି ନିଇତି ଆକ୍ସିଡେଣ୍ଟ ଶୁଣି
ଘାବରାଇ ଯାଏ ଜୀବନ ।
ଅଣାୟତ୍ତ ଯାନବାହାନ,
ଚାଳକମାନେ ବି ତା'ଠାରୁ ଅଧିକା
ଯେତେ କଡ଼ା ହେଉ ଆଇନ !

# ୨୦ରୁ ଖୋଲିବ ସ୍କୁଲ

ଭୁବନେଶ୍ୱର,୧୬।୬(ଭାସ୍କର ନ୍ୟୁଜ): ସରି ଆସୁଛି ଖରାଛୁଟି। ୫୮ଦିନ ପରେ ଆସନ୍ତା ୨୦ ତାରିଖରେ ଖୋଲିବ ସ୍କୁଲ। ପୂର୍ବଭଳି ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ସ୍କୁଲ ଚାଲିବ। ଶିକ୍ଷୟିତ୍ରୀ ଶିକ୍ଷକ ସକାଳ ୯ଟା ୩୦ ସୁଦ୍ଧା ସ୍କୁଲରେ ପହଞ୍ଚିବେ ଏବଂ ଅପରାହ୍ନ ସାଢ଼େ ୪ଟା ଯାଏ କ୍ୟାମ୍ପସରେ ଉପସ୍ଥିତ ରହିବେ। ଏଥିପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିବାବେଳେ ପିଲାଙ୍କ ପାଠପଢ଼ା ପାଇଁ ସ୍କୁଲଗୁଡ଼ିକୁ ପ୍ରସ୍ତୁତ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅତ୍ୟଧିକ ଖରା ଓ ଗରମ ଯୋଗୁ ରାଜ୍ୟ ସରକାର ଏପ୍ରିଲ ୨୨ରୁ ବିଦ୍ୟାଳୟଗୁଡ଼ିକ ପାଇଁ ଖରାଛୁଟି ଘୋଷଣା କରିଥିଲେ। ୨୩ ତାରିଖରୁ ସ୍କୁଲ ବନ୍ଦ ରହିଥିଲା। ତେବେ ସ୍କୁଲ ଖୋଲିବା ପରେ ପିଲାଙ୍କ ପାଠପଢ଼ା ଯେପରି ସ୍ୱାଭାବିକ ହେବ ଓ ୨୦୨୫-୨୬ ଶିକ୍ଷାବର୍ଷ ଠିକ୍ ଭାବେ ପରିଚାଳିତ ହୋଇପାରିବ ସେନେଇ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ/ପ୍ରଧାନଶିକ୍ଷକଙ୍କ ଉପରେ ଅଧିକ ଦାୟିତ୍ୱ ନ୍ୟସ୍ତ କରାଯାଇଛି। ସେହିପରି ଶିକ୍ଷୟିତ୍ରୀଶିକ୍ଷକ, ଅଫିସ କର୍ମଚାରୀ, ସଫେଇ କର୍ମଚାରୀ, ରୋଷେୟା ଜୁନ୍ ୧୯ରୁ ବିଦ୍ୟାଳୟରେ ଯୋଗଦେବାକୁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ପକ୍ଷରୁ ଚିଠି କରାଯାଇଛି। ସେମାନେ ବିଦ୍ୟାଳୟରେ ଯୋଗଦେଇ କ୍ଲାସରୁମ୍ ଏବଂ ବିଦ୍ୟାଳୟ ପରିସର ସଫା କରିବେ। ବର୍ଷା ଯୋଗୁ • ପୃଷ୍ଠା ୨ ଦେଖନ୍ତୁ

## ମାଙ୍ଗାଲୋର, ମୁମ୍ବାଇରେ ଜଳପ୍ରଳୟ

# ଲଗାଣ ବର୍ଷାରେ ବନ୍ୟାସ୍ଥିତି



**ହଜାର ହଜାର ଲୋକ ଜଳବନ୍ଦୀ**

**ପାହାଡ଼ ଧସି ରାଜପଥ ବନ୍ଦ**

**ବିଭିନ୍ନ ଜିଲ୍ଲାରେ ଆଲର୍ଟ ଜାରି**

**ଧସିଲା ମାଟି, ଭାଙ୍ଗିଲା ପାଚେରୀ**

**ବହୁ ଗାଡ଼ି କ୍ଷତିଗ୍ରସ୍ତ**

ବେଙ୍ଗାଲୁରୁ/ମୁମ୍ବାଇ,୧୬।୬: ଲଗାଣ ବର୍ଷା ପରେ କର୍ଣ୍ଣାଟକ ରାଜଧାନୀ ବେଙ୍ଗାଲୁରୁ ଓ ମାଙ୍ଗାଲୋର ଏବଂ ମହାରାଷ୍ଟ୍ରର ମୁମ୍ବାଇରେ ଜଳପ୍ରଳୟ ସୃଷ୍ଟି ହୋଇଛି। ଲଗାଣ ବର୍ଷା ଯୋଗୁ ସବୁଆଡ଼େ ବନ୍ୟାସ୍ଥିତି ଦେଖାଦେଇଛି। ରାସ୍ତାରେ, ଘରେ, ଅଫିସରେ ସବୁଠି ଖାଲି ପାଣି ଆଉ ପାଣି। ବିଶେଷକରି କର୍ଣ୍ଣାଟକର ସ୍ଥିତି ସାଂଘାତିକ ହୋଇଛି। ସବୁଠୁ ଅଧିକ ପ୍ରଭାବିତ ହୋଇଛି ମାଙ୍ଗାଲୋର। ଜଳପ୍ରଳୟ ପାଇଁ ଲୋକେ ନାହିଁନଥିବା ସମସ୍ୟା ଭୋଗ କରୁଛନ୍ତି। ରାସ୍ତାଗୁଡ଼ିକ ନଈ ପାଲଟିଯାଇଛି। • ପୃଷ୍ଠା ୨ ଦେଖନ୍ତୁ

# ଥାଟରାଜା ରଣାର୍ଣ୍ଣବ ଦେବଙ୍କ ଦେହାନ୍ତ



ପୁରୀ/ ଭୁବନେଶ୍ୱର,୧୬।୬(ଭାସ୍କର ନ୍ୟୁଜ): ରବିବାର ରାତିରେ ପୁରୀ ଗଜପତି ଦିବ୍ୟସିଂହ ଦେବଙ୍କ ସାନ ଭାଇ ରଣାର୍ଣ୍ଣବ ଦେବଙ୍କ ପରଲୋକ ଘଟିଛି। ସେ କିଛିଦିନ ଧରି ଅସୁସ୍ଥ ହୋଇ ଚିକିତ୍ସିତ ହେଉଥିଲେ। ହେଲେ ଗତକାଲି ରାତିରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ମୃତ୍ୟୁ ବେଳକୁ ତାଙ୍କୁ ୬୭ ବର୍ଷ ବୟସ ହୋଇଥିଲା। ତାଙ୍କର ଶେଷ କୃତ୍ୟ ପୁରୀ ସ୍ୱର୍ଗଦ୍ୱାରରେ ଶେଷ ହୋଇଛି।ତାଙ୍କର ପୁତ୍ର ମୁଖାଗ୍ନି ଦେଇଛନ୍ତି। ଶ୍ରୀମନ୍ଦିର ରୋଷ ଘରୁ ଅଗ୍ନି ନେଇ ତାଙ୍କର ଶବ ସତ୍କାର କରାଯାଇଛି।ରଣାର୍ଣ୍ଣବ ଦେବ ସାଧାରଣରେ ଥାଟ ରାଜା ଭାବେ ପରିଚିତ ଥିଲେ। ତାଙ୍କର ମାମୁ ଘର ବାଲେଶ୍ୱର ନୀଳଗିରି ଅଞ୍ଚଳରେ ହୋଇଥିବାରୁ ସେ ସେଠାରେ ରହୁଥିଲେ। ସେହି ଅଞ୍ଚଳରେ ସେ ବେଶ ପରିଚିତ। ଏଥିସହିତ ପୁରୀ ରାଜ ନଅରରେ ତାଙ୍କର ସ୍ୱତନ୍ତ୍ର ଅଲଗା କୋଠରୀ ରହିଛି। ପୁରୀ ଆସିଲେ ସେମାନେ ସେହି ରାଜନଅର କୋଠରୀରେ ରହୁଥିଲେ। ବର୍ତ୍ତମାନ ତାଙ୍କର ମୃତ୍ୟୁ • ପୃଷ୍ଠା ୨ ଦେଖନ୍ତୁ

**ଶୋକ ପ୍ରକାଶ କଲେ ମୁଖ୍ୟମନ୍ତ୍ରୀ**



ଚେନ୍ନାଇ : ଭାଷା ବିବାଦ ମଧ୍ୟରେ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ.ଷ୍ଟାଲିନ ସୋମବାର ଏକ ବଡ଼ ଦାବି କରିଛନ୍ତି। ସେ କହିଛନ୍ତି ତାମିଲ ଭାଷାକୁ ସୁପ୍ରିମକୋର୍ଟରେ କୋର୍ଟ ଲାଙ୍ଗୁଏଜର ମାନ୍ୟତା ମିଳୁ। ଷ୍ଟାଲିନ କହିଛନ୍ତି ଯେ ସୁପ୍ରିମକୋର୍ଟ ଓ ମାଡ୍ରାସ ହାଇକୋର୍ଟରେ ତାମିଲ ଭାଷାରେ ବିଚାରକୁ ଅନୁମତି ମିଳିବା ଦରକାର ଏଥି ପାଇଁ ଦୀର୍ଘ ସମୟରୁ ଦାବି ହେଉଛି। ଏହି ପ୍ରସଙ୍ଗରେ ସେ ବିଚାରପତିମାନଙ୍କ ସମର୍ଥନ କାମନା କରିଛନ୍ତି। ତେବେ ତାମିଲ ଭାଷାରେ କୋର୍ଟ ରାୟ ଦେଉଥିବାରୁ ଷ୍ଟାଲିନ ପ୍ରସନ୍ନତା ପ୍ରକାଶ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ ଷ୍ଟାଲିନ ଦୀର୍ଘ ସମୟରୁ ତାମିଲ ଭାଷା ପ୍ରସଙ୍ଗ ଉଠାଉଛନ୍ତି। ସେ ସବୁବେଳେ ତାମିଲ ଭାଷାକୁ କେନ୍ଦ୍ର ସରକାରଙ୍କ ପ୍ରଶାସନିକ ଓ ଅଧିକାରୀକ ଭାଷାର ମାନ୍ୟତା ଦେବାକୁ ଓକିଲାତି କରିଆସୁଛନ୍ତି। ସେ ତାମିଲନାଡୁରେ ଲଗାତାର ହିନ୍ଦୀକୁ ବିରୋଧ ମଧ୍ୟ କରୁଛନ୍ତି। କହୁଛନ୍ତି କେନ୍ଦ୍ର ସରକାର ଆମ ଉପରେ ହିନ୍ଦୀକୁ ଲଦି ଦେଉଛନ୍ତି। ସେ କହିଛନ୍ତି ତାମିଲନାଡୁ କୌଣସି ଭାଷାକୁ ବିରୋଧ କରେନି। ହେଲେ କୌଣସି ଭାଷାକୁ ତାମିଲ ଉପରେ ବୋଝ ହେବାକୁ ମଧ୍ୟ ଆମେ ଦେବୁନି।

## ୧୭ରେ ଇଡିରେ ହାଜର ହେବେ ରବର୍ଟ ଭଦ୍ରା



ନୂଆଦିଲ୍ଲୀ : ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପୁଣି ରବର୍ଟ ଭଦ୍ରାଙ୍କୁ ସମନ ଜାରି କରିଛି ଏବଂ ତାଙ୍କୁ ୧୭ ଜୁନରେ ପଚରାଉଚରା ପାଇଁ ଡକାଇଛି। ମନି ଲଣ୍ଡରିଂ କେସ୍‌ରେ ଏଜେନ୍ସି ପ୍ରିୟଙ୍କା ଗାନ୍ଧି ଭଦ୍ରାଙ୍କ ସ୍ୱାମୀଙ୍କୁ ପଚରାଉଚରା କରିବାକୁ ଚାହୁଁଛି। ଏହି ମାମଲା ବ୍ରିଟେନରେ ଥିବା ଅସ୍ତ୍ର ଡିଲର ସଞ୍ଜୟ ଭଣ୍ଡାରୀଙ୍କ ସହ ଜଡ଼ିତ। ଏଥିରେ ରବର୍ଟ ଭଦ୍ରାଙ୍କ ଲିଙ୍କ୍ ଥିବା କୁହାଯାଉଛି। ଏହି ମାମଲାରେ ଏଜେନ୍ସି ତାଙ୍କୁ ପଚରାଉଚରା କରିବାକୁ ଚାହୁଁଛି। ପ୍ରିଭେନ୍‌ସନ ଅଫ୍ ମନି ଲଣ୍ଡରିଂ ଆକ୍ଟ ଅନୁସାରେ କେସ୍‌ର ଯାଞ୍ଚ ହେଉଛି ଏବଂ ଭଦ୍ରାଙ୍କର ମଧ୍ୟ ଏଥିରେ ଲିଙ୍କ ଥିବା କୁହାଯାଉଛି। ଏଜେନ୍ସି ଏହା ପୂର୍ବରୁ ମଧ୍ୟ ରବର୍ଟ ଭଦ୍ରାଙ୍କୁ ୧୦ ଜୁନରେ ପଚରାଉଚରା ପାଇଁ ସମନ ଜାରି କରିଥିଲା। କିନ୍ତୁ ରବର୍ଟ ଭଦ୍ରା ଜ୍ୱର ଓ କରୋନା ଲକ୍ଷଣ ଥିବା କହି ହାଜର ହୋଇନଥିଲେ। ସୂଚନା ଯେ, ଅପ୍ରେଲ ମାସରେ ଏଜେନ୍ସି ଲଗାତାର ତିନି ଦିନ ରବର୍ଟ ଭଦ୍ରାଙ୍କୁ ପଚରାଉଚରା କରିଥିଲା। କିନ୍ତୁ ସେହି ମାମଲା ଅନ୍ୟ ଏକ ମନି ଲଣ୍ଡରିଂ ସହ ଜଡ଼ିତ ଥିଲା, ଯାହା ହରିଆଣାର ଏକ ଲ୍ୟାଣ୍ଡ ଡିଲର। ଲ୍ୟାଣ୍ଡ ଏହି ଡିଲ୍ ୨୦୦୮ ମସିହାରେ ହୋଇଥିଲା। ଇଡି ୨୦୨୩ରେ ଚାର୍ଜସିଟ୍ ଦାଖଲ କରିଥିଲା। ଏଥିରେ ସେ ଅଭିଯୋଗ ଲଗାଇ ଥିଲା ଯେ ସଞ୍ଜୟ ଭଣ୍ଡାରୀ ୨୦୦୯ରେ ଲଣ୍ଡନ ସ୍ଥିତ ୧୨, ବ୍ରାୟନଷ୍ଟନ ସ୍କୋୟର ହାଉସ୍‌କୁ କ୍ରୟ କରିଥିଲେ। ଏହାପରେ ଏହାର ରିନୋଭେସନ ରବର୍ଟ ଭଦ୍ରାଙ୍କ ନିର୍ଦ୍ଦେଶରେ କରାଯାଇଥିଲା। ଏଥିପାଇଁ ଫଣ୍ଡ ମଧ୍ୟ ଭଦ୍ରାଙ୍କ ପକ୍ଷରୁ ଦିଆ ଯାଇଥିଲା। ହେଲେ ଭଦ୍ରା ଏହି ସଂପର୍କରେ ସିଧା ବା ଅପ୍ରତ୍ୟକ୍ଷ ଭାବେ ମାଲିକାନା ନେଇ ମନା କରିଥିଲେ। ଭଦ୍ରାଙ୍କ କହିବା ହେଲା ଯେ, ତାଙ୍କୁ ରାଜନୀତିକ ପରିବର୍ତ୍ତନର କାର୍ଯ୍ୟାନୁଷ୍ଠାନ ଅନୁସାରେ ଏହି ମାମଲାରେ ଫସା ଯାଉଛି।

# ପୁଣି ଯୁଦ୍ଧବିରତି ପ୍ରସ୍ତାବ ଦେଲା ଇରାନ୍



ତେହେରାନ : ପୁଣି ଥରେ ଯୁଦ୍ଧବିରତି ପାଇଁ ପ୍ରସ୍ତାବ ଦେଉଛି ଇରାନ। କିନ୍ତୁ ଏଥିପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସର୍ତ୍ତ ରଖୁଛି। ଇରାନୀ ଅଧିକାରୀମାନେ ମଧ୍ୟସ୍ଥ ମାଧ୍ୟମରେ ଇସ୍ରାଏଲ ଏବଂ ଆମେରିକାକୁ ଏକ ବାର୍ତ୍ତା ପଠାଉଛନ୍ତି ଯେ ଯଦି ଇସ୍ରାଏଲ ଆକ୍ରମଣ ବନ୍ଦ କରେ, ତେବେ ଇରାନ ମଧ୍ୟ ତୁରନ୍ତ ତାର ସାମରିକ କାର୍ଯ୍ୟାନୁଷ୍ଠାନ ବନ୍ଦ କରିବାକୁ ପ୍ରସ୍ତୁତ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ପୁଣି ପରମାଣୁ ଆଲୋଚନା ପାଇଁ ପ୍ରସ୍ତାବ ଦେଉଛି ଇରାନ। ୱାଲ ଷ୍ଟ୍ରିଟ୍ ଜର୍ଣ୍ଣାଲ ରିପୋର୍ଟ କରିଛି ଯେ ଇସ୍ରାଏଲୀ କ୍ଷେପଣାସ୍ତ୍ର ଇରାନର ନାଟାଞ୍ଜ ଏବଂ ଇସଫାହାନ ପରି ପରମାଣୁ କେନ୍ଦ୍ରକୁ ଟାର୍ଗେଟ କରିବା ଜବାବରେ, ଇରାନ ମଧ୍ୟ ଇସ୍ରାଏଲୀ ସାମରିକ ଘାଟିକୁ ଟାର୍ଗେଟ କରିବାକୁ ଚେଷ୍ଟା କରିଥିଲା। ଏହା ପରେ, ଅନ୍ତର୍ଜାତୀୟ ଚାପ ବଢ଼ିବା ଆରମ୍ଭ ହୋଇଥିଲା, ତେଣୁ ଏବେ ଇରାନର ନରମ ମନୋଭାବ ସାମ୍ନାକୁ ଆସିଛି। ଇରାନର ପ୍ରସ୍ତାବରେ ଏହା ମଧ୍ୟ ଅନ୍ତର୍ଭୁକ୍ତ ଯେ ଏହା ପୁଣି ଥରେ ପରମାଣୁ ଆଲୋଚନା ଆରମ୍ଭ କରିବାକୁ ଚାହୁଁଛି, ଯାହାକୁ ୨୦୧୮ ରେ ଆମେରିକା ପରମାଣୁ ଚୁକ୍ତିରୁ ଓହରି ଯିବା ପରେ ସ୍ଥଗିତ ରଖାଯାଇଥିଲା। ଉତ୍ତେଜନା ହ୍ରାସ ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ବିବେଚନା କରାଯାଉଛି। ଅନ୍ୟପକ୍ଷରେ ଇରାନ ରାଜଧାନୀ ତେହେରାନର ସବୁ ସଡ଼କ ଏବେ ଯାନବାହନରେ ଭରା। ରାସ୍ତାରେ ଖୁବ ଟ୍ରାଫିକ ଭିଡ, ଯାହାକୁ ଦେଖିବ ସହର ଛାଡିବା ପାଇଁ ବ୍ୟସ୍ତ। ଗ୍ରାମୀଣ ଇରାନକୁ ସଂଯୁକ୍ତ କରୁଥିବା ସଡ଼କ ସବୁ ଏବେ ଗାଡ଼ିଘୋଡ଼ାରେ ପୂର୍ଣ୍ଣ। ଲୋକେ ସହର ଛାଡି ଯିଏ ଯୁଆଡେ ପଳାଇବାକୁ ଚାହୁଁଛନ୍ତି। ତେହେରାନ ଉପରେ ଏବେ ଇସ୍ରାଏଲ ବିମାନ ଓ କ୍ଷେପଣାସ୍ତ୍ରରେ ଆକ୍ରମଣ କରୁଛି। ଲୋକେ ମୃତ୍ୟୁଭୟରେ ହେଉଛନ୍ତି, ଏଣୁ ସହରରେ ଭୟର ପରିବେଶ ସୃଷ୍ଟି ହୋଇଛି। ଇରାନ ସରକାର ଲୋକଙ୍କ ଆଶଙ୍କା ଦୂର କରିବାକୁ ଉଦ୍ୟମ କରୁଛନ୍ତି। ଇରାନ ସରକାରଙ୍କ ମୁଖପାତ୍ର ଫତେମେହ ମୋହାଜେରାନୀ ସରକାରୀ ଟିଭି ମାଧ୍ୟମରେ ଇସ୍ରାଏଲ ଆକ୍ରମଣ କାଳରେ ମସଜିଦ୍ ଓ ସ୍କୁଲରେ ଶରଣ ନିଆଯାଇପାରିବ ବୋଲି କହିଛନ୍ତି। ଏହା ଛଡ଼ା ଇରାନର ମେଟ୍ରୋ ସିଷ୍ଟମରେ ମଧ୍ୟ ଶରଣ ନିଆଯାଇପାରିବ ବୋଲି ସେ କହିଛନ୍ତି। ସେହି ଅନୁସାରେ ରବିବାର ରାତିରୁ ତେହେରାନର ସମସ୍ତ ମେଟ୍ରୋ ରେଳ ଷ୍ଟେସନର ଦ୍ୱାର ଖୋଲି ଦିଆଯାଇଛି। ଏହାସହ ମୁଖପାତ୍ର କହିଛନ୍ତି ଯେ ତେହେରାନରେ ଖାଦ୍ୟ, ଔଷଧ ଏବଂ ଇନ୍ଧନର କୌଣସି ସମସ୍ୟା ନାହିଁ। ତେହେରାନ ନଗର ପରିଷଦ ଅଧ୍ୟକ୍ଷ ମେହେଦୀ ଚମରନ କହିଛନ୍ତି ଯେ ସହରରେ କୋମା ଆଶ୍ରୟସ୍ଥଳ ନଥିବାରୁ ବିକଳ୍ପ ସନ୍ଧାନ କରାଯାଉଛି।

## ପଞ୍ଚଭୂତରେ ଲୀନ ହେଲେ ବିଜୟ ରୂପାଣୀ



ରାଜକୋଟ: ଗୁଜରାଟର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୟ ରୂପାଣୀଙ୍କ ଅନ୍ତିମ ସଂସ୍କାର ସମ୍ପନ୍ନ ହୋଇଛି। ରାଜକୋଟରେ ସରିଲା ଶେଷକୃତ୍ୟ। ୨୧ ତୋପ ସଲାମୀ ସହ ସମ୍ମାନରେ ସରିଲା ରୂପାଣୀଙ୍କ ଅନ୍ତିମ ସଂସ୍କାର। ଅହମଦାବାଦରୁ ବିମାନ ଦୁର୍ଘଟଣାରେ ପ୍ରାଣ ହରାଇଥିଲେ ଗୁଜରାଟର ପୂର୍ବତନ ମୁଖ୍ୟମନ୍ତ୍ରୀ। ଜୁନ ୧୨ ତାରିଖରେ ଅହମଦାବାଦରୁ ଲଣ୍ଡନ ଯାଉଥିଲେ ରୂପାଣୀ। ଲଣ୍ଡନରେ ଥିବା ନିଜ ଝିଅ ଏବଂ ପତ୍ନୀଙ୍କ ପାଖକୁ ଯିବା ବେଳେ ବିମାନ ଦୁର୍ଘଟଣା ହୋଇ ତାଙ୍କର ମୃତ୍ୟୁ ହୋଇଥିଲା। ଗତକାଲି ରୂପାଣୀଙ୍କ ଡିଏନଏ ନମୁନା ମେଳ ଖାଇବା ପରେ ଆଜି ତାଙ୍କର ସଂସ୍କାର ହୋଇଛି। ତେବେ ରାଜକୋଟରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ, ଗୁଜରାଟର ରାଜ୍ୟପାଳ ଏବଂ ଗୁଜରାଟ ମୁଖ୍ୟମନ୍ତ୍ରୀ ଶ୍ରଦ୍ଧାଞ୍ଜଳି ଦେବା ସହ ଅନ୍ତିମ ସଂସ୍କାରରେ ସାମିଲ ହୋଇଛନ୍ତି। ଶାହ ରୂପାଣୀଙ୍କ ପତ୍ନୀ ଏବଂ ପରିବାରକୁ ଭେଟି ସାନ୍ତ୍ୱନା ଦେଇଛନ୍ତି। ତେବେ ବିଜୟ ରୂପାଣୀଙ୍କ ସମ୍ପର୍କରେ ଆଉ ଏକ ଦୁଃଖଦ ସଂଯୋଗ ସାମ୍ନାକୁ ଆସିଛି। ଭାଗ୍ୟର ଖେଳ ଥିଲା ଯେ ରୂପାଣୀ ସେହି ଦୁର୍ଭାଗ୍ୟପୂର୍ଣ୍ଣ ବିମାନରେ ଚଢ଼ିଥିଲେ। ପ୍ରକୃତରେ, ଏହା ରୂପାଣୀଙ୍କର ଲଣ୍ଡନକୁ ତୃତୀୟ ଟିକେଟ୍ ଥିଲା। ସେ ଭିନ୍ନ ଭିନ୍ନ କାରଣରୁ ପୂର୍ବରୁ ତାଙ୍କ ଟିକେଟ୍ ବାତିଲ କରିଥିଲେ। ସମସ୍ତ କାମ ସରିବା ପରେ, ଶେଷରେ ସେ ଜୁନ୍ ୧୨ ତାରିଖରେ ବୋଇଂ ୭୮୭ ଡ୍ରିମଲାଇନର୍ ଏଆଇ-୧୭୧ ପାଇଁ ଟିକେଟ୍ କାଟିଥିଲେ। କିନ୍ତୁ ଏହା ଯେ ତାଙ୍କର ଶେଷ ବିମାନ ଯାତ୍ରା ହେବ ତାହା ତାଙ୍କୁ ଜଣାନଥିଲା।

## ଇସ୍ରାଏଲର ଆକ୍ରମଣରେ ଦୌଡିଲେ ଟିଭି ଆଙ୍କର

ନୂଆଦିଲ୍ଲୀ: ଚାଲିଥିଲା ଟିଭି ସୋ। ଲାଇଭ୍ ନ୍ୟୁଜ୍ ପଢ଼ୁଥିଲେ ଆଙ୍କର। ଇରାନ-ଇସ୍ରାଏଲ ଯୁଦ୍ଧ ନେଇ ତାଜା ଖବର ଦେଉଥିଲେ ଆଙ୍କର। ହେଲେ ଏତିକି ବେଳେ ହେଲା ଆକ୍ରମଣ। ଆକାଶ ମାର୍ଗରୁ ହେଲା ହମଲା। ଆକ୍ରମଣ ପରେ ପ୍ରଚଣ୍ଡ ଶବ୍ଦ ହେଲା, ଷ୍ଟୁଡିଓ ଦୋହଲିଗଲା। ଆଙ୍କର ବି ଦୋହଲିଗଲେ। ଷ୍ଟୁଡିଓ ସାରା କଳା ଧୂଆଁ ଖେଳିଗଲା। ଛାନିଆରେ ଧାଇଁଲେ ଆଙ୍କର। ବନ୍ଦ ହୋଇଗଲା ଖବର ପ୍ରସାରଣ। ତେବେ ତେହେରାନରେ ଥିବା ଷ୍ଟେଟ୍ ବ୍ରଡକାଷ୍ଟ ଆଇଆରଆଇବି କାର୍ଯ୍ୟାଳୟରେ ହମଲା ହୋଇଛି। ଇସ୍ରାଏଲ ଆଇଆରଆଇବି ହେଡ୍‌କ୍ୱାର୍ଟରେ ଇସ୍ରାଏଲ ଡିଫେନ୍ସ ଫୋର୍ସ ହମଲା କରି ଖବର ପ୍ରସାରଣ ବନ୍ଦ କରି ଦେଇଛନ୍ତି।

## ଆଇଆଇଏମ୍ ଛାତ୍ରଛାତ୍ରୀଙ୍କ ଜୀବନରେ ନୂତନ ଆଶାର କିରଣ ସୃଷ୍ଟି କରିଛି : ବିଷ୍ଣୁଦେବ



ରାୟପୁର: ଛତିଶଗଡ ଦାନ୍ତେୱାଡାର ଯୁବକଯୁବତୀଙ୍କ ଜୀବନରେ ନୂତନ ଆଶାର କିରଣ ସୃଷ୍ଟି ହୋଇଛି। ଏହା ଆଇଆଇଏମ୍ ରାୟପୁର ଦ୍ୱାରା ସମ୍ଭବ ହୋଇପାରିଛି ବୋଲି କହିଛନ୍ତି ଛତିଶଗଡ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ। ସେ କହିଛନ୍ତି ଆଇଆଇଏମ୍ ରାୟପୁର ପାଇଁ ଦାନ୍ତେୱାଡା ଜିଲ୍ଲା ପ୍ରଶାସନ ଏବଂ ଛତିଶଗଡ ସରକାର ଦୀର୍ଘ ଦିନ ହେବ ପ୍ରୟାସ କରି ଆସୁଥିଲେ। ଗତ ୧୩ତାରିଖରେ ଏହି ଆଇଆଇଏମ୍ ରାୟପୁରରୁ ପ୍ରଶିକ୍ଷଣ ହାସଲ କରିଥିବା ବ୍ୟାଚ୍ ୨ର ଛାତ୍ରଛାତ୍ରୀମାନଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଛି। ଏଣିକି ଛାତ୍ରଛାତ୍ରୀମାନେ ସେମାନଙ୍କ ଭବିଷ୍ୟତ ଗଠନର ସ୍ୱପ୍ନ ସାକାର କରିପାରିବେ ବୋଲି ସେ କହିଥିଲେ। ସେ କହିଥିଲେ ପୂର୍ବରୁ ଦାନ୍ତେୱାଡର ଯୁବପିଢ଼ୀ ବହୁ ଅସ୍ଥିର ପରିସ୍ଥିତି ମଧ୍ୟରେ ଗତି କରୁଥିଲେ। ତେବେ ବର୍ତ୍ତମାନ ସେମାନଙ୍କ ସ୍ୱପ୍ନ ପୂରଣ ହେବାକୁ ଯାଉଛି। ଆଇଆଇଏମ୍‌ର ଦକ୍ଷତା ପ୍ରଶିକ୍ଷଣ ସେମାନଙ୍କୁ ସଶକ୍ତ କରିବ ବୋଲି ଶ୍ରୀ ସାଏ କହିବା ସହ ରୋଜଗାରର ମାଧ୍ୟମ ମଧ୍ୟ ଦେଖାଇପାରିବ। ସେ ଆହୁରି କହିଥିଲେ ଯେ, କିରଣଦୁଲ୍ଲର ଅଭିଷେକ ଗୁପ୍ତା, ବିଜାପୁରର ଜେନେସ୍ କୁମାର ଏବଂ ନିଲମ ପାଣ୍ଡେ ଏହି ପ୍ରଶିକ୍ଷଣରୁ ଦକ୍ଷତା ସହ ତାଲିମ ନେଇ ରୋଜଗାରର ମାଧ୍ୟମ ପାଇପାରିଛନ୍ତି। ଆଗାମୀ ଦିନରେ ଅନ୍ୟମାନେ ମଧ୍ୟ ଏପରି ସୁବିଧା ପାଇପାରିବେ ବୋଲି ଶ୍ରୀ ସାଏ ଆଶା ପ୍ରକାଶ କରିଥିଲେ। ସେ କହିଥିଲେ ଦାନ୍ତେୱାଡାର ଜିଲ୍ଲାପାଳ ଏହି କ୍ଷେତ୍ରରେ ଯୁବପିଢ଼ୀଙ୍କୁ ମାର୍ଗଦର୍ଶନ କରିଥିଲେ।

## ଟ୍ରମ୍ପଙ୍କୁ ହତ୍ୟା କରିବାକୁ ଚାହୁଁଛି ଇରାନ: ନେତାନ୍ୟାହୁ



ନୂଆଦିଲ୍ଲୀ: ଇସ୍ରାଏଲ ଓ ଇରାନ ମଧ୍ୟରେ ଘମାସାନ ଯୁଦ୍ଧ ଜାରି ରହିଛି। ଇରାନ ଉପରେ ଇସ୍ରାଏଲ ଘନ ଘନ ଆକ୍ରମଣ କରୁଥିବା ବେଳେ ଇରାନ ବି ପ୍ରତିଜବାବ ଦେଉଛି। ଆଉ ଏହାରି ଭିତରେ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଆଉ ଏକ ବଡ ଖୁଲାସା କରିଛନ୍ତି। ନେତାନ୍ୟାହୁ କହିଛନ୍ତି ଯେ 'ଇରାନ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ହତ୍ୟା କରିବାକୁ ଚାହୁଁଛି'। ସେ ଇରାନର ଶତ୍ରୁ ନଂ ଓ୍ୱାନ। ରିପୋର୍ଟ ଅନୁଯାୟୀ ନେତାନ୍ୟାହୁ ଡୋନାଲ୍ଡ ଟ୍ରମ୍ପଙ୍କ ଉଭେ ନିର୍ଣ୍ଣାୟକ ନେତା ଭାବରେ ବର୍ଣ୍ଣନା କରିଛନ୍ତି। ସେ କହିଛନ୍ତି 'ଟ୍ରମ୍ପ କେବେ ବି ଅନ୍ୟର ପଥ ଅନୁସରଣ କରି ସେମାନଙ୍କ ସହିତ ଦୁର୍ବଳ ଭାବରେ ସୌଦା କରିବାକୁ ଚେଷ୍ଟା କରିନାହାଁନ୍ତି। ଇରାନ ସହିତ ଚାଲିଥିବା ଉତ୍ତେଜନା ମଧ୍ୟରେ ଇସ୍ରାଏଲ ପ୍ରଧାନମନ୍ତ୍ରୀ ଦାବି କରି କହିଛନ୍ତି ଯେ ଇରାନ ତାଙ୍କୁ ଓ ଡୋନାଲ୍ଡ ଟ୍ରମ୍ପଙ୍କୁ ହତ୍ୟା କରିବାକୁ ଚେଷ୍ଟା ଚଳାଇଛି। ଏଭଳି ବୟାନ ସେତେବେଳେ ଦେଇଛନ୍ତି ଯେତେବେଳେ ଇସ୍ରାଏଲ ଇରାନର ପରମାଣୁ ଏବଂ ସାମରିକ ଘାଟି ଉପରେ ଏୟାରଷ୍ଟ୍ରାଇକ କରିଛି।

## ଡାକ୍ତରଖାନାରେ ଭର୍ତ୍ତି ହେଲେ ସୋନିଆ



ନୂଆଦିଲ୍ଲୀ: ବରିଷ୍ଠ କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ ଡାକ୍ତରଖାନାରେ ଭର୍ତ୍ତି। ଗତକାଲି ରାତିରେ ତାଙ୍କୁ ସ୍ୱାସ୍ଥ୍ୟ ସାର୍ ଗଙ୍ଗାରାମ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ପାକସ୍ଥଳୀ ଜନିତ ସମସ୍ୟା ପାଇଁ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବା ସୂଚନା ମିଳିଛି। ତାଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ଥିବାବେଳେ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ବିଭାଗ ତତ୍ତ୍ୱାବଧାନରେ ରହିଛନ୍ତି ବୋଲି ଡାକ୍ତରଖାନା ପକ୍ଷରୁ କୁହାଯାଇଛି। ଗତ ସପ୍ତାହରେ ଝିଅ ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କ ସହ ସିମଲା ଗସ୍ତ କରିଥିଲେ। ସେଠାରେ ସୋନିଆ ଉଚ୍ଚ ରକ୍ତଚାପ ଜନିତ ସ୍ୱାସ୍ଥ୍ୟ ସମସ୍ୟାରେ ପଡିଥିଲେ। ତାଙ୍କୁ ସେତେବେଳେ ସିମଲାସ୍ଥିତ ଇନ୍ଦିରା ଗାନ୍ଧୀ ମେଡିକାଲ କଲେଜ ଓ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ରାଜ୍ୟସଭା ସାଂସଦ ସୋନିଆ ଏବେ କଂଗ୍ରେସ ସଂସଦୀୟ ଦଳ ସଭାନେତ୍ରୀ ଅଛନ୍ତି।

# ବାଣିଜ୍ୟ



ନୂଆଦିଲ୍ଲୀ: ମାଗଣାରେ ଆଧାର ଅପଡେଟ୍ କରିବାର ସମୟ ସୀମାକୁ ଭାରତୀୟ ସ୍ୱତନ୍ତ୍ର ପରିଚୟପତ୍ର କର୍ତ୍ତୃପକ୍ଷ (ୟୁଆଇଡିଏଆଇ) ପଞ୍ଚମ ଥର ପାଇଁ ବୃଦ୍ଧି କରିଛନ୍ତି। ଚଳିତ ମାସ ୧୪ରେ ସମୟ ସୀମା ଶେଷ ହେଉଥିବା ବେଳେ ତାହାକୁ ୨୦୨୬ ଜୁନ୍ ୧୪ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଏହା ପୂର୍ବରୁ ତିନି ମାସିଆ ଓ ୬ ମାସିଆ ମହଲତ ବୃଦ୍ଧି କରାଯାଉଥିଲା। ଏଥର କିନ୍ତୁ ବର୍ଷେ ପାଇଁ ସମୟ ସୀମାକୁ ବଢ଼ାଇ ଦିଆଯାଇଛି। ଯେଉଁ ଲୋକମାନେ ୧୦ ବର୍ଷ ପୂର୍ବରୁ ଆଧାର କାର୍ଡ କରାଇଛନ୍ତି, ସେମାନଙ୍କୁ ବିବରଣୀ ଅପଡେଟ୍ କରିବା ଲାଗି ୟୁଆଇଡିଏଆଇ ସୁଯୋଗ ଦେଇଛି। ଯେଉଁମାନେ ୧୦ ବର୍ଷ ଭିତରେ କେବେବି କାର୍ଡ ଅପଡେଟ୍ କରିନାହାନ୍ତି, ସେମାନଙ୍କୁ ଏହି ସୁଯୋଗ ଦିଆଯାଇଛି। ମାଗଣାରେ କେବଳ ନାମ, ଠିକଣା, ଜନ୍ମ ତାରିଖ, ଲିଙ୍ଗ ଭଳି ବିଷୟକୁ ଅପଡେଟ୍ କରିହେବ। କିନ୍ତୁ ମୋବାଇଲ୍ ନମ୍ବର କେବଳ ଆଧାର କେନ୍ଦ୍ରଗୁଡ଼ିକରେ ଅପଡେଟ୍ ହୋଇପାରିବ।

## ଜିନ୍ଦଲ ଫାଉଣ୍ଡେସନ୍‌କୁ ଗ୍ରୀନ୍‌ଟେକ୍ ପୁରସ୍କାର






ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : କୃଷି ପ୍ରୋତ୍ସାହନ ଓ ବରିଷ୍ଠ ନାଗରିକଙ୍କ କଲ୍ୟାଣ ପ୍ରତି ଉଲ୍ଲେଖନୀୟ ଅବଦାନ ପାଇଁ ଜିନ୍ଦଲ ଷ୍ଟିଲ ଏଣ୍ଡ ପାଓ୍ୱାର (ଜେଏସପି)କୁ ୨ଟି ବର୍ଗରେ ସମ୍ମାନଜନକ ଗ୍ରୀନଟେକ୍ ପୁରସ୍କାର ପ୍ରଦାନ କରାଯାଇଛି। ଜୁନ୍ ୧୪ରେ ନୂଆଦିଲ୍ଲୀରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଏହି ପୁରସ୍କାର ପ୍ରଦାନ ଦ୍ୱୟ କରାଯାଇଥିଲା। ଏହି ଅବସରରେ ଜିନ୍ଦଲ ଫାଉଣ୍ଡେସନର ଅଧ୍ୟକ୍ଷା ଶାଲୁ ଜିନ୍ଦଲ ଅଭିନନ୍ଦନ ଜଣାଇବା ସହ କହିଛନ୍ତି, ଯେ ଆମେ ଏହି ପୁରସ୍କାର ଗ୍ରହଣ କରି ଅତ୍ୟନ୍ତ ଆନନ୍ଦିତ। ଏହି ସ୍ୱୀକୃତି ସାମଗ୍ରିକ ବିକାଶ ପ୍ରତି ଆମର ପ୍ରତିଶ୍ରୁତିବଦ୍ଧତାକୁ ଆହୁରି ମଜଭୁତ କରୁଛି। ଏହି ଦୁଇଟି ସମ୍ମାନ ପାଇଁ ସେ ବିଚାରକମଣ୍ଡଳୀଙ୍କୁ ଧନ୍ୟବାଦ ଦେଇଛନ୍ତି। ଗ୍ରାମାଞ୍ଚଳ ଓ ଆଦିବାସୀବହୁଳ ଅଞ୍ଚଳରେ ନିରନ୍ତର କୃଷି କାର୍ଯ୍ୟକୁ ପ୍ରୋତ୍ସାହିତ କରିବା ପାଇଁ ଜେଏସପି ର ଅଭିନବ ଓ ପ୍ରଭାବଶାଳୀ ପଦକ୍ଷେପକୁ ଏହି ପୁରସ୍କାର ସ୍ୱୀକୃତି ପ୍ରଦାନ କରୁଛି। କୃଷି ପ୍ରୋତ୍ସାହନ କାର୍ଯ୍ୟକ୍ରମ ଅଧୀନରେ ଜେଏସପିର ସାମାଜିକ ସଂସ୍ଥା, ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ୨୫ହଜାରରୁ ଅଧିକ କୃଷକମାନଙ୍କୁ ଜୈବିକ କୃଷି, ଜଳସଂଚୟ ଉପଯୋଗୀ ସେଚ କୌଶଳ, ଅତ୍ୟାଧୁନିକ କୃଷି ଉପକରଣର ବ୍ୟବହାର ଓ ମୃତ୍ତିକା ସ୍ୱାସ୍ଥ୍ୟ ପରିଚାଳନା ସମ୍ପର୍କିତ ତାଲିମ ପ୍ରଦାନ କରାଯାଇଛି। ଏହି ପଦକ୍ଷେପ ଫସଲ ଉତ୍ପାଦନ, କୃଷି ଆୟ ବୃଦ୍ଧି କରିବା ସହ ପରିବେଶ ସୁରକ୍ଷା କ୍ଷେତ୍ରରେ ମଧ୍ୟ ସହାୟତା କରୁଛି। ପ୍ରାକୃତିକ କୃଷି ପ୍ରକଳ୍ପକୁ ପ୍ରୋତ୍ସାହନ ଦେବା ପାଇଁ ମାନ୍ୟବର ସାଂସଦ ଓ ଜିନ୍ଦଲ ଷ୍ଟିଲ ଏଣ୍ଡ ପାଓ୍ୱାରର ଅଧ୍ୟକ୍ଷ ନବୀନ ଜିନ୍ଦଲଙ୍କ ଲକ୍ଷ୍ୟକୁ ଆଧାର କରି, ନିକଟରେ ଜିନ୍ଦଲ ଫାଉଣ୍ଡେସନର ଅଧ୍ୟକ୍ଷା ଶାଲୁ ଜିନ୍ଦଲ ଅନୁଗୁଳର ଚାଷୀମାନଙ୍କ ପାଇଁ ଭ୍ରାମ୍ୟମାଣ ମୃତ୍ତିକା ପରୀକ୍ଷଣ କେନ୍ଦ୍ରର ଶୁଭାରମ୍ଭ କରିଛନ୍ତି। ଜିନ୍ଦଲ ଫାଉଣ୍ଡେସନର ଜଳଛାୟା ବିକାଶ ପ୍ରକଳ୍ପ ଏବଂ ୱାଡି ବିକାଶ କାର୍ଯ୍ୟକ୍ରମ ଜାତୀୟସ୍ତରରେ ବହୁବାର ପୁରସ୍କୃତ ଓ ସମ୍ମାନିତ ହୋଇଛି। ବରିଷ୍ଠ ନାଗରିକମାନଙ୍କ ଜୀବନ ମାନରେ ଉନ୍ନତି ଆଣିବା ପାଇଁ ଜିନ୍ଦଲ ଫାଉଣ୍ଡେସନ ମାଧ୍ୟମରେ ଜେଏସପି ର ପଦକ୍ଷେପ 'ବରିଷ୍ଠ ନାଗରିକଙ୍କ କଲ୍ୟାଣ' ବର୍ଗରେ ପୁରସ୍କୃତ ହୋଇଛି।

## ୧୮ରେ ଆରିସ ଇନଫ୍ରାସଲ୍ୟୁସନ୍‌ର ଆଇପିଓ ଖୋଲିବ

ନୂଆଦିଲ୍ଲୀ: ଆରିସ ଇନଫ୍ରାସଲ୍ୟୁସନ୍ସ ଲିମିଟେଡର ଇନିସିଆଲ ପବ୍ଲିକ ଅଫରିଂ (ଆଇପିଓ)ର ବିଡ ୨୦୨୫ ଜୁନ ୧୮ ବୁଧବାର ଦିନ ଖୋଲିବ। ଆଙ୍କର ନିବେଶକମାନେ ଏହାର ଗୋଟିଏ ଦିନ ପୂର୍ବରୁ ଅର୍ଥାତ ଜୁନ ୧୭ ମଙ୍ଗଳବାର ଦିନ ବିଡ ଦାଖଲ କରିପାରିବେ। ବିଡ ଦାଖଲ ପ୍ରକ୍ରିୟା ୨୦୨୫ ଜୁନ ୨୦ ଶୁକ୍ରବାର ବନ୍ଦ ହେବ। ନିବେଶକମାନେ ସର୍ବନିମ୍ନ ୬୭ଟି ଇକ୍ୱିଟିସେୟାରର ବିଡ ଦାଖଲ କରିପାରିବେ ଏବଂ ଏହାପରେ ସେଥିରେ ୬୭ଟି ଲେଖାଏଁ ସେୟାର ଯୋଡ଼ି ପାରିବେ। ଏହି ଅଫରରେ ଇକ୍ୱିଟି ସେୟାର ପିଛା ଦାମ ୨୧୦ ଟଙ୍କାରୁ ୨୨୨ ଟଙ୍କା ମଧ୍ୟରେ ରହିବ। ଏହି ଅଫରରେ ୪୯୯.୫୯ କୋଟି ଟଙ୍କା ସଂଗ୍ରହ କରାଯିବ ଏବଂ କେବଳ ନୂଆ ଇକ୍ୱିଟି ସେୟାର ଜାରି କରାଯିବ। ଏହି ଇସ୍ୟୁରୁ ଯେଉଁ ପାଣ୍ଠି ସଂଗୃହୀତ ହେବ, ସେଥିରୁ ୨୦୪.୬୦ କୋଟି ଟଙ୍କାକୁ କମ୍ପାନି ଏହାର ବକେୟା ଋଣଗୁଡ଼ିକୁ ସମ୍ପୂର୍ଣ୍ଣ କିମ୍ବା ଆଂଶିକ ପରିଶୋଧ କରିବା। ୧୭୭ କୋଟିଟଙ୍କାକୁ କମ୍ପାନିର କାର୍ଯ୍ୟକାରୀ ପୁଞ୍ଜି ଆବଶ୍ୟକତା ପୂରଣ କରିବା। ୪୮ କୋଟି ଟଙ୍କାକୁ ସହାୟକ କମ୍ପାନି ବିଲଡ ମେକ୍ସ-ଇନଫ୍ରା ପ୍ରାଇଭେଟ ଲିମିଟେଡର କାର୍ଯ୍ୟକାରୀ ପୁଞ୍ଜି ଭାବେ ବ୍ୟବହାର କରିବା। ୬୦ କୋଟି ଟଙ୍କାକୁ ଅଧିଗ୍ରହଣ ଏବଂ ଅବଶିଷ୍ଟ ରାଶିକୁ ସାଧାରଣ କର୍ପୋରେଟ କାର୍ଯ୍ୟରେ ବ୍ୟବହାର କରିବା ଲାଗି ପ୍ରସ୍ତାବ ଦିଆଯାଇଛି। ଭାରତୀୟ ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି) ନିୟମ ଅନୁସାରେ ଅଫରର ୭୫ ପ୍ରତିଶତ ପର୍ଯ୍ୟନ୍ତ ସେୟାରକୁ ଯୋଗ୍ୟସଂସ୍ଥାଗତ କ୍ରେତା (କ୍ୟୁଆଇବି)ଙ୍କ ପାଇଁ ରଖାଯିବ। ବୁକରନିଂଲିଡ ମ୍ୟାନେଜରଙ୍କ ସହ ଆଲୋଚନା କରି କ୍ୟୁଆଇ ବିଭାଗର ୬୦ ପ୍ରତିଶତ ପର୍ଯ୍ୟନ୍ତ ସେୟାରକୁ ଆଙ୍କର ନିବେଶକଙ୍କ ପାଇଁ ଆବଂଟନ କରାଯିବ। ସେଥିରୁ ଏକ ତୃତୀୟାଂଶ ସେୟାରକୁ ଘରୋଇ ମ୍ୟୁଚୁଆଲ ଫଣ୍ଡମାନଙ୍କୁ ଆବଂଟନ କରାଯିବ। ନିଟ୍ କ୍ୟୁଆଇ ବିଭାଗର ୫ ପ୍ରତିଶତ ସେୟାରକୁ ସମାନୁପାତିକ ଭିତିରେ କେବଳ ମ୍ୟୁଚୁଆଲ ଫଣ୍ଡକୁ ପ୍ରଦାନ କରାଯିବ ଏବଂ ଅବଶିଷ୍ଟ ରାଶିକୁ ସମାନୁପାତିକ ଭିତିରେ ସମସ୍ତ କ୍ୟୁଆଇବିଙ୍କୁ ଆବଂଟନ କରାଯିବ। ଅଣ ସଂସ୍ଥାଗତ ନିବେଶକମାନଙ୍କ ଲାଗି ଅଫରର ୧୫ ପ୍ରତିଶତ ସେୟାର ରଖାଯିବ। ବିଭିନ୍ନ ଆକାରର ଆପ୍ଲିକେସନ ଆଧାରରେ ଏହି ସେୟାର ଆବଂଟନ କରାଯିବ। ଅଫରର ୧୦ ପ୍ରତିଶତ ସେୟାରକୁ ଖୁଚୁରା ବ୍ୟକ୍ତିଗତ ନିବେଶକମାନଙ୍କ ଲାଗି ରଖାଯିବ। କମ୍ପାନି ରଇକ୍ୱିଟି ସେୟାରଗୁଡ଼ିକୁ ଏନଏସଇରେ ତାଲିକାଭୁକ୍ତ କରାଯିବ। ଏହି ଅଫରର ବୁକରନିଂ ଲିଡ ମ୍ୟାନେଜରମାନେ ହେଉଛନ୍ତି ଜେଏମ ଫାଇନାନ୍ସିଆଲ ଲିମିଟେଡ, ଆଇଆଇଏଫଏଲ କ୍ୟାପିଟାଲ ସର୍ଭିସେସ ଲିମିଟେଡ, ନୁଭାମାଓ୍ୱେଲଥ ମ୍ୟାନେଜମେଣ୍ଟ ଲିମିଟେଡ।

## ଏଚ୍‌ଏମ୍‌ଏସ୍‌ଆଇ ପକ୍ଷରୁ ଏକ୍ସଏଲ୭୫୦ ଟ୍ରାନ୍‌ସାଲ୍ପର ଶୁଭାରମ୍ଭ




ଗୁରୁଗ୍ରାମ: ହୋଣ୍ଡା ମୋଟରସାଇକଲ ଆଣ୍ଡ ସ୍କୁଟର ଇଣ୍ଡିଆ (ଏଚଏମଏସଆଇ) ନୂଆ ଏକ୍ସଏଲ୭୫୦ ଟ୍ରାନ୍‌ସାଲ୍ପ ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରିଛି। ସୀମାରେଖା ଊର୍ଦ୍ଧ୍ୱରେ ସ୍ୱାଧୀନତା ଆବଶ୍ୟକ କରୁଥିବା ଚାଳକମାନଙ୍କ ନିମନ୍ତେ ଏକ୍ସଏଲ୭୫୦ ଟ୍ରାନ୍‌ସାଲ୍ପ ସହରରେ ଯାତ୍ରା ଓ ଗ୍ରାମାଂଚଳ ସଡ଼କରେ ଯାତ୍ରାଠାରୁ ନେଇ ଅସମତଳ ରାସ୍ତାରେ ରୋମାଂଚକର ଯାତ୍ରାରେ ପ୍ରତ୍ୟେକ ପରିସ୍ଥିତିର ମୁକାବିଲା କରିବାକୁ ନିର୍ମିତ ହୋଇଛି। ନୂଆ ୨୦୨୫ ହୋଣ୍ଡା ଏକ୍ସଏଲ୭୫୦ ଟ୍ରାନ୍‌ସାଲ୍ପର ମୂଲ୍ୟ ୧୦,୯୯,୯୯୦ ଟଙ୍କା ଏକ୍ସ-ସୋରୁମ୍ ଗୁରୁଗ୍ରାମ (ହରିଆଣା) ରଖାଯାଇଛି। ସମଗ୍ର ଭାରତରେ ଥିବା ହୋଣ୍ଡାର ବିଗ୍‌ୱିଙ୍ଗ ଡିଲରସିପଗୁଡିକରେ ସମ୍ପ୍ରତି ବୁକିଂ ଉନ୍ମୁକ୍ତ ରହିଛି ଏବଂ ଗ୍ରାହକମାନଙ୍କୁ ଏହାର ଯୋଗାଣ ଜୁଲାଇ ୨୦୨୫ରୁ ତେଣିକି ଆରମ୍ଭ ହେବ। ଏହାର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରି ସୁଟସୁମୁ ଓଟାନି, ମ୍ୟାନେଜିଂ ଡାଇରେକ୍ଟର, ପ୍ରେସିଡେଂଟ ଏବଂ ସିଇଓ, ହୋଣ୍ଡା ମୋଟରସାଇକଲ ଆଣ୍ଡ ସ୍କୁଟର ଇଣ୍ଡିଆ କହିଥିଲେ, 'ଆମେ ଭାରତରେରେ ନୂଆ ଏକ୍ସଏଲ୭୫୦ ଟ୍ରାନ୍‌ସାଲ୍ପ ପ୍ରଚଳନ କରି ଆନନ୍ଦିତ ଅନୁଭବ କରୁଛୁ। ଏହାର ଶୁଭାରମ୍ଭ ଦିନଠାରୁ ଟ୍ରାନସାଲ୍ପ ଭରସାଯୋଗ୍ୟ ଦୁଃସାହସିକ ଗାଡି ଚାଳନାର ପ୍ରତୀକ ହୋଇଛି ଏବଂ ଏହାକୁ ସମଗ୍ର ବିଶ୍ୱରେ ଅଭିଯାତ୍ରୀମାନେ ଆପଣେଇଛନ୍ତି। ଏହି ଘୋଷଣା ସମ୍ପର୍କରେ ମତ ଦେଇ ଯୋଗେଶ ମାଥୁର, ଡାଇରେକ୍ଟର, ସେଲ୍ସ ଆଣ୍ଡ ମାର୍କେଟିଂ, ହୋଣ୍ଡା ମୋଟରସାଇକଲ ଆଣ୍ଡ ସ୍କୁଟର ଇଣ୍ଡିଆ କହିଥିଲେ, 'ଭାରତରେ ରୋମାଂଚକାରୀ ମୋଟରସାଇକଲ ବର୍ଗ ଦ୍ରୁତଗତିରେ ଅଭିବୃଦ୍ଧି ହାସଲ କରୁଛି। ଆମେ ଆମର ପ୍ରଚଳିତ ଏଡିଭି ଲାଇନ-ଅପ୍ ନିମନ୍ତେ ଉଲ୍ଲେଖନୀୟ ଆଗ୍ରହ ଲକ୍ଷ୍ୟ କରିସାରିଛୁ। ଉନ୍ନୀତ ଏକ୍ସଏଲ୭୫୦ ଟ୍ରାନସାଲ୍ପ ପ୍ରଚଳନ ସହିତ ଆମେ ଭାରତରେ ରୋମାଂଚକର ଭ୍ରମଣର ସ୍ତର ବୃଦ୍ଧି କରୁଛୁ। ପର୍ବତମାଳା ଡାକୁଛି- ଏବଂ ସେଥିପାଇଁ ଷ୍ଟାଇଲ, ପ୍ରଦର୍ଶନ ଏବଂ ଉଦ୍ଦେଶ୍ୟ ସହିତ ଉତର ଦେବାକୁ ଏଠାରେ ଟ୍ରାନସାଲ୍ପ ରହିଛି। ସମ୍ପ୍ରତି ବୁକିଂ ଉନ୍ମୁକ୍ତ ରହିଛି, ଏବଂ ଆମେ ଜୁଲାଇ ୨୦୨୫ରୁ ଯୋଗାଣ ଆରମ୍ଭ କରିବାକୁ ଯାଉଛୁ।' ନୂଆ ଏକ୍ସଏଲ୭୫୦ ଟ୍ରାନସାଲ୍ପ ଦୁଇଟି ରଙ୍ଗ ବିକଳ୍ପରେ ଉପଲବ୍ଧ ହେବ: ରୋସ୍ ହ୍ୱାଇଟ ଏବଂ ଗ୍ରାଫାଇଟ ବ୍ଲାକ। ଉପକରଣ ଦୃଷ୍ଟିରୁ ଏଥିରେର ଏକ ନୂଆ ୫.୦ ଇଂଚ ଫୁଲ କଲର ସ୍କ୍ରିନ ରହିଛି ଯାହା ଉଜ୍ଜ୍ୱଳ ସୂର୍ଯ୍ୟକିରଣରେ ଦୃଶ୍ୟମାନତାରେ ଉନ୍ନତି ଆଣିବା ନିମନ୍ତେ ଅପ୍‌ଟିକାଲ ବଣ୍ଡିଂକୁ ବ୍ୟବହାର କରୁଛି। ଏକ୍ସଏଲ୭୫୦ ଟ୍ରାନସାଲ୍ପରେ ହୋଣ୍ଡା ରୋଡସିଙ୍କ୍ ଆପ୍ ସଂଯୋଗ ବ୍ୟବସ୍ଥା ରହିଛି, ଯାହା ହ୍ୟାଣ୍ଡଲବାର୍‌ର ବାମ ପାର୍ଶ୍ୱରେ ଏକ ସରଳୀକୃତ, ବ୍ୟବହାର ପାଇଁ ସହଜ, ବ୍ୟାକଲିଟ, ଫୋର-ୱେ ଟଗଲ-ସ୍ୱିଚ ସହିତ ରହିଛି ଏବଂ ଏହା ଗାଡି ଚାଳନା ସମୟରେ ଚାଳକଙ୍କୁ କଲ୍ ଓ ଏସଏମଏସ୍ ଆଲର୍ଟ ଗ୍ରହଣ କରିବା, ଟର୍ଣ୍ଣ-ବାଇ-ଟର୍ଣ୍ଣ ଦିଗ ନିର୍ଣ୍ଣୟ ଏବଂ ସଂଗୀତ ଓ ଭଏସ କମାଣ୍ଡ ନିୟନ୍ତ୍ରଣ କରିବା ନିମର୍ତ୍ତେ ସମର୍ଥ କରାଉଛି। ଏଥିରେ ମଧ୍ୟ ଏକ ଜରୁରୀକାଳୀନ ବନ୍ଦ କରିବା ସଙ୍କେତ ବ୍ୟବସ୍ଥା ରହିଛି ଯାହା ଗାଡି ହଠାତ ଅଟକିବା ପରିସ୍ଥିତି ସମ୍ପର୍କରେ ପଛରେ ଥିବା ଗାଡିଗୁଡିକୁ ବିପଦ ବୋଲି ଆଲୋକ ପ୍ରଦର୍ଶନ କରି ଅବଗତ କରାଉଛି ଏବଂ ଏକ ସ୍ୱୟଂକ୍ରିୟ ଟର୍ଣ୍ଣ ସଙ୍କେତକୁ ବାତିଲ କରିବା ବ୍ୟବସ୍ଥା ମଧ୍ୟ ରହିଛି।

## ଆର୍ଥିକ ମହାଶକ୍ତି ଭାବେ ପ୍ରଗତି ହାସଲ କରୁଛି ଭାରତ

ନୂଆଦିଲ୍ଲୀ: ବିଶ୍ୱର ପଞ୍ଚମ ବୃହତ୍ତମ ଅର୍ଥବ୍ୟବସ୍ଥା ଭାରତ, ସବୁଠାରୁ ଦ୍ରୁତ ଗତିରେ ବୃଦ୍ଧି ପାଉଥିବା ପ୍ରମୁଖ ଅର୍ଥବ୍ୟବସ୍ଥା ରୂପେ ଉଭା ହୋଇଛି। ୨୦୩୦ ସୁଦ୍ଧା ଦେଶ ୭.୩ ଟ୍ରିଲିୟନ ଡଲାର ଜିଡିପି ସହିତ ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥବ୍ୟବସ୍ଥା ହେବା ମାର୍ଗରେ ରହିଛି। ଭାରତ ବିଶ୍ୱର ସବୁଠାରୁ ଦ୍ରୁତ ଗତିରେ ବୃଦ୍ଧି ପାଉଥିବା ପ୍ରମୁଖ ଅର୍ଥବ୍ୟବସ୍ଥା (୨୦୨୫-୨୬ ରେ ୬.୩% ରୁ ୬.୮%) ହେବାର ଆକଳନ କରାଯାଇଛି। ଏହି ପରିବର୍ତ୍ତନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଏକ ଦଶନ୍ଧିର ନିର୍ଣ୍ଣାୟକ ଶାସନ, ଦୂରଦୃଷ୍ଟିସମ୍ପନ୍ନ ସଂସ୍କାର ଏବଂ ବିଶ୍ୱସ୍ତରୀୟ ସମ୍ପର୍କ କାରଣରୁ ସମ୍ଭବ ହୋଇପାରିଛି। ଦୃଢ଼ ଘରୋଇ ଚାହିଦା, ଏକ ଗତିଶୀଳ ଜନସଂଖ୍ୟାଗତ ପ୍ରୋଫାଇଲ୍ ଏବଂ ନିରନ୍ତର ଆର୍ଥିକ ସଂସ୍କାର ଦ୍ୱାରା ଚାଳିତ ଭାରତ ବିଶ୍ୱ ବାଣିଜ୍ୟ, ନିବେଶ ଏବଂ ନବସୃଜନରେ ଏହାର ବର୍ଦ୍ଧିତ ପ୍ରଭାବ ଜାହିର କରୁଛି। ଗତ ୧୧ ବର୍ଷ ମଧ୍ୟରେ ଭାରତ ଏକ ଆଶ୍ରିତ ଅର୍ଥବ୍ୟବସ୍ଥାରୁ ଆତ୍ମନିର୍ଭରଶୀଳ ଏବଂ ବିଶ୍ୱସ୍ତରୀୟ ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ମହାଶକ୍ତି ରୂପେ ବିକଶିତ ହୋଇଛି। ପ୍ରଧାନମନ୍ତ୍ରୀ ମୋଦୀଙ୍କ ନେତୃତ୍ୱରେ, ଉତ୍ପାଦନ ଆଧାରିତ ପ୍ରୋତ୍ସାହନ (ପିଏଲଆଇ) ଯୋଜନା, ଏମଏସଏମଇ ଗୁଡ଼ିକର ପୁନରୁଦ୍ଧାର ଏବଂ ଡିଜିଟାଲ୍ ଭିତ୍ତିଭୂମିର ପ୍ରସାର ଭଳି ରଣନୀତିକ ପଦକ୍ଷେପଗୁଡ଼ିକ ଏକ ଉଚ୍ଚ-ଅଭିବୃଦ୍ଧିଶୀଳ ତଥା ଉଚ୍ଚ-ସୁଯୋଗପୂର୍ଣ୍ଣ ଅର୍ଥବ୍ୟବସ୍ଥାର ମୂଳଦୁଆ ସ୍ଥାପନ କରିଛି। ଭାରତୀୟ କର୍ପୋରେଟଗୁଡ଼ିକ ୨୦୨୪-୨୫ ମସିହାରେ ଆଇପିଓ ମାଧ୍ୟମରେ ୧,୬୨,୩୮୭ କୋଟି ଟଙ୍କାର ସର୍ବକାଳୀନ ସର୍ବାଧିକ ସଂଗ୍ରହ କରିଥିଲେ। ଜାତୀୟ ରାଜପଥ ଦୈର୍ଘ୍ୟ ୨୦୧୪ ରେ ୯୧,୨୮୭ କିଲୋମିଟରରୁ ବୃଦ୍ଧି ପାଇ ୨୦୨୫ ମାର୍ଚ୍ଚ ସୁଦ୍ଧା ୧,୪୬,୨୦୪ କିଲୋମିଟର ହୋଇଛି। ଦେଶରେ ୧୬୦ଟି କାର୍ଯ୍ୟକ୍ଷମ ବିମାନବନ୍ଦର ଅଛି, ଯେଉଁଥିରେ ୨୦୨୫ ମାର୍ଚ୍ଚ ସୁଦ୍ଧା ୧୪୫ ବିମାନବନ୍ଦର, ୨ଟି ଜଳ ବିମାନଘାଟି ଏବଂ ୧୩ଟି ହେଲିପୋର୍ଟ ଅନ୍ତର୍ଭୁକ୍ତ। ଗତ ଦଶନ୍ଧିରେ ଭାରତର ଜିଡିପି ଏକ ଉଲ୍ଲେଖନୀୟ ପରିବର୍ତ୍ତନ ଦେଖିଛି। ସେବା କ୍ଷେତ୍ର ଜିଭିଏ ରେ ସବୁଠାରୁ ସ୍ଥିର ଅବଦାନକାରୀ ରହିଛି, ୨୦୧୪ ଆର୍ଥିକ ବର୍ଷରେ ଏହାର ଅଂଶ ୫୦.୬% ରୁ ୨୦୨୫ ଆର୍ଥିକ ବର୍ଷରେ ପ୍ରାୟ ୫୫% କୁ ବୃଦ୍ଧି ପାଇଛି। ଗତ ଦଶନ୍ଧିରେ ଭାରତର ମୋଟ ରପ୍ତାନି ଉଲ୍ଲେଖନୀୟ ଅଭିବୃଦ୍ଧି ଦେଖାଇଛି, ଯାହା ୨୦୧୩-୧୪ରେ ୪୬୮ ବିଲିୟନ ଆମେରିକୀୟ ଡଲାରରୁ ବୃଦ୍ଧି ପାଇ ୨୦୨୪-୨୫ ରେ ୮୨୫ ବିଲିୟନ ଆମେରିକୀୟ ଡଲାରରେ ପହଞ୍ଚିଛି, ଯାହା ପ୍ରାୟ ୭୬% ବୃଦ୍ଧି। ସେବା ରପ୍ତାନି ଦ୍ୱିଗୁଣିତ ହୋଇଛି, ଯାହା ୨୦୧୩-୧୪ରେ ୧୫୮ ବିଲିୟନ ଆମେରିକୀୟ ଡଲାରରୁ ୨୦୨୪-୨୫ରେ ୩୮୭ ବିଲିୟନ ଆମେରିକୀୟ ଡଲାରକୁ ବୃଦ୍ଧି ପାଇଛି, ଯାହା ଏକ ଉଲ୍ଲେଖନୀୟ ଅଭିବୃଦ୍ଧି ପଞ୍ଜିକରଣ କରିଛି। ଦଶବର୍ଷ ଧରି ଢାଞ୍ଚାଗତ ସଂସ୍କାର, ନିବେଶକ-ଅନୁକୂଳ ନୀତି ଏବଂ ବର୍ଦ୍ଧିତ ବିଶ୍ୱ ପ୍ରତିଯୋଗିତାମୂଳକତା ଦ୍ୱାରା ଭାରତ ଦ୍ରୁତ ଗତିରେ ବିଶ୍ୱର ସବୁଠାରୁ ଆକର୍ଷଣୀୟ ବିଦେଶୀ ନିବେଶ (ଏଫଡିଆଇ) ଗନ୍ତବ୍ୟସ୍ଥଳ ପାଲଟିଛି। ୬.୩ କୋଟିରୁ ଅଧିକ ଉଦ୍ୟୋଗ ସହିତ, ଏମଏସଏମଇ କ୍ଷେତ୍ର କୃଷି ପରେ ଦ୍ୱିତୀୟ ସ୍ଥାନରେ ନିଯୁକ୍ତି ସୃଷ୍ଟି ଏବଂ ଉଦ୍ୟୋଗିତାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ଭାରତରେ ଡିଜିଟାଲ୍ ପେମେଣ୍ଟରେ ଏକ ଉଲ୍ଲେଖନୀୟ ବୃଦ୍ଧି ଘଟିଛି, ଯାହା ନଗଦବିହୀନ ଅର୍ଥନୀତି ଆଡ଼କୁ ଏକ ପ୍ରମୁଖ ପରିବର୍ତ୍ତନକୁ ଦର୍ଶାଉଛି। ଭାରତର ଡିଜିଟାଲ କାରବାର ଦ୍ରୁତ ଗତିରେ ବୃଦ୍ଧି ପାଉଛି ଏହା ୨୦୧୭-୧୮ରେ ୨,୦୭୧ କୋଟିରୁ ୨୦୨୩-୨୪ରେ ୧୮,୭୩୪ କୋଟିକୁ ବୃଦ୍ଧି ପାଇଛି। ପ୍ରଧାନମନ୍ତ୍ରୀ ଜନଧନ ଯୋଜନା ଲୋକଙ୍କ ଆର୍ଥିକ ସଶକ୍ତିକରଣକୁ ସୁଗମ କରିଛି। ଏପ୍ରିଲ ୨୦୨୫ ସୁଦ୍ଧା ଜନଧନ ଆକାଉଣ୍ଟ ସଂଖ୍ୟା ୫୫.୧୭ କୋଟିକୁ ବୃଦ୍ଧି ପାଇଛି। ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା ୨୦୧୫ରେ ଆରମ୍ଭ ହୋଇଥିଲା। ଏହି ଯୋଜନାରେ ଲଘୁ ଏବଂ କ୍ଷୁଦ୍ର ଉଦ୍ୟୋଗ ପ୍ରତିଷ୍ଠା ପାଇଁ ବ୍ୟବସାୟିକ ଋଣ ଯୋଗାଇ ଦିଆଯାଉଛି। ୧୭ ସେପ୍ଟେମ୍ବର, ୨୦୨୩ରେ ଆରମ୍ଭ ହୋଇଥିବା ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ଯୋଜନା ଏକ ଐତିହାସିକ ପଦକ୍ଷେପ ଯାହା ୧୮ଟି ଚିହ୍ନଟ ବାଣିଜ୍ୟ ଯେପରିକି କାରିଗରୀ, ବଢ଼େଇ, କୁମ୍ଭାର, ଦର୍ଜୀ, ନାପିତ, ମୋଚି ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ପାରମ୍ପରିକ କାରିଗର ଏବଂ କାରିଗରମାନଙ୍କୁ ସମର୍ଥନ କରିବା ପାଇଁ ଉଦ୍ଦିଷ୍ଟ। ଉଠାଦୋକାନୀଙ୍କୁ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ଋଣ ଯୋଗାଇ ଦେବାକୁ ଆରମ୍ଭ ହୋଇଥିବା ପିଏମ୍ ସ୍ୱନିଧି ଯୋଜନାରେ ବର୍ତ୍ତମାନ ସୁଦ୍ଧା ୧୪,୨୫୯ କୋଟି ଟଙ୍କାର ଋଣ ମଞ୍ଜୁର ହୋଇଥିବା ବେଳେ ୧୩,୭୮୨ କୋଟି ଟଙ୍କାର ଋଣ ଯୋଗାଇ ଦିଆଯାଇଛି।



ନୂଆଦିଲ୍ଲୀ: ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ଫାଇନାଲରେ ଅଷ୍ଟ୍ରେଲିଆ ପରାଜୟ ହୋଇଥିଲେ ମଧ୍ୟ ଅଷ୍ଟ୍ରେଲିଆର ମୁଖ୍ୟ ପ୍ରଶିକ୍ଷକ ଆଣ୍ଡ୍ରୁ ମ୍ୟାକଡୋନାଲ୍ଡ ଉସମାନ ଖ୍ୱାଜା ଏବଂ ତାଙ୍କ ଅସ୍ଥାୟୀ ଓପନିଂ ସାଥୀ ମାର୍ନସ୍ ଲାବୁସଚାଗ୍ନେଙ୍କୁ ସମର୍ଥନ କରିଛନ୍ତି। ୨୦୧୯ରେ ତାଙ୍କ ଟେଷ୍ଟ କ୍ୟାରିୟରର ଏକ ପ୍ରଭାବଶାଳୀ ଆରମ୍ଭ କରିଥିବା ଲାବୁସଚାଗ୍ନେ ଏକ ବର୍ଷରୁ ଅଧିକ ସମୟ ଧରି ଦୁର୍ବଳ ପର୍ଯ୍ୟାୟ ସହ୍ୟ କରିଛନ୍ତି। ୨୦୨୪ ଆରମ୍ଭରୁ, ସେ ୧୩ ଟେଷ୍ଟରେ ୨୬.୭୧ ହାରାହାରି ସ୍କୋର କରିଛନ୍ତି। ତଥାପି, ମ୍ୟାକଡୋନାଲ୍ଡ ବ୍ୟାଟ୍ସମ୍ୟାନଙ୍କୁ ତାଙ୍କର ସମର୍ଥନ ଦେଇଛନ୍ତି। ସେ ଦଳର ଭବିଷ୍ୟତର ଏକ ବଡ଼ ଅଂଶ। 'ଆମର ବୟସ୍କ ଖେଳାଳି ଅଛନ୍ତି ଯେଉଁମାନେ ଆରମ୍ଭ ଅପେକ୍ଷା ଶେଷର ନିକଟତର। ଆମ ପାଖରେ କିଛି ଯୁବ ଖେଳାଳି ଅଛନ୍ତି ଯେଉଁମାନେ ଆସୁଛନ୍ତି, ଏବଂ ଆପଣ ନିଶ୍ଚିତ ଭାବରେ ସେହି ଖେଳାଳିମାନଙ୍କୁ ଚାହୁଁଛନ୍ତି ଯେଉଁମାନେ ୬୦ଟି ଟେଷ୍ଟ ମ୍ୟାଚ୍ ଖେଳିଛନ୍ତି। ଯଦି ସେ ଆଗାମୀ ଚାରି କିମ୍ବା ପାଞ୍ଚ ବର୍ଷ ପାଇଁ ତାଙ୍କ ଖେଳକୁ ଭଲ କ୍ରମରେ ରଖିପାରିବେ, ତେବେ ସେ ସେହି ବ୍ୟାଟିଂ କ୍ରମକୁ ସମର୍ଥନ କରିପାରିବେ। କିନ୍ତୁ ବର୍ତ୍ତମାନ, ସେ ପ୍ରତ୍ୟାବର୍ତ୍ତନରୁ ନିରାଶ ହେବେ। ସେ ବଡ଼ ସ୍କୋରରୁ ବଞ୍ଚିତ ହୋଇଛନ୍ତି। ମ୍ୟାକଡୋନାଲ୍ଡ ଖ୍ୱାଜାଙ୍କୁ ଜଣେ ଗୁରୁତ୍ୱପୂର୍ଣ୍ଣ ଖେଳାଳି' ଭାବରେ ବର୍ଣ୍ଣନା କରିଛନ୍ତି ଏବଂ ସୂଚିତ କରିଛନ୍ତି ଯେ ସେ ଏହି ବର୍ଷ ଶେଷ ପର୍ଯ୍ୟନ୍ତ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଘରୋଇ ଆଶେସ୍ ପାଇଁ ଅଷ୍ଟ୍ରେଲିଆର ଯୋଜନାରେ ରହିବାର ସମ୍ଭାବନା ଅଛି। ସେ ଚୁକ୍ତିରେ ଅଛନ୍ତି, ସେ ଜଣେ ଗୁରୁତ୍ୱପୂର୍ଣ୍ଣ ଖେଳାଳି, ମ୍ୟାକଡୋନାଲ୍ଡ ଖ୍ୱାଜାଙ୍କ ବିଷୟରେ କହିଛନ୍ତି। ସେ ଆମକୁ ଶୀର୍ଷରେ ତାଙ୍କର ସର୍ବୋତ୍ତମ ସ୍ଥିତି ପ୍ରଦାନ କରନ୍ତି। ଏବଂ ଆମେ ଆମର ଖେଳାଳିମାନଙ୍କୁ ସେମାନଙ୍କର ସର୍ବୋତ୍ତମ ସ୍ଥିତିରେ ଦେଖିବାକୁ ପସନ୍ଦ କରୁ।

### ମହିଳା ଦିନିକିଆ ବିଶ୍ୱକପ୍ ୨୦୨୫

# ଅକ୍ଟୋବର ୫ରେ ଭାରତ-ପାକିସ୍ତାନ ମୁକାବିଲା



ନୂଆଦିଲ୍ଲୀ: ମହିଳା ଦିନିକିଆ ବିଶ୍ୱକପ ୨୦୨୫ ପାଇଁ କାର୍ଯ୍ୟସୂଚୀ ପ୍ରକାଶ କରିଛି ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି)। ଏଥର ଭାରତ ଓ ଶ୍ରୀଲଙ୍କା ଉଭୟ ମିଶି ଟୁର୍ଣ୍ଣାମେଣ୍ଟର ଆୟୋଜନ କରିବେ। ୩୦ ସେପ୍ଟେମ୍ବରରୁ ଆରମ୍ଭ କରି ନଭେମ୍ବର ୨ ତାରିଖ ୨୦୨୫ ଯାଏ ବିଶ୍ୱକପ୍ ଖେଳାଯିବ। ଏହି ଟୁର୍ଣ୍ଣାମେଣ୍ଟରେ ୮ଟି ଦଳ ମଧ୍ୟରେ ମୋଟ ୩୧ଟି ମ୍ୟାଚ ଖେଳାଯିବ। ବିଶ୍ୱକପର ପ୍ରଥମ ମ୍ୟାଚ୍ ଖେଳିବେ ଦୁଇ ଆୟୋଜକ ଟିମ୍- ଭାରତ ଓ ଶ୍ରୀଲଙ୍କା। ସେପ୍ଟେମ୍ବର ୩୦ ତାରିଖରେ ବେଙ୍ଗାଲୁରୁର ଏମ. ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଦୁଇ ଟିମ ମୁହାଁମୁହିଁ ହେବେ। ସେହିପରି ଗତ ଥର ବିଶ୍ୱକପ୍ ଚାମ୍ପିଅନ୍ ହୋଇଥିବା ଅଷ୍ଟ୍ରେଲିଆ ଅକ୍ଟୋବର ୧ ତାରିଖରେ ନ୍ୟୁଜିଲାଣ୍ଡକୁ ଭେଟିବ। ଏହି ମ୍ୟାଚ୍ ଇନ୍ଦୋରରେ ଖେଳାଯିବ। ନ୍ୟୁଜିଲାଣ୍ଡ ମଧ୍ୟ ଗତ ଥର ଆଇସିସି ମହିଳା ଟି-୨୦ ବିଶ୍ୱକପର ବିଜେତା ହୋଇଛି। ତେବେ ଟୁର୍ଣ୍ଣାମେଣ୍ଟରେ ସବୁଠାରୁ ରୋମାଞ୍ଚକର ମୁକାବିଲା ଭାରତ ଓ ପାକିସ୍ତାନ ମଧ୍ୟରେ ଅକ୍ଟୋବର ୫ ତାରିଖ ଶ୍ରୀଲଙ୍କାର କଲୋମ୍ବୋରେ ଖେଳାଯିବ। ମହିଳା ଦିନିକିଆ ବିଶ୍ୱକପର ଏହା ୧୩ ତମ ସଂସ୍କରଣ ହୋଇଥିବା ବେଳେ ଏଥିରେ ୮ ଟିମ୍ ଭାଗ ନେବେ। ଏକ ସିଙ୍ଗଲ ରାଉଣ୍ଡ-ରବିନ୍ ଫର୍ମାଟରେ ଟୁର୍ଣ୍ଣାମେଣ୍ଟର ଆୟୋଜନ ହେବ। ଯେଉଁଠାରେ ପ୍ରତ୍ୟେକ ଦଳ ପରସ୍ପର ସହିତ ଥରେ ମୁକାବିଲା କରିବେ। ଗ୍ରୁପ୍ ପର୍ଯ୍ୟାୟ ଶେଷରେ ଶ୍ରେଷ୍ଠ ଚାରିଟି ଦଳ ସେମିଫାଇନାଲକୁ ଉନ୍ନୀତ ହେବେ। ତେବେ ସମସ୍ତ ଦଳ ୨୪ ସେପ୍ଟେମ୍ବରରୁ ଦୁଇଟି ଲେଖାଏ ଅଭ୍ୟାସ ମ୍ୟାଚ୍ ଖେଳିବେ। ଭାରତ ପ୍ରଥମ ଅଭ୍ୟାସ୍ ମ୍ୟାଚ୍ ୨୪ ସେପ୍ଟେମ୍ବରରେ ବେଙ୍ଗାଲୁରୁରେ ଇଂଲଣ୍ଡ ସହ ଖେଳିବ। ସେହିପରି ଦ୍ୱିତୀୟ ମ୍ୟାଚ୍ ୨୭ ସେପ୍ଟେମ୍ବରରେ ଗୌହାଟୀରେ ଦକ୍ଷିଣ ଆଫ୍ରିକା ସହିତ ଖେଳିବ। ଦୁଇଟି ସେମିଫାଇନାଲ୍ ମ୍ୟାଚ୍ ହେବ। ଟୁର୍ଣ୍ଣାମେଣ୍ଟରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଦଳ ପ୍ରଥମ ସେମିଫାଇନାଲରେ ଚତୁର୍ଥ ସ୍ଥାନରେ ଥିବା ଦଳ ସହ ଖେଳିବ। ସେହିପରି ଦ୍ୱିତୀୟ ଏବଂ ତୃତୀୟ ସ୍ଥାନରେ ଥିବା ଟିମ୍ ଦ୍ୱିତୀୟ ସେମିଫାଇନାଲରେ ପରସ୍ପର ସହ ମୁକାବିଲା କରିବେ। ୨୯ ଅକ୍ଟୋବରରେ ଦୁଇଟି ସେମିଫାଇନାଲ ଖେଳାଯିବାକୁ ଥିବା ବେଳେ ଫାଇନାଲ୍ ୨ ନଭେମ୍ବରରେ ଖେଳାଯିବ। ଏହି ବିଶ୍ୱକପ୍ ହାଇବ୍ରିଡ୍ ମଡେଲରେ ୫ଟି ଭେନ୍ୟୁରେ ଅନୁଷ୍ଠିତ ହେବ। ଏଥିରେ ଭାରତରେ ବେଙ୍ଗାଲୁରୁ, ଗୁଆହାଟି, ଇନ୍ଦୋର ଓ ବିଶାଖାପାଟନମ, ସେହିପରି ଶ୍ରୀଲଙ୍କାର କେବଳ କଲୋମ୍ବ କ୍ରିକେଟ୍ ଫିଲ୍ଡକୁ ବଛାଯାଇଛି।

### ରଗ୍‌ବୀ ପ୍ରିମିୟର ଲିଗ୍ ଉଦ୍‌ଘାଟିତ

# ଟ୍ରଫି ଉନ୍ମୋଚନ କଲେ ଅଭିଷେକ ବଚ୍ଚନ



ମୁମ୍ବାଇ: ଅନ୍ଧେରି ସ୍ପୋର୍ଟସ କମ୍ପ୍ଲେକ୍ସରେ ରବିବାରଠାରୁ ରଗ୍‌ବୀ ପ୍ରିମିୟର ଲିଗ୍ (ଆଇପିଏଲ୍) ଉଦ୍‌ଘାଟିତ ହୋଇଯାଇଛି। ଜଣାଶୁଣା ବଲିଉଡ୍? ଗାୟକ ପଦ୍ମଶ୍ରୀ ଶଙ୍କର ମହାଦେବନ ପ୍ରଥମେ ଟୁର୍ନାମେଣ୍ଟର ଆନ୍ଥେମ 'ରଗ୍ ରଗ୍ ମେ ରଗ୍‌ବୀ' ଗାଇ ଉଦ୍‌ଘାଟନୀ କାର୍ଯ୍ୟକ୍ରମର ଆରମ୍ଭ କରିଥିଲେ। ବଲିଉଡ୍ ଅଭିନେତା ଅଭିଷେକ ବଚ୍ଚନ ଟ୍ରଫି ଉନ୍ମୋଚନ କରିଥିଲେ। ଏହି ଅବସରରେ ସମସ୍ତ ୬ ଫ୍ରାଞ୍ଚାଇଜର ଖେଳାଳି ଓ କୋଚ୍‌ଙ୍କ ସହ ଭାରତୀୟ ରଗ୍‌ବୀ ଫୁଟବଲ ୟୁନିଅନ ବା ରଗ୍‌ବୀ ଇଣ୍ଡିଆ ସଭାପତି ତଥା ବଲିଉଡ୍ ଅଭିନେତା ରାହୁଲ ବୋଷ ଓ ମହାସଂଘର ଅନ୍ୟ କର୍ମକର୍ତ୍ତା ଯୋଗ ଦେଇଥିଲେ। ମ୍ୟାଚ୍‌ରେ ବେଙ୍ଗାଲୁରୁ ବ୍ରେଭହାର୍ଟସ ଓ ଦିଲ୍ଲୀ ରେଜ ପରସ୍ପରକୁ ଭେଟିଥିଲେ। ଏଥିରେ ଦୁଇ ଦଳ ୨୧ ଲେଖାଏଁ ପଏଣ୍ଟ ସ୍କୋର କରିବାରୁ ମ୍ୟାଚ୍‌ଟି ଡ୍ର' ଭାବେ ଶେଷ ହୋଇଥିଲା। ଦୁଇ ଦଳ ପକ୍ଷରୁ ୩ଟି ଲେଖାଏ ଟ୍ରାଇ ହୋଇଥିଲା। ବେଙ୍ଗାଲୁରୁ ପକ୍ଷରୁ ଆକୁଲିଆ ରୋକୋଲିସୋଆ ଦୁଇଟି ଓ ଫିଲିପ ଓ୍ୱକୋରଚ ଗୋଟିଏ ଟ୍ରାଇ ସ୍କୋର କରିଥିଲେ। ସେହିଭଳି ଦିଲ୍ଲୀ ପାଇଁ ପାଟ୍ରିକ ଓକୋଙ୍ଗୋ ଦୁଇଟି ଓ ମାଟିଆସ ଓସାଦଜୁକ ଗୋଟିଏ ଟ୍ରାଇ କରିଥିଲେ। ଦ୍ୱିତୀୟ ମ୍ୟାଚ୍‌ରେ ଚେନ୍ନାଇ ବୁଲ୍ସ ୨୪-୫ ପଏଣ୍ଟରେ ମୁମ୍ବାଇ ଡ୍ରିମର୍ସଙ୍କୁ ପରାସ୍ତ କରିଛି। ଚେନ୍ନାଇ ପାଇଁ ଟେରି କେନେଡି ଦୁଇଟି ଟ୍ରାଇ ସ୍କୋର କରିଥିବା ବେଳେ ଭାଫାୟୁଜ ମାଲିକୋ ଓ ମହମ୍ମଦ ଏପି ଗୋଟିଏ ଟ୍ରାଇ କରିଥିଲେ। ମୁମ୍ବାଇ ଲାଗି ହେନରୀ ହୁଚିସନ ଗୋଟିଏ ଟ୍ରାଇ କରିଥିଲେ। ତୃତୀୟ ମ୍ୟାଚ୍‌ରେ କଳିଙ୍ଗ ବ୍ଲାକ ଟାଇଗର୍ସ ୧୪-୨୪ ବ୍ୟବଧାନରେ ହାଇଦ୍ରାବାଦ୍ ହିରୋଜଠାରୁ ପରାସ୍ତ ହୋଇଛି। ଓଡ଼ିଶା ପାଇଁ ପ୍ରଥମ କ୍ୱାର୍ଟରରେ ମୌରିସି ଲଙ୍ଗବଟମ ଓ ଦ୍ୱିତୀୟ କ୍ୱାର୍ଟରରେ ହ୍ୟାରୀ ମ୍ୟାକନଲଟି ଟ୍ରାଇ କରିଥିଲେ। ହାଇଦ୍ରାବାଦ ପକ୍ଷରୁ ଜୋଜି ନସୋଭା, ମାନୁଏଲ ମୋରେନୋ, ଜାଭେଦ ହୁସେନ ଓ କେଭିନ ଓ୍ୱେକେସୋ ଗୋଟିଏ ଲେଖାଏ ଟ୍ରାଇ କରିଥିଲେ।

# କେଟି ଗ୍ଲୋବାଲ ଚେସ୍ ପ୍ରତିଯୋଗିତା ଅନୁଷ୍ଠିତ



କେନ୍ଦୁଝର (ଭାସ୍କର ନ୍ୟୁଜ) : କେନ୍ଦୁଝର ଜିଲ୍ଲା ଚେସ୍ ଆସୋସିଏସନ୍ ଓ ଖୋର୍ଦ୍ଧା ବରୁଣେଇ ସ୍ଥିତ କେଟି. ଗ୍ଲୋବାଲ ସ୍କୁଲ ମିଳିତ ସହଯୋଗରେ କେନ୍ଦୁଝର ପ୍ରଭାସ ମଞ୍ଜରୀ ଆଇନ ମହାବିଦ୍ୟାଳୟରେ ଚେସ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲାର ବିଭିନ୍ନ ସ୍କୁଲରୁ ୨୦ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ । ଏଥିରେ ଆରିନ ଅନ୍ୱେଷ ସ୍ୱାଇଁ ପ୍ରଥମ ସ୍ଥାନ,ରୁଦ୍ରନାରାୟଣ ଜେନା ଦ୍ୱିତୀୟ ସ୍ଥାନ ଓ ପ୍ରୀତିରାଜ ମହାନ୍ତି ତୃତୀୟ ସ୍ଥାନ ଅଧିକାର କରିଥିଲେ । ପ୍ରତିଯୋଗୀମାନଙ୍କୁ ପ୍ରଭାସ ମଞ୍ଜରୀ ଆଇନ ମହାବିଦ୍ୟାଳୟର ଅଧକ୍ଷ ଡ଼ଃ ଧନେଶ୍ୱର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପିଲାମାନଙ୍କୁ ଉତ୍ସାହିତ କରିବା ସହ ଆର୍ଥିକ ସହାୟତା ରାଶି ସହ ଟ୍ରଫି ପ୍ରଦାନ କରିଥିଲେ । ଚେସ ଖେଳ ଯୋଗୁଁ ପିଲାମାନଙ୍କର ବୁଦ୍ଧିମତା ବୃଦ୍ଧି ହୁଏ ଏବଂ ଏକାଗ୍ରତା ବଢେ ବୋଲି ସେ କହିଥିଲେ । ଫଏ ଅଭିଷେକ ଆଚାର୍ଯ୍ୟ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ । ସାନ୍ତ୍ୱନାମୂଳକ ଭାବରେ ୧୫ଜଣ ପିଲାଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା । କେନ୍ଦୁଝର ଜିଲ୍ଲାରେ ଚେସ୍ ଖେଳର ପ୍ରସାର ନିମନ୍ତେ ଜିଲ୍ଲାର ସମସ୍ତ କମିଟି ସଦସ୍ୟ ତଥା ମୁଖ୍ୟ କାର୍ଯ୍ୟ ପରିଚାଳନା ଦାୟିତ୍ୱରେ ଥିବା ଅମର ମହାନ୍ତି ଓ ସହଯୋଗୀ ନିହାର ରଞ୍ଜନ ମିଶ୍ର ସମସ୍ତଙ୍କର ସହଯୋଗ କାମନା କରିଥିଲେ । ଆଗାମୀ ଦିନରେ ଅଗଷ୍ଟ ୧୫ ତାରିଖ, ବଡଦିନ ଓ ପୂଜା ଛୁଟି ମାନଙ୍କରେ କେନ୍ଦୁଝର ଜିଲ୍ଲାର ପ୍ରତ୍ୟେକ ଉପଖଣ୍ଡରେ ଓ ବ୍ଲକସ୍ତରରେ ଚେସ୍ ପ୍ରତିଯୋଗିତା ଆୟୋଜନ କରାଯିବ ବୋଲି କେଟି. ଗ୍ଲୋବାଲ ସ୍କୁଲର ଇତି ପ୍ରଧାନ, ଅନୁସ୍ମିତା କାରକ ପ୍ରକାଶ କରିଛନ୍ତି ।

# ଜିଲ୍ଲାସ୍ତରୀୟ ବ୍ୟାଡମିଣ୍ଟନ ଚାମ୍ପିଅନ୍‌ସିପ୍ ଉଦ୍‌ଘାଟିତ




## ଟ୍ରଫି ପ୍ରଦାନ କଲେ ଜିଲ୍ଲାପାଳ

ମାଲକାନାଗିରି (ଭାସ୍କର ନ୍ୟୁଜ୍) : ମାଲକାନଗିରି ଜିଲ୍ଲା ଇଣ୍ଡୋର ଷ୍ଟାଡିୟମରେ ପ୍ରଥମ ଥର ପାଇଁ ଆୟୋଜିତ ହୋଇଥିଲା ଚତୁର୍ଥତମ ଜିଲ୍ଲା ସ୍ତରୀୟ ବ୍ୟାଡମିଣ୍ଟନ ଚମ୍ପିୟାନସିପ ପ୍ରତିଯୋଗିତା। ଏହି ବ୍ୟାଡମିଣ୍ଟନ ଚମ୍ପିୟାନସିପ ପ୍ରତିଯୋଗିତା ଜିଲ୍ଲାର ବିଭିନ୍ନ ବ୍ଲକରୁ ପ୍ରତିଯୋଗୀ ମାନେ ଯୋଗଦାନ କରି ବିଭିନ୍ନ ବୟସ ବର୍ଗରେ ଖେଳ ପ୍ରଦର୍ଶନ କରିଥିଲେ। ଶେଷ ଫାଇନାଲ ଖେଳାରେ ୧୪ ଟି ଦଳ ଯୋଗଦାନ କରିଥିଲେ। ଫାଇନାଲ ଖେଳ ଏତେ ରାମଞ୍ଚକ ହୋଇଥିଲା ଦର୍ଶକଙ୍କ ଭିଡ଼ ବହୁ ପରିମାଣର ଦେଖିବାକୁ ମିଳିଥିଲା। ଏହି ଖେଳ ତିନିଦିନ ଧରି ଚାଲିଥିଲା ଶେଷଦିନ ଫାଇନାଲ ଖେଳରେ ପ୍ରତିଯୋଗୀମାନେ ନିଜର ସୁନ୍ଦର ଖେଳ ପ୍ରଦର୍ଶନ କରିଥିଲେ। ୧୧ ବୟସ ବର୍ଗର ବିଜେତା ଅସିତ ପାଣିଗ୍ରାହୀ, ୧୩ ବର୍ଷ ବୟସ ବର୍ଗ ବିଜେତା ଆୟୁସ କୁମାର ସାହା,୧୫ ବର୍ଷ ବୟସ ବର୍ଗର ବିଜେତା ସ୍ୱୟମ ସତ୍ୟ ବେହେରା, ୧୭ ବର୍ଷ ବୟସ ବର୍ଗର ବିଜେତା ଦିନେଶ, ୧୯ ବର୍ଷ ବୟସ ବର୍ଗର ବିଜେତା ଆୟୁଷ ମଣ୍ଡଲ, ଓପେନ ଖେଳର ବିଜେତା ଜଣେକିଆ ମ୍ୟାଚରେ ବି ରବି କିରନ, ଦୁଇ ଜଣିଆ ମ୍ୟାଚରେ ବିଜେତା ବି ରବି କିରନ ଓ ଦିନେଶ, ୩୫ ବର୍ଷ ବୟସ ବର୍ଗର ବିଜେତା ମନୋରଞ୍ଜନ ପାଣିଗ୍ରାହୀ ଓ ଲକ୍ଷ୍ମୀକାନ୍ତ ପୂଜାରୀ, ୪୦ ବର୍ଷ ବୟସ ବର୍ଗର ବିଜେତା ଅପୁର୍ବ ଓ ଅଶୋକ, ୪୫ ବର୍ଷ ବୟସ ବର୍ଗର ବିଜେତା ଅଶୋକ ପଟ୍ଟନାୟକ ଓ ପ୍ରଦୀପ ଗୌଡ଼, ଦୃତୀୟ ସ୍ଥାନରେ ରହିଥିଲେ ପ୍ରୀତପାଲ ଶିଙ୍ଗ ଓ ଅଶୋକ ସାହୁ। ମାଲକାନଗିରି ଜିଲ୍ଲାପାଳ ଆଶିଷ ଇଶ୍ୱର ପଟେଲ ଉପସ୍ଥିତ ରହି ଖେଳାଳିଙ୍କୁ ବିଜେତାଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ପ୍ରଥମ ଥର ପାଇଁ ଜିଲ୍ଲାରେ ଏପରି ଖେଳ ପ୍ରଦର୍ଶନ ପାଇଁ ଖେଳାଳି ତଥା ଅଭିଭାବକ ମଧ୍ୟରେ ଖୁସିର ଲହରୀ ଖେଳିବା ସହ ସମ୍ପାଦକ ପ୍ରୀତପାଲ ସିଂଗଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ଲକ୍ଷ୍ମଣଙ୍କୁ ମିଳିଲା ଗୁରୁ ଦାୟିତ୍ୱ


ମୁମ୍ବାଇ: ମା'ଙ୍କ ହୃଦ୍‌ଘାତ ପାଇଁ ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀର ସ୍ୱଦେଶ ଫେରିବାକୁ ବାଧ୍ୟ ହେବା ପରେ ଇଂଲଣ୍ଡ ଶୃଙ୍ଖଳା ଲାଗି ଭାରତୀୟ ଦଳର ପ୍ରସ୍ତୁତିକୁ ତଦାରଖ କରିବେ ପୂର୍ବତନ ନିର୍ଭରଯୋଗ୍ୟ ବ୍ୟାଟର୍ ଭିଭିଏସ୍ ଲକ୍ଷ୍ମଣ। ବେଙ୍ଗାଲୁରୁସ୍ଥିତ ଜାତୀୟ କ୍ରିକେଟ୍ ଏକାଡେମିର ମୁଖ୍ୟ ଥିବା ଲକ୍ଷ୍ମଣ ସଂପ୍ରତି ଭାରତୀୟ ୧୯ବର୍ଷରୁ କମ୍ ଦଳର ଇଂଲଣ୍ଡ ଗସ୍ତ ଲାଗି ଲଣ୍ଡନରେ ଅଛନ୍ତି। ଏହି ଦଳର ମାର୍ଗଦର୍ଶନ କରୁଛନ୍ତି। ଏଥିରୁ କିଛି ସମୟ ବାହାର କରି ଭାରତୀୟ ଦଳ ପାଇଁ ବିନିଯୋଗ କରିବେ ଲକ୍ଷ୍ମଣ। ସୂଚନା ଅନୁସାରେ ଭାରତୀୟ ୧୯ବର୍ଷରୁ କମ୍ ଦଳ ଇଂଲଣ୍ଡ ୧୯ବର୍ଷରୁ କମ୍ ଦଳ ବିପକ୍ଷରେ ପାଞ୍ଚଟି ଦିନିକିଆ ଓ ଦୁଇଟି ଅଣଆନୁଷ୍ଠାନିକ ଟେଷ୍ଟ୍ ଖେଳିବାର ଅଛି। ଏହି ଶୃଙ୍ଖଳାର ପ୍ରାକ୍ ପ୍ରସ୍ତୁତି ଲାଗି ଲକ୍ଷ୍ମଣ ସେଠାକୁ ଯାଇଥିଲା ବେଳେ ତାଙ୍କ ତତ୍ତ୍ୱାବଧାନରେ ଭାରତୀୟ ଦଳ କିଛି ଦିନ ପ୍ରସ୍ତୁତି କରିବ ବୋଲି ଜଣାପଡ଼ିଛି। କାରଣ ଭାରତ ୧୯ବର୍ଷରୁ କମ୍ ଓ ଇଂଲଣ୍ଡ ୧୯ବର୍ଷରୁ କମ୍ ଶୃଙ୍ଖଳା ଚଳିତ ଜୁନ୍ ୨୭ରୁ ଆରମ୍ଭ ହେବାର ଅଛି।

# ଡିଆର୍‌କେ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ: କୋର ହାଣ୍ଟର୍ସ ଚାମ୍ପିଅନ୍




ବାରିପଦା (ଭାସ୍କର ନ୍ୟୁଜ୍): ସ୍ଥାନୀୟ ମଧୁବନ ମିନି ଷ୍ଟାଡିୟମରେ ଡିଆର୍‌କେ କ୍ଲବ ଆନୁକୂଲ୍ୟରେ ଆୟୋଜିତ ୧ମ ବାର୍ଷିକ ଡିଆରକେ କପ ଦିବାରାତ୍ର ୨୦-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି। ୧୨ ଦିନ ଧରି ଅନୁଷ୍ଠିତ ହୋଇଥିବା ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚରେ କୋର ହାଣ୍ଟର୍ସ ୩୫ ରନରେ ରାଫେଲ ରକେଟ୍ସକୁ ପରାସ୍ତ କରି ଚମ୍ପିୟାନ ହୋଇଛି। ପ୍ରଥମେ ବ୍ୟାଟିଂ କରି କୋର ହାଣ୍ଟର୍ସ ୨୦ ଓଭରରେ ସମସ୍ତ ଓ୍ୱିକେଟ ହରାଇ ୧୭୨ ରନ ସଂଗ୍ରହ କରିଥିଲେ। ଦଳ ପକ୍ଷରୁ ସୌମ୍ୟ ରଞ୍ଜନ ବିଶ୍ୱାଳ ୪୮, ଦିବ୍ୟରଞ୍ଜନ ଦାସ ୩୬, ଦିବ୍ୟଲୋଚନ ଦାସ ୩୧ ଓ ଦିବ୍ୟେଶ ମହାନ୍ତି ୨୪ ରନ ସଂଗ୍ରହ କରିଥିବା ବେଳେ ବିପକ୍ଷ ଦଳର ସିଦ୍ଧାର୍ଥ ସିନ୍‌ହା, ପ୍ରୀତିଦେବ ଜେନା ଓ ନିର୍ବିଶଙ୍କର ବାରିକ ୨ଟି ଲେଖାଏଁ ଓ୍ୱିକେଟ ଅକ୍ତିଆର କରିଥିଲେ। ଉତ୍ତରରେ ରାଫେଲ ରକେଟ୍ସ ୨୦ ଓଭରେ ୬ ଓ୍ୱିକେଟ ହରାଇ ୧୩୭ ରନ ସଂଗ୍ରହ କରିପାରିଥିଲେ। ଦଳ ପକ୍ଷରୁ ପ୍ରୀତପାଲ ସିଂହ ୩୪ ଓ ଅମିତ ପରିଡା ୨୫ ସଂଗ୍ରହ କରିଥିବା ବେଳେ ବିପକ୍ଷ ଦଳର ଦିବ୍ୟେଶ ମହାନ୍ତି ୩ଟି ଓ୍ୱିକେଟ ଅକ୍ତିଆର କରିଥିଲେ। ଅମ୍ପାୟାର ଆଶୁତୋଷ ପାଣି ଓ ଦିଲ୍ଲୀପ ଦାସ ଖେଳ ପରିଚାଳନା କରିଥିବା ବେଳେ ସମ୍ବିତ ମହାରଣା ସ୍କୋରିଂରେ ସହାୟତା କରିଥିଲେ। ବୁବୁ ସିନ୍‌ହା ଧାରା ବିବରଣୀ ପ୍ରଦାନ କରିଥିଲେ। ଚମ୍ପିୟାନ ଦଳକୁ ୮୦ ହଜାର ଟଙ୍କା ଓ ଟ୍ରଫି ଓ ରନର୍ସ ଆପ ଦଳକୁ ୬୦ ହଜାର ଟଙ୍କା ଓ ଟ୍ରଫି ପ୍ରଦାନ କରି ପୁରସ୍କୃତ କରାଯାଇଥିଲା। ମ୍ୟାନ ଅଫ ଦି ମ୍ୟାଚ ଦିବ୍ୟେଶ ମହାନ୍ତି, ଶ୍ରେଷ୍ଠ ବୋଲର ସିଦ୍ଧାର୍ଥ ସିନ୍‌ହା, ଶ୍ରେଷ୍ଠ ବ୍ୟାଟ୍ସମନ ଅମିତ ପରିଡା ଓ ଶ୍ରେଷ୍ଠ ଖେଳାଳି ଭାବେ ମନୁ ରାମଙ୍କୁ ପୁରସ୍କୃତ କରାଯାଇଥିଲା। ଟୁର୍ଣ୍ଣାମେଣ୍ଟର ସଭାପତି ନଗରପାଳ କୃଷ୍ଣଓନନ୍ଦ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବାରିପଦା ବିଧାୟକ ପ୍ରକାଶ ସୋରେନ ଓ ସମ୍ମାନିତ ଅତିଥି ଭାବେ କ୍ରୀଡା ସଂଗଠକ ଗିରିଶ ଚନ୍ଦ୍ର ଦାସ, ମୟୂରଭଞ୍ଜ ଏଥଲେଟିକ ଏସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, ସମାଜସେବୀ ଅମର କୁମାର ସେଠି, ଦୀପା ରାଉତରାୟ ପ୍ରମୁଖ ଉପସ୍ଥିତ ରହି ପୁରସ୍କାର ବିତରଣ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଟୁର୍ଣ୍ଣାମେଣ୍ଟର ସମ୍ପାଦକ ସଂଜୀବ ଦ୍ୱିବେଦୀ, ଉପ ସଭାପତି କାଶୀନାଥ ରଣା, କାର୍ଯ୍ୟକାରୀ ସଭାପତି କଳିଙ୍ଗ କେଶରୀ ଜେନା, ଆୟୋଜକ ଅମିତାଭ ଦାସ, ସତ୍ୟନାରାୟଣ ଜୀଉ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ପୂର୍ବତନ କ୍ରିକେଟ ଖେଳାଳି ପ୍ରଶାନ୍ତ ପଟ୍ଟନାୟକ, ସୁବାଷ ସାହୁ, ସନ୍ତୋଷ ଓତା, ସୁନିଲ ଜେନା, ପ୍ରଭାସ ଚନ୍ଦ୍ର ଘଡେଇ, ସଞ୍ଜୟ ମାଇତି, ଅମୀୟ କୁମାର ବଳ, ସୋମନାଥ ସିଂହ, ମନୋଜ ଶର୍ମା, ଲଲାଟେନ୍ଦୁ ବେହେରା, ଦେବୀଦତ୍ତ ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଜାତୀୟ କନିଷ୍ଠ କୋରାଟେ ପ୍ରତିଯୋଗିତାରେ ଛାତ୍ରଙ୍କ ବାଜିମାତ




କରଞ୍ଜିଆ (ଭାସ୍କର ନ୍ୟୁଜ୍): ଉତ୍ତରାଖଣ୍ଡ ସ୍ଥିତ ଡେରାଡୁନ ଠାରେ ଆୟୋଜିତ ହୋଇଥିବା ଚତୁର୍ଥ ଜାତୀୟ କନିଷ୍ଠ କରାଟେ ଚମ୍ପିୟାନସିପ ୨୦୨୫ ପ୍ରତିଯୋଗିତାରେ କରଞ୍ଜିଆ କରାଟେ ଚାମ୍ପିଅନସିପର ଛାତ୍ର ନୀତିନ ମହାନ୍ତ ଓଡ଼ିଶା ଟିମ୍‌ରୁ ଭାଗ ନେଇ କୃତିତ୍ୱ ହାସଲ କରିଛନ୍ତି। ଓଡ଼ିଶା ପ୍ରତିଯୋଗୀମାନେ ୮ ଟି ସ୍ୱର୍ଣ୍ଣ ପଦକ ସହିତ ୧୩ଟି ରୌପ୍ୟ ପଦକ ଓ ୧୫ଟି କାଂସ୍ୟ ପଦକ ଜିତିଛନ୍ତି। ସେଥିରୁ କରଞ୍ଜିଆର ନୀତିନ କୁମାର ମହନ୍ତ ରୋପ୍ୟ ପଦକ ପାଇ ଏ ଅଞ୍ଚଳ ପାଇଁ ଗର୍ବ ଆଣିଛନ୍ତି। ନୀତିନ୍ କରାଟେ କୋଚ ଆଶିଷ କୁମାର ମହାନ୍ତଙ୍କ ତତ୍ତ୍ୱାବଧାରେ ଶିକ୍ଷା ଲାଭ କରୁଛି। ନୀତିନଙ୍କ ଏହି ସଫଳତା ପାଇଁ କରଞ୍ଜିଆ ଚମ୍ପିୟାନସିପ କମିଟିର ଅଧ୍ୟକ୍ଷ ବିଷ୍ଣୁ କୁମାର ଅଗ୍ରୱାଲାଙ୍କ ସହିତ ସଂପାଦକ ଆଇନଜୀବୀ ଦିବ୍ୟ ପ୍ରସାଦ ସାହୁ, ସଂଗଠନ ସଂପାଦକ ଗିରିଧାରୀ ପୃଷ୍ଟି, ସହ ସମ୍ପାଦକ ପିପୁନ୍ କୁମାର ସାହୁ, ସଂଯୋଜକ ଭୁବନ ବିହାରୀ ସାହୁ, ଉପଦେଷ୍ଟା ଦିଲ୍ଲୀପ କୁମାର ସାହୁ, ନବ କୁମାର ପଣ୍ଡା, କୃପାସିନ୍ଧୁ ମହାନ୍ତ, କର୍ଣ୍ଣାର୍ଜୁନ ସାହା, କମିଟି ସଦସ୍ୟ ସୁଧିର ଭରୁକା, ଗୌରୀ ବାବୁ, ପ୍ରଦୀପ ବର୍ମା, ଜନାର୍ଦ୍ଦନ ବେହେରା ଓ ଲକ୍ଷ୍ମୀକାନ୍ତ ରାମ ଶୁଭେଛା ଜଣାଇବା ସହିତ ତାଙ୍କ ଉତ୍ତୋରତ ଉନ୍ନତି କାମନା କରିଛନ୍ତି।


**कार्यपालक अभियंता का कार्यालय,**
**पेयजल एवं स्वच्छता प्रमंडल, चाईबासा**

**ई० निविदा सूचना**

निविदा सं० :- Chaibasa Urban WSS O&M/05/2025-26 Date :- 16.06.2025

| 1 | विवरणी<br>कार्य का नाम | ग्रुप | विस्तृत विवरणी<br>प्राक्कलित राशि (लाख में) | अग्रिम जमानत की राशि (रू० में) | परिमाण विपत्र का मूल्य (रू० में) | कार्य अवधि |
|---|---|---|---|---|---|---|
| 1 | Annual Operation & maintenance work of Chaibasa Urban Water Supply Scheme consisting of main feature such as Operation and maintenance of 16 MLD WTP at Xavier Nagar, Intake work at Roro river, raw water, clear water rising main at Sadar Bazar and Bari Bazar distribution network water supply from ESR under D.W.& S Division Chaibasa for the three year (2025-2028) excluding Energy & Raw Water Charges | CBSA/O & M Urban WSS/ 01 | 208.55 Lakhs | Rs. 4,17,500.00 | Rs. 10000.00 | 3 वर्ष |
| 2 | विभाग का नाम | पेयजल एवं स्वच्छता विभाग, झारखण्ड, राँची। | | | | |
| 3 | वेबसाईट पर निविदा प्रकाशन की तिथि/समय | दिनांक 18.06.2025 अपराह्न 4.00 बजे तक। | | | | |
| 4 | निविदा जमा करने की अंतिम तिथि/समय | दिनांक 03.07.2025 अपराह्न 4.00 बजे तक। | | | | |
| 5 | सरकार के सचिव, सूचना प्रौद्योगिकी एवं ई- गवर्नेस, झारखण्ड मंत्रालय, के ज्ञापांक 120 दिनांक 03.10. 2023 के आलोक में विपत्र का मूल्य एवं अग्रधन की राशि Online जमा करने की अन्तिम तिथि एवं समय | दिनांक 03.07.2025 अपराह्न 4.00 बजे तक। | | | | |
| 6 | निविदा प्राप्त कर तकनीकी बीड खोलने की तिथि | दिनांक 04.07.2025 अपराह्न 4.00 बजे तक। | | | | |
| 7 | निविदा आमंत्रित करने वाले पदाधिकारी का नाम एवं पता | कार्यपालक अभियंता का कार्यालय, पेयजल एवं स्वच्छता प्रमण्डल, चाईबासा। | | | | |
| 8 | ई-प्रोक्युरमेंट पदाधिकारी का फोन नं० | 9470309779 | | | | |
| 9 | ई-प्रोक्युरमेंट सेल का हेल्पलाईन नं० | 0651-2480345 | | | | |

नोट - 1. परिमाण विपत्र की राशि घट-बढ़ सकती है।
2. निविदा की शर्त्ते एवं परिमाण विपत्र विभागीय वेबसाईट www.Jharkhandtenders.gov.in से Download की जा सकती है।

कार्यपालक अभियंता
पेयजल एवं स्वच्छता प्रमंडल, चाईबासा।

PR 355128 (Drinking Water and Sanitation) 25-26 (D)



**OFFICE OF THE EXECUTIVE ENGINEER**
**SOIL INVESTIGATION DIVISION,**
**ADVANCE PLANNING,**
**ROAD CONSTRUCTION DEPARTMENT,**
**RANCHI**
NirupanBhawan,3rd Floor,Room No. 401,56-Set,Doranda,Ranchi-834002

**e-Procurement (Very Short Tender Notice)**
**Letter of Invitation (LOI) No.-08/2025-26**
**1st Call**
**e-Tender Ref No:–RCD/SID/AP/RAN/08/2025-26 Date:- 14.06.2025**

| | | |
|---|---|---|
| 1 | Name Of Work | Consultancy Services for Preparation of Detailed Project Report for widening & Strengthening/Reconstruction of Road from Bandhdih Tracker Stand to Surajmore including replacement/New Proposal of Culverts, Bridges, ROB's, RUB's, Complete Land Acquisition Plan including Ownership details all complete as per latest guidelines, Resettlement and Rehabilitation Proposal, Forest Diversion Proposal and Utility Shifting Proposal in details etc. as required by the Department (If any) under Bokaro District in the State of Jharkhand. (Tetative Length 07.00 K.m.) *Empanelled consultant with RCD under category-I vide letter No. 3063(S) WE Dated22.08.2022are allowed to Bid. |
| 2 | Tentative Length | 07.00 K.m |
| 3 | Period of Completion of Work | 30 Days |
| 4 | Cost of Tender documents | Rs 5,000/- (Five Thousand) only. Non refundable Fee.Tender fee will be recived through online mode only. The quotationers have to deposit a fixed amount of Rs15,000 as Earnest Money. As per the Departmental Letter no.-4652(S) dated 06.10.2023, cost of tender document and Earnest Money Deposit be received in online mode only through e-procurement (http://jharkhandtenders.gov.in) by internet banking/NEFT/RTGS facility as per Standard Operating sistim Procedure (SOP) issued by Information Technology & e-Governance Department, Government of Jharkhand vide letter no- 120 dated 03.10.2023. |
| 5 | Mode of Bid Submission | e-tendering(http://jharkhandtenders.gov.in) |
| 6 | Date/Time of Publication of Tender on Website | 18.06.2025,10:30 AM |
| 7 | Last Date/Time of Bid Submission | 25.06.2025 12:00PM |
| 8 | Last Date/Time of Submission of Tender Fee & EMD | 25.06.2025 12:00PM |
| 9 | Date and Time of Bid opening | 26.06.2025 12:30 PM |
| 10 | Bid validity | 120 days |
| 11 | Bid Submission Address | Chief Engineer(Communication),Road Construction Department,1st Floor, Engineer Hostel No.-2, Dhurwa, Ranchi-834004 |
| 12 | Designation and Contact no. of Tender inviting Officer | Executive Engineer,Soil Investigation Division, Advance Planning,RCD, Ranchi Mob-9905660677. |

**Note:-Only e-Tender shall be accepted.**


Sd./-
(Ravi Shankar Pravakar)
Executive Engineer,
Soil Investigation Division, Advance Planning,
Road Construction Department,Ranchi

PR.NO.355123 Road(25-26):D



କୃଷ୍ଣଚୂଡ଼ାରେ ରହିଛି ବହୁତ ଔଷଧୀୟ ଗୁଣ ବିଷୟରେ ଜାଣିନାହାନ୍ତି । ଏହି ଫୁଲରୁ ତିଆରି ଔଷଧ ଦ୍ୱାରା କେଶ ଝଡ଼ିବା, ଆଥ୍ରାଇଟିସ ଭଳି ସମସ୍ୟାରୁ ମୁକ୍ତି ଦେଇଥାଏ । ତେବେ ଏହାକୁ କିପରି ବ୍ୟବହାର କରିବା ଆସନ୍ତୁ ଜାଣିବା.. । କେଶ ପାଇଁ ଏହା ସର୍ବୋତ୍ତମ ଔଷଧ ବୋଲି ବିଶ୍ୱାସ କରାଯାଏ । ଏହା ମୁଣ୍ଡର କୌଣସି ସମସ୍ୟା, ଯେପରି ମୁଣ୍ଡବିନ୍ଧା, ରୁଟି ଉପୁଡ଼ିବା ଭଳି ସମସ୍ୟାକୁ ଦୂର କରିଥାଏ। କୃଷ୍ଣଚୂଡ଼ା ଗଛ ପତ୍ରର ଏକ ପେଷ୍ଟ କରି ମୁଣ୍ଡରେ ଦୁଇମାସ ପର୍ଯ୍ୟନ୍ତ ଲଗାଇଲେ ଏହି ସମସ୍ୟାରୁ ମୁକ୍ତି ପାଇପାରିବେ । ଏହାଛଡ଼ା ଆଣ୍ଠୁ ଗଣ୍ଠି ପିଡାରେ ପୀଡ଼ିତ ଥିବା ଲୋକମାନେ ଏହି କୃଷ୍ଣଚୂଡ଼ା ଫୁଲକୁ ପାଣିରେ ପକାଇ ଫୁଟାଇ ପିଇବା ଦ୍ୱାରା ବହୁତ ଲାଭ ମିଳିଥାଏ । ଆଥ୍ରାଇଟିସରୁ ଶିଘ୍ର ଲାଭ ମିଳିଥାଏ । ପେଟ ଯନ୍ତ୍ରଣା ଏବଂ ଅଜୀର୍ଣ୍ଣ ଲୋକମାନଙ୍କୁ ଏହି ଫୁଲର ଗୁଣ୍ଡ ୨-୪ ଗ୍ରାମ ପାଉଡରରେ ମହୁ ମିଶାଇ ଖାଆଇବା ଦ୍ୱାରା ଯନ୍ତ୍ରଣାରୁ ମୁକ୍ତି ମିଳିଥାଏ ।





## ସନସ୍କ୍ରିନ୍ ହେଲା କାଳ


ଚୀନରୁ ଏକ ଅଜବ ଘଟଣା ସାମ୍ନାକୁ ଆସିଛି। ଏହି ଖବରକୁ ନେଇ ସାମାଜିକ ଗଣମାଧ୍ୟମରେ ମଧ୍ୟ ଆଲୋଚନା ହେଉଛି। ଜଣେ ୪୮ ବର୍ଷୀୟା ମହିଳାଙ୍କ ହାଡ଼ ଏତେ ଦୁର୍ବଳ ହୋଇଥିଲା ଯେ, ସେ କଡ଼ ଲେଉଟାଇବାବେଳେ ଏହା ଭାଙ୍ଗି ଯାଇଥିଲା। ତେବେ ସୂର୍ଯ୍ୟକିରଣ ସଂସ୍ପର୍ଶରେ ଅନେକ ଦିନରୁ ନ ଆସିବା ତଥା ଅତ୍ୟଧିକ ସନସ୍କ୍ରିନ୍ ବ୍ୟବହାର ଯୋଗୁଁ ତାଙ୍କ ସହ ଏପରି ଘଟିଥିବା ଜଣାପଡ଼ିଛି। ସିଚୁଆନରେ ଥିବା ଚେଙ୍ଗଡୁ ହସ୍ପିଟାଲକୁ ଏହି ମହିଳା ଜଣକ ଆସିଥିଲେ । ତାଙ୍କ ହାଡ଼ ଭାଙ୍ଗି ଯାଇଥିଲା। ତେବେ ଏହି ମହିଳାଙ୍କର କୌଣସି ସ୍ଥାନରୁ ଖସି ପଡ଼ିବାରୁ କିମ୍ବା ଦୁର୍ଘଟଣାରୁ ତାଙ୍କ ହାଡ଼ ଭାଙ୍ଗି ନ ଥିଲା। ସେ ବିଛଣାରେ ଶୋଇଥିବା ଅବସ୍ଥାରେ କଡ଼ ଲେଉଟାଇବା କ୍ଷଣି ତାଙ୍କର ହାଡ଼ ଭାଙ୍ଗି ଯାଇଥିଲା। ମେଡିକାଲ ଯାଞ୍ଚରୁ ତାଙ୍କ ଶରୀରରେ ଭିଟାମିନ୍ ଡି'ର ଅତ୍ୟଧିକ ଅଭାବ ଥିବା ଜଣାପଡ଼ିଥିଲା ଓ ମହିଳା ଜଣକ ପିଲାଦିନରୁ ଖରାରୁ ଦୂରେଇ ରହୁଥିଲେ। ସବୁବେଳେ ସୂର୍ଯ୍ୟକିରଣରୁ ତ୍ୱଚାକୁ ଦୂରେଇ ରଖିବା ପାଇଁ ଶରୀରକୁ ଢାଙ୍କିଲା ପରି ପୋଷାକ ପିନ୍ଧୁଥିଲେ । କେବେବି ମୋଟା ପରସ୍ତର ସନସ୍କ୍ରିନ୍ ଲୋସନ ନ ଲଗାଇ ପଦାକୁ ବାହାରୁ ନ ଥିଲେ। ମହିଳା ଜଣକୁ ଚିକିତ୍ସା କରୁଥିବା ଡାକ୍ତର ଲୋଙ୍ଗ ସୁଆଙ୍ଗ କହିବା କଥା, ମହିଳାଙ୍କ ଜୀବନଶୈଳୀ ତାଙ୍କ ଶରୀରରେ ଭିଟାମିନ୍ ଡି'କୁ ଅବରୋଧ କରି ରଖିଥିଲା। ସାଧାରଣତଃ ସୂର୍ଯ୍ୟକିରଣରୁ ଭିଟାମିନ୍ ଡି ମିଳିଥାଏ । କିନ୍ତୁ ମହିଳାଙ୍କ ଶରୀରରେ ସୂର୍ଯ୍ୟକିରଣ ପ୍ରବେଶ କରିପାରୁ ନ ଥିବାରୁ ଏହା ଗମ୍ଭୀର ଅସ୍ଥି ଓପୋରୋସିସ୍ କାରଣ ପାଲଟିଥିଲା । ଏହା ଏପରି ଏକ ସ୍ଥିତି ଯେଉଁଥିରେ ହାଡ଼ଗୁଡ଼ିକ ଦୁର୍ବଳ ହୋଇଯାଏ, ଟିକିଏ ଚାପ ପଡ଼ିଲେ ଭାଙ୍ଗିବା ଆଶଙ୍କା ଥାଏ। ତେବେ ଚୀନରେ ଗୋରା ରଙ୍ଗକୁ ଗୁରୁତ୍ୱ ଦିଆଯାଉଥିବାରୁ ଲୋକେ ମାତ୍ରାଧିକ ସନସ୍କ୍ରିନ୍ ଲୋସନ ଲଗାଇବା ସହ ଲମ୍ବା ପୋଷାକ, ଗ୍ଲୋଭସ୍, ଟୋପି ଆଦି ବ୍ୟବହାର କରିଥାନ୍ତି । ସେମାନେ ଯଥାସମ୍ଭବ ସୂର୍ଯ୍ୟକିରଣରୁ ଶରୀରକୁ ରକ୍ଷା କରିବାକୁ ଚେଷ୍ଟା କରନ୍ତି । ଏଥିଯୋଗୁଁ ଏଭଳି ଏକ ଅପ୍ରତ୍ୟାଶିତ ରୋଗ ଦେଖାଯାଇପାରେ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଚେତାଇ ଦେଉଛନ୍ତି। ଏହି କାହାଣୀ ଏବେ ଚୀନ୍ ସାମାଜିକ ଗଣମାଧ୍ୟମରେ ବେଶ୍ ଭାଇରାଲ ହେଉଛି । ଏହି ଘଟଣା ପରେ ଚୀନ୍‌ର ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଲୋକଙ୍କୁ ସନ୍ତୁଳିତ ଜୀବନ ଆପଣାଇବାକୁ ପରାମର୍ଶ ଦେଉଛନ୍ତି। ସନସ୍କ୍ରିନ୍ ବ୍ୟବହାର କରିବା ସହ ସୂର୍ଯ୍ୟାଲୋକରେ ସୀମିତ ସମୟ ପାଇଁ ଚଲାବୁଲା କରିବା ନିମନ୍ତେ କହିଛନ୍ତି । ଏହାଦ୍ୱାରା ଶରୀରରେ ପ୍ରାକୃତିକ ଭାବେ ଭିଟାମିନ୍-ଡିର ଆବଶ୍ୟକତା ପୂରଣ କରାଯାଇପାରିବ ବୋଲି ସେମାନେ କହିଛନ୍ତି।

## ଘରେ କରନ୍ତୁ ଏପରି ପୂଜା
### ଫେରି ଆସିବ ସୁଖ ଶାନ୍ତି

ଆମ ହିନ୍ଦୁ ଧର୍ମରେ ପୂଜା ପାଠ ଏବଂ ବେଳେବେଳେ ଘରେ ହୋମ କରାଯାଇଥାଏ। ସନାତନ ଧର୍ମରେ ଧୂନାର ପରମ୍ପରା କାହିଁ କେଉଁ କାଳରୁ ଚାଲିଆସୁଛି। ଧୂନି ଜଳାଇବାର କେବଳ ଧାର୍ମିକ ମତରେ ହୋଇନଥାଏ ଏହାର ବୈଜ୍ଞାନିକ କାରଣ ମଧ୍ୟ ରହିଛି । ଧୂନିର ଧୂଆଁ ବାତାବରଣରେ ମିଶି ସମସ୍ତ ହାନିକାରକ ଜୀବାଣୁକୁ ନଷ୍ଟ କରିଥାଏ ଏହା ସହ ବାତାବରଣକୁ ମଧ୍ୟ ପବିତ୍ର କରିଥାଏ । ଏହି କାରଣରୁ ପ୍ରତିନ ସମୟରୁ ଘରେ ଓ ମନ୍ଦିରରେ ଧୂନି ଜଳାଇବାର ପରମ୍ପରା ରହିଛି । ଧୂନିରୁ ବାହାରୁଥିବା ଧୂଆଁ ନକାରାତ୍ମକ ଶକ୍ତିର ପ୍ରଭାବକୁ କମ୍ କରିବା ସହ ସକାରାତ୍ମକ ଶକ୍ତିକୁ ବଢ଼ାଇଥାଏ। ଧୂନିର ଧୂଆଁରୁ ପରିବାରରେ ରୋଗ, ଅଶାନ୍ତି ଏବଂ ଦୁଃଖ ଦୂର ହୋଇଥାଏ । ଆଜି ଆମେ ଆପଣଙ୍କୁ ଜଣାନ୍ତୁ ଏହି ଧୂନିର ଧୂଆଁ ବିଷୟରେ । ଯାହାକୁ ଅପଣାଇବା ଦ୍ୱାରା ଘରୁ ନକାରାତ୍ମକ ଉର୍ଜାକୁ ଦୂର କରିଥାଏ ।



- ☐ ଘରେ ସକାଳ ସମୟରେ ଝୁଣା, କର୍ପୂର, ଦେସି ଘିଅ, କାଠ ଏବଂ ଚନ୍ଦନ ଏକାଠି କରି କଡ଼ାଇ ସାହାଯ୍ୟରେ ଜଳାଇବା ଦ୍ୱାରା ଧୂନି ହେବା ସହ ଦେବୀ ଦେବତାଙ୍କ କୃପା ଘର ଉପରେ ଆସିଥାଏ ।
- ☐ ଘରେ ରାତି ସମୟରେ ଘିଅରେ କର୍ପୂର ବୁଡାଇ ଜଳାଇବା ଦ୍ୱାରା ଘରେ ଅଶାନ୍ତିର ବାତାବରଣ କମ୍ ହୋଇଥାଏ ।
- ☐ ଗୃହର କଳହ ଦୂର କରିବା ପାଇଁ ମନ୍ଦିରରେ ଘିଅର ଦୀପ ଜଳାଇକି କର୍ପୂରର ଧୂଆଁ ପୂରା ଘରେ ବୁଲାଇବା ଦ୍ୱାରା କଳହ ଦୂର ହୋଇଥାଏ ।
- ☐ ମନ୍ଦିରରେ ସକାଳ ଓ ସଂଧ୍ୟାରେ କର୍ପୂର ଜଳାଇବା ଦ୍ୱାରା ଆର୍ଥିକ ଚିନ୍ତା ଦୂର ହୋଇଥାଏ। ଏହା ସହ ଘରୁ ରୋଗରୁ ମଧ୍ୟ ମୁକ୍ତି ପାଇଥାଏ ।





## ୨୭ରେ ରିଲିଜ୍ ହେବ ଅକ୍ଷୟଙ୍କ 'କନ୍ନାପା'

ଚଳିତ ବର୍ଷର ବହୁ ପ୍ରତୀକ୍ଷିତ ସାଉଥ୍ ସିନେମା ତଥା ମଲ୍ଟିଷ୍ଟାରର ମୁଭି 'କନ୍ନାପା' ଆସନ୍ତା ଜୁନ ୨୭ରେ ରିଲିଜ୍ ହେବାକୁ ଯାଉଛି। ରବିବାର ଏହାର ଟ୍ରେଲର ଜାରି କରାଯାଇଛି। ଟ୍ରେଲରରେ ଅଭିନେତା ପ୍ରଭାସ, ମୋହନଲାଲ, ବିଷ୍ଣୁ ମଞ୍ଚୁ, ଅକ୍ଷୟ କୁମାରଙ୍କ ସହ ଅଭିନେତ୍ରୀ କାଜଲ ଅଗ୍ରୱାଲଙ୍କୁ ଦେଖିବାକୁ ମିଳିଛି। ଟ୍ରେଲର ଦେଖିବା ପରେ ଫିଲ୍ମକୁ ନେଇ ସିନେ ପ୍ରେମୀଙ୍କ ମଧ୍ୟରେ ଉତ୍ସାହ ବଢ଼ିଛି। ୨ ମିନିଟ୍ ୫୪ ସେକେଣ୍ଡର ଏହି ଟ୍ରେଲରରେ 'କନ୍ନାପା' ନାମକ ଜଣେ ନାସ୍ତିକ ବ୍ୟକ୍ତିଙ୍କ ଭୂମିକାରେ ସାଉଥ୍ ଷ୍ଟାର ବିଷ୍ଣୁ ମଞ୍ଚୁଙ୍କୁ ଦେଖିବାକୁ ମିଳିଛି। କିପରି କନ୍ନାପା ଜଣେ ନାସ୍ତିକରୁ ଭଗବାନ ଶିବଙ୍କ ବଡ଼ ଭକ୍ତରେ ପରିଣତ ହେଉଛନ୍ତି, ତାହାକୁ ନେଇ ଫିଲ୍ମର କାହାଣୀ ପର୍ଯ୍ୟବେସିତ। ଅକ୍ଷୟ ଏହି ଟ୍ରେଲରରେ ଭଗବାନ ଶିବଙ୍କ ଭୂମିକାରେ ନଜରକୁ ଆସିଛନ୍ତି।ସେହିପରି କାଜଲଙ୍କୁ ଦେବୀ ପାର୍ବତୀଙ୍କ ଭୂମିକାରେ ଦେଖିବାକୁ ମିଳିଛି। ପ୍ରଭାସଙ୍କୁ ଭଗବାନ ମହାଦେବଙ୍କ ବଡ଼ ଭକ୍ତ ରୁଦ୍ରଙ୍କ ଭୂମିକାରେ ଦେଖିବାକୁ ମିଳିଛି, ଯିଏ କନ୍ନାପାଙ୍କୁ ଶିବ ଭକ୍ତ ହେବା ପାଇଁ ମାର୍ଗ ଦର୍ଶନ ଦେଉଛନ୍ତି। ମୁକେଶ କୁମାର ସିଂଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମ ତେଲୁଗୁ, ତାମିଲ, କନ୍ନଡ଼, ମାଲାୟାଲମ ଏବଂ ହିନ୍ଦୀ ଭାଷାରେ ରିଲିଜ୍ ହେବ।



## ୫୦୦ ଟଙ୍କା ଆଣି ମୁମ୍ବାଇ ଆସିଥିଲେ ଦିଶା

ବଲିଉଡ ଅଭିନେତ୍ରୀ ଦିଶା ପଟାନୀ ନିଜର ଅଭିନୟ ପାଇଁ ଖବରେ ଚର୍ଚ୍ଚା ସାଉଁଟିଥାଆନ୍ତି। ବର୍ତ୍ତମାନ ସେ ଜଣେ ବଲିଉଡର ଜଣେ ସଫଳ ନାୟିକା। ହେଲେ ଦିନ ଥିଲା ସେ ଏଥିପାଇଁ ଖୁବ୍ ପରିଶ୍ରମ କରିଛନ୍ତି। କ୍ୟାରିୟରର ଆରମ୍ଭ ଦିନଗୁଡିକ ସେ ଖୁବ୍ କଷ୍ଟରେ କରିଛନ୍ତି। ସେ ମୁମ୍ବାଇ ଆସିଥିବାବେଳେ ମାତ୍ର ୫୦୦ ଟଙ୍କା ଧରି ଆସିଥିଲେ ବୋଲି ସାକ୍ଷାତକାରରେ ପ୍ରକାଶ କରିଛନ୍ତି। ଏହାପରେ ସେ ନିଜର ପିଲାଦିନର ଦୁର୍ବଳତା ଅଭିନୟକୁ ପାଥେୟ କରି ଖୁବ୍ ପରିଶ୍ରମ କରିଥିଲେ। ଧୀରେ ଧୀରେ ସେ ନିଜର ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିବାରେ ସଫଳ ହୋଇଥିଲେ। ଧୀରେଧୀରେ ଲୋକ ତାଙ୍କୁ ପସନ୍ଦ କରିବା ଆରମ୍ଭ କରିଥିଲେ। ତାଙ୍କୁ ବଡ ପରଦାରେ ବିଭିନ୍ନ ଫିଲ୍ମରେ ଦେଖିବାକୁ ମିଳିଥିଲା। ଏହାପରେ ସେ ନିଜର ଅନେକ ସ୍ୱପ୍ନ ପୂରଣ କରିବାରେ ସଫଳ ହୋଇଥିଲେ ବୋଲି ପ୍ରକାଶ କରିଛନ୍ତି। ଦିଶା ନିଜର କ୍ୟାରିୟର ଦିଶା ମଡେଲିଂରୁ ଆରମ୍ଭ କରିଥିଲେ। ମଡେଲିଂରୁ ଲିଡ୍ ଅଭିନେତ୍ରୀର ଯାତ୍ରା ଖୁବ୍ ଅଧିକ କଷ୍ଟ ଥିଲା ବୋଲି ଅନେକ ସାକ୍ଷାତକାରରେ ଦିଶା ପ୍ରକାଶ କରିଛନ୍ତି।



## ଅଲଗା ହେଲେ ଶିବାଙ୍ଗୀ-କୁଶାଲ

ଅଲଗା ହେଲେ ଟେଲି ପରଦାର ଆଉ ଏକ ହିଟ୍ ଯୋଡ଼ି। ସୋନି ଚ୍ୟାନେଲରେ ପ୍ରସାରିତ ଧାରାବାହିକ 'ବରସାତେ'ଜରିଆରେ ଦର୍ଶକଙ୍କ ମନରେ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଥିବା କପଲ ଶିବାଙ୍ଗୀ ଜୋଶୀ ଏବଂ କୁଶାଲ ଟଣ୍ଡନ ବାଟ ଅଲଗା କରିଛନ୍ତି। ଉଭୟ ରିଲ୍‌ରୁ ରିଅଲ୍ ଲାଇଫରେ ପରସ୍ପର ପ୍ରେମରେ ପଡ଼ିଥିଲେ। ସେବେଠାରୁ ସେମାନଙ୍କୁ ନେଇ ଚର୍ଚ୍ଚା ହୋଇ ଆସୁଥିଲା। ହେଲେ କାହା ନଜର ଲାଗିବା ଭଳି ଦୁହେଁ ଅଲଗା ହୋଇଛନ୍ତି। କୁଶାଲ ଏବେ ଏହା ସ୍ପଷ୍ଟ କରିଛନ୍ତି। ଇନଷ୍ଟାରେ ଏକ ଷ୍ଟୋରୀ ଶେୟାର କରି କୁଶାଲ ଲେଖିଛନ୍ତି ଯେ, ସମସ୍ତଙ୍କୁ କହିବାକୁ ଚାହୁଁଛି ଯେ ମୁଁ ଏବଂ ଶିବାଙ୍ଗୀ ଏବେ ଅଲଗା ହୋଇଛନ୍ତି। ୫ ମାସ ହୋଇଗଲାଣି। ଏହା ଜଣାପଡ଼ିବା ପରେ ଉଭୟଙ୍କ ପ୍ରଶଂସକଙ୍କୁ ବଡ଼ ଝଟ୍କା ଲାଗିଛି। ଏମିତିରେ ଏହା ପଛରେ କ'ଣ କାରଣ ତାହା ଜାଣିବା ପାଇଁ ପ୍ରଶଂସକଙ୍କ ଉତ୍କଣ୍ଠା ବଢ଼ିଛି। ୨୦୨୪ରେ 'ବରସାତେ' ଶୁଟିଂସେଟରେ ଦୁହେଁ ପରସ୍ପରକୁ ଭେଟିଥିଲେ। ଉଭୟଙ୍କ ମଧ୍ୟରେ ୧୩ ବର୍ଷର ତାରତମ୍ୟ ଥିଲେ ହେଁ ପ୍ରେମରେ ଥିଲା। ସେମାନେ ନିଜର ଫଟୋ ଏବଂ ଭିଡିଓ ଶେୟାର କରୁଥିବାରୁ ସେମାନଙ୍କୁ ବେଶ ପସନ୍ଦ କରାଯାଉଥିଲା।


Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik



କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ୍): ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ଜିଲ୍ଲା ସ୍ୱାଧୀନତା ସଂଗ୍ରାମୀ ସମିତି ସଭାପତି ସ୍ୱର୍ଗତ ନକୁଳ ଚରଣ ଦାସଙ୍କ ଶ୍ରାଦ୍ଧବାର୍ଷିକୀ ଅବସରରେ ସୋମବାର ତାଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଏହି ଉପଲକ୍ଷେ ସଂଗ୍ରାମୀ ନକୁଳ ଦାସ ସ୍ମୃତି କମିଟି ଓ ଆଜାଦ ହିନ୍ଦ୍ ଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ ଗୁଲନଗର ଗ୍ରାମପଞ୍ଚାୟତର ସୁଭାଷଚନ୍ଦ୍ରବୋଷ ନେତାଜୀ ମଡେଲ ସ୍କୁଲ ପରିସରରେ ଥିବା ସଂଗ୍ରାମୀ ସ୍ୱର୍ଗତ ଦାସଙ୍କ ପ୍ରତିମୂର୍ତ୍ତିରେ ସାମୂହିକ ମାଲ୍ୟାର୍ପଣ କରାଯାଇଥିଲା। କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ସଂଗ୍ରାମୀ ସ୍ୱର୍ଗତ ଦାସଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧା ନିବେଦନ କରିବା ସହିତ ସଂଗ୍ରାମୀଙ୍କ ଜୀବନଦର୍ଶନରେ ଅନୁପ୍ରାଣିତ ହେବାକୁ ଉପସ୍ଥିତ ଯୁବସମାଜ ଓ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। ବ୍ଲକ ବିଜେଡି ସଭାପତି ଆଲୋକ ସାହୁ, ଦେବାଶିଷ କୁଅଁର, ରାମଚନ୍ଦ୍ର ବାରିକ, ଦେବବ୍ରତ ସାହୁ, ମହେନ୍ଦ୍ର ସୁତାର, ପ୍ରଶାନ୍ତ ପାତ୍ର, ଲୋପାମୁଦ୍ରା ବାରିକଙ୍କ ସମେତ ସଂଗ୍ରାମୀଙ୍କ ସୁପୁତ୍ର ବିଜୟ ଦାସ, ଅଜନୀ ଦାସ ଓ ଅବିନାଶ ଦାସ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ସ୍ୱର୍ଗତ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଏଥିସହିତ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଶିକ୍ଷକ, ଶିକ୍ଷୟିତ୍ରୀମାନେ ମଧ୍ୟ ସଂଗ୍ରାମୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

# ବର୍ଷା ଦିନ ପାଇଁ ସମସ୍ତ ବାଲି ଘାଟ ବନ୍ଦ

କେନ୍ଦୁଝର, (ଭାସ୍କର ନ୍ୟୁଜ୍): ଇଣ୍ଡିଆନ ମେଟ୍ରୋଲୋଜିକାଲ ଡିପାର୍ଟମେଣ୍ଟ (ଆଇଏମଡି) ନାଗପୁର ଚିଠି ସଂଖ୍ୟା ଆରଏମ୍‌ସି/ସିଏସ୍-୩୧୨ ଅନୁଯାୟୀ ରାଜ୍ୟରେ ସମସ୍ତ ବାଲିଘାଟକୁ ଜୁନ ମାସ ୫ ତାରିଖରୁ ଅକ୍ଟୋବର ମାସ ୧୫ ତାରିଖ ପର୍ଯ୍ୟନ୍ତ ମନସୁନ ପାଇଁ ବନ୍ଦ କରାଯିବା ପାଇଁ ଚିଠିରେ ଉଲ୍ଲେଖ ରହିଛି। କେନ୍ଦ୍ର ସରକାରଙ୍କ ପାଣିପାଗ ବିଭାଗ ଦ୍ୱାରା ମୌସୁମୀ ପ୍ରବାହ ସମୟରେ ବାଲି ଘାଟରୁ ବାଲି ଉଠାଇବା ନିଷିଦ୍ଧ ହୋଇଛି। ଏହି ସମୟରେ ବାଲି ଘାଟରେ ଉତ୍ତୋଳନ ଏବଂ ପରିବହନ ବନ୍ଦ ରହିବ। ଏହି ନିୟମ ଅନୁଯାୟୀ କେନ୍ଦୁଝର ଜିଲ୍ଲାର ୩ ଉପଖଣ୍ଡରେ ଥିବା ଲଘୁ ଖଣିଜ ଅଧିକାରୀମାନେ ଚିଠି କରି ସମସ୍ତ ବାଲି ଘାଟକୁ ଅକ୍ଟୋବର ମାସ ୧୫ ତାରିଖ ପର୍ଯ୍ୟନ୍ତ ବନ୍ଦ କରିବାକୁ ଚିଠି କରିଛନ୍ତି। ଏହି ସମୟରେ ଟ୍ରାନଜିଟ ପାସ ଇସ୍ୟୁ କରାଯିବ ନାହିଁ। ଫଳରେ ୪ ମାସ ପାଇଁ କେନ୍ଦୁଝର ଜିଲ୍ଲାର ୩୦ରୁ ଊର୍ଦ୍ଧ୍ୱ ଲିଜ୍ ବାଲି ଖାଦାନ ବନ୍ଦ ରହିବ। ପାଣିପାଗ ବିଭାଗର ନିୟମ ଉଲ୍ଲଂଘନ ହୋଇ ଉତ୍ତୋଳନ ଏବଂ ପରିବହନ ହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କେନ୍ଦୁଝର ଲଘୁ ଖଣିଜ ଅଧିକାରୀ ତାରିଣୀ କୁମାର ସିଂ କହିଛନ୍ତି। ନଦୀପଠା ଓ ଶଯ୍ୟା ଖନନ କରାଗଲେ ନଦୀ ଗତିପଥ ପରିବର୍ତ୍ତନ ଓ ପରିବେଶ କ୍ଷୟକ୍ଷତି ସମ୍ଭାବନା ରହିଛି। ତେବେ କେନ୍ଦୁଝର ଜିଲ୍ଲାରେ କେତେକ ସ୍ଥାନରେ ଲଗାମଛଡା ହୋଇ କେତେକ ଲିଜ୍‌ଧାରୀ ବାଲି ଉଠାଉଥିବାରୁ ପରିବେଶବିତ୍‌ମାନେ ଉଦବେଗ ପ୍ରକାଶ କରିଛନ୍ତି। କେନ୍ଦୁଝର ଜିଲ୍ଲାରେ ବୈତରଣୀ, ଅରଡେଇ, କୁଶେଇ ନଦୀ ପ୍ରଭାବିତ ହେଉଛି। କେନ୍ଦୁଝର ଜିଲ୍ଲାରେ ବହୁ ବାଲି ଖାଦାନରେ ଗାଇଡ଼ଲାଇନ୍ସ ଉଲ୍ଲଂଘନ କରି ଖନନ ଚାଲିଥିବାରୁ ଏହାର ତଦନ୍ତ କରି ଲିଜ୍‌ଧାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି।

# ଉତ୍କଳ ମହିଳା ସମିତି ପକ୍ଷରୁ ଜିଲ୍ଲାପାଳଙ୍କୁ ୧୦ଦଫା ଦାବିପତ୍ର



ମାଲକାନଗିରି, (ଭାସ୍କର ନ୍ୟୁଜ୍): ସୋମବାର ଦିନ ୧୦ଦଫା ଦାବି ନେଇ ଉତ୍କଳ ମହିଳା ସମିତି, ପେସା ସଂଘ ଓ ଯୁବକ ସଂଘ ପକ୍ଷରୁ ଜିଲ୍ଲା ପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହିତ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକ ପତ୍ର ପ୍ରଦାନ କରାଯାଇଛି। ଉତ୍କଳ ମହିଳା ସମିତି, ପେସା ସଂଘ ଓ ଯୁବକ ସଂଘ ପକ୍ଷରୁ ସ୍ଥାନୀୟ ବସଷ୍ଟାଣ୍ଡ ଠାରୁ ବିରାଟ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରାଯାଇ ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକ ପତ୍ର ଜିଲ୍ଲାପାଳ ଅନୁପସ୍ଥିତି ଯୋଗୁଁ ଡେପୁଟି କଲେକ୍ଟର ଉମା ପ୍ରସାଦ ଦାଶଙ୍କୁ ପ୍ରଦାନ କରିଥିଲେ। ରାଜ୍ୟ ସଭାପତି ଆଦିବାସୀ ନେତା ହରଧର ପୂଜାରୀ, ଜିଲ୍ଲା ସଭାନେତ୍ରୀ ଡମ୍ବୁଣୀ ପୂଜାରୀ, ସମ୍ପାଦିକା ଦୟାମତି ଗୋଲରୀ, ରଜ ଲକ୍ଷ୍ମୀ ମୁଦାଲି, ଜୟ କୁମାରଙ୍କ ନେତୃତ୍ୱରେ ଉତ୍କଳ ମହିଳା ସମିତି, ପଞ୍ଚାୟତରାଜ ପେସା କର୍ମକର୍ତ୍ତା ଓ ଅଖିଳ ଭାରତ ଯୁବସଂଘ ମିଳିତ ଆନୁକୂଲ୍ୟରେ ମାଲକାନଗିରି ଜିଲ୍ଲାର ଯୁବ ଓ ମହିଳାମାନଙ୍କ ବିଭିନ୍ନ ସମସ୍ୟାକୁ ନେଇ ଜିଲ୍ଲାପାଳଙ୍କ ଜରିଆରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୦ଦଫା ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିଗୁଡ଼ିକ ମଧ୍ୟରେ ମୁଖ୍ୟତଃ ଜିଲ୍ଲାରେ ଦେଶୀ ମଦ କାରବାର ବନ୍ଦ, ମହିଳା ମାନଙ୍କୁ ଘରେଇ ହିଂସା, ଗଣ ଦୁଷ୍କର୍ମ ଓ ବେରୋଜଗାରି ସମସ୍ୟା ଦିନ ପ୍ରତିଦିନ ବଢ଼ିଚାଲିଛି। ଯେହେତୁ ମଦ କାରବାର ମହିଳା ମାନଙ୍କୁ ସୁରକ୍ଷା ଦେବା ଦାବି। ଘରେଇ ମହିଳା ମାନଙ୍କୁ ମାସିକ ୧୦ ହଜାର ଟଙ୍କା ବେକାରି ଭତ୍ତା ଯୋଗାଇ ଦିଆଯାଉ। ମହିଳାମାନଙ୍କୁ ସମ୍ବିଧାନିକ ଅଧିକାରରୁ ବହିଷ୍କୃତ ନକରି, ସମସ୍ତ ସୁବିଧା ଦିଆଯାଉ। ମହିଳାମାନଙ୍କୁ ସ୍ୱତନ୍ତ୍ର ବୈଠକ ଗୃହ ପ୍ରତି ଗ୍ରାମରେ ଯୋଗାଇ ଦିଆଯାଉ। ଜୟପୁର ଠାରୁ ମୋଟୁ ପର୍ଯ୍ୟନ୍ତ ତୁରନ୍ତ ରେଳ ଲାଇନ୍ ନିର୍ମାଣ କରି ରେଳ ଚଳାଚଳ ଆରମ୍ଭ କରାଯାଉ। ଜିଲ୍ଲାର ପ୍ରତ୍ୟେକ ପଞ୍ଚାୟତରେ କାର୍ଯ୍ୟରତ ଥିବା ପଞ୍ଚାୟତରାଜ ପେସା କର୍ମକର୍ତ୍ତାମାନଙ୍କୁ ପ୍ରତି ଗାଁକୁ ଯାଇ ପ୍ରତ୍ୟକ ଘରେ ବାର୍ଦ୍ଧକ୍ୟ ଭତ୍ତା ସର୍ଭେ, ମହିଳାମାନଙ୍କ ସଚେତନତା ସଭା, ସଭା, ଆବାସ ଘର ସର୍ଭେ କରି ବୁଲିବା ସହ ପଞ୍ଚାୟତର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇ କାମ କରିବାକୁ ପଡ଼ିଥାଏ। କିନ୍ତୁ ଯାତାୟତ ନିମନ୍ତେ କୌଣସି ସୁବିଧା ଯୋଗାଇ ଦିଆଯାଇ ନାହିଁ ଓ ମାସିକ ମାତ୍ର ୧୪ଶହ ଟଙ୍କା ଦରମାରେ ଘର ଚଳିବା ଅସମ୍ଭବ ହୋଇ ବିଭିନ୍ନ ଅଭାବ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ୁଅଛି। ବେଳେବେଳେ ଲୋକ ଉପାସରେ କାମ କରି ଖରାରେ ଛାଲି ଛାଲି ଘରକୁ ବେଳେବେଳ ଭୋକରେ ଫେରିବାକୁ ପଡ଼ୁଛି। ତେଣୁ ଇଚ୍ଛା ଥିଲେ କାମ କର ନହେଲେ ଛାଡ଼ କାମ କରିବାକୁ ପଡ଼ୁଛି। ଦରମା ବୃଦ୍ଧି କରାଯାଉ। ଉପାସରେ କାମ କରି ଖରାରେ ଛାଲି ଛାଲି ଘରକୁ ଯୋଗାଇ ଦେଇ ଦରମା ନହେଲେ ଛାଡ଼ ବୋଲି କୁହାଯାଉଛି। ଜୀବନ ଜୀବିକା ନିମନ୍ତେ ବାଧ୍ୟବାଦକତା ହେତୁ କର୍ମକର୍ତ୍ତାମାନଙ୍କୁ ମାସିକ ୧୨ହଜାର ଟଙ୍କା ଦରମା ଦିଆଯାଉ, ପେସା କର୍ମକର୍ତ୍ତା ମାନଙ୍କୁ ସରକାରୀ ମାନ୍ୟତା ଦିଆଯାଇ ସରକାରୀ କରାଯାଉ। ଜିଲ୍ଲାରେ ବେରୋଜଗାରି ବୃଦ୍ଧି ପାଇବା ହେତୁ ଯୁବକମାନେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହୋଇ ନିଜର ଜୀବନ ହରାଇ ଦେଉଛନ୍ତି। କର୍ମନିଯୁକ୍ତି ଲାଗୁକରି ସମସ୍ତଙ୍କୁ କାମ ଯୋଗାଇ ଦିଆଯାଉ। ନଚେତ୍ ୧୦ହଜାର ଟଙ୍କା ବେକାରି ଭତ୍ତା ଯୋଗାଇ ଦିଆଯାଉ ବୋଲି ଦାବିପତ୍ରରେ ଉଲେଖ ରହିଛି।

# ଅଞ୍ଚଳ ପାଇଁ ଗୌରବ ଆଣିଲେ ଅଭିଷେକ



ବଡ଼ଚଣା, (ଭାସ୍କର ନ୍ୟୁଜ୍): ବଡ଼ଚଣା ବ୍ଲକ ଅନ୍ତର୍ଗତ ଦର୍ପଣଗଡ଼ ଗ୍ରାମର ଅଭିଷେକ ପଣ୍ଡା ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି ଦ୍ୱାରା ପରିଚାଳିତ ଚଳିତ ବର୍ଷର ନିଟ୍-ୟୁଜି ପରୀକ୍ଷାରେ ସର୍ବଭାରତୀୟ ସ୍ତରରେ ୨୧୨୭ ରାଙ୍କ୍ ରଖି ଏବେ ଦେଶର ଯେକୌଣସି ବି ସରକାରୀ ମେଡ଼ିକାଲ କଲେଜରେ ଡାକ୍ତରୀ ପଢ଼ିବାକୁ ନିଜର ଯୋଗ୍ୟତା ହାସଲ କରିଛନ୍ତି। ସୁକୁଣ୍ଡି ଭାନୁ ପ୍ରକାଶ ପଣ୍ଡା ଏବଂ ମହାଲକ୍ଷ୍ମୀ ନାୟକ ମନ୍ଦିରର ପୂଜକ ଜଗନ୍ନାଥ ପଣ୍ଡାଙ୍କ ଏକମାତ୍ର ପୁତ୍ର ଅଭିଷେକ ନିଜର ତୃତୀୟ ଉଦ୍ୟମରେ ହିଁ ଏହି ସଫଳତା ହାସଲ କରିବାକୁ ସକ୍ଷମ ହୋଇଛନ୍ତି। ପିଲାଟି ଦିନରୁ ଜଣେ ମେଧାବୀ ଛାତ୍ର ରହି ଆସିଥିବା ବେଳେ ସେ ଏହି ପରୀକ୍ଷାରେ ମୋଟ ୭୨୦ନମ୍ବରରୁ ୬୩୧ ନମ୍ବର ରଖି କୃତକାର୍ଯ୍ୟ ହୋଇପାରିଛନ୍ତି। ଅଭିଷେକଙ୍କ ଏହି ସଫଳତା ଅଞ୍ଚଳବାସୀଙ୍କ ପାଇଁ ଭେଶ ଗୌରବ ଆଣିଥିବାରୁ ଏବେ ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି।

# ପରିଶ୍ରମ ଆଗରେ ହାର ମାନିଲା ଦାରିଦ୍ର୍ୟ



କାକଟପୁର, (ଭାସ୍କର ନ୍ୟୁଜ୍): ଦିନ ମଜୁରିଆ ବାପା ମା'ଙ୍କ ପୁଅ ବନିବ ଡାକ୍ତର। ପିନ୍ଧିବ ଧଳା ଆପ୍ରନ, ବେକରେ ପକାଇବ ଷ୍ଟେଥୋସ୍କୋପ। ପୁଅ ନିଟ୍ ପରୀକ୍ଷାରେ ପାସ୍ କରିଛି। ପୁଅ ଡାକ୍ତରୀ ପଢ଼ିବ ଜାଣି ବାପା, ମା'ଙ୍କ ପାଦ ତଳେ ଲାଗୁନି। ପୁଅ ସହ ସେମାନଙ୍କର ବି ବର୍ଷବର୍ଷର କଠିନ ପରିଶ୍ରମ ସାକାର ହୋଇଛି। ସେମାନଙ୍କ ଆଖିରେ ଆଖିଏ ସ୍ୱପ୍ନ ହେଲେ ପାଖରେ ଅର୍ଥର ଘୋର ଅଭାବ। ପୁଅ କିପରି ଡାକ୍ତରୀ ପାଠ ପଢ଼ିବ, କିପରି ତା'ର ନାମ ଲେଖାଇବେ ସେହି ଚିନ୍ତା ଏବେ ସେମାନଙ୍କୁ ଘାରିଛି। ଏପରି ଏକ ଘଟଣା ପୁରୀ ଜିଲ୍ଲା କାକଟପୁର ବ୍ଲକ ବାଜପୁର ଗାଁ'ରେ ଦେଖିବାକୁ ମିଳିଛି। ବାଜପୁର ଗାଁର ଅଲେଖ ଚନ୍ଦ୍ର ବେହେରା ଓ ଶାନ୍ତିଲତା ବେହେରାଙ୍କ ପୁଅ ଋଷିନାଥ ବେହେରା ଚଳିତ ବର୍ଷ ନିଟ୍ ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି ଫଳରେ ସର୍ବଭାରତୀୟ ସ୍ତରରେ ତାଙ୍କ ରାଙ୍କ ୪ହଜାର ୪ଶହ ୭୮ ରହିଥିବା ବେଳେ କାଟେଗୋରି ସ୍ତରରେ ୩୩ନମ୍ବରରେ ରହିଛନ୍ତି।

# 'ଲୁହର ହିସାବ ରଖୁଛି କିଏ' ନାଟକ ଅଭିନୀତ

ଜଗତସିଂହପୁର, (ଭାସ୍କର ନ୍ୟୁଜ୍): ଜଗତସିଂହପୁର ଉତ୍ସବ ନବରସର ଅନ୍ତିମ ଦିବସରେ ଆର୍ଟବନ୍ଧୁ ରଙ୍ଗମଞ୍ଚ ସମଙ୍ଗ ଠାରେ ଇଂ ଯୋଗେନ୍ଦ୍ର ମଲ୍ଲିକଙ୍କ ନିର୍ଦ୍ଦେଶନାରେ 'ଲୁହର ହିସାବ ରଖୁଛି କିଏ' ନାଟକ ଅଭିନିତ ହୋଇଯାଇଛି। ସମସ୍ତ କଳାକାର ମାନଙ୍କର ଉଦ୍ୟମରେ ନାଟକଟି ଅପୂର୍ବ ସଫଳତା ଲାଭ କରିଥିଲା। ଇଂ ଆଶୁତୋଷ ମହାପାତ୍ରଙ୍କର ହୃଦୟସ୍ପର୍ଶୀ ନାଟକଟି ସମାଜ ଉପରେ ପ୍ରତିଫଳିତ ହୋଇପାରିଥିଲା। ଉକ୍ତ ନାଟକ ଉତ୍ସବରେ ସ୍ଥାନୀୟ ମହିଳା ସରପଞ୍ଚ ମିନତୀ ଜେନା ଓ ସମ୍ବର୍ଦ୍ଧିତ ପ୍ରତିଭା ଭାବେ ଇଂ ଯୋଗେନ୍ଦ୍ର ମଲ୍ଲିକ(ନିର୍ଦ୍ଦେଶକ), ପ୍ରତାପରୁଦ୍ର ବିଶ୍ୱାଳ(ସଙ୍ଗୀତ ନିର୍ଦ୍ଦେଶକ) ଯୋଗ ଦେଇଥିବା ସମୟରେ ଅରୁଣ ରାଉତରାୟଙ୍କର ସଂଯୋଜନାରେ ନାଟକଟି ଅପୂର୍ବ ସଫଳତା ଲାଭ କରିଥିଲା। ଏହି କାର୍ଯ୍ୟକ୍ରମରେ ଉତ୍ସବ ନବରସ ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

# ସର୍ପ ଦଂଶନରେ ମହିଳା ମୃତ



ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ରାମଚନ୍ଦ୍ରପୁର ପଞ୍ଚାୟତ ଖଡ଼ିଙ୍ଗା (ମଣାରଡିହା) ଗ୍ରାମରେ ସର୍ପ ଦଂଶନରେ ଜଣେ ମହିଳା ମୃତ୍ୟୁବରଣ କରିଥିବା ଜଣାପଡ଼ିଛି। ଗ୍ରାମର ଶଙ୍କର୍ଷଣ ସେନାପତିଙ୍କ ପତ୍ନୀ ମାନସୀ(୪୨) ମଙ୍ଗଳବାର ରାତ୍ରରେ ଶୋଇଥିବା ବେଳେ ୧୧ଟା ବେଳେ ସର୍ପ ଦଂଶନ କରିଥିଲା। ପରିବାର ଲୋକେ ତୁରନ୍ତ ଯାଜପୁର ମେଡ଼ିକାଲକୁ ଚିକିତ୍ସା ପାଇଁ ନେଇଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶବ ବ୍ୟବଚ୍ଛେଦ ପରେ ସୋମବାର ଗ୍ରାମ ଶ୍ମଶାନରେ ଶୋକାକୁଳ ପରିବେଶରେ ସତ୍କାର କରାଯାଇଥିଲା।

# ଦୁର୍ଘଟଣାରେ ୨ ବାଇକ୍ ଆରୋହୀ ମୃତ, କାର୍ ଚାଳକ ଗିରଫ



କୋଲାବିରା, (ଭାସ୍କର ନ୍ୟୁଜ୍): ଝାରସୁଗୁଡ଼ା ଜିଲ୍ଲା ରେଙ୍ଗାଲି ଥାନା ଅନ୍ତର୍ଗତ ୪୯ ନଂ ଜାତୀୟ ରାଜପଥ ପଞ୍ଚଗାଁ – ମାହାସିଂହ ମଝି ରାସ୍ତାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ କାର୍ ଦ୍ରୁତ ଗତିରେ ଆସି ବାଇକ୍‌କୁ ଜୋରଦାର ଧକ୍କା ଦେବା ଫଳରେ ଦୁର୍ଘଟଣାସ୍ଥଳରେ ହିଁ ୨ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ଦ୍ୱୟ ଟେଙ୍ଗନାମାଲ ଗ୍ରାମର ବିରାଟ ସାହୁ (୩୪) ଓ ଯୋଗାଡ଼ିପା ଗ୍ରାମର ରଙ୍କଧର ଭୋଇ (୨୬)। ଦୁର୍ଘଟଣା ଖବର ପାଇ ରେଙ୍ଗାଲି ଥାନା ପୋଲିସ ଘଟଣା ସ୍ଥଳରୁ ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଦୁର୍ଘଟଣା ଘଟାଇ ଫେରାର କାର ଚାଳକ କୁତୁରାପାଲି ଗ୍ରାମର ଅନିଲ କୁମାର ସିବାରକୁ ଗିରଫ କରି କୋର୍ଟଚାଲାଣ କରିଛି। ରେଙ୍ଗାଲି ପୋଲିସ ଏ ସମ୍ପର୍କରେ ମାମଲା ରୁଜୁ କରି ତଦନ୍ତ ଚାଲୁରଖିଛି।

# ଯୁବମଞ୍ଚ ପକ୍ଷରୁ ଦୁଇଦିନିଆ ରଜ ମହୋତ୍ସବ ଉଦ୍‌ଯାପିତ




ତିହିଡ଼ି, (ଭାସ୍କର ନ୍ୟୁଜ୍): ରଜ ମେଘ ଓ ମାଟିର ମିଳନପର୍ବ ମନରେ ନୂଆ ଉତ୍ସାହ, ଉଦ୍ଦୀପନା ଓ ଶକ୍ତି ଜାଗ୍ରତର ଏକ ଅନୁପମ ଅବସର। ଅଗ୍ରଣୀ ସାମାଜିକ ସଂଗଠନ ତିହିଡ଼ି ଯୁବମଞ୍ଚ ପକ୍ଷରୁ ତିହିଡ଼ି ଟାଉନ ହଲ ପରିସରରେ ଅନୁଷ୍ଠିତ ହୋଇଥିବା ଦୁଇଦିନିଆ ଦଶମ ବାର୍ଷିକ ଦ୍ୱି ଦିବସୀୟ 'ରଜ ମହୋତ୍ସବ' ଉଦ୍‌ଯାପିତ ହୋଇଯାଇଛି। ପ୍ରଥମ ଅଧିବେଶନରେ ମହିଳା ସମାଜସେବୀଙ୍କୁ ନେଇ ଏକ ଆଲୋଚନା ଚକ୍ର ଶୀର୍ଷକ 'ସେବା, ସମସ୍ୟା, ଆଳାପ' ପର୍ଯ୍ୟାୟ କ୍ରମେ ଦୁଇଟି ଅଧିବେଶନ ଅନୁଷ୍ଠିତ ହୋଇଥିଲା। ସଞ୍ଚାଳକ ଭାବେ ସଂଗଠନ ସମ୍ପାଦକ ନିରଞ୍ଜନ ବାରିକ ଓ କବି ବିପ୍ଳବ ରଞ୍ଜନ ପତି ମଞ୍ଚ ସଞ୍ଚାଳନ କରିଥିବା ବେଳେ ସଦସ୍ୟ ସୁବ୍ରତ ମିଶ୍ର ମଞ୍ଚ ଆହ୍ୱାନ କରିଥିଲେ। ସମାଜସେବୀମାନଙ୍କ ମଧ୍ୟରେ ବିଷ୍ଣୁୟ ବିହାରୀ ସାହୁ, ଧାରେନ୍ଦ୍ର ସାହୁ ରାଜୀବ କୁମାର ନାୟକ, ଧ୍ରୁବ ଚରଣ ପାଣିଗ୍ରାହୀ, ଜ୍ୟୋତିର୍ମୟ ପାତ୍ର, ଖଗେଶ୍ୱର ତ୍ରିପାଠୀ, କାହ୍ନୁ ଚରଣ ଶତପଥୀ, ରଞ୍ଜୁଲତା ଗାହାଣ, ସୁଶାନ୍ତ ସାହୁ, ସତ୍ୟ ନାରାୟଣ ସାବତ, ଉମାକାନ୍ତ ସାହୁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସ୍ୱେଚ୍ଛାସେବୀଙ୍କୁ ସମ୍ବର୍ଦ୍ଧିତ କରାଯାଇ ଉତ୍ସାହିତ କରାଯାଇଥିଲା। ଦ୍ୱିତୀୟ ଅଧିବେଶନରେ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାରେ ବରିଷ୍ଠ ବର୍ଗରେ ଶରୋଜିନୀ ପାଣିଗ୍ରାହୀ ପ୍ରଥମ, ସାଇ ସୁକନ୍ୟା ମହାନ୍ତି ଦ୍ୱିତୀୟ, ପ୍ରଜ୍ଞା ପାରମିତା ପଲାଇ ଏବଂ ସଙ୍ଖ୍ୟବ୍ରତ ପଲାଇ ତୃତୀୟ ହୋଇଥିବା ବେଳେ କନିଷ୍ଠ ବର୍ଗରେ ପ୍ରାଚୀ ପ୍ରୟାସୀ ନାୟକ ପ୍ରଥମ, ସୌମ୍ୟାରାଣୀ ନାୟକ, ତ୍ରିସା କୃଷ୍ଣ ଦ୍ୱିତୀୟ, ସମ୍ପୂର୍ଣ୍ଣା ନାୟକ, ଶୁଭଶ୍ରୀ ଦାସ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଅତିଥିମାନଙ୍କ ଦ୍ୱାରା କୃତୀ ପ୍ରତିଯୋଗୀଙ୍କୁ ପ୍ରେରଣା ପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଅନୁଷ୍ଠିତ ପୁରସ୍କାର ବିତରଣୀ ସଭାରେ ସଭାପତି ଆଶିଷ କୈଳାସ ବେହେରା ସଭା ସଞ୍ଚାଳନ କରିଥିଲେ, ସମ୍ପାଦକ ନିରଞ୍ଜନ ବାରିକ ବିବରଣୀ ପ୍ରଦାନ କରିଥିଲେ। ବିଚାରକ ଭାବେ ବିଶିଷ୍ଟ ନୃତ୍ୟ ପ୍ରଶିକ୍ଷିକା ପ୍ରଗତିକା ଦାସ, ବିଚାରକ ଶ୍ରୀକାନ୍ତ ସ୍ୱାଇଁ ଉପସ୍ଥିତ ଥିଲେ। ବିଶେଷ୍ଣୁୟୀ ଦାସ, ସଂଯୋଜକ ନୀଳମାଧବ ସେନାପତି ପ୍ରମୁଖ କୃତି ପ୍ରତିଯୋଗୀଙ୍କୁ ପ୍ରେରଣା ପତ୍ର ଟ୍ରଫି ପ୍ରଦାନ ପୂର୍ବକ ଉତ୍ସାହିତ କରିଥିଲେ। ସଂଗଠନ ପକ୍ଷରୁ ଶୈଳେନ୍ଦ୍ର ବାଳା ନାଥ, ଦିଲ୍ଲୀପ ପତି କିଶୋର ନାୟକ, ସଇଦ ରଫିକ, ସୌମ୍ୟଗୋପାଳ ନାୟକ, ଅଜିତ ଜେନା, ଅଲୋକ ବଳ, ନିଳାଦ୍ରୀ ସେଠୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଏଡ଼ିଏମ ଓ ଜିଲ୍ଲା ପୋଲିସ ଆରକ୍ଷୀ ଅଧୀକ୍ଷକଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି

କରଞ୍ଜିଆ, (ଭାସ୍କର ନ୍ୟୁଜ୍): କରଞ୍ଜିଆରେ ମାସର ତୃତୀୟ ସୋମବାର ଦିନ ମୟୂରଭଞ୍ଜ ଜିଲାପାଳ ଓ ଏସପିଙ୍କ ଯୁଗ୍ମ ଜନଅଭିଯୋଗ ଶୁଣାଣି ପାଇଁ ପୂର୍ବରୁ ନିର୍ଦ୍ଧାରିତ ହୋଇଛି ସେହି ଅନୁଯାୟୀ ଚଳିତମାସ ତୃତୀୟ ସୋମବାର ୧୬.୬ ରିଖ ସର୍ବସାଧାରଣଙ୍କ ଅଭିଯୋଗର ଶୁଣାଣି ପାଇଁ ଜିଲ୍ଲାପାଳ ହେମକାନ୍ତ କୁମାର ସୟଙ୍କ ସ୍ଥାନରେ ମୟୂରଭଞ୍ଜର ଅତିରିକ୍ତ ଜିଲ୍ଲାପାଳ କିଶୋର ନାୟକ ଓ ଜିଲ୍ଲାର ଏସପି ବରୁଣ ଗୁଣ୍ଟୁପାଲି ଜନସାଧାରଣଙ୍କ ଅଭିଯୋଗର ଶୁଣାଣି କରିଛନ୍ତି। ଏଥିରେ ୮୨ ଗୋଟି ମୋଟ ଅଭିଯୋଗ ଆଗତ ହୋଇଥିଲା ଯେଥିରୁ ୬୧ଟି ଅଭିଯୋଗ ବ୍ୟକ୍ତିଗତ ଥିବାବେଳେ ୨୧ଟି ଗୋଷ୍ଠିଗତ ଥିଲା। ସୋମବାର ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ କିଶୋର ନାୟକ ଅଭିଯୋଗକାରୀଙ୍କ ଅଭିଯୋଗ ଶୁଣିଥିଲେ। ଏହି ଶିବିରରେ ଉପଜିଲ୍ଲାପାଳ ପ୍ରକାଶ କୁମାର ଦାସଙ୍କ ସହିତ ପିଏଆଇଡିଏ ଚିରଞ୍ଜନ ମହାନ୍ତ ଉପଖଣ୍ଡ ପୋଲିସ ଅଧିକାରୀ ନବ କିଶୋର ନାୟକ, ଏସ୍‌ଡିପିଓ ପ୍ରଭାତ କୁମାର କୁଅଁର ଉପଖଣ୍ଡ ଚିକିତ୍ସାଳୟର ଡାକ୍ତର ଅନିତା ସିଂ ଶୁଣ୍ଡି ତହସିଲଦାର ଯତୀନ୍ଦ୍ର ନାଥ ସେଠି, ଆରଡବ୍ଲ୍ୟୁଏସ ନିର୍ବାହୀ ଯନ୍ତ୍ରୀ ଶ୍ରୀକାନ୍ତ ରାଉତ, ବିଡିଓ ବନ୍ଧ ଯୋଜନାର ଅଧ୍ୟକ୍ଷ ଯନ୍ତ୍ରୀ ସୁରଜ କୁମାର ପାତ୍ର, ଜେନାଲ ଚିକିତ୍ସାଳୟର ଅଧ୍ୟକ୍ଷ ଯନ୍ତ୍ରୀ ଭଗବାନ ନାୟକ, ବିଦ୍ୟୁତ୍ ବିଭାଗ ଏସଡିଓ ଏ. ରଓ, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ସହକାରୀ ଜିଲ୍ଲାପାଳ ନିହାର ରଂଜନ ସେଠୀ, ସହକାରୀ ଜିଲ୍ଲାପାଳ ରଶ୍ମିତା ଜେନା ପାଞ୍ଚ ବ୍ଲକ ର ବିଡିଓ ତଥା ସମସ୍ତ ବ୍ଲକ ଲାଇନ ବିଭାଗର ଅଧିକାରୀମାନେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ସେକନ ଅଫିସର ଧରେନ କୁମାର ଭୋଇ, ସନେଶ ମହନ୍ତ, ବିଭୂତି କୁମାର ପଟ୍ଟେଲ ଓ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀମାନେ ପରିଚାଳନା କରିଥିଲେ।

## ବିପଦରେ ଅଡ଼ଶପୁର ପ୍ରସିଦ୍ଧ ବରାହ ନୃସିଂହ ମନ୍ଦିର

# ଅଭିଯୋଗ ପରେ ବି ପ୍ରତିକାର ନାହିଁ



କଣ୍ଟାପଡ଼ା, (ଭାସ୍କର ନ୍ୟୁଜ୍): ସର୍ବ ପୁରାତନ ପ୍ରସିଦ୍ଧ ଅଡ଼ଶପୁର ବରାହ ନୃସିଂହ ମନ୍ଦିରଟି ବିପଦରେ ରହିଛି। ଏହି ମନ୍ଦିରର ୪ ପାଖ ଯାକ ଖୋଲାପଡ଼ି ପ୍ରାୟ ୬ ବର୍ଷ ହେବ ଏହି ମନ୍ଦିରଟି ବିପଦଜନକ ଅବସ୍ଥାରେ ପଡ଼ି ରହିଛି। ଏପରିକି ଶ୍ରଦ୍ଧାଳୁମାନେ ପୂଜାର୍ଚ୍ଚନା କରିବାକୁ ଆସୁଥିବା ବେଳେ, ଏହା ନିରାପଦ ମଣୁ ନାହାନ୍ତି। ପ୍ରତ୍ନତତ୍ତ୍ୱ ବିଭାଗ ପକ୍ଷରୁ ପ୍ରାୟ ୬ ବର୍ଷ ତଳେ ଏହାର ପୁନଃ ନିର୍ମାଣ ପାଇଁ ଅନୁଦାନ ଆସିଥିଲେ ମଧ୍ୟ ବିଭାଗୀୟ ଖାମଖିଆଲ ନୀତି ଯୋଗେ ବିପଦ ସଙ୍କୁଳ ଅବସ୍ଥାରେ ଏହି ପ୍ରସିଦ୍ଧ ମନ୍ଦିର ପଡ଼ିରହିଛି ଏବଂ କେଉଁ ମୁହୂର୍ତ୍ତରେ ଭାଙ୍ଗି ପଡ଼ିବ, ତାହା ଭଗବାନ ହିଁ ଜାଣିଛନ୍ତି। ଏ କାର୍ମରି ଅଧା ପଡ଼ିରହି ଅବସ୍ଥାରେ ପଡ଼ି ରହିଥିବା ବେଳେ ବିଭାଗର ନିରବତାକୁ ଘୋର ନିନ୍ଦା କରିଛନ୍ତି। ଅନ୍ୟ ପକ୍ଷରେ ମଧ୍ୟ ଗ୍ରାମବାସୀଙ୍କ ପକ୍ଷରୁ ଏହି ବରାହ ନୃସିଂହ ମନ୍ଦିରର ସମସ୍ୟା ଉପରେ କଣ୍ଟାପଡ଼ାରେ ଜନଶୁଣାଣି ଶିବିରରେ ମଧ୍ୟ କଟକ ଜିଲ୍ଲାପାଳଙ୍କ ଠାରେ ଦାବି କରାଯାଇଛି। ଏହି ସମସ୍ୟାକୁ ନେଇ ସୋମବାର ସନ୍ଧ୍ୟା ସମୟର ବରାହ ନୃସିଂହ ମନ୍ଦିର ସାମ୍ନା ପାଲା ମଣ୍ଡପ ଠାରେ ଯୁବ ସମାଜସେବୀ ତଥା କମିଟିର ଆବାହକ ସଦସ୍ୟ ଅଧିବାସ ସ୍ୱାଇଁଙ୍କ ସଭାପତିତ୍ୱରେ ପ୍ରଭୁ ବରାହ ନୃସିଂହ ମନ୍ଦିରର ଉନ୍ନୟନ ମୂଳକ କାର୍ଯ୍ୟକ୍ରମ ପାଇଁ କିଭଳି ଆଗକୁ ଯିବାକୁ ପଡ଼ିବ ଏବଂ ମନ୍ଦିର ଭିତରେ ପ୍ରତିକାର କରାଯିବ ସେ ନେଇ ଏକ ପ୍ରସ୍ତୁତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଗ୍ରାମର ଯୁବ ସଙ୍ଗଠକ ଅନିରୁଦ୍ଧ ବିଶ୍ୱାଳ, ଯୁବ ସଙ୍ଗଠକ ମହେନ୍ଦ୍ର ମହାପାତ୍ର ଆଗକୁ କିଭଳି ବରାହ ନୃସିଂହ ମନ୍ଦିରର ଭଲଭାବରେ ପୁନଃରୁଦ୍ଧାର କରାଯିବ ସେ ସମ୍ପର୍କରେ ଏହି ଆଲୋଚନା କରାଯିବ ଯୁବ ସମାଜସେବୀ ଅନ୍ୟପକ୍ଷରେ ଅନିରୁଦ୍ଧ ବିଶ୍ୱାଳ କହୁଥିବାବେଳେ ଭିତିରେ କିଭଳି ଏହି ବିପଦସଙ୍କୁଳ ମନ୍ଦିର ପ୍ରତିକାର କରାଯିବ ଏ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏଠାରେ ଅନିରୁଦ୍ଧ ପରିଡ଼ା, ମନୋଜ କୁମାର ସ୍ୱାଇଁ, ଦିଲ୍ଲୀପ କୁମାର ସାହୁ, ମନ୍ଦିର ର ଉନ୍ନତି ମୂଳକ କାର୍ଯ୍ୟକ୍ରମକୁ ଆଗେଇ ନେବା ପାଇଁ ମତାମତ ପ୍ରଦାନ କରିଥିଲେ। ତେବେ ପ୍ରତ୍ନତତ୍ତ୍ୱ ବିଭାଗର ସମ୍ପୂର୍ଣ୍ଣ ନିରବତା ନେଇ ଗ୍ରାମବାସୀଙ୍କ ପକ୍ଷରୁ ଦୁଃଖପ୍ରକାଶ କରାଯାଇଛି। ସମସ୍ୟାର ଜରୁରୀ ପ୍ରତିକାର କରା ନଗଲେ, ଆଗାମୀ ଦିନରେ ପ୍ରତ୍ନତତ୍ତ୍ୱ ବିଭାଗ ଅଫିସ ସାମ୍ନାରେ ଆନ୍ଦୋଳନ କରାଯିବ ବୋଲି ଯୁବ ସମାଜସେବୀ ଅଧିବାସ ସ୍ୱାଇଁ ଚେତାବନୀ ଦେଇଛନ୍ତି।

# ମା' ତାରିଣୀଙ୍କ ବାର୍ଷିକ ଉତ୍ସବ



ମାହାଙ୍ଗା, (ଭାସ୍କର ନ୍ୟୁଜ୍): ମାହାଙ୍ଗା ବ୍ଲକ ଅନ୍ତର୍ଗତ ପଣସପୁର ପଞ୍ଚାୟତର ପଣସପୁର ଗ୍ରାମରେ ମା ତାରିଣୀ ମନ୍ଦିରର ପଞ୍ଚମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଭିନ୍ନ ପୂଜା କାର୍ଯ୍ୟ ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦେବାଶିଷ ଜେନା ଏବଂ ତାଙ୍କ ପତ୍ନୀ ଗାୟତ୍ରୀ ଜେନା କର୍ତ୍ତାଭାବେ ବସିଥିଲେ। ଭାଗିମନ୍ତ ମିଶ୍ର ଏବଂ ଶିବାନୀ ଶେଖର ମିଶ୍ର ପୂଜକ ଭାବେ ଯୋଗ ଦେଇଥିଲେ। ରାଜକିଶୋର ଜେନା, ଭକ୍ତ ଚରଣ ସାହୁ, ବ୍ରଜକିଶୋର ଜେନା, ରମେଶ ଚନ୍ଦ୍ର ଦାଶ, ସୁକାନ୍ତ ରାଉତରାୟ, ବୁଦ୍ଧନ ଦାଶ, ପ୍ରେମାନନ୍ଦ ଦାଶ, ଖୁରୋଦ ଦାଶ, ବାସୁଦେବ ସାହୁ, ମଙ୍ଗଳ ଚନ୍ଦ୍ର ସାହୁ, ଭାବଗ୍ରାହୀ ପୃଷ୍ଟି, ନରହରି ସାହୁ, କେଶବ ରାଉତରାୟ, ସୁକାନ୍ତ ସାହୁ, ଭାବଗ୍ରାହୀ ରାଉତରାୟ, ନିମାଇଁ ଦାଶ, ଦେବ ଜେନା, ଅର୍ଜୁନ ଜେନା, ହରିହର ସାହୁ, ଆଶିଷ ଜେନା, ସଞ୍ଜୟ ଦାଶ, ବିଜୟ ଦାଶ, ଗଗନ ଦାଶ, ଅମୀୟ ରଞ୍ଜନ ବଳ, ଲିପୁନି ସାହୁ, ଉମେଶ ଜେନାଙ୍କ ସମେତ ଗ୍ରାମବାସୀ ମାନେ ପୂଜା ପରିଚାଳନାରେ ସହଯୋଗ କରିଥିଲେ।

# ତହସିଲ କାର୍ଯ୍ୟାଳୟରେ କର୍ମଚାରୀଙ୍କ ମରୁଡ଼ି

ବନ୍ଧୁଗାଁ, (ଭାସ୍କର ନ୍ୟୁଜ୍): କୋରାପୁଟ ଜିଲ୍ଲା ବନ୍ଧୁଗାଁ ବ୍ଲକ ଆନ୍ଧ୍ରପ୍ରଦେଶ ସୀମାନ୍ତକୁ ଲାଗିରହିଛି। ତହସିଲ ଅଧିନରେ ୧୩ଟି ପଞ୍ଚାୟତ ପ୍ରାୟ ୧୬୨ ରାଜସ୍ୱ ଗ୍ରାମ ରହିଛି। ତହସିଲ ଅଧିନରେ ଥିବା ଅଭିଭାବକ ନିଜ ପିଲାଙ୍କ ପାଠ ପଢ଼ା ପାଇଁ ଜାତିଗତ ପ୍ରମାଣ ପତ୍ର, ସ୍ଥାୟୀ ବାସିନ୍ଦା ପ୍ରମାଣପତ୍ର, ଆୟ ପ୍ରମାଣ ପତ୍ର ସହିତ ଅନେକ ଲୋକଙ୍କ ଜମିଜମା ସମ୍ପର୍କରେ ବିଭିନ୍ନ କାର୍ଯ୍ୟ ପାଇବା ପାଇଁ ବନ୍ଧୁଗାଁ ବ୍ଲକ୍ ତହସିଲ କାର୍ଯ୍ୟାଳୟକୁ ଆସି ନିରାଶ ହେଉ ଥିବା ଦେଖିବାକୁ ମିଳୁଛି। ଆଜକୁ ପ୍ରାୟ ଏକ ମାସ ହେଉଛି ତହସିଲ କାର୍ଯ୍ୟାଳୟରେ କେବଳ ତହସିଲଦାର, ଅତିରିକ୍ତ ତହସିଲଦାର, ସୁପରଭାଇଜର ଓ ଜଣେ କନିଷ୍ଠ କିରାଣୀ ରହୁଥିବା ଦେଖିବାକୁ ମିଳିଛି। ସୂଚନା ଅନୁଯାୟୀ ଆଜକୁ ପ୍ରାୟ ଏକ ମାସ ହେଉଛି ମୁଖ୍ୟ କିରାଣୀ ଅବସର ନେଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ସେହି ସ୍ଥାନ ପୂରଣ ହୋଇପାରି ନାହିଁ। ୪ ଜଣ ବରିଷ୍ଠ କିରାଣୀଙ୍କ ମଧ୍ୟରୁ ଜଣେ ମଧ୍ୟ ନାହାନ୍ତି ସେହି ପରି କନିଷ୍ଠ କିରାଣୀ ୪ ଜଣଙ୍କ ମଧ୍ୟରୁ ଜଣେ ନିଖୋଜ, ଜଣେ ଜଣେ ଛୁଟି ନେଇ ଘରେ ଅଛନ୍ତି ମାତ୍ର ଜଣେ କିରାଣୀ ରହି କାର୍ଯ୍ୟାଳୟର କାମ ସମ୍ଭାଳୁଛନ୍ତି। ଏଥି ସହିତ ଆଡ଼ିସନାଲ୍ ଡାଟାଏଣ୍ଟ୍ରି ଅପ୍ରେଟର, ଜଗୁଆଳି, ରେକର୍ଡ କିପର ଓ ନାଜିର ପଦବି ଖାଲିପଡ଼ିଛି। ତହସିଲ କାର୍ଯ୍ୟାଳୟର ମୁଖ୍ୟମାନେ ରହିଥିବା ବେଳେ ଯେଉଁମାନଙ୍କ ଦ୍ୱାରା ତହସିଲ କାର୍ଯ୍ୟାଳୟ ଚାଲିବା ପାଇଁ କାମ ହୋଇପାରିବ ସେହି କର୍ମଚାରୀଙ୍କ ମରୁଡ଼ି ଦେଖାଦେଇଛି। ଯାହା ଫଳରେ ତହସିଲ ଅଧିନରେ ଥିବା ସମସ୍ତ ଜନସାଧାରଣ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅତିଶୀଘ୍ର ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କ ତରଫରୁ ତହସିଲ କାର୍ଯ୍ୟାଳୟ ଚାଲିବା ପାଇଁ ଖାଲିଥିବା ପଦବୀ ପୂରଣ କରିବା ପାଇଁ ସ୍ଥାନୀୟ ବାସିନ୍ଦା ଓ ବୁଦ୍ଧିଜୀବୀ ଅନୁରୋଧ କରିଛନ୍ତି। ନଚେତ ଜନସାଧାରଣ ଆଗାମୀ ଦିନରେ ତୀବ୍ର ବିରୋଧ କରି ରାଜରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହେବୁ ବୋଲି ଗଣମାଧ୍ୟମଙ୍କୁ ଜଣାଇଛନ୍ତି।

## ସୟା ବୃଦ୍ଧାଶ୍ରମର ଅନିୟମିତତା ପ୍ରସଙ୍ଗ

# ପ୍ରଶାସନର କ୍ଲିନ୍‌ଚିଟ୍‌କୁ ନେଇ ବୃଦ୍ଧାଶ୍ରମ କର୍ମକର୍ତ୍ତା ଅସନ୍ତୋଷ



ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ ସୟା ପଞ୍ଚାୟତ ଅଧୀନ ବାଂକବଗ ଗ୍ରାମର ପରିଚାଳନା ବୃଦ୍ଧାଶ୍ରମ ଓ ଗୋଶାଳାକୁ ନେଇ କିଛିଦିନ ପୂର୍ବେ କେତେକ ଅନ୍ତେବାସୀ ବିଭିନ୍ନ ଅନିୟମିତତା ଅଭିଯୋଗ ଆଣିଥିଲେ। ଅନ୍ତେବାସୀମାନେ ଏକ ସାମ୍ବାଦିକ ସମ୍ମିଳନୀରେ ସେମାନଙ୍କ ଅଭିଯୋଗ ଓ ଅସନ୍ତୋଷ ପ୍ରକାଶ କରିଥିଲେ। ଏହି ଅଭିଯୋଗ ଓ ଅସନ୍ତୋଷ କେତେକ ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ଗଣମାଧ୍ୟମରେ ଅଭିଯୋଗ ପ୍ରକାଶ ପାଇବା ପରେ ଜିଲାପାଳ ବିଭାଗ ରାଉତରାୟ ଅଭିଯୋଗର ସତ୍ୟତା ଉପରେ ତଦନ୍ତ କରିବାକୁ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଓ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ଦାୟିତ୍ୱ ଦେଇଥିଲେ। ସେମାନେ ବୃଦ୍ଧାଶ୍ରମକୁ ଆସି ତଦନ୍ତ କରିଥିଲେ। ଏହି ତଦନ୍ତ ରିପୋର୍ଟ ବୃଦ୍ଧାଶ୍ରମର କର୍ମକର୍ତ୍ତାଙ୍କର ହସ୍ତଗତ ହେବା ପରେ ସେମାନେ ଏଥିରେ ବୃଦ୍ଧାଶ୍ରମ ପରିସରରେ ଏକ ସାମ୍ବାଦିକ ସମ୍ମିଳନୀ କରିଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ ବୃଦ୍ଧାଶ୍ରମର ମୁଖ୍ୟ ଉପଦେଷ୍ଟା ନିରଞ୍ଜନ ସେନାପତି ଯୋଗ ଦେଇ ଗତ କିଛିଦିନ ପୂର୍ବେ ବୃଦ୍ଧାଶ୍ରମ ଓ ଗୋଶାଳାର ଅନିୟମିତତାକୁ ନେଇ ଯେଉଁ ଅଭିଯୋଗ ହୋଇଥିଲା ତାହା ସମ୍ପୂର୍ଣ୍ଣ ଭିତ୍ତିହୀନ ଓ ମିଥ୍ୟା। ଯେଉଁମାନଙ୍କର ମନ ଉଦ୍ଦେଶ୍ୟ ପୂରଣ ନହୋଇ ପାରିଲା ସେମାନେ ଏପରି ମିଥ୍ୟା ଅଭିଯୋଗ ଆଣିଛନ୍ତି। ଅନ୍ତେବାସୀ ଚାଲିବା ପାଇଁ ସମ୍ପୂର୍ଣ୍ଣ ଅକ୍ଷମ। ସେମାନେ ଉପର ମହଲାରୁ ତଳ ମହଲାକୁ ଆସିବାକୁ ଅସମର୍ଥ। ସେମାନଙ୍କୁ କିପରି ଗୋରୁ ଚରାଇବା ଓ ଶାଗ ତୋଳିବା ପାଇଁ କୁହାଯାଉଥିଲା ଜନସାଧାରଣ ତା'ର ବିଚାର କରିବେ। ବୃଦ୍ଧାଶ୍ରମ ଓ ଗୋଶାଳା ବିରୁଦ୍ଧରେ ଯେଉଁମାନେ ଏପରି ଅଭିଯୋଗ କରିଛନ୍ତି ସେମାନଙ୍କର ବ୍ୟକ୍ତିଗତ ଆକ୍ରୋଶ ରହିଛି। ପ୍ରଶାସନିକ ସ୍ତରରେ ଯେଉଁ ତଦନ୍ତ ହୋଇଥିଲା ସେଥିରେ କେତେକ ଅନ୍ତେବାସୀ କରିଥିବା ଅନିୟମିତତା ଅଭିଯୋଗ ଭିତ୍ତିହୀନ ଓ ଅସତ୍ୟ କହିତ ବୋଲି ଦର୍ଶାଯାଇଛି। ତେବେ ବୃଦ୍ଧାଶ୍ରମରେ ବର୍ତ୍ତମାନ ୧୭ଜଣ ଅନ୍ତେବାସୀ ରହିଥିବା ବେଳେ ଗୋଶାଳାରେ ୬୫ ଗୋରୁ ରହିଥିବା ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବୃଦ୍ଧାଶ୍ରମ ସମ୍ପାଦକ ଦୀପକ କୁମାର ବଳ, ସଦସ୍ୟ ସତ୍ୟାଶ କୁମାର ଶର୍ମା ଉପସ୍ଥିତ ଥିଲେ।



କେନ୍ଦୁଝର, (ଭାସ୍କର ନ୍ୟୁଜ୍): କେନ୍ଦୁଝର ସହରର ଜଗନ୍ନାଥପୁର ସାହି ଠାରେ ଜଗନ୍ନାଥପୁର ଯୁବ ସଂଘର ତୃତୀୟ ବାର୍ଷିକ ରଜ ମହୋତ୍ସବ ଉଦଘାଟିତ। ଏହି ତୃତୀୟ ବାର୍ଷିକ 'ରଜ ମହୋତ୍ସବ'ର ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୁବ ସାମ୍ବାଦିକ ବ୍ରଜକିଶୋର ରାୟ ଯୋଗଦେଇ ଓଡ଼ିଆ ଅସ୍ମିତା ଏବଂ କେନ୍ଦୁଝର ତଥା ଓଡିଶାର ସଂସ୍କୃତି ଓ ପରମ୍ପରାକୁ ବାନ୍ଧିରଖିବାର ଏହି ପ୍ରୟାସ ପାଇଁ ଜଗନ୍ନାଥପୁର ଯୁବସଂଘର କର୍ମକର୍ତ୍ତାମାନଙ୍କୁ ସାଧୁବାଦ ଦେବା ସହିତ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ବରିଷ୍ଠ ନାଗରିକ ଦିବାକର ଜେନା ଏବଂ ଯୁବ କ୍ରୀଡ଼ାବିତ ମନୋଜ କୁମାର ଜେନା ଉପସ୍ଥିତ ରହି ମା ତାରିଣୀଙ୍କ ଫୋଟ ଚିତ୍ରରେ ପୁଷ୍ପମାଲ୍ୟ ଦେବା ସହିତ ପ୍ରଦୀପ ପ୍ରଜ୍ୱଳନ କରି ଏହି କାର୍ଯ୍ୟକ୍ରମକୁ ଉଦଘାଟିତ କରିଥିଲେ। ଏହି ଅବସରରେ କୁନିକୁନି କଳାକାରମାନଙ୍କ ଦ୍ୱାରା ସଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଉପସ୍ଥିତ ମଞ୍ଚାସିନ ଅତିଥିମାନେ ରଜ ଉତ୍ସବ ଉପଲକ୍ଷେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରିଥିଲେ। ସୁନାମଧନ୍ୟ ଭାଷ୍ୟକାର ସତ୍ୟଜିତ ମିଶ୍ର ମଞ୍ଚ ପରିଚାଳନା କରିଥିଲେ। ଏହି ଭବ୍ୟ ରଜ ମହୋତ୍ସବ କାର୍ଯ୍ୟକ୍ରମ ଜଗନ୍ନାଥପୁର ଯୁବସଂଘର ସମସ୍ତ କର୍ମକର୍ତ୍ତାଙ୍କ ସହଯୋଗରେ ଅନୁଷ୍ଠିତ ହେଉଛି।

## ଚିକିତ୍ସାରେ ଅବହେଳା ପାଇଁ ଶିଶୁ କନ୍ୟାର ମୃତ

# ହସ୍ପିଟାଲରେ ଉତ୍ତେଜନା, ଡାକ୍ତରଙ୍କୁ ମାଡ



ମାଲକାନଗିରି, (ଭାସ୍କର ନ୍ୟୁଜ୍): ମାଲକାନଗିରି ସଦର ମହକୁମା ସ୍ଥିତ ଟିନାଗ୍ୟାରେଜ ସାହିରେ ରହୁଥିବା ଲଳିତ ପାତ୍ରଙ୍କ ୫ ବର୍ଷର ଶିଶୁକନ୍ୟା ଆରାଧ୍ୟା ରବିବାର ଦିନ ଖେଳୁ ଖେଳୁ ପଡିଯିବା ଫଳରେ ଏକ ଲୁହାଗ୍ରିଲ ସହ ମୁଣ୍ଡଟି ଧକ୍କା ହୋଇ ରକ୍ତସ୍ରାବ ହୋଇଥିଲା। ଫଳରେ ପରିବାର ଏବଂ ସମ୍ପର୍କୀୟ ଲୋକମାନେ ତୁରନ୍ତ ମୁଖ୍ୟ ଜିଲ୍ଲା ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଝିଅର ଅବସ୍ଥା ଭଲ ନଥିବାରୁ ଅସ୍ତ୍ରୋପଚାର ବିଶେଷଜ୍ଞ ଡାକ୍ତର ସପନ କୁମାର ଡିଣ୍ଡାକୁ ଶିଶୁ କନ୍ୟାର ପରିବାର ଲୋକେ ବାରମ୍ବାର ମୋବାଇଲ ଯୋଗେ ଯୋଗାଯୋଗ କରିଥିଲେ ମାତ୍ର ସେ ମୋବାଇଲକୁ ଉଠାଇ ନଥିଲେ। ପରିବାର ଲୋକେ କହିବା ଅନୁଯାଇ ସାଢେ ଦୁଇ ଘଣ୍ଟା ବିଳମ୍ବରେ ଡାକ୍ତର ଡିଣ୍ଡା ଆସି ହସ୍ପିଟାଲରେ ଆହାତ ଶିଶୁ କନ୍ୟାଟିକୁ ଦେଖି ଗୋଟିଏ ଇଞ୍ଜେକସନ ଦେଇ କହିଥିଲେ ଯେ କିଛି ହେବ ନାହିଁ ଅଧଘଣ୍ଟା ପରେ ଠିକ୍ ହୋଇଯିବ। ଶିଶୁ କନ୍ୟାର ବାପା ଭଲ ଭାବରେ ଦେଖିବା ପାଇଁ ଅନୁରୋଧ କରିଥିଲେ ମଧ୍ୟ ଏହାକୁ ସପନ କୁମାର ଡିଣ୍ଡା ଗୁରୁତ୍ୱ ଦେଇନଥିଲେ। ଠିକ ସମୟରେ ଚିକିତ୍ସା ନହେବା ଯୋଗୁଁ ଶିଶୁ କନ୍ୟାର ମୃତ୍ୟୁ ହୋଇଥିଲା। ଉତ୍ୟକ୍ତ ଲୋକମାନେ ମେଡ଼ିକାଲର ଜିନିଷ ପତ୍ର ଭଙ୍ଗାରୁଜା କରିଥିବା ଜଣାପଡ଼ିଥିବା ବେଳେ ଖବର ପାଇ ମାଲକାନଗିରି ପୁଲିସ, ଉପଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ ଏବଂ ଦାୟିତ୍ୱରେ ଥିବା ସିଡିଏମଓ ବ୍ରଜବନ୍ଧୁ ଦାଶ ଉତ୍ୟକ୍ତ ଲୋକମାନଙ୍କୁ ବୁଝାସୁଝା କରିଥିଲେ। ମୃତ୍ୟୁ ଶିଶୁ କନ୍ୟାର ପିତା ଲଳିତ ପାତ୍ର ଡାକ୍ତର ସପନ କୁମାର ଡିଣ୍ଡାଙ୍କ ବଦଳି କରିବା ସହ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ସୋମବାର ସକାଳ ସମୟରେ ଶିଶୁକନ୍ୟାରେ ଶବ ବ୍ୟବଛେଦ କରାଯାଇ ପରିବାରକୁ ଦିଆଯାଇଥିବା ବେଳେ ସୋମବାର ସନ୍ଧ୍ୟା ସମୟରେ ମାଲକାନଗିରି ମୁଖ୍ୟ ଚିକିତ୍ସାଳୟ ମାଲକାନଗିରି ଉପ-ଜିଲ୍ଲାପାଳ ମାଲକାନଗିରି ଅତିରିକ୍ତ ଏସପି ଦାଇତ୍ୱରେ ଥିବା ସିଡ଼ିଏମଓ ପହଞ୍ଚି ଶିଶୁକନ୍ୟା ମୃତ୍ୟୁ ମାମଲାରେ ତଦନ୍ତ କରୁଥିବା ବେଳେ ତଦନ୍ତ ପରେ ଏହି ରିପୋର୍ଟ ମାଲକାନଗିରି ଜିଲ୍ଲାପାଳଙ୍କୁ ପଠାଯିବା ନେଇ ସୂଚନା ରହିଛି।

## ହଇଜା ମୁକାବିଲା ପାଇଁ ପ୍ରଶାସନର ଆଗୁଆ ପଦକ୍ଷେପ



ତିହିଡ଼ି, (ଭାସ୍କର ନ୍ୟୁଜ୍): ଏବେ ହଇଜା ରୋଗ ବ୍ୟାପିବାରେ ଲାଗିଛି। ଧାମନଗର ହଇଜା ରୋଗରେ ପ୍ରଭାବିତ ହୋଇ ବହୁ ଲୋକ ଆକ୍ରାନ୍ତ ଓ ଗୁରୁତର ହୋଇଛନ୍ତି। ଏହି ଖବର ଜାଣିବା ପରେ ତିହିଡ଼ି ବ୍ଲକ ପ୍ରଶାସନ ପକ୍ଷରୁ ଆଗୁଆ ପଦକ୍ଷେପ ପାଇଁ ଏକ ଜରୁରୀ ବୈଠକ ସୋମବାର ବ୍ଲକ ଭିଡିଓ କନ୍‌ଫରେନ୍ସ ହଲରେ ବିଡିଓ ନିରଂଜନ ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସମ୍ଭାବ୍ୟ ହଇଜାର ନିରାକରଣ ପାଇଁ ଲୋକମାନେ ରାସ୍ତାପାର୍ଶ୍ୱରେ ଥିବା ଦୋକାନମାନଙ୍କୁ କୌଣସି ଖାଦ୍ୟ ଖାଇବେ ନାହିଁ, ଘରେ ଥିବା ବାସିଖାଦ୍ୟ ଖାଇବେ ନାହିଁ, ବାସନ କୁସନକୁ ଗରମ ପାଣିରେ ଧୋଇବେ ଏବଂ ବଶୋଧିତ ପାନୀୟ ଜଳ କିମ୍ବା ପାଣିକୁ ସିଝାଇ ପିଇବେ। ଯେଉଁ ଗାଁ'ରେ କାହାକୁ ବି ହଇଜା ଆକ୍ରାନ୍ତ ହେବା ଜଣା ପଡ଼ିଲେ ଆଶାକର୍ମୀମାନେ ତୁରନ୍ତ ସ୍ୱାସ୍ଥ୍ୟକେନ୍ଦ୍ରକୁ ଖବର କରିବେ। ଏଥିସହିତ ଗାଁ'ରେ ହଇଜା ନ ବ୍ୟାପିବା ପାଇଁ ଆଶାକର୍ମୀମାନେ ଲୋକ ମାନଙ୍କୁ ସଚେତନ କରାଇବେ। ବ୍ଲକ୍ ଜଳ ପରିମଳ ବିଭାଗ ପକ୍ଷରୁ ବ୍ଲିଚିଂ ପକାଯାଇ ନଳକୂପ ଗୁଡ଼ିକ ବିଶୋଧିତ କରାଯିବା ନେଇ ଆଲୋଚନା କରାଯାଇଥିଲା। ଏହି ବୈଠକରେ ତିହିଡ଼ି ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ଶୁଭକାନ୍ତ ଓଝା, ଏବିଡିଓ ମାନସ କୁମାର ଜେନା, ସାମାଜିକ ସୁରକ୍ଷା ଅଧିକାରୀ ନିହାର ରଂଜନ ରାଉତ, ସହକାରୀ ନିର୍ବାହୀ ଯନ୍ତ୍ରୀ ସୁକାନ୍ତ ମିଶ୍ର, ବ୍ଲକ ସହକାରୀ ଯନ୍ତ୍ରୀ ତନୁଜା ମିଶ୍ର, ଜଳ ଓ ପରିମଳ ବିଭାଗ ସହକାରୀ ଯନ୍ତ୍ରୀ ମଧୁସ୍ମିତା ବେହେରା, ସ୍ୱାସ୍ଥ୍ୟ ସୁପର ଭାଇଜର ଅମରେନ୍ଦ୍ର ପୃଷ୍ଟି, କନିଷ୍ଠ ଯନ୍ତ୍ରୀ ଅଲେଖ ତିର୍କୀ, ଏପିଇଓ କାମିନୀଲତା ଓଝା, ଏସଡିସି ପ୍ରଫୁଲ୍ଲ ମଲ୍ଲିକ, ଅଙ୍ଗନୱାଡ଼ି ସୁପର ଭାଇଜର ପ୍ରମିଳା ବେହେରାଙ୍କ ସମେତ ଅଙ୍ଗନୱାଡ଼ି କର୍ମୀ ଓ ଆଶାକର୍ମୀମାନେ ଉପସ୍ଥିତ ଥିଲେ।

## ଷ୍ଟପ୍ ଡାଇରିଆ କ୍ୟାମ୍ପେନ୍ ଉଦ୍‌ଘାଟିତ



କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ୍): ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓଆରଏସ କର୍ଣ୍ଣର ଠାରେ ବିଧାୟକ ମହାକାଳପଡ଼ା ଡ. ଦୁର୍ଗା ପ୍ରଶନ ନାୟକ 'ଷ୍ଟପ ଡାଇରିଆ' କ୍ୟାମ୍ପେନ ୨୦୨୫କୁ ଶୁଭ ଉଦଘାଟନ କରିଛନ୍ତି। ଏହି କାର୍ଯ୍ୟକ୍ରମ ୧୬ଜୁନରୁ ଆରମ୍ଭ ହୋଇ ୩୧ଜୁଲାଇ ପର୍ଯ୍ୟନ୍ତ ଚାଲିବ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପ୍ରମୋଦ କୁମାର ପ୍ରହରାଜ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡାକ୍ତର ସଚ୍ଚିଦାନନ୍ଦ ମିଶ୍ର, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ନୃପେନ୍ଦ୍ର କୁମାର ଶତପଥି, ଏଡିଏମଓ (ମେଡିକାଲ) ଡାକ୍ତର କିଶୋର ଚନ୍ଦ୍ର ମିଶ୍ର, ଡେପୁଟି ମ୍ୟାନେଜର (ପ୍ରଜନନ ଓ ଶିଶୁ ସ୍ୱାସ୍ଥ୍ୟ) ସୁକାନ୍ତ କୁମାର ପ୍ରଧାନ, ହସ୍ପିଟାଲ ମ୍ୟାନେଜର ପ୍ରଭାତ କୁମାର ନାୟକ, ଜିଲ୍ଲା ଜନ ସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ଶୁଭକାନ୍ତ ନାୟକ, ଜିଲ୍ଲା ଡାଟା ମ୍ୟାନେଜର ଜ୍ୟୋତିରଞ୍ଜନ ପରିଡା ପ୍ରମୁଖ ଉପସ୍ଥିତ ଥିଲେ। ଉଦ୍‌ଘାଟନୀ ସମୟରେ ବିଧାୟକ ଷ୍ଟପ ଡାଇରିଆ କ୍ୟାମ୍ପେନର ସମସ୍ତ କାର୍ଯ୍ୟକ୍ରମ ବିଷୟରେ ବୁଝିଥିଲେ। ଏହି ଷ୍ଟପ ଡାଇରିଆ କାର୍ଯ୍ୟକ୍ରମରେ ଗ୍ରାମାଞ୍ଚଳରେ ଆଶାକର୍ମୀ ମାନେ ଘରକୁଘର ଯାଇ ଓଆରଏସ ଏବଂ ଜିଙ୍କ ବଟିକା ପ୍ରଦାନ କରିବେ। ସେହିପରି ମହିଳା ସ୍ୱାସ୍ଥ୍ୟ କର୍ମୀ ଓ କମ୍ୟୁନିଟି ହେଲଥ୍ ଅଫିସରମାନେ ସ୍ୱାସ୍ଥ୍ୟ ଉପକେନ୍ଦ୍ରରେ ଡାଇରିଆ କେସକୁ ପରିଚାଳନା କରିବେ। ସେହିପରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ସବ ଡିଭିଜନାଲ ହସ୍ପିଟାଲ ଓ ଜିଲ୍ଲା ମୁଖ୍ୟ ଚିକିତ୍ସା କେନ୍ଦ୍ରରେ ଡାଇରିଆର ପରିଚାଳନା କରିବେ। ଏହି କାର୍ଯ୍ୟକ୍ରମକୁ ବ୍ଲକ ଏବଂ ଜିଲ୍ଲାସ୍ତରରୁ ତଦାରଖ କରାଯିବ।

## ଯୁବକଙ୍କ ଆତ୍ମହତ୍ୟା

ବାଲିମେଳା, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ନିଲାକାମ୍ବରୁ ପଞ୍ଚାୟତ ନିଲାକାମ୍ବରୁ ଗ୍ରାମରେ ଯୁବକ ଝୁଲନ୍ତା ଅବସ୍ଥାରେ ଦେଖିବାକୁ ମିଳିଛି। ମୃତକ ହେଲେ ନିଲାକାମ୍ବରୁ ଗ୍ରାମର ଶୈଳେନ୍ଦ୍ର ମହାନ୍ତି(୫୩)। ମିଳିଥିବା ସୂଚନା ଅନୁଯାୟୀ ଗତକାଲି ସନ୍ଧ୍ୟାରେ ସମୟରେ ନିଜ ଘରେ କେହି ନଥିବା ସମୟରେ ଶୈଳେନ୍ଦ୍ର ବେକରେ ଗାମୁଛା ଦେଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ଘରର ସମସ୍ତେ ମେଡିକାଲ ଯାଇଥିବା ସମୟରେ ଏଭଳି ଘଟଣା ଘଟିଥିବା ଜଣାପଡିଛି। ଶୈଳେନ୍ଦ୍ର ଜଣେ ଚାକିରିଆ ବାଲିମେଳା ମହାବିଦ୍ୟାଳୟରେ ଜଣେ ପିଅନ ଭାବେ କାର୍ଯ୍ୟରତ ଥିଲେ। ରବିବାର ରାତିରେ ସାନପୁଅ ଆସି ଘରର କବାଟ ଭାଙ୍ଗି ଦେଖିଲା ବେଳକୁ ସେ ଆତ୍ମହତ୍ୟା କରିସାରିଥିଲେ। ସାଙ୍ଗେସାଙ୍ଗେ ବାପାଙ୍କୁ ଧରି ପରିବାର ଲୋକେ ବାଲିମେଳା ସ୍ୱାସ୍ଥ୍ୟକେନ୍ଦ୍ରଙ୍କୁ ଆଣିଥିଲେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ।

## ସ୍ୱରାଜ ବାରକୁ ଆକ୍ରମଣ ଅଭିଯୋଗରେ ମାମଲା ରୁଜୁ

ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ଛତାବର ସ୍ୱରାଜ ଆଣ୍ଡ ବାରରେ ଦଳଗତ ଆକ୍ରମଣ ଅଭିଯୋଗରେ ମାମଲା ରୁଜୁ ହୋଇଛି। ବାରର ବିକ୍ରୟ କର୍ମଚାରୀ ହରିହର ପରିଡାଙ୍କ ଅଭିଯୋଗ ଅନୁଯାୟୀ ଗତ ରବିବାର ଦିନ ୧୨ଟା ସମୟରେ ଯାଜପୁର ମୋଟରଙ୍ଗାପାଳ ଗ୍ରାମର ବଳରାମ ମହାଳିକ ଓ ଅନ୍ୟ ୪ ଜଣ କାରରେ ଆସି ମଦ୍ୟପାନ କରି ଅର୍ଥ ପୈଠ କରି ନଥିଲେ। କର୍ମଚାରୀ ହରିହର ଅର୍ଥ ଦାବି କରିବାକୁ ସମ୍ପୃକ୍ତ ଯୁବକମାନେ ଆକ୍ରମଣ କରିବା ସହ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରି ଫେରି ଯାଇଥିଲେ। ପୁନଶ୍ଚ ଦିନ ୨.୩୦ମି. ସମୟରେ ବଳରାମ ମହାଳିକ ପ୍ରାୟ ୧୫ ଜଣଙ୍କ ସହ ବାଡି, ଲୁହାରଡ ଆଦି ଧରି ବାରକୁ ଆସୁଥିବା ଦେଖି କର୍ମଚାରୀମାନେ ସଟର ପକାଇ ଦେଇଥିଲେ। ମାତ୍ର ସେମାନେ ବାରକୁ ପଥର ଫୋପାଡ଼ିବା ସହ ସିସିଟିଭି କ୍ୟାମେରା ଭାଙ୍ଗି ଦେଇଥିଲେ। ବାର ମାଲିକ କମଳେଶ ସିଂଙ୍କ ଚାରିଚକିଆ ଗାଡି ଏବଂ ବାଇକ ଦ୍ୱୟକୁ ପିଟି ଭାଙ୍ଗି ପକାଇଥିଲେ। ଅଭିଯୋଗ ଆଧାରରେ ଥାନାରେ ବଳରାମ ମହାଳିକ ଓ ଅନ୍ୟ ୧୫ ଜଣଙ୍କ ନାମରେ ମାମଲା ରୁଜୁ ହୋଇଥିବା ଜଣାଯାଇଛି।

## ପ୍ରଧାନ ଶିକ୍ଷକଙ୍କ ଆକାଉଣ୍ଟ୍‌ରୁ ୫୦ ହଜାର ଲୁଟ୍

ଜଳେଶ୍ୱର, (ଭାସ୍କର ନ୍ୟୁଜ୍): ଜଳେଶ୍ୱର ଅଞ୍ଚଳରେ ହ୍ୱାଟସଆପକୁ ସାଇବର ହ୍ୟାକ କରା ଯାଉଥିବା ଖବର ନଜରକୁ ଆସିଛି। ଖବର ଅନୁସାରେ ପଶ୍ଚିମବାର୍ଡ ସିଆରସିସି ଶ୍ରୀକାନ୍ତ ଧଳ ହ୍ୱାଟସଆପକୁ ସାଇବର ହ୍ୟାକ କରି ଏସବିଆଇ ର ଏକ ମ୍ୟାସେଜ ନିଜ ସମ୍ପର୍କୀୟ ମାନଙ୍କ ମୋବାଇଲକୁ ଆସିବାକୁ ଲାଗିଲା। ଏହି ମ୍ୟାସେଜ ଗତକାଲି ସିଆରସିସି ଶ୍ରୀକାନ୍ତ ଧଳଙ୍କ ହ୍ୱାଟସଆପରୁ ଆମ୍ବଡିହା ସ୍କୁଲର ପ୍ରଧାନ ଶିକ୍ଷକ ବିଜୟ କୁମାର ଗିରିଙ୍କ ହ୍ୱାଟସଆପକୁ ଆସିଗଲା ଏବଂ ସେଥିରେ କିଛି ତଥ୍ୟ ପୂରଣ କରିବାକୁ ନିର୍ଦ୍ଦେଶ ଦେଲା। ସଙ୍ଗେ ସଙ୍ଗେ ପ୍ରଧାନଶିକ୍ଷକ ଉକ୍ତ ତଥ୍ୟ ପୂରଣ କରିବାକୁ ତାଙ୍କ ପୁଅକୁ କହିବାରୁ ପୁଅ ତଥ୍ୟ ପୂରଣ କରି ଦେଇଥିଲେ। ପୂରଣ ପରେ ସୋମବାର ସକାଳେ ଉକ୍ତ ଏସବିଆଇରୁ ଓଟିପି ମାଗିଲା। ମାତ୍ର ଗିରି ବିନା ଓଟିପିରେ ତାଙ୍କ ଆକାଉଣ୍ଟରୁ ୫୦ହଜାର ଟଙ୍କା କଟିଗଲା। ଏହା ଜାଣିବା ପରେ ଜଳେଶ୍ୱର ଏସବିଆଇକୁ ଯାଇ ଶାଖା ପରିଚାଳକଙ୍କୁ ଏ ବାବଦରେ ଜଣେଇବା ସହ ଆକାଉଣ୍ଟ ବନ୍ଦ କରିବା ପାଇଁ ଅନୁରୋଧ କରିଥିଲେ। ତା ସହିତ ହ୍ୱାଟସଆପ ହ୍ୟାକ ହୋଇ ଅର୍ଥ ହଡ଼ପ ହୋଇଥିବା ବିଷୟ ବାଲେଶ୍ୱର ସାଇବର ଥାନାକୁ ଫୋନ କରି ଏକ ଏଫିଆର ମଧ୍ୟ ଦେଇଥିଲେ। ଗିରି ପୁଅ ବିବାହ ପାଇଁ ଟଙ୍କା ଉଠାଇବାକୁ ବ୍ୟାଙ୍କ ଯାଇଥିଲେ। ଏଭଳି ଏକ ଦୁଃଖଦାୟକ ଘଟଣା ପାଇଁ ସେ ଭାଙ୍ଗି ପଡ଼ିଥିବା ଜଣାପଡ଼ିଛି।

## ଗୋବିନ୍ଦପୁର ସେତୁ ଓ ସଂଯୋଗୀକରଣ ରାସ୍ତା ନିମ୍ନମାନର

କଣ୍ଟାପଡ଼ା, (ଭାସ୍କର ନ୍ୟୁଜ୍): ସରକାର ବଦଳିଲା ଶତ କିନ୍ତୁ ଦୁର୍ନୀତି ବଦଳିନି। ଯନ୍ତ୍ରୀ ମୋଟା ଅଙ୍କର ଅର୍ଥ ନେଇ କାମକୁ ଜଗୁନାହାନ୍ତି। ମନମୁଖୀ ଠିକାଦାର କାମ କରି ମୋଟା ଅଙ୍କର ଅର୍ଥର ଲାଭ ଉଠାଉଛନ୍ତି। ଯାହାଫଳରେ ରାସ୍ତା ହେଉକି ପୋଲ, ସବୁ କାମ ନିମ୍ନମାନର। ଉଦଘାଟନ ହୋଇନି ରାସ୍ତା ଫାଟି ଦିଫାଳ, ସେତୁରୁ ଉଠୁଛି ଗୋଡି। ଏଭଳି ଘଟଣା ଦେଖିବାକୁ ମିଳିଛି କଣ୍ଟାପଡା ବ୍ଲକ ଗୋବିନ୍ଦପୁର ପଞ୍ଚାୟତରେ। ଗୋବିନ୍ଦପୁର ପଞ୍ଚାୟତ ଦେବୀନଦୀରେ ଗୋବିନ୍ଦପୁରରୁ ବାଇଶୀ ମଉଜାକୁ ସଂଯୋଗ କରିବା ନିମନ୍ତେ ନିର୍ମାଣ ହୋଇଛି ସେତୁ। ଏହି ସେତୁ ଉଦଘାଟନ ହୋଇନି ଗୋଡି ଉଠିଗଲାଣି। ଏହି ସେତୁକୁ ସଂଯୋଗୀକରଣ ରାସ୍ତାରେ ପଡ଼ିଥିବା ପିଚୁ ମାସେ ହୋଇନାହିଁ ରାସ୍ତା ଫାଟି ଦୁଇଫାଳ। ଏହି କାମକୁ ଗ୍ରାମ୍ୟ ଉନ୍ନୟନ ବିଭାଗ କରିଥିବାରୁ କାମକୁ ନେଇ ଅସନ୍ତୋଷ ଉପୁଜିଛି। ସ୍ଥାନୀୟ ଲୋକଙ୍କ କହିବା କଥା ସେତୁରେ କାମ ବେଳେ ପାଣି ଦିଆଯାଇ ନାହିଁ। ୱାଟର ପଣ୍ଡିଙ୍ଗ କରାଯାଇ ନଥିବାରୁ ଏଭଳି ଅବସ୍ଥା ଉପୁଜିଛି। ରାସ୍ତା ଫାଟିବାକୁ ନେଇ ବିଭାଗୀୟ ଅଧିକାରୀଙ୍କ ଉତ୍ତର ମାଟି ଦବିଯିବାରୁ ଏଭଳି ଅବସ୍ଥା ଉପୁଜିଛି। ବିଭାଗୀୟ ଅଧିକାରୀମାନେ ସରକାରଙ୍କ ପକ୍ଷରୁ ଉକ୍ତ ପ୍ରକଳ୍ପ ପାଇଁ କୋଟିକୋଟି ଟଙ୍କା ଖର୍ଚ୍ଚ କରାଯାଇଥିବା ବେଳେ ଏଭଳି ନିମ୍ନମାନର କାମକୁ କ୍ଷତି ଘଟିଥିବାରୁ କ୍ଷତି ସହିବ କିଏ ? ଏହାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

## 'ନେବରହୁଡ୍ ଇନକ୍ଲୁସିଭ ପବ୍ଲିକ୍ ସ୍ପେଶ୍ – ଉଦ୍ଦୀପନ' କାର୍ଯ୍ୟକ୍ରମ



ଭୁବନେଶ୍ୱର, (ଭାସ୍କର ନ୍ୟୁଜ୍): ହମାରା ବଚପନ ଟ୍ରଷ୍ଟ (ଏଚବିଟି), ଡବ୍ଲ୍ୟୁଆରଆଇ ଇଣ୍ଡିଆ ଏବଂ ଭୁବନେଶ୍ୱର ମହାନଗର ନିଗମ (ବିଏମସି) ସହଭାଗୀତାରେ 'ହେଲ୍‌ଦି ସିଟିଜ'ର ଆଡୋଲେସେଣ୍ଟସ୍ (ଏଚସିଏ-୨) କାର୍ଯ୍ୟକ୍ରମ ଅଧୀନରେ ଦ୍ୱିତୀୟ ଟାକ୍ଟିକାଲ ଅର୍ବାନିଜମ (ଟିୟୁ) ପ୍ରୟାସ ସମ୍ପର୍କରେ ଗର୍ବର ସହିତ ଘୋଷଣା କରିଛି। 'ନେବରହୁଡ୍ ଇନକ୍ଲୁସିଭ ପବ୍ଲିକ୍ ସ୍ପେଶ୍ – ଉଦ୍ଦୀପନ' ଶୀର୍ଷକରେ ଏହି କାର୍ଯ୍ୟକ୍ରମ ଭୁବନେଶ୍ୱର ସ୍ଥିତ ଓୟୁଏଟି ଫାର୍ମଗେଟ ଠାରେ ୨୦୨୫ ଜୁନ ୧୪ରୁ ୧୮ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେଉଛି, ଯାହା କୁମାରୀତ୍ୱ ଏବଂ ନାରୀତ୍ୱକୁ ପାଳନ କରୁଥିବା ଓଡ଼ିଶାର ସୁସଂହତ ଉତ୍ସବ 'ରଜ' ସହିତ ସମାନ ସମୟରେ ପାଳିତ ହେଉଛି। ରାଜଧାନୀ କଲେଜ ସମ୍ମୁଖରେ ପ୍ରଥମ ଟାକ୍ଟିକାଲ ସ୍ଥଳର ସଫଳତା ଆଧାରରେ ଏହି ପ୍ରୟାସ ଅଧିକ ସଂଖ୍ୟାରେ ଲୋକଙ୍କର ସମାଗମ ହେଉଥିବା, ଯୁବକେନ୍ଦ୍ରିକ ସ୍ଥାନକୁ ଏକ ସମାବେଶୀ, ନିରାପଦ ଏବଂ ଚଳଚଂଚଳ ସର୍ବସାଧାରଣ ସ୍ଥଳରେ ରୂପାନ୍ତରିତ କରୁଛି- ଯାହା କିଶୋରମାନଙ୍କ ଦ୍ୱାରା ମିଳିତ ଭାବରେ ଡିଜାଇନ କରାଯାଇଛି ଏବଂ ଏହାର ମୂଳ ଗୋଷ୍ଠୀ ମାଲିକାନାରେ ରହିଛି। ଉଦ୍ଦୀପନ ଏକ ସମୟ-ଅନୁକୂଳ, ଲିଙ୍ଗ-ସମ୍ବେଦୀ ଏବଂ କିଶୋର-ଉପଯୋଗୀ ସାର୍ବଜନୀନ କ୍ଷେତ୍ର ପ୍ରସ୍ତୁତ ନିମନ୍ତେ ଏକ ମଜଭୁତ ଦୃଷ୍ଟିକୋଣକୁ ପ୍ରତିଫଳିତ କରୁଛି। ଉକ୍ତ ସ୍ଥାନକୁ ତିନିଟି ଅତ୍ୟନ୍ତ ଚିନ୍ତାଶୀଳ ଭାବରେ ପ୍ରସ୍ତୁତ ତିନିଟି ଜୋନ୍‌ରେ ବିଭକ୍ତ କରାଯାଇଛି। 'ୱେଲନେଓ ଜୋନ୍: ମାନସିକ ଏବଂ ଶାରୀରିକ ସ୍ୱାସ୍ଥ୍ୟକୁ ପ୍ରୋତ୍ସାହିତ କରିବାକୁ ନଅଟି କାର୍ଯ୍ୟକଳାପ ଷ୍ଟେସନରେ ସୁସଜ୍ଜିତ। ପ୍ଲେ ଜୋନ୍: ଏଠାରେ ଫ୍ଲୋର-ମାର୍କ ଖେଳ, ପରିବେଶ ଅନୁକୂଳ ବସିବା ସ୍ଥାନ, ଦୋଳି, ଏବଂ ଆନ୍ତଃ କ୍ରିୟାଭିମୁଖୀ କାନ୍ଥଗୁଡ଼ିକ ରହିଛି। ରିଫ୍ଲେକସନ ଟ୍ରେଲ: ଏକ ଛାଇଯୁକ୍ତ ପ୍ରାକୃତିକ ସମ୍ବେଦନଶୀଳ ଚଲାପଥ, ପାରମ୍ପରିକ ଦୋଳି, ଐତିହ୍ୟ ସାମଗ୍ରୀ ଏବଂ ଏକ ସେଲ୍‌ଫି କାନ୍ଥ। ଏକ ତ୍ରିଦିବସୀୟ ଜ୍ଞାନ ପ୍ରସାରଣକାରୀ ପ୍ରଦର୍ଶନୀ ଏବଂ କର୍ମଶାଳା (ଜୁନ ୧୪ରୁ ୧୭) କିଓସ୍କ, ସର୍ବସାଧାରଣ ସ୍ଥଳ ଆକଳନପଦ୍ଧତି, ନୀତିଗତ ଅନ୍ତର୍ଦୃଷ୍ଟି ଏବଂ ମଲ୍‌ଟିମିଡିଆ ସଂସ୍ଥାପନ ଭଳି ପ୍ରମାଣ ଆଧାରିତ ସାଧନଗୁଡିକ ଜରିଆରେର ଏଚସିଏ କାର୍ଯ୍ୟକ୍ରମର ୨.୫ ବର୍ଷର ଯାତ୍ରାକୁ ପ୍ରଦର୍ଶିତ କରୁଛି। ଏହା ସହର ଯୋଜନା ପ୍ରସ୍ତୁତକାରୀ, ନିଷ୍ପତ୍ତି ଗ୍ରହଣକାରୀ ଏବଂ ନାଗରିକ ସମାଜ ନିମନ୍ତେ ଏକ ଶିକ୍ଷଣ ପ୍ଲାଟଫର୍ମ ଭାବରେ ସେବା ଯୋଗାଇଦେବ। କାର୍ଯ୍ୟକ୍ରମରେ 'ରଜ ମଉଜ' ମଧ୍ୟ ସ୍ଥାନପାଇଛି, ଯାହା ସପ୍ତାହବ୍ୟାପୀ ଏକ ଉତ୍ସବ ପାଳନ ଯେଉଁଥିରେ ରହିଛି, ପୁଚି, ଦଉଡି ଡିଆଁ ଏବଂ ଖପରା ଡିଆଁ ଭଳି ପାରମ୍ପରିକ ଖେଳ। ସୃଜନଶୀଳ ପ୍ରତିଯୋଗିତା: ପିଠା ପ୍ରସ୍ତୁତି, କାରିଗରୀ, ପେଣ୍ଟିଙ୍ଗ, ଖୋଲା ମାଇକ, ଏବଂ ଲୋକନୃତ୍ୟ ଓ ସଂଗୀତ। ଋତୁସ୍ରାବ ଏବଂ ସର୍ବସାଧାରଣ ସ୍ଥଳ ଉପରେ କିଶୋରୀଙ୍କ ନେତୃତ୍ୱରେ ପ୍ରଦର୍ଶନ ଏବଂ ତର୍କ କମ୍ ଆକାରର, କମ୍ ଖର୍ଚ୍ଚ ବିଶିଷ୍ଟ ଏବଂ ସାମୟିକ ପ୍ରୟାସଗୁଡିକ କିଭଳି ସହରାଞ୍ଚଳ ଯୋଜନା ପ୍ରସ୍ତୁତିରେର କିଶୋରମାନଙ୍କ ସ୍ୱରକୁ କେନ୍ଦ୍ରସ୍ଥଳ ପ୍ରଦାନ ଦ୍ୱାରା ଏକ ବ୍ୟବସ୍ଥିତ ପରିବର୍ତ୍ତନ ଆଣିପାରିବ ଏହି ପ୍ରୟାସ ତାହାର ଏକ ନିଦର୍ଶନ ହୋଇଛି। ଏଚବିଟି, ଡବ୍ଲ୍ୟୁଆରଆଇ ଇଣ୍ଡିଆ, ଏବଂ ବିଏମସି ସମସ୍ତ ନାଗରିକ, ସହରର ନେତୃବୃନ୍ଦ ଏବଂ ଗଣମାଧ୍ୟମକୁ ଓୟୁଏଟି ଫାର୍ମଗେଟକୁ କିଶୋର ଅନୁକୂଳ ସହରାଞ୍ଚଳ ଡିଜାଇନରେ ରୂପାନ୍ତରଣକୁ ଦେଖିବା ଏବଂ ପାଳନ କରିବାକୁ ଆମନ୍ତ୍ରଣ କରୁଛି।

# ରଜ ମହୋତ୍ସବ ଉଦ୍‌ଯାପିତ


କରଞ୍ଜିଆ, (ଭାସ୍କର ନ୍ୟୁଜ୍): ଦୋଳି ଗୀତ ସାଙ୍ଗକୁ ଦୋଳିର କେଁକଟର ଶବ୍ଦରେ କୋମ୍ପୁଥିଲା ମହୋତ୍ସବ ପଡିଆ। ଆନନ୍ଦ ଉଲ୍ଲାସରେ କୁଆରୀ ମହିଳାମାନେ ସାଜସଜ୍ଜା ହୋଇ ହାତକୁହାତ ଧରି ରଜ ଗୀତ ଗାଇ ନାଚୁଥିବାର ଦୃଶ୍ୟ ଅତି ମନୋରମ ଥିଲା। ପ୍ରଚଣ୍ଡ ଗରମ ମଧ୍ୟ ଯୋଶ ପାଖରେ ହାର ମାନିଥିଲା। ପରମ୍ପରା ଅନୁଯାଇ ରଜ ତିନିଦିନ ଓଡ଼ିଶାର ପୁରପଲ୍ଲୀରେ ରଜ ମହୋତ୍ସବ ପାଳିତ ହୋଇଥାଏ। ଘରେଘରେ ପାନ, ପୋଡ଼ପିଠା କରି ଉତ୍ସବକୁ ଯାକଜକମରେ ପାଳିଥାନ୍ତି। ଚଳିତବର୍ଷ ମଧ୍ୟ ତିନିଦିନ ରଜ ମହୋତ୍ସବ ଗାଁ' କୁ ଗାଁ ପାଳନ ହୋଇଛି। ସେହିପରି ସରଧା ମହୋତ୍ସବ କମିଟି ପହିଲି ରଜରେ ରଜବତୀଙ୍କୁ ଆବାହନ କରି ଦୋଳି ନିକଟରେ ଦୋଳିଗୀତ ଗାଇଥିଲେ ଓ ନାଚ ହୋଇଥିଲା ରଜ ପାଳନ ନିମନ୍ତେ ପ୍ରକୃତି ସୁଯୋଗ ଦେଇଥିବାରୁ ଏହାକୁ ହାତ ଛୋଡ଼ା କରି ନଥିଲେ। ଶରଧା ରଜ ମହୋତ୍ସବ କମିଟିର ମହିଳାମାନେ ୧୪ତାରିଖ ଦିନ ରଜ ବତୀକୁ ଆବାହନ କରି ସମସ୍ତ କୁମାରୀ ମହିଳାମାନେ ପୂଜା କରିଥିଲେ ଓ ସେଠାରେ ହୋଇଥିବା ଭିନ୍ନଭିନ୍ନ ପ୍ରକାର ଦୋଳିରେ ଗୀତ ଗାଇ ଝୁଲିଥିଲେ। ପାଖରେ ପୂଜାପାଠ ବି ଚାଲିଥାଏ। ପୂଜା ସାରି ମହିଳାମାନେ ରଜ ଗୀତ ଗାଇ ମସଗୁଲ ହୋଇଥାନ୍ତି। ଚଳିତ ବର୍ଷ ବାଦୀ ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଦୁଇଦଳ ମଧ୍ୟରେ ବାଦୀ ଗୀତ ଅନୁଷ୍ଠିତ ହୋଇଥିଲା। ପରସ୍ପର ଦଳକୁ ଗୀତ ମାଧ୍ୟମରେ ପ୍ରଶ୍ନ ଛାଡୁଥିଲେ ପ୍ରତିଯୋଗୀ। ଦଳଗୀତ ମାଧ୍ୟମରେ ଉତ୍ତର ଦେଉଥିଲେ। ସୋମବାର ଥିଲା ଶେଷ ରଜ, ରଜର ଉଦଯାପନି ଉତ୍ସବ। ଦୁଇବର୍ଷ ପରେ ମହିଳାମାନେ ପାଳନ କରୁଛନ୍ତି ରଜ। ସେଥିପାଇଁ ପଡିଆଟି ସୁନ୍ଦର ସାଜସଜ୍ଜା ହୋଇଥିବା ସହିତ ଡିଜେ ବାଜାର ତାଳେତାଳେ ମହିଳାମାନେ ମସଗୁଲ ହୋଇଯାଇଥିଲେ। ବର୍ଷକ ଥରେ ଏହି ରଜ ପର୍ବ ଆସିଥାଏ ତେଣୁ ଖରା, ବର୍ଷା ହୋଇଥିଲେ ମଧ୍ୟ ବିଧି ଅନୁଯାଇ କାର୍ଯ୍ୟ ସମାପନ କରିଅସହ୍ୟ ଗରମରେ ମଧ୍ୟ ରଜବତୀକୁ ପାଣିରେ ବିସର୍ଜନ କରିଥିଲେ। କାର୍ଯ୍ୟକ୍ରମକୁ କମିଟିର କାଳୀ ମାଟିଆ, ନେପି ନାଏକ, ଲତା ପରିହାଲ, ଗୁରୁବାରି ମାଟିଆ ପ୍ରମୁଖ ପରିଚାଳନା କରିଥିଲେ।

# ବିଧବା ମହିଳାଙ୍କୁ ପ୍ରେମ ପରେ ପ୍ରତାରଣା, ଜଣେ ଗିରଫ



ଉମରକୋଟ, (ଭାସ୍କର ନ୍ୟୁଜ୍): ମିଥ୍ୟା ପ୍ରଲୋଭନ ଦେଖାଇ ଜଣେ ବିଧବା ମହିଳାଙ୍କୁ ଶାରୀରିକ ସମ୍ପର୍କ ରଖି ଗର୍ଭବତୀ କରିବା ପରେ ଗର୍ଭସ୍ଥ ସନ୍ତାନକୁ ଗ୍ରହଣ କରିବାକୁ ଅସ୍ୱୀକାର କରି ନିର୍ଯ୍ୟାତନା ଦେବା ଅଭିଯୋଗରେ ଉମରକୋଟ ପୋଲିସ ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରିଛନ୍ତି। ଘଟଣା ପ୍ରକାରେ ନବରଙ୍ଗପୁର ଜିଲ୍ଲା ଉମରକୋଟ ଥାନା ଅଞ୍ଚଳର ଝରିଗାଁ ବ୍ଲକ ଡଙ୍ଗରିଗୁଡା ପଞ୍ଚାୟତ ଅନ୍ତର୍ଗତ ବଡାଝରି ଗ୍ରାମର ଯୁବତୀ ତାଡ଼ ସାନ୍ତା ନାବାଳିକା ଅବସ୍ଥାରେ ବିବାହ କରିଥିଲେ। ବିବାହ ବର୍ଷକ ପରେ ତା' ସ୍ୱାମୀ ମୃତ୍ୟୁବରଣ କରିଥିଲେ। ତା'ର ଗୋଟିଏ ସନ୍ତାନ ରହିଥିଲା। ଦୁଃଖସୁଖରେ ସେ ଶାଶୁଘରେ ରହି ପୁଅର ଲାଳନପାଳନ କରୁଥିବା ବେଳେ ପାପଡାହାଣ୍ଡି ବ୍ଲକ ବରଦେଇ ଗ୍ରାମର ବସମନ ହରିଜନ ନାମକ ଏକ ବାଜାବାଲା ତାଙ୍କ ଗ୍ରାମକୁ ଯିବା ଆସିବା କରିବା ସହ ବିଧବା ତାଡ଼ ସାନ୍ତାଙ୍କ ସହିତ ସାକ୍ଷାତ କରିଥିଲେ। ନିଜେ ଦୁଇଟି ସନ୍ତାନର ଜନକ ହୋଇଥିବା ସତ୍ତ୍ୱେ ନିଜକୁ ଅବିବାହିତ ଦର୍ଶାଇ ବିଧବା ଯୁବତୀଙ୍କୁ ଅନେକ ପ୍ରଲୋଭନ ଦେଖାଇ ଶାରୀରିକ ସମ୍ପର୍କ ରଖିଥିଲେ ଏବଂ ତାଙ୍କୁ ସାଙ୍ଗରେ ନେଇ ଚମ୍ପଟ ମାରିଥିଲେ। ତେବେ, ଘଟଣା ଜଣାପଡିବା ପରେ ବସମନର ପ୍ରଥମ ସ୍ତ୍ରୀ ଗ୍ରାମରେ ଗ୍ରାମସଭା ବସାଇଥିଲେ। ସେଠାରେ ଦୁଇଟି ସ୍ତ୍ରୀ'କୁ ଭିନ୍ନଭିନ୍ନ ଜାଗାରେ ରଖିବାକୁ ବସମନକୁ ନିଷ୍ପତ୍ତି ଶୁଣାଇଥିଲେ। କିଛିଦିନ ଠିକଠାକରେ ପରିବାର ଚାଲିଲା ପରେ ତାଡ଼ ସାନ୍ତା ଦୁଇମାସର ଗର୍ଭବତୀ ହୋଇଥିଲେ। ଏକଥା ସ୍ୱାମୀ ବସମାନ ହରିଜନକୁ ତାଡ଼ ଜଣାଇବା ପରେ ତାକୁ ନିଜର ସମ୍ପର୍କୀୟ ଭଉଣୀଙ୍କ ସହିତ ହାଇଦ୍ରାବାଦର ଏକ ମାଲିକଙ୍କ ନିକଟକୁ ଦାଦନ ଖଟିବା ପାଇଁ ପଠାଇ ଦେଇଥିଲା ବସମନ। ଦାଦନ ଶ୍ରମିକ ଭାବେ ପାରିଶ୍ରମିକ ଟଙ୍କା ସହିତ ମାଲିକଙ୍କ ଠାରୁ ମଧ୍ୟ ଅଧିକ ଟଙ୍କା ନେଇ ଆସିଥିଲା। ତେବେ ଗର୍ଭଧାରଣକୁ ଆଠମାସ ହେବା ପରେ ଗର୍ଭଯନ୍ତ୍ରଣା ଅଧିକ ହେବା ସହିତ ଅନେକ ଶାରୀରିକ ସମସ୍ୟା ଦେଖା ଦେଇଥିଲା। ଫଳରେ ସେ ସ୍ୱାମୀ ବସମନକୁ ଫୋନ କରି ସେଠାରୁ ତାଙ୍କୁ ନେବାକୁ ଅନୁରୋଧ କରିଥିଲେ। ସ୍ୱାମୀ ବସମନ ସେହି ଗର୍ଭସ୍ଥ ସନ୍ତାନ ତାଙ୍କର ହୋଇନଥିବା କହିବା ସହ ତୁ ଅନ୍ୟ କାହାସହ ଶାରୀରିକ ସମ୍ପର୍କ ରଖି ଗର୍ଭବତୀ ହୋଇଥିବାରୁ ତାକୁ ଗ୍ରହଣ କରିବାକୁ ମନା କରିଦେଇଥିଲା। ଯାହାକୁ ନେଇ ପୀଡିତା ତାଡ଼ ନବରଙ୍ଗପୁର ସ୍ଥିତ ମାତୃ ଆଶ୍ରୟ ଆଶ୍ରମର ଅଧକ୍ଷା କାଦମ୍ବିନୀ ତ୍ରିପାଠୀଙ୍କ ଆଶ୍ରୟ ନେଇଥିଲେ। ଯାହାକୁ ନେଇଁ ଗତକାଲି ମାତୃ ଆଶ୍ରୟ ଆଶ୍ରମ ତରଫରୁ ଏକ ସାମ୍ବାଦିକ ସମ୍ମିଳନୀ କରି ଯୁବତୀଙ୍କୁ ନ୍ୟାୟ ଦେବା ସହ ସ୍ୱାମୀ ବସମନକୁ ଉଚିତ ଦଣ୍ଡ ଦେବାକୁ ଦାବି କରାଯାଇଥିଲା। ଏନେଇ ପିଡିତା ତରଫରୁ ଉମରକୋଟ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଉମରକୋଟ ପୋଲିସ ଏସଆଇ ଅକ୍ଷୟ ମିଶ୍ର, କନେଷ୍ଟବଳ ଏସ ଭାସ୍କର ରାଓ, ନରେନ୍ଦ୍ର ନାୟକ ସହ ପୋଲିସ ଫୋର୍ସ ଗତକାଲି ରାତିରେ ଅଭିଯୁକ୍ତ ବସମନକୁ ବରଦେଇ ଗ୍ରାମରୁ ଗିରଫ କରିଥିଲେ। ସୋମବାର ଅଭିଯୁକ୍ତକୁ କୋର୍ଟରେ ହାଜର କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ଜେଲ ହାଜତକୁ ପଠାଇ ଦିଆଯାଇଥିବା ସୂଚନା ଦେଇଛନ୍ତି ଥାନା ଅଧିକାରୀ ରମାକାନ୍ତ ସାଇ।

# ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିର




ଗୁଣପୁର/ରାୟଗଡ, (ଭାସ୍କର ନ୍ୟୁଜ୍): ଗୁଣପୁର ଉପ ଜିଲ୍ଲାପାଳଙ୍କ ସଦଭାବନା ସଭାଗୃହରେ ଜିଲ୍ଲାପାଳ, ରାୟଗଡ଼ଙ୍କ ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ପାରୁଲ ପଟୱାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିର ରେ ଆରକ୍ଷୀ ଅଧିକ୍ଷକ ସ୍ୱାଥି ଏସ କୁମାର, ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ, ରାୟଗଡ ଅକ୍ଷୟ କୁମାର ଖେମୁଣ୍ଡୁ, ଗୁଣପୁର ଉପ ଜିଲ୍ଲାପାଳ କିରନଦୀପ କୌର ସହୋତା, ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ଜନ ସ୍ୱାସ୍ଥ୍ୟ ଅଧିକାରୀ ପ୍ରଫୁଲ କୁମାର ପାଢୀ ଯୋଗଦେଇ ଅଭିଯୋଗର ଶୁଣାଣୀ କରିଥିଲେ। ଗୋଷ୍ଠୀ ଉନ୍ନୟନ ଅଧିକାରୀ ସ୍ୱସ୍ତିକ ଜମାଦାରଙ୍କ ତତ୍ୱାବଧାନ ରେ ପରିଚାଳିତ ଏହି କାର୍ଯ୍ୟକ୍ରମରେ ଆଜି ମୋଟ ୨୮ଟି ଅଭିଯୋଗର ଶୁଣାଣୀ ହୋଇଥିବା ବେଳେ, ସେଥିରୁ ୧୭ଟି ବ୍ୟକ୍ତିଗତ, ୬ ଟି ସାମୂହିକ, ପାଞ୍ଚଟି ସ୍ୱାସ୍ଥ୍ୟଗତ ଦରଖାସ୍ତ ପଞ୍ଜିକରଣ ହୋଇଥିଲା। ମୋଟ ପାଞ୍ଚ ଜଣଙ୍କୁ ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠିରୁ ୩୫୦୦୦/- ଟଙ୍କାର ଆର୍ଥିକ ସାହାଯ୍ୟ ଜିଲ୍ଲାପାଳ ପ୍ରଦାନ କରିଥିଲେ। ଅନ୍ୟ ଅଭିଯୋଗ ଗୁଡିକୁ ତଦନ୍ତ କରି ତୁରନ୍ତ ପଦକ୍ଷେପ ଗ୍ରହଣ କରିବା ନିମନ୍ତେ ଜିଲ୍ଲାପାଳ ସମ୍ପୃକ୍ତ ଅଧିକାରୀଙ୍କୁ ଦରଖାସ୍ତଗୁଡିକ ପ୍ରଦାନ କରିବା ସହ ଗ୍ରହଣ କରିଥିବା ପଦକ୍ଷେପର ବିବରଣୀ ଜିଲ୍ଲାପାଳଙ୍କୁ ଅବଗତ କରିବା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ। ଏହି ଅଭିଯୋଗ ଶିବିରରେ ଗୁଣପୁର ଉପଖଣ୍ଡ ଆରକ୍ଷୀ ଅଧିକାରୀ ବାବୁଲି ନାୟକ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ବିଷ୍ଣୁ ପ୍ରସାଦ କର, ଜିଲ୍ଲା ପ୍ରାଣିଧନ ଚିକିତ୍ସା ଅଧିକାରୀ ଡାକ୍ତର ମୃମୟ ପଣ୍ଡା, ଜିଲ୍ଲା ଶିକ୍ଷା ଅଧିକାରୀ ରାମଚନ୍ଦ୍ର ନାହକ, ଉଦ୍ୟାନ କୃଷି ନିର୍ଦ୍ଦେଶକ ଦୟାନିଧି ରାଉତ, ଜିଲ୍ଲା ପଞ୍ଚାୟତ ଅଧିକାରୀ ସୂର୍ଯ୍ୟ ନାରାୟଣ ମହାରଣା, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ଶ୍ରୀକାନ୍ତ ପାଣିଗ୍ରାହୀ, ଜିଲ୍ଲା ସଂସ୍କୃତି ଅଧିକାରୀ ସୁସ୍ମିତା ବାଉରୀ,ଲିଡ଼ ବ୍ୟାଙ୍କ ମ୍ୟାନେଜର ଦେବେନ୍ଦ୍ର ବାଉରୀ, ଅବକାରୀ ଅଧିକ୍ଷକ ସନ୍ତୋଷ କୁମାର ଧଳ ସାମନ୍ତ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଧନଞ୍ଜୟ ବେହେରା, ଶିଶୁ ବିକାଶ ଯୋଜନା ଅଧିକାରୀ ସୁଷମା ପ୍ରସାଦ ଓ ଅନ୍ୟାନ୍ୟ ଅଧିକାରୀ ଯୋଗଦାନ କରି ଅଭିଯୋଗ ଗୁଡିକର ଶୁଣାଣୀ କରିଥିଲେ କ୍ଷ ସହକାରି ଜିଲ୍ଲାପାଳ ତଥା ଅଭିଯୋଗ ଶୁଣାଣି ଅଧିକାରୀ ସସ୍ମିତା ପଟ୍ଟନାୟକ, ଅଭିଯୋଗ ଶୁଣାଣିର ବରିଷ୍ଠ ରାଜସ୍ୱ ସହାୟକ ଅଚ୍ୟୁତାନନ୍ଦ ଲିମା କନିଷ୍ଠ ରାଜସ୍ୱ ସହାୟକ ଲୋପାମୁଦ୍ରା ଶିବିର ପରିଚାଳନା କରିଥିବା ବେଳେ ଗୁଣପୁର ଆଦର୍ଶ ଥାନା ଅଧିକାରୀ କେକେବିକେ କହଁର ଆଇନ ଶୃଙ୍ଖଳା ରକ୍ଷା କରିଥିଲେ।



ଆସିକା(ଭାସ୍କର ନ୍ୟୁଜ): ଆସିକା ପତଞ୍ଜଳି ଯୋଗ ସମିତି ଓ ଟାଉନ ହଲ୍ ଆସ୍ଥା ପକ୍ଷରୁ ତିନିଦିନ ବ୍ୟାପି ପାଳିତ ହୋଇଥିବା ରଜ ମହୋତ୍ସବ ଉଦଯାପିତ ହୋଇଯାଇଛି । ଆସିକାରେ ପ୍ରଥମ ଥର ପାଇଁ ଆୟୋଜିତ ହେଉଥିବା ରଜ କାର୍ଯ୍ୟକ୍ରମକୁ ବରିଷ୍ଠ ବିଜେଡି ନେତା ଦିଲ୍ଲୀପ ପାଣିଗ୍ରାହୀଙ୍କ ସଂଯୋଜନା କରିଥିଲା ବେଳେ ଏହି ରଜ ମହୋତ୍ସବକୁ ବରିଷ୍ଠ ବର୍ଷୀଆନ ଅବସରପ୍ରାପ୍ତ ଶିକ୍ଷକ ଗଣେଶ ରଥ ଉଦଘାଟନ କରିଥିଲେ । ଶେଷ ଦିବସରେ ପତଞ୍ଜଳି ଯୋଗ ଶିବିରର ବରିଷ୍ଠ କାର୍ଯ୍ୟକର୍ତ୍ତା ସୁରେଶ ବିଷୋୟୀ ଓ ତାଙ୍କ ସହ ଧର୍ମିଣୀ ପ୍ରତିମା ବିଷୋୟୀଙ୍କୁ ସଂମାନ୍ନିତ କରାଯାଇଥିଲା । ଆସିକା ଅଞ୍ଚଳର ବହୁ ପରିବାର ଯୋଗ ଦେଇଥିଲେ । ପତଞ୍ଜଳି ଯୋଗ ସମିତି ପକ୍ଷରୁ ମାଗଣାରେ ମିଠା ପାନ, ପଣସ, ଜଳପାନ ଓ ପ୍ରସାଦସେବନ ସାଙ୍ଗକୁ ନାଚ ଗୀତରେ ପିଲାଠାରୁ ବୃଦ୍ଧ ମସଗୁଲ ଥିଲେ । ଦ୍ୱିତୀୟ ଦିନ ସନ୍ଧ୍ୟାରେ ମିହିର କାନ୍ତ ସ୍ୱାଇଁଙ୍କ ନୃତ୍ୟ ଗ୍ରୁପ ମନ ମୁଗ୍ଧ କରିଥିଲା । ଏହି କାର୍ଯ୍ୟକ୍ରମରେ ବରିଷ୍ଠ କ୍ରୀଡାବିତ ଏମ ତାରିଣୀ ସେନାପତି, ବିଜେଡି ନଗର ମହିଳା ସଭାନେତ୍ରୀ ଏମ ରଶ୍ମିତା ସେନାପତି, ସୁରେଶ ବିଷୋୟୀ, ପ୍ରତିମା ବିଷୋୟୀ, ଆଇନଜୀବୀ ସନ୍ତୋଷ କୁମାର ପାଣିଗ୍ରାହୀ, ବାବୁଲା ରୌତିଆ, ଜୟନ୍ତୀ ଗୌଡ଼, ବାଲା ରେଡ୍ଡି, ବିଜୟ ନାହାକ, ଏ ବାବୁ ଆଚାରୀ, ନାରାୟଣ ମହାନ୍ତି, ଅନୁଜ ପାଣିଗ୍ରାହୀ, ଗୁଡିତୀ ମହାରଣା, ଆଇନଜୀବୀ ସନ୍ତୋଷ ପାଣିଗ୍ରାହୀ, ବିଦେଶୀ ନାୟକ, ମମତା ମହାପାତ୍ର, ଭେଙ୍କଟ ରମଣ ପାତ୍ର ସମେତ ବହୁ ଆଗ୍ରହୀ ଯୁବ, ଛାତ୍ର, ମହିଳା ଯୋଗଦେଇ ମଜ୍ଜା ନେଇଥିଲେ ।



**ପ୍ରତିଶ୍ରୁତି ରଖିଲେ ସରକାର**

# ନିମାପଡ଼ା ତହସିଲ ପକ୍ଷରୁ ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମରେ ଉପ-ମୁଖ୍ୟମନ୍ତ୍ରୀ



ନିମାପଡ଼ା(ଭାସ୍କର ନ୍ୟୁଜ୍): ନିମାପଡ଼ା ନିର୍ବାଚନ ମଣ୍ଡଳୀରେ ଘରେ ଘରେ ରାଜ୍ୟ ସରକାରଙ୍କର ବିକାଶ ପହଂଚି ଥିବା ବେଳେ ନିରୀହ ଲୋକମାନଙ୍କୁ ସରକାର ଜମି ପଟା ଯୋଗାଇ ଦେଉଛନ୍ତି । ପୂର୍ବରୁ ଭୂମିହୀନ ମାନଙ୍କୁ ଜମି ପଟା ଯୋଗାଇ ଦିଆଯାଉ ଥିବା ବେଳେ ବର୍ତ୍ତମାନ ଚାରି ଡ଼ିସିମିଲି ଜାଗା ଥିବା ବ୍ୟକ୍ତିମାନଙ୍କୁ ମଧ୍ୟ ବସୁନ୍ଧରା ଯୋଜନାରେ ସାମିଲ କରାଯାଇ ଲିଜ୍ ପଟା ପ୍ରଦାନ କରାଯାଇଛି । ଖୋଦ୍ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା ଜମି ପଟା ବଂଟନ କରିଥିବା ବେଳେ କାର୍ଯ୍ୟକ୍ରମରେ ତହସିଲଦାର, ଉପ-ଜିଲ୍ଲାପାଳ, ବିଡ଼ିଓ, ସାଂସଦ ପ୍ରତିନିଧି, ତହସିଲ କର୍ମଚାରୀ ସାମିଲ ହୋଇଥିଲେ । ତହସିଲ କର୍ମଚାରୀଙ୍କ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସେମାନଙ୍କୁ ସିଲ୍ ସହ ଉତରୀୟ ପ୍ରଦାନ କରାଯାଇ ସମ୍ମାନୀତ ଉପ-ମୁଖ୍ୟମନ୍ତ୍ରୀ କରିଥିବାରୁ କର୍ମଚାରୀ ଉପ-ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି । ଉତ୍କର୍ଷ ନିମାପଡ଼ାରେ ଯେଉଁ ପ୍ରତିଶ୍ରୁତି ଉପ-ମୁଖ୍ୟମନ୍ତ୍ରୀ ଦେଇଥିଲେ ତାହା କାର୍ଯ୍ୟକାରୀ କରି ଥିବାରୁ ଲୋକମାନେ ସରକାରଙ୍କୁ କୃତଜ୍ଞତା ଜଣାଇଛନ୍ତି । ମିଳିଥିବା ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ନିମାପଡ଼ା ବ୍ଲକ୍ ସଭାଗୃହରେ ତହସିଲ ପକ୍ଷରୁ ପଟା ବଂଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଏହି କାର୍ଯ୍ୟକ୍ରମରେ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପଟା ବଂଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ପୁରୀ ଉପ-ଜିଲ୍ଲାପାଳ ରାଜ କିଶୋର ଜେନା, ତହସିଲଦାର ମନୋଜ କୁମାର ପ୍ରଧାନ, ଅତିରିକ୍ତ ତହସିଲଦାର ନିରନ ନାୟକ, ବିଡ଼ିଓ ଡ଼ଃ ଅଭିଜିତ ଷଡ଼ଙ୍ଗୀ, ରାଜସ୍ୱ ପରିଦର୍ଶକ ରାମଚନ୍ଦ୍ର ପାତ୍ର, ଅନୁସୟା ମଲ୍ଲିକ, ସାଂସଦ ପ୍ରତିନିଧି ମୀଲତା ମହାନ୍ତି, ପୂର୍ଣ୍ଣଚନ୍ଦ୍ର ଓଝା, ଯଚିନ୍ଦ୍ର ସ୍ୱାଇଁଙ୍କ ସମେତ ତହସିଲର ସମସ୍ତ କର୍ମଚାରୀ ଯୋଗ ଦେଇଥିଲେ । ବସୁନ୍ଧରା ଯୋଜନା, ୱାରସ ସଂଶୋଧନ, ବେବନ୍ଦୋବସ୍ତ ଫଇସଲା, ସିକିମ୍ ଫଇସଲାରେ ମୋଟ ୪୦ଟି ପଟା ବଂଟନ କରାଯାଇଛି । କାର୍ଯ୍ୟକ୍ରମରେ ଉପ-ମୁଖ୍ୟମନ୍ତ୍ରୀ କହିଛନ୍ତି ୱାରସ ସଂଶୋଧନ କରି ନେଲେ ଲୋକମାନେ ସୁବିଧାରେ ବ୍ୟାଙ୍କରୁ ଋଣଠାରୁ ଆରମ୍ଭ କରି ସାର୍ଟିଫିକେଟ୍ ମାନ ହାସଲ କରି ପାରିବେ । ଝିଅମାନଙ୍କୁ ମଧ୍ୟ ସେମାନଙ୍କ ସମାନ ଅଧିକାର ଦିଆଯିବ । କୌଣସି ଝିଅ ପୈତୃକ ସଂପତିରୁ ଅଂଶ ନେବାକୁ ନ ଚାହିଁଲେ ସେମାନେ ତହସିଲଦାରଙ୍କ ଦପ୍ତରରେ ହାଜର ହୋଇ ମତ ଦେଇପାରିବେ । ଅଣ୍ଡିଆ ମୌଜା ଚକବନ୍ଦୀ କାର୍ଯ୍ୟ ଦ୍ରୁତ ଗତିରେ ଚାଲୁଥିବା ବେଳେ ଖୁବ୍‌ଶୀଘ୍ର ପଟା ବଂଟନ କରାଯିବ । ଚଳିତବର୍ଷ ଡ଼ିସେମ୍ବର ମାସ ଶେଷ ସୁଦ୍ଧା ଅଣ୍ଡିଆ ମୌଜାର ଚକବନ୍ଦୀ ସମାପ୍ତ କରାଯିବ । ପାଟପୁର ମୌଜା ୨୦୨୬ ଜାନୁୟାରୀ ମାସରେ କାର୍ଯ୍ୟ ସରିବ ବୋଲି ଶ୍ରୀମତି ପ୍ରଭାତି ପରିଡ଼ା କହିଛନ୍ତି । କାର୍ଯ୍ୟକ୍ରମରେ ତହସିଲଦାର ସମେତ ପ୍ରଶାସନକୁ ଉପ-ମୁଖ୍ୟମନ୍ତ୍ରୀ ସାଧୁବାଦ ଜଣାଇଥିବା ବେଳେ ତହସିଲର କେତେକ କର୍ମଚାରୀ ସିଲ୍ ଓ ଉତ୍ତରୀୟ ଦେଇ ସମ୍ମାନିତ କରିଛନ୍ତି । ଯେଉଁମାନେ ନିଷ୍ଠାର ସହ ତହସିଲରେ କାର୍ଯ୍ୟ କରୁଛନ୍ତି ସେମାନଙ୍କୁ ସରକାରଙ୍କ ପକ୍ଷରୁ ସମ୍ମାନୀତ କରାଗଲା ବୋଲି ଶ୍ରୀମତି ପରିଡ଼ା କହିଛନ୍ତି । ଆଗାମୀ ଦିନରେ ୫ଶହରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ବସୁନ୍ଧରା ଯୋଜନାରେ ପଟା ବଂଟନ କରାଯିବ ବୋଲି କୁହାଯାଇଛି । ଅନେକ ବ୍ୟକ୍ତି ରାଜ୍ୟ ସରକାରଙ୍କୁ ପ୍ରଶଂସା କରିବା ସହ ସ୍ଥାନୀୟ ତହସିଲଦାର ମନୋଜ କୁମାର ପ୍ରଧାନ ଓ ଅତିରିକ୍ତ ତହସିଲଦାର ନିରଞ୍ଜନ ନାୟକଙ୍କୁ ସାଧୁବାଦ ଜଣାଇଛନ୍ତି । ସଭା ଆରମ୍ଭରୁ ଓକିଲ ଓ ମୋହରୀର ସଂଘ ପକ୍ଷରୁ ଉପ-ମୁଖ୍ୟମନ୍ତ୍ରୀଙ୍କୁ ତହସିଲ ପରିସରରେ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ମାନୀତ କରାଯାଇଥିଲା । ଅପରାହ୍ନ ସମୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଅନ୍ୟ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଉପ-ମୁଖ୍ୟମନ୍ତ୍ରୀ ଯାଇଥିବା ଜଣାପଡ଼ିଛି ।

**ଅସ୍ତରଙ୍ଗରେ ବେକାବୁ ଝାଡ଼ାବାନ୍ତି**

# ସ୍ଥିତି ପରଖିଲେ ମହାମାରୀ ବିଶେଷଜ୍ଞ ଟିମ୍



ଅସ୍ତରଙ୍ଗ(ଭାସ୍କର ନ୍ୟୁଜ): ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକରେ ଝାଡ଼ାବାନ୍ତି ବ୍ୟାପିବାରେ ଲାଗିଛି । ସାମାନ୍ୟ ଅମଳିଛେ ବି ଏଥିରେ ସମ୍ପୂର୍ଣ୍ଣ ବ୍ରେକ ଲାଗି ପାରିନାହିଁ । ଅସ୍ତରଙ୍ଗ, ଆଳଙ୍ଗପୁର, ପାଟସୁନ୍ଦରପୁର, ନୂଆଗଡ ସମେତ ବିଭିନ୍ନ ଗ୍ରାମରେ ନୂଆ ରୋଗୀ ପ୍ରତ୍ୟେକ ଦିନ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହେଉଛନ୍ତି । ଗତ ୪ ଦିନ ମଧ୍ୟରେ ଶୁକ୍ରବାର ୭, ଶନିବାର ୧୧, ରବିବାର ୮ ଓ ସୋମବାର ଅପରାହ୍ନ ସୁଦ୍ଧା ୭ଜଣ ଝାଡ଼ାବାନ୍ତି ରୋଗୀ ଚିକିତ୍ସା ହୋଇ ଘରକୁ ଫେରିଥିବା ବେଳେ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୩ଜଣରୋଗୀ ଚିକିତ୍ସାଧୀନ ଅବସ୍ଥାରେ ରହିଛନ୍ତି । ସେମାନେ ହେଉଛନ୍ତି କୁନ୍ଦୁଡି ଗ୍ରାମର ଅଲେଖ ଲେଙ୍କା, ପାଟସୁନ୍ଦରପୁର ଗ୍ରାମର ମଞ୍ଜୁଲତା ବେହେରା ଓ ଅସ୍ତରଙ୍ଗ ଗ୍ରାମର ଆରତୀ ବେହେରା । ବ୍ଲକରେ ଝାଡ଼ାବାନ୍ତି ବ୍ୟାପିବାର ଖବର ପାଇଁ ସ୍ୱାସ୍ଥ୍ୟ ବିଭାଗ ତତ୍ପରତା ପ୍ରକାଶ ପାଇଛି । ଏକ ଡାକ୍ତରୀ ଟିମ୍ ଅସ୍ତରଙ୍ଗ ବ୍ଲକର ବିଭିନ୍ନ ଆକ୍ରାନ୍ତଙ୍କ ଘରକୁ ଯାଇ ସ୍ଥିତି ଅନୁଧାନ କରିଛନ୍ତି । ସୋମବାର ପୂର୍ବାହ୍ନରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶକ୍ରମେ ମହାମାରୀ ବିଶେଷଜ୍ଞ ଡ଼ଃ ଶିଳ୍ପୀଦାଶ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଂଚି ସ୍ଥିତି ଅନୁଧାନ କରିବା ସହ ଏକ ସ୍ୱତନ୍ତ୍ର ଟିମ୍ ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ଥିବା ବସୁଧା ଟାଙ୍କିର ସ୍ଥିତି ଅନୁଧାନ କରିଥିଲେ । ପ୍ରଥମେ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଳ୍ପ କିଛି ଦୂରରେ ଅବସ୍ଥିତ ଅସ୍ତରଙ୍ଗରେ ଥିବା ବସୁଧା ଟାଙ୍କି ଦେଖି ବିଶେଷଜ୍ଞ ଟିମ୍ ତାଜୁବ ହୋଇଯାଇଥିଲେ । ଟାଙ୍କି ଭିତରୁ କେବଳ ନାଳି ରଙ୍ଗର ପାଣି ବାହାରିବା ସହ ଟାଙ୍କିର ସମ୍ପୂର୍ଣ୍ଣ ପାଣି ନିଷ୍କାସନ କରିବାକୁ ସଙ୍ଗେ ସଙ୍ଗେ ନିର୍ଦ୍ଦେଶ ଦେଇଥିଲେ । ଏହା ସହ ବିଶେଷଜ୍ଞ ଟିମ୍ ଟାଙ୍କି ନିକଟରେ ପାଣି ପରୀକ୍ଷା କରିଥିଲେ । ବିଶେଷଜ୍ଞ ଟିମ୍ ଓ ଡାକ୍ତରୀ ଟିମ୍ ବିଭିନ୍ନ ବସୁଧା ଟାଙ୍କି ପରିଦର୍ଶନ କରି ସ୍ଥିତି ଅନୁଧାନ କରିବା ସହ ପାଣିର ନମୂନା ସଂଗ୍ରହ କରାଯାଇ ପରୀକ୍ଷାଗାରକୁ ପଠାଯାଇଛି । ମହାମାରୀ ବିଶେଷଜ୍ଞ ଡ଼ଃ ଶିଳ୍ପୀ ଦାଶ ଓ ସ୍ୱତନ୍ତ୍ର ଟିମ୍ ଅସ୍ତରଙ୍ଗ ବ୍ଲକ ଅଧୀନ ଅସ୍ତରଙ୍ଗ, ଆଳଙ୍ଗପୁର, ପାଟସୁନ୍ଦରପୁରରେ ଆକ୍ରାନ୍ତ ଘରକୁ ଯାଇ ସ୍ୱାସ୍ଥ୍ୟବସ୍ଥା ଯାଞ୍ଚ କରିଥିଲେ । ଅସ୍ତରଙ୍ଗ ଗ୍ରାମର ସୁର ଗୋଛାୟତ, ଲକ୍ଷ୍ମୀପ୍ରିୟା ସେଠୀ, ଆଳଙ୍ଗପୁର ଗ୍ରାମର ପଙ୍କଜ ଦାସ, ମିନତୀ କାଣ୍ଡିଙ୍କ ସମେତ ୭ଜଣ ଝାଡ଼ାବାନ୍ତି ଆକ୍ରାନ୍ତ ଘରକୁ ଯାଇ ସ୍ୱାସ୍ଥ୍ୟବସ୍ଥ ବୁଝିଥିଲେ । ଏଥାସହ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଅଧିକାରୀ ଡ଼ଃ ସଞ୍ଜୟ ପ୍ରଧାନ ସୂଚନା ଦେଇଛନ୍ତି କିଛି ରୋଗୀଙ୍କ ମଳ ଓ ସ୍ଥାନିୟ ଅଞ୍ଚଳରୁ ପାଣି ନମୂନା ସଂଗ୍ରହ କରାଯାଇ ପରୀକ୍ଷାଗାରକୁ ପଠାଯାଇଛି । ସୋମବାର ଅପରାହ୍ନରେ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମଧ୍ୟରେ ଆରଡବ୍ଲୁଏସଏସ ବିଭାଗୀୟ ଯନ୍ତ୍ରୀ, ସ୍ୱାସ୍ଥ୍ୟ ବିଭାଗ ଅଧିକାରୀଙ୍କ ଉପସ୍ଥିତିରେ ବୈଠକରେ ଝାଡ଼ାବାନ୍ତି କିପରି ନିୟନ୍ତ୍ରଣକୁ ଆସିବ ସେନେଇ ସମୀକ୍ଷା କରାଯାଇଥିଲା । ଡାକ୍ତରଖାନା ଓ ଘରେ ଚିକିତ୍ସା ହେଉଥିବା ରୋଗୀମାନଙ୍କୁ ସାଲାଇନି, ଇଞ୍ଜେକ୍ସନ ଦେବା ସହ ବଟିକା ଯୋଗାଇ ଦିଆଯାଇଛି । ସ୍ଥାନୀୟ ସ୍ୱାସ୍ଥ୍ୟକର୍ମୀ, ଆଶାକର୍ମୀ ଓ ଅଙ୍ଗନବାଡି କର୍ମୀ ପ୍ରାଥମିକ ଚିକିତ୍ସାରେ ସହଯୋଗ କରୁଛନ୍ତି ବୋଲି ଭାରପ୍ରାପ୍ତ ଅଧିକାରୀ ଡ଼ଃ ସଞ୍ଜୟ ପ୍ରଧାନ କହିଛନ୍ତି ।

**ପରୀକ୍ଷା ପାଇଁ ପଠାଗଲା ପାଣି ନମୂନା ଓ ରୋଗୀଙ୍କ ମଳ**

# ମହିଳାଙ୍କୁ ଟାଣି ନେଲା କୁମ୍ଭୀର

ଆଳି(ଭାସ୍କର ନ୍ୟୁଜ): କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଥାନା କୋଳିଡ଼ିହ ପଞ୍ଚାୟତରେ ଦୁଇଝିଅଙ୍କ ସାମ୍ନାରୁ ଗାଧୋଇ ଥିବା ଜଣେ ମହିଳାଙ୍କୁ କୁମ୍ଭୀର ଟାଣିନେବା ଭଳି ଏକ ଦୁଖଦଃ ଘଟଣା ଘଟିଛି । ମହିଳା ଜଣକ କୋଳିଡ଼ିହ ପଞ୍ଚାୟତ ତଅଁଳାଡିହା ଗ୍ରାମର କୈଳାଶ ମହାନ୍ତିଙ୍କ ପତ୍ନୀ କାଜଲ ମହାନ୍ତି (୪୦) । ସୂଚନା ମୁତାବକ, ସୋମବାର କାଜଲ ଖରସ୍ରୋତା ନଦୀ ସହିତ ସଂଲଗ୍ନ ତଅଁଳାଡିହା ପାନିଆ ନାମକ ଜୋରକୁ ଗାଧୋଇବାକୁ ଯାଇଥିଲେ । ସେ ଗାଧୋଇବାକୁ ଯାଇ ଗାଧେଇ ସାରିବା ପରେ ଲୁଗା ସଫା କରୁଥିବା ସମୟରେ ଏକ କୁମ୍ଭୀର କାଜଲଙ୍କୁ ନଦୀର ଅଥଳ ପାଣି ମଧ୍ୟକୁ ଟାଣି ନେଇଥିଲା । ଗାଧୁଆ ସାରି ନଦୀ କୂଳରେ ଛିଡା ହୋଇଥିବା ଝିଅ ପାଟି କରିବାରୁ ସ୍ଥାନୀୟ ଲୋକ ଦୌଡ଼ିଆସି ଖୋଜାଖୋଜି ସହ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ । । ଗ୍ରାମବାସୀ ଜୋରରେ ଖୋଜାଖୋଜି ଆରମ୍ଭ କରି ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ । ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ବୋଟ ସାହାଯ୍ୟରେ ଖୋଜାଖୋଜି କରୁଥିବା ଜଣାପଡିଛି ।

# ନିଟ୍ ସର୍ବଭାରତୀୟ ସ୍ତରରେ ଉମାଶଙ୍କରଙ୍କ ସଫଳତା



ଆସିକା(ଭାସ୍କର ନ୍ୟୁଜ): ଆସିକା ପଂଚାୟତ ସମିତି ଅନ୍ତର୍ଗତ ନିମିନାର ଜଣେ ଚାଷୀପୁଅ ନିଟ ପରୀକ୍ଷାରେ ସଫଳତା ଅର୍ଜନ କରି ଅଂଚଳ ପାଇଁ ସୁନାମ ଅର୍ଜନ କରିଛନ୍ତି । ନିମିନା ଗ୍ରାମର ବାସିନ୍ଦା ଜୟସେନ ସାହୁ ଓ ଜୟନ୍ତୀ ସାହୁଙ୍କୁ ପୁତ୍ର ଉମାଶଙ୍କର ସାହୁ ଚଳିତ ବର୍ଷ ନିଟ ସର୍ବଭାରତୀୟ ସ୍ତରୀୟ ପରୀକ୍ଷାରେ ସର୍ବମୋଟ ୭୨୦ରୁ ୫୪୮ ମାର୍କ ରଖି ଡାକ୍ତରୀ ପଢିବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି । କୃତି ଛାତ୍ର ଉମା ଶଙ୍କର ସାହୁ ମେଟ୍ରିକ ଗାଁ ପ୍ରଗତି ବିଦ୍ୟାପିଠରେ ଅଧ୍ୟୟନ କରି ୯୧.୮୩ ମାର୍କ ରଖିଥିଲେ । ଭୁବନେଶ୍ୱରର ରଏଲ କଲେଜ ଅଫ ଟେକନୋଲୋଜି ଏଣ୍ଡ ସାଇନ୍ସରେ ଯୁକ୍ତ ଦୁଇରେ ୯୫.୮୩ % ରଖି ଯାଜପୁର ପ୍ରୟାସ କ୍ଲାସେସରେ ନିଟ ପାଇଁ ପାଠ ପାଢି ଚଳିତ ବର୍ଷ ନିଟ ପରୀକ୍ଷାରେ ସଫଳତା ଲାଭ କରିଛନ୍ତି । ଏଥିପାଇଁ ଅନୁଷ୍ଠାନର ଶିକ୍ଷକ, ଶିକ୍ଷୟିତ୍ରୀ ଓ ବାପା ମା'ଙ୍କୁ ଶ୍ରେୟ ଦେଇଛନ୍ତି । ସଫଳତା ପରେ ନିମିନା ବରିଷ୍ଠ ନେତା ତଥା ସରପଞ୍ଚ ବିଦ୍ୟାନ୍ତ ଚର୍ଚ୍ଚି, ଅବସରପ୍ରାପ୍ତ ଅଧ୍ୟକ୍ଷ ଡ଼.ରାଧା ଚରଣ ସାହୁ, ଗୁରୁଜନ ଓ ସାଙ୍ଗ ସାଥି ଶୁଭେଚ୍ଛା ଜଣାଇଛନ୍ତି ।

# ଅଧ୍ୟାପିକା ଡ଼ ଚାରୁଲତା ଦାସ ସମ୍ବର୍ଦ୍ଧିତ



କଣ୍ଟାପଡ଼ା(ଭାସ୍କର ନ୍ୟୁଜ): ବେପାର ଓ ଦୂରଦର୍ଶନର ଉପସ୍ଥାପିକା ତଥା ଓଡ଼ିଶାର ବିଶିଷ୍ଟ ସମାଜସେବିକା ଶିଶୁ ସାହିତ୍ୟିକ ଲେଖିକା ଏବଂ ପଥିତ ଯଶା ସ୍ୱର୍ଗୀୟ ରାମକୃଷ୍ଣ ନନ୍ଦଙ୍କ କନ୍ୟା ଅର୍ଚ୍ଚନା ପ୍ରେସର ପ୍ରତିଷ୍ଠାତା ସ୍ୱର୍ଗୀୟ ବିଜୟ ଚନ୍ଦ୍ର ମହାପାତ୍ରଙ୍କ ଧର୍ମିଣି ଶୈଳବାଳା ମହାପାତ୍ରଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକ ଓ ଏବଂ ଶ୍ରଦ୍ଧାଞ୍ଜଳି ସଭା ବାଇରୋଇସ୍ଥିତ ସୌଦାମିନି ପାଠଗାର ସଭା ଗୃହରେ ପ୍ରକାଶ ନନ୍ଦଙ୍କ ସଂଯୋଜନାରେ ଆୟୋଜିତ ହୋଇଯାଇଛି । ବରିଷ୍ଠ ସଙ୍ଗୀତ ନିର୍ଦ୍ଦେଶକ ନବୀନ କିଶୋର ପଟ୍ଟନାୟକ, ବିଶିଷ୍ଟ ସାହିତ୍ୟ ଓ ଲେଖକ ଡ଼ ସୈଳେଶ୍ୱର୍ ନନ୍ଦ, ସାହିତ୍ୟିକା ପୁଷ୍ପାରାଣୀ ତ୍ରିପାଠୀ ଅତିଥି ଭାବରେ ଅତିଥି ଭାବରେ ଯୋଗଦେଇ ସ୍ୱର୍ଗୀୟ ମହାପାତ୍ରଙ୍କ ସ୍ମୃତି ଚାରଣ କରିଥିଲେ । ଏହି ଅବସରରେ ନଦୀ, ନାରୀ ଓ ସାହିତ୍ୟ ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହେବା ସହ ଶୈଳବାଳା ମହାପାତ୍ର ସ୍ମୃତି ସମ୍ମାନ-୨୦୨୫' ସଙ୍ଗୀତ ନିର୍ଦ୍ଦେଶକ ନବୀନ କିଶୋର ପଟ୍ଟନାୟକ ଓ ସାହିତ୍ୟିକ କାର୍ତ୍ତିକ ଚନ୍ଦ୍ର ଷଡ଼ଙ୍ଗୀଙ୍କୁ ପ୍ରଦାନ କରାଯାଇଥିବା ବେଳେ ଅଢ଼ଶପୁର ଉଦୟନାଥ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟାପିକା ଡ଼ ଚାରୁଲତା ଦାସଙ୍କୁ ସୌଦାମିନୀ ଦେବୀ ସ୍ମୃତି ସମ୍ମାନ ୨୦୨୫ ରେ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ କରାଯାଇଥିଲା । ଆରଧନା ଗ୍ରୁପର ଛାତ୍ରଛାତ୍ରୀ ସଙ୍ଗୀତ ପରିବେଷଣ କରିଥିଲେ । ଶିକ୍ଷାବିତ ସଂଗ୍ରାମ କେଶରୀ ରାଉତରାୟ ମଞ୍ଚ ପରିଚାଳନା କରିଥିବା ବେଳେ ପ୍ରଫେସର ମଧୁସ୍ମିତା ଆଚାର୍ଯ୍ୟ ସମସ୍ତଙ୍କୁ ଧନ୍ୟବାଦ୍ ଜଣାଇଥିଲେ । କାର୍ଯ୍ୟକ୍ରମରେ ଜିଲ୍ଲା ତଥା ଜିଲ୍ଲା ବାହାରୁ ସାହିତ୍ୟିକ ଓ ବୁଦ୍ଧିଜୀବୀ ଯୋଗ ଦେଇଥିବା ବେଳେ ରାମକୃଷ୍ଣ ନନ୍ଦ ସ୍ମୃତି ପରିଷଦର ପ୍ରିୟବ୍ରତ ରାଉତରାୟ, ସନ୍ତୋଷ ରାଉତ ବିନୋଦ ଜେନା, ସଞ୍ଜୟ ସ୍ୱାଇଁ, ନିବାସ ଜେନା, ଚିନ୍ମୟ ଦାସ, ପ୍ରମୁଖ ପରିଚାଳନା କରିଥିଲେ । ଅନୁଷ୍ଠାନର ସମ୍ପାଦକ ପ୍ରକାଶ ନନ୍ଦଙ୍କ ଦ୍ୱାରା ଆୟୋଜନ କରାଯାଇ ଶୃଙ୍ଖଳା ଗତ ଭାବେ ସୁପରିଚାଳନା ନେଇ ଅନୁଷ୍ଠାନର ସମ୍ପାଦକ ପ୍ରକାଶ ନନ୍ଦଙ୍କୁ ମଞ୍ଚ ପକ୍ଷରୁ ଉଚ୍ଚପ୍ରଶଂସା କରାଯାଇଥିଲା ।

# ମହିଳା ମହାବିଦ୍ୟାଳୟ ବିଷାକ୍ତ ସରିସୃପଙ୍କ ଅଭୟାରଣ୍ୟ



ନିଶ୍ଚିନ୍ତକୋଇଲ(ଭାସ୍କର ନ୍ୟୁଜ): ମହାବିଦ୍ୟାଳୟର ପରିବେଶକୁ ସଫା ସୁତୁରା କରିବା ନିମନ୍ତେ ସରକାର ବିଭିନ୍ନ ଯୋଜନାରେ ବହୁ ଅର୍ଥ ଯୋଗାଇ ଦେଉଛନ୍ତି । ଏପରିସ୍ଥଳେ ନିଶ୍ଚିନ୍ତକୋଇଲି ବ୍ଲକ ନତକାଇ ଗ୍ରାମପଂଚାୟତ ବାଣିନଗର ବଲ୍ଲଭୀଦେବୀ ମହିଳା ମହାବିଦ୍ୟାଳୟ ପରିସର ସଫେଇ ହେବା ପରିବର୍ତ୍ତେ ଜଙ୍ଗଲମୟ ହୋଇପଡିଛି । ଏହି ମହାବିଦ୍ୟାଳୟଟି ସମ୍ପ୍ରତି ବିଷାକ୍ତ ସରିସୃପଙ୍କ ଅଭୟାରଣ୍ୟରେ ପରିଣତ ହୋଇଥିବାର ଅଭିଯୋଗ ହୋଇଛି । ଏହାର ପ୍ରତିକାର ଦିଗରେ ପ୍ରଶାସନ ତରଫରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବା କାରଣରୁ ସାଧାରଣରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି । ନିଶ୍ଚିନ୍ତକୋଇଲି ବ୍ଲକର ଏକମାତ୍ର ବଲ୍ଲଭୀଦେବୀ ମହିଳା ମହାବିଦ୍ୟାଳୟରେ ଶହ ଶହ ଛାତ୍ରୀ ଅଧ୍ୟୟନ କରନ୍ତି । ଏପରିକି ଏହି ମହାବିଦ୍ୟାଳୟର ଛାତ୍ରୀ ନିବାସରେ ମଧ୍ୟ ଦୂର ଦୂରାନ୍ତର ବହୁ ଛାତ୍ରୀ ରାତ୍ରୀ ଯାପନ କରିଥାନ୍ତି । ଏପରିସ୍ଥଳେ ଦୀର୍ଘଦିନ ହେଲା ଏହି ମହାବିଦ୍ୟାଳୟଟି ଅଳିଆ ଆବର୍ଜନା ଓ ଅନାବନା ଗଛରେ ଭରପୁର ହୋଇଯାଇଛି । ଏପରିକି ବିଷାକ୍ତ ସରିସୃପଙ୍କ ଅଭୟାରଣ୍ୟରେ ପରିଣତ ହୋଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ । ମହାବିଦ୍ୟାଳୟ ପରିସରକୁ ସଫେଇ କରାଯିବା ନିମନ୍ତେ ପ୍ରଶାସନ ତରଫରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିବାର ଅଭିଯୋଗ ହୋଇଛି । ଫଳରେ ସରିସୃପଙ୍କ ଭୟରେ ଛାତ୍ରୀ ଅଭିଭାବକ ସର୍ବୋପରି କର୍ମଚାରୀମାନେ ମହାବିଦ୍ୟାଳୟ ପରିସରକୁ ଭୟ କରୁଛନ୍ତି । ଏପରିସ୍ଥଳେ ରାତିପାହିଲେ ମହାବିଦ୍ୟାଳୟ ଖୋଲିବ । ଛାତ୍ରୀ ଓ କର୍ମଚାରୀମାନଙ୍କ ଭିଡ ଜମିବ । ମହାବିଦ୍ୟାଳୟ ପରିସରରେ କୌଣସି ଅଘଟଣ ଘଟିବା ଆଶଙ୍କାକୁ ଏଡାଇ ଦିଆଯାଇନପାରେ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି । ପ୍ରଶାସନ ତରଫରୁ ତୁରନ୍ତ ମହାବିଦ୍ୟାଳୟ ପରିସର ସଫେଇ କରାଯିବା ନିମନ୍ତେ ସାଧାରଣରେ ଦୃଢ ଦାବି ହୋଇଛି ।

# ନିଟ୍ ୟୁଜି ପରୀକ୍ଷାରେ ଅଂଶୁମାନଙ୍କ କୃତିତ୍ୱ



ନିମାପଡ଼ା(ଭାସ୍କର ନ୍ୟୁଜ୍): ନିମାପଡ଼ା ପାଇଁ ଗୌରବ ଆଣିଲେ ଆଦିତ୍ୟ ଅଂଶୁମାନ । ଚଳିତ ବର୍ଷ ନିଟ୍ ୟୁଜିରେ ଅଲ୍ ଇଣ୍ଡିଆ ର୍ୟାଙ୍କ ୬୬୭ରେ ସଫଳତା ହାସଲ କରିଛନ୍ତି । ଯାହାପାଇଁ ବାପା ମାଆ, ବନ୍ଧୁ ପରିଜନ ନିଜକୁ ଗର୍ବିତ ମନେ କରୁଛନ୍ତି । ପାଟପୁର ଗ୍ରାମର ଏହି ଯୁବକଙ୍କ ଅଭୁତ ସଫଳତାକୁ ନେଇ ଗ୍ରାମବାସୀଙ୍କ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି । ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ନିମାପଡ଼ା ବିଜ୍ଞାପିତ ଅଂଚଳ ପରିଷଦ ପାଟପୁର ଗ୍ରାମର ଉମାନନ୍ଦନ ରଥ ଓ ମାଆ ନର୍ମଦା ଦୀକ୍ଷିତଙ୍କ ଏକମାତ୍ର ପୁତ୍ର ଆଦିତ୍ୟ ଅଂଶୁମାନ ରଥ ନିମାପଡ଼ା ଡ଼ିଏଭି ସ୍କୁଲରୁ ମାଟ୍ରିକ ପରୀକ୍ଷାରେ ୯୪% ଓ ସାଇ ଇଂଟର ନ୍ୟାସନାଲ ସ୍କୁଲ ଭୁବନେଶ୍ୱରରୁ +୨ରେ ୯୫% ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଥିଲେ । ଚଳିତ ବର୍ଷ ନିଟ୍ ୟୁଜିରେ ଅଲ୍ ଇଣ୍ଡିଆ ର୍ୟାଙ୍କ ୬୬୭ରେ ସଫଳତା ହାସଲ କରିଛନ୍ତି । ଏହା ଜଣାପଡ଼ିବା ପରେ ଆଦିତ୍ୟ ଅଂଶୁମାନଙ୍କୁ ପରିବାର ପରିଜନ ସାଙ୍ଗସାଥୀ ଶୁଭେଚ୍ଛା ଜଣାଇଛନ୍ତି । ଏ ସଂପର୍କରେ ଅଂଶୁମାନର ପ୍ରତିକ୍ରିୟା ନେବା ପରେ ସେ କହିଛନ୍ତି ମୋର ସଫଳତାର ଶ୍ରେୟ ବାପା, ମାଆ, ଅଜା, ଆଇ, ମାମୁଁ, ମଉସା, ଶିକ୍ଷକ ଓ ଶିକ୍ଷୟିତ୍ରୀ ଅଟନ୍ତି । ଭଗବାନଙ୍କ ଆର୍ଶୀବାଦରୁ ମୁଁ ଏହି ସଫଳତା ପାଇ ପାରିଛି । ପିଲାଟି ଦିନରୁ ଲକ୍ଷ୍ୟ ଥିଲା ଡ଼ାକ୍ତର ହୋଇ ଲୋକମାନଙ୍କର ସେବା କରିବି ବୋଲି । ଛାତ୍ରଙ୍କ ପିତା ଉମାନନ୍ଦନ ରଥ, ମାଆ ନର୍ମଦା ଦୀକ୍ଷିତ କହିଛନ୍ତି, ଆଦିତ୍ୟ ଅଂଶୁମାନ କେବେ ବି ସମୟ ନଷ୍ଟ ନ କରି ପଢ଼ାରେ ମନ ଦିଏ । ଭବିଷ୍ୟତରେ ଏପରି ସଫଳତା ପାଇବା ଆମେ ଆଶା ରଖିଥିଲୁ ।

# ଜଳେଶ୍ୱର ତହସିଲ ପକ୍ଷରୁ ଦୁଇଖାନା ସମ୍ପର୍କିତ ସଚେତନତା କର୍ମଶାଳା



ଜଳେଶ୍ୱର(ଭାସ୍କର ନ୍ୟୁଜ): ଓଡ଼ିଶା ସରକାର ରାଜ୍ୟରେ ଥିବା ମୃତ ବ୍ୟକ୍ତିଙ୍କ ନାମରେ ଥିବା ସମ୍ପତ୍ତିକୁ ତାଙ୍କର ୱାରସଦାରଙ୍କ ନାମରେ ଦରଜ କରିବା ନିମନ୍ତେ ପ୍ରତ୍ୟେକ ତହସିଲରେ ଦୁଇଖାନା ସଚେତନତା କର୍ମଶାଳା କରାଯାଉଛି ।ଏହି ପରିପ୍ରେକ୍ଷିରେ ସୋମବାର ପୂର୍ବାହ୍ନ ୧୧ ଘଟିକା ସମୟରେ ବ୍ଲକ ସମ୍ମିଳନୀ କକ୍ଷରେ ବିଡିଓ/ତହସିଲଦାର ଗୌରାଙ୍ଗ ଚରଣ ଘୋଷ ପୌରହିତ୍ୟ କରି ଜଳେଶ୍ୱର ତହସିଲ ଅଧୀନ ସମସ୍ତ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ଅନ୍ତର୍ଗତ ପ୍ରତ୍ୟେକ ରାଜସ୍ୱ ଗ୍ରାମରେ ମୃତବ୍ୟକ୍ତିଙ୍କ ନାମରେ ଥିବା ସମ୍ପତ୍ତି (ପଟ୍ଟା) ସଂଶୋଧନ କରି ମୃତ ବ୍ୟକ୍ତିଙ୍କ ୱାରସଦାରଙ୍କ ନାମରେ ଦରଜ କରିବା ପାଇଁ ଉକ୍ତ ଦୁଇଖାନା ସଚେତନତା କର୍ମଶାଳା ଆୟୋଜନ କରାଯାଇଛି ବୋଲି କହିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷ ମାନସ କୁମାର ଜେନା, ଅତିରିକ୍ତ ତହସିଲଦାର ନିଧି ବେହେରା, ସୁପରଭାଇଜର ଶରତ ବେହେରା ଓ ଗୋପାଳ ମାଝୀ ମଞ୍ଚରେ ରହି ଜନସାଧାରଣଙ୍କ ସୁବିଧା ପାଇଁ ସରକାର ଏକ ସୁନ୍ଦର ନୀତି ପ୍ରଣୟନ କରିଛନ୍ତି ବୋଲି କହିଥିଲେ ।ଏହା ଦ୍ୱାରା ଲୋକେ ସହଜରେ ଜମି ବିକ୍ରୀଖର୍ଦ୍ଦି କରି ପାରିବେ ବୋଲି ମଧ୍ୟ କହିଥିଲେ । କର୍ମଶାଳାରେ ଆରଆଇ ଦେବାଞ୍ଜନ ମହାନ୍ତି, ରଞ୍ଜନ କୁମାର ପାଣି, ରାଜେଶ କୁମାର ଦେ, ବିମଳ ସୋରେନ, ନିଶିକାନ୍ତ ସିଂ, ଜଗନ୍ନାଥ ପାତ୍ର, ଶିବ ଶଙ୍କର ସେନାପତି, ଶରତ ଭଞ୍ଜ, ଭାରପ୍ରାପ୍ତ ଆରଆଇ ରାଧାକାନ୍ତ ଦେ, ଏଆରଆଇ ଅନୁରାଧା ମଲ୍ଲିକ ଉପସ୍ଥିତ ଥିବା ବେଳେ ବିଭିନ୍ନ ଗ୍ରାମ ପଞ୍ଚାୟତର ଜନପ୍ରତିନିଧି ଓ ମ୍ୟୁନିସିପାଲିଟିର ଜନପ୍ରତିନିଧିମାନେ ଉପସ୍ଥିତ ଥିଲେ ।

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର



ଜଗତସିଂହପୁର(ଭାସ୍କର ନ୍ୟୁଜ): ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦଭାବନା ସଭାଗୃହଠାରେ ଅନୁଷ୍ଠିତ ହୋଇଯାଇଅଛି ।ଏହି ଅଭିଯୋଗ ଶିବିରରେ ଉପରିସ୍ଥ ଅଧିକାରୀମାନେ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ । ଆଜି ମୋଟ ୭୪ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା । ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୬୫ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ / ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୯ଟି, ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ରାସନ କାର୍ଡ ସମସ୍ୟା ସମ୍ପର୍କୀୟ ୨ଟି, ଆବାସ ଯୋଜନା ସମ୍ପର୍କୀୟ ୬ଟି, ଜମିଜମା ସମସ୍ୟା ସମ୍ପର୍କୀୟ ୧୩ଟି, ଭତ୍ତା ପାଇବା ପାଇଁ ୩ଟି, ପୋଲିସ ସହାୟତା ପାଇବା ପାଇଁ ୧ଟି ଏବଂ ଅନ୍ୟାନ୍ୟ ୩୬ଟି ଅଭିଯୋଗର ଶୁଣାଣି କରାଯାଇଥିଲା । ୪ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା । ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ ଭବାନୀ ଶଙ୍କର ଉଦଗାତା, ଅତିରିକ୍ତ ଜିଲ୍ଲାପାଳ, ଜ୍ୟୋତି ଶଙ୍କର ରାୟ, ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ରବିନାରାୟଣ ଜେଠୀ,ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗ ଶୁଣାଣି କରିଥିଲେ ।

# କନ୍ଦଳ ନଦୀରେ ବୁଡିଗଲେ ଯୁବକ

ନିଆଳି(ଭାସ୍କର ନ୍ୟୁଜ): ନିଆଳି ଥାନା ଅଧିନସ୍ଥ ଅଲଣା ଗ୍ରାମର ବଳରାମ ଭୋଇ (୪୦) ଦିନ ୧୨ଟାରେ କନ୍ଦଳ ନଦୀକୁ ମାଛ ଧରିବାକୁ ଯାଇଥିଲେ । ମାଛ ଧରୁଥିବା ସମୟରେ ଖସି ଯିବାରୁ ଚିତ୍କାର କରି ସ୍ଥାନୀୟ ଲୋକଙ୍କୁ ଡାକ ପକାଇଥିଲେ । ସ୍ଥାନୀୟ ଲୋକେ ଉଦ୍ଧାର କରି ନପାରିବାରୁ ନିଆଳି ଅଗ୍ନିସେବା ବାହିନୀକୁ ଖବର ଦେଇଥିଲେ । ଅଗ୍ନିସେବା ବାହିନୀର ଏକ ଟିମ ୩ଘଣ୍ଟା ଖୋଜା ଖୋଜି କରିଥିଲେ ମଧ୍ୟ ଯୁବକର ପତ୍ତା ମିଳିନଥିଲା । ଏହି ଘଟଣା ଅଞ୍ଚଳରେ ଏକ ଦୁଖଃଦ ପରିବେଶ ସୃଷ୍ଟି କରିଛି । ଘଟଣା ସ୍ଥଳରେ ନିଆଳି ପୋଲିସ ଉପସ୍ଥିତ ରହିଛି ।

# ମୋନାଲିସା ସାହିତ୍ୟ ସଂସଦର ରଜ କବିତା ଆସର




ପାରାଦୀପ(ଭାସ୍କର ନ୍ୟୁଜ): ପାରାଦୀପ ବନ୍ଦର ପ୍ରାଧିକରଣର ସାଂସ୍କୃତିକ ଅନୁଷ୍ଠାନ ଜଗନ୍ନାଥ ଲଳିତ କଳା ସଂସଦ ପକ୍ଷରୁ ଗୋପବନ୍ଧୁ ଷ୍ଟାଡିୟମରେ ଆୟୋଜିତ ରଜ ମହୋତ୍ସବ ମଞ୍ଚରେ ମୋନାଲିସା ସାହିତ୍ୟ ସଂସଦ ପକ୍ଷରୁ କବିତା ପାଠୋତ୍ସ୍ୱ ଅନୁଷ୍ଠିତ ହୋଇଯାଇଛି । ଅନନ୍ତ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ଧ୍ରୁବଚରଣ ମହାପାତ୍ର, ସାହିତ୍ୟିକ ତଥା ଶିକ୍ଷକ କୃଷ୍ଣଚନ୍ଦ୍ର ଦାସ ଓଡ଼ିଆ ସାହିତ୍ୟରେ ରଜ ଶୀର୍ଷକ ଆଲୋଚନା କରିଥିଲେ । କବି ରମେଶ ଚନ୍ଦ୍ର ବହିରାଙ୍କ ସଂଯୋଜନାରେ କବି ବିଜୟ କୁମାର ନାୟକ, ଉର୍ମିଳା ମହାନ୍ତି, ଟୁନି ଖୋଜି, ମଧୁସ୍ମିତା ମହାନ୍ତି, ନଳିନୀ ପ୍ରଭା ସାହୁ, ଗୀତା ଦାସ, ଲଗ୍ନଜିତ ରାଉତ, ପ୍ରେମଲତା ବାରିକ, କଳ୍ପନା ବେହେରା, ରଘୁନାଥ ଆଚାର୍ଯ୍ୟ, ମିନାର୍ଭା ସାହୁ, ନିହାରୀ ବାଳା ବାରିକ ପ୍ରମୁଖ ସ୍ୱରଚିତ ରଜ ଶୀର୍ଷକ କବିତା ପାଠ କରିଥିଲେ । ଶେଷରେ ତୁଳସୀ ବରାଳ ଧନ୍ୟବାଦ ଅର୍ପଣ କରିଥିଲେ । ମୋନାଲିସା ସାହିତ୍ୟ ସଂସଦର ସମ୍ପାଦିକା ସଂଘମିତ୍ରା ସ୍ୱାଇଁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ରାଧାକୃଷ୍ଣ କ୍ଲବ୍ ଆନୁକୂଳରେ ରଜ ଉତ୍ସବ, ସମ୍ବର୍ଦ୍ଧନା ସଭା



ଜଳେଶ୍ୱର(ଭାସ୍କର ନ୍ୟୁଜ): ମାତୃଜାତି ମଧ୍ୟରେ ଉତ୍ସାହ, ଉନ୍ମାଦନା ଓ ନୂତନ ଶକ୍ତି ଜାଗ୍ରତ କରିବା ପାଇଁ ପାଳନ କରାଯାଇଥାଏ ରଜପର୍ବ । ଏହି ଦିନ ଗୁଡ଼ିକର ରୀତିନୀତିରେ ସମ୍ପୂର୍ଣ୍ଣ ଓଡ଼ିଆ ଘରର ଚଳଣି ପ୍ରତିଫଳିତ ହୋଇଥାଏ । କିନ୍ତୁ ଆଧୁନିକତାର ଛାପରେ ଯଦିଓ ପୂର୍ବଭଳି ରଜପର୍ବ ଗାଁରେ ଏକାଠି ପାଳନ କରିବାର ପରମ୍ପରା ଆଉ ନାହିଁ, ତଥାପି ରଜପର୍ବ ପାଇଁ ଉତ୍ସାହ କମିନାହିଁ । ଏହି ପରିପ୍ରେକ୍ଷୀରେ ଜଳେଶ୍ୱର ବ୍ଲକ ଆରୁହା ପଂଚାୟତ ଆରୁହା ଗ୍ରାମର ରାଧାକୃଷ୍ଣ କ୍ଲବ ଆନୁକୂଳରେ ଦୁଇଦିନ ଧରି ରଜ ଉତ୍ସବ ପାଳନ ହୋଇ ଯାଇଛି । ପ୍ରଥମ ଦିନ ୧୪ ତାରିଖ ଶନିବାର ସକାଳ ୭ରୁ ୧୦ ଘଟିକା ମଧ୍ୟରେ କୁନି କୁନି ପିଲାମାନଙ୍କୁ ନେଇ ମିଉଜିକ ଚେୟାର, ଶଙ୍ଖ ଫୁଙ୍କା, ପୁଚି ଖେଳ, ଚାମୁଚ ଦୌଡ଼, ବୁରା ଦୌଡ଼, ଚକଲେଟ ଦୌଡ଼ ହାଣ୍ଡି ଭଙ୍ଗା, ସ୍ଲୋ ସାଇକେଲ ରେଶ, ବଲ ଫିଙ୍ଗା, ଛୁଞ୍ଚି ସୂତା ଦୌଡ଼, ବେଙ୍ଗ ଡିଆଁ ଦୌଡ଼ ପ୍ରଭୃତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ସନ୍ଧ୍ୟାରେ ଗ୍ରାମର କୁନି କୁନି ପିଲାମାନଙ୍କର ରଜ ଦୋଳି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଶେଷରେ କୁନି କୁନି ପିଲା ମାନଙ୍କର ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ୧୫ ତାରିଖ ରବିବାର ସନ୍ଧ୍ୟାରେ ବିଭିନ୍ନ ବିଭାଗର ଭାଗ ନେଇଥିବା କୁନି କୁନି ପ୍ରତିଯୋଗୀ ମାନକୁ ପ୍ରଥମ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ପିଲାମାନଙ୍କୁ କ୍ଲବ ଦ୍ୱାରା ଟ୍ରଫି ସହ ସମ୍ମାନ ପତ୍ର ପ୍ରଦାନ କରାଯିବା ସହିତ ଆରୁହା ହରପ୍ରସାଦ ଏକାଡେମୀର ମେଟ୍ରିକ ପରୀକ୍ଷାରେ ଏ-୨ ରେ ଉତ୍ତୀର୍ଣ୍ଣ ହୋଇ ଥିବା ଜ୍ୟୋତିରଞ୍ଜନ ପତି ଓ ତନୁଶ୍ରୀ ସାମଲଙ୍କୁ କ୍ଲବ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା । ପରେ ପରେ ଭୋଗରାଇର ମିନାକ୍ଷୀ ଡେନ୍ସ ଗ୍ରୁପ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କ୍ଲବ୍‌ର ସଭାପତି ଶୁସାନ୍ତ ବେହେରାଙ୍କ ଅଧ୍ୟକ୍ଷତାରେ ସାମ୍ବାଦିକ ମନୋଜ କୁମାର ଭୂୟାଁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିବା ବେଳେ ସତ୍ୟରଞ୍ଜନ ପତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥଲେ । କ୍ଲବର ସମ୍ପାଦକ ସତ୍ୟନାରାୟଣ ଜେନା, ଲକ୍ଷ୍ମୀକାନ୍ତ ବେହେରା, ବିଶ୍ୱପ୍ରତାପ ସାମଲ, ଦିବ୍ୟଲୋଚନ ବେହେରା, ଶ୍ରୀନିବାସ ବେହେରା, ହେମନ୍ତ ବେହେରା, ଦିଗବିଜୟ ସାମଲ, ତପନ ରାଉଳ, ସପନ ରାଉଳ, ନାରାୟଣ ଦାସ, କୃତିବାସ ବେହେରା, ସତ୍ୟଶିବ ଜେନା, ସନ୍ତୋଷ ଜେନା, ଶଶାଙ୍କ ମହାପାତ୍ର, ମାନସ ମହାପାତ୍ର, ସବ୍ୟସାଚୀ ବେହେରା, ଶ୍ରୀତମ ଦାସ, ନିର୍ମାଲ୍ୟ ସାମଲ ପ୍ରମୁଖ ସଦସ୍ୟ ମାନେ ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ ।

# ବିଦ୍ୟାଳୟ ନିର୍ମାଣ କାର୍ଯ୍ୟରେ ଅନିୟମିତତା ଅଭିଯୋଗ



ଆଳି(ଭାସ୍କର ନ୍ୟୁଜ): କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ ଅନ୍ତର୍ଗତ ସଂସିଧା ଗ୍ରାମପଞ୍ଚାୟତ ଅଧୀନସ୍ଥ ମଙ୍ଗରାଜପୁର ମାନପୁରର ପ୍ରାଥମିକ ବିଦ୍ୟାଳୟ ପୁରୁଣା ଘରର ଛାତକୁ ଭାଙ୍ଗି ନୂଆ ଛାତ ପକାଇବାକୁ ଗ୍ରାମବାସୀ ତୀବ୍ର ବିରୋଧ କରିଛନ୍ତି । ସୂଚନା ଅନୁସାରେ ବିଧାୟକଙ୍କ ପାଣ୍ଠିରୁ ୧୦ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ସ୍କୁଲର ପୁରୁଣା ଘର ମରାମତି ସହ ଛାତ ପକେଇବା ପାଇଁ ବ୍ୟୋବରାଦ ରହିଛି । ଉକ୍ତ ଘର ବିନା ବିମ ସାଇଟ ୱାଲ୍ବିମରେ ପୁରୁଣା ରଡ଼ ଦେଇ ଛାତ ପକାଇବାକୁ ଠିକାଦାର ଉଦ୍ୟମ କରୁଥିବା ଲୋକେ ଅଭିଯୋଗ କରିଛନ୍ତି । ଘଟଣା ସ୍ଥଳକୁ ପଞ୍ଚାୟତ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ମଧ୍ୟ କାମର ତଦାରଖ କରିବାକୁ ଆସୁନଥିବା ଅଭିଯୋଗ ହେଉଛି । ଗ୍ରାମବାସୀଙ୍କ କହିବା ଅନୁଯାୟୀ ପୂର୍ବରୁ ପୁରୁଣା ଘରେ ବର୍ଷା ହେଲା ମାତ୍ରେ ଛାତରୁ ପାଣି ଗଡୁଥିଲା । ଯାହା ଫଳରେ ପଢୁଥିବା ପିଲାମାନେ ବର୍ଷା ହେଲେ ସ୍କୁଲକୁ ଯାଉ ନଥିଲେ ଏକ ପ୍ରକାର ବିପଦ ସଂକୁଳ ଅବସ୍ଥାରେ ପିଲା ପାଠ ପଢୁଥିଲେ । ଏନେଇ ସେମାନେ ବାରମ୍ବାର ପ୍ରଶାସନ ନିକଟରେ ଅଭିଯୋଗ କରିବା ପରେ ବିଧାୟକ ପାଣ୍ଠିରୁ ୧୦ ଲକ୍ଷ ଟଙ୍କା ମଞ୍ଜୁରୀ ହୋଇଥିଲା । ଯାହାକୁ ନେଇ ସେମାନେ ଆଳି ବିଧାୟକଙ୍କୁ କୃତଜ୍ଞତା ମଧ୍ୟ ଜଣାଇଥିଲେ । ଏହାପରେ ଜୈନିକ ଠିକାଦାର କାର୍ଯ୍ୟ ଆରମ୍ଭ କରିଥିଲେ କିନ୍ତୁ ପୂର୍ବରୁ ଥିବା ଶ୍ରେଣୀ ଗୃହ ବିନା ବିମରେ ଥିବାରୁ ସେ ସାଇଟ ବିମ ବିନା ଛାତ ପକାଇବାକୁ ଚେଷ୍ଟା କରିବାରୁ ଗ୍ରାମବାସୀ ଘୋର ବିରୋଧ କରିଛନ୍ତି । ସେମାନଙ୍କ କହିବା ଅନୁସାରେ ବିନା ସାଇଟ ବିମରେ, ପୁରୁଣା ରଡ଼ରେ ଛାତ ପକାଯାଉଛି, ଯାହା ଛାତ୍ରଛାତ୍ରୀଙ୍କ ଜୀବନକୁ ବିପଦ ଆଡକୁ ଠେଲି ଦିଆଯାଉଛି । କାର୍ଯ୍ୟରେ ସୁଧାର ନଆସିଲେ ପିଲା ପଢୁଥିବା ସମୟରେ ଅକସ୍ମାତ କୌଣସି ବି ଦୁର୍ଘଟଣା ଘଟିଯାଇ ପାରେ । ଏନେଇ ସେମାନେ ଠିକାଦାରଙ୍କୁ ବାରମ୍ବାର କହିଥିଲେ ମଧ୍ୟ କାର୍ଯ୍ୟରେ କୌଣସି ସୁଫଳ ପାଇଲେ ନାହିଁ । ଶେଷରେ ବାଧ ହୋଇ ଗ୍ରାମର ବିଜୟ ସେଠୀ, ସୁକାନ୍ତ ସେଠୀ, ଅନିରୁଦ୍ଧ ସେଠୀ, ଅଶୋକ ସେଠୀ, ଗୋଲେଖ ସେଠୀ, ବିରେନ୍ଦ୍ର ସେଠୀ, ଦିନବନ୍ଧୁ ସେଠୀ, ଆଦିକନ୍ଦ ସେଠୀ, ଚକ୍ରଧର ସେଠୀ, ନିରାକାର ସେଠୀ, ମଦନ ସେଠୀ, ପିତାମ୍ବର ସେଠୀ ପ୍ରମୁଖ ଆଳି ବିଡ଼ିଓ ଅବିନାଶ ବିଶ୍ୱଜିତ ସେଠୀ ଏବଂ ବ୍ଲକର ମୁଖ୍ୟଯନ୍ତ୍ରୀଙ୍କୁ ଭେଟି ଅଭିଯୋଗ କରିଥିଲେ । ଏ ନେଇ ଆଳି ବିଡ଼ିଓ ଶ୍ରୀ ସେଠୀ ତାଙ୍କ ପ୍ରତିକ୍ରିୟାରେ ଜଣାଇଛନ୍ତି ମୋ ନିକଟରେ ଅଭିଯୋଗ ହେବା ପରେ ମୋର ନିର୍ଦ୍ଦେଶ କ୍ରମେ ବିଭାଗୀୟ ଯନ୍ତ୍ରୀଙ୍କ ସହ ଜଣେ ଯନ୍ତ୍ରୀ ଓ ଅନ୍ୟ ଜଣେ ସହକାରୀ ଯନ୍ତ୍ରୀ ଘଟଣାସ୍ଥଳକୁ ଯାଇ ତଦନ୍ତକରି ଠିକାଦାରଙ୍କୁ ଠିକ ଢଙ୍ଗରେ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।



# ଆମ କଳାହାଣ୍ଡି





## ବୟସ୍କଙ୍କୁ ଆଇନ ସହାୟତା ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ




ଭବାନୀପାଟଣା, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ୧୫ ତାରିଖ ରବିବାର ଦିନ କଳାହାଣ୍ଡି ଜିଲ୍ଲା ଆଇନ ସେବା ପ୍ରାଧିକରଣ ପରିସର ଠାରେ 'ବିଶ୍ୱ ବୟସ୍କ ନିର୍ଯାତନା ସଚେତନତା ଦିବସ' ପାଳନ କରାଯାଇଥିଲା । ଏହି ଦିବସରେ ବୟସ୍କ ବ୍ୟକ୍ତି ବିଶେଷଙ୍କ ପାଇଁ ବିଭିନ୍ନ ଆଇନ ତଥା ସହାୟତା ସମ୍ପର୍କରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥଲା । ଏଥିରେ ଜାତୀୟ ଆଇନ ସେବା ପ୍ରାଧିକରଣର ଟୋଲ୍ ଫ୍ରି ନମ୍ବର ୧୫୧୦୦ ଓ ରାଜ୍ୟ ଆଇନ ସେବା ପ୍ରାଧିକରଣ ଦ୍ୱାରା ପ୍ରଦାନ କରାଯାଉଥିବା ବିଭିନ୍ନ ଆଇନ ସହାୟତା ଉପରେ ଆଲୋକପାତ କରାଯାଇଥିଲା । ସଚିବ, ଜିଲ୍ଲା ଆଇନ ସେବା ପ୍ରାଧିକରଣ, କଳାହାଣ୍ଡି, ସ୍ନିଗଧା ପଣ୍ଡା, ବରିଷ୍ଠ ନାଗରିକ ମଞ୍ଚ କଳାହାଣ୍ଡିର କର୍ମକର୍ତ୍ତା ଓ ଅନ୍ୟାନ୍ୟ ସଦସ୍ୟ ବୃନ୍ଦ ,ଚିଫ୍ ଲିଗାଲ,ଡେପୁଟି ଚିଫ୍, ଲିଗାଲ ଏଡ୍ ଡିଫେନ୍ସ କାଉନସିଲ, ଆସିଷ୍ଟାଣ୍ଟ ଲିଗାଲ ଏଡ୍ ଡିଫେନ୍ସ କାଉନସିଲ, ଫ୍ରଣ୍ଟ ଅଫିସ ରିଟେନର୍ ଦିପ୍ତୀରାଣୀ ପଟ୍ଟନାୟକ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ଉପସ୍ଥିତ ବରିଷ୍ଠ ନାଗରିକ ମାନଙ୍କୁ ଜାତୀୟ ଆଇନ ସେବା ପ୍ରାଧିକରଣର ଟୋଲଫ୍ରି ନମ୍ବର ବିଷୟରେ ଅବଗତ କରାଇବା ସହ ବିଭିନ୍ନ ଅସୁବିଧା ସମୟରେ ଏହି ନମ୍ବରର ସାହାଯ୍ୟ ନେବାପାଇଁ କହିଥିଲେ । ଶେଷରେ ଏକ ଖୋଲା ଆଲୋଚନାରେ ଉପସ୍ଥିତ ଅତିଥିମାନେ ଅଂଶ ଗ୍ରହଣକାରୀଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ରଖିଥିଲେ ।

## ସାମୂହିକ ଛୁଟି ଆବେଦନ କଲେ ବନ କର୍ମଚାରୀ

## ବନ ବିଭାଗର ବ୍ୟବସ୍ଥାକୁ ପରିବର୍ତ୍ତନ ସହ ଫରେଷ୍ଟ କମିଶନ ଗଠନ ପାଇଁ ଦାବି




ଭବାନୀପାଟଣା, (ଭାସ୍କର ନ୍ୟୁଜ୍) : ସରକାର ଆମ ଦାବି ପ୍ରତି କାନ ଦେଲେ ନାହିଁ । ଫଳ ସ୍ୱରୂପ ଜୁନ ୧୫ ତାରିଖରୁ ୨୨ ତାରିଖ ପର୍ଯ୍ୟନ୍ତ ଅନଶନ ସ୍ୱରୂପ କଳାବ୍ୟାଚ ପରିଧାନ କରି ପ୍ରତିବାଦ କରିବା ସହିତ ଏହି ସମୟରେ କୌଣସି ସଭ୍ୟ କେସ୍ ପ୍ରୋସିକ୍ୟୁସନ୍ ବା, ପେଟ୍ରୋଲିଂ ଭଳି କୌଣସି ବିପଦପୂର୍ଣ୍ଣ କାର୍ଯ୍ୟ କରିବେ ନାହିଁ ବୋଲି ସଂଘ ନନ୍‌ଗେଜେଟେଡ଼ ବନସେବା ସଂଘ ଚେତାବନୀ ଦେବା ସହ ଆନ୍ଦୋଳନ ଶେଷ ହେବା ପର୍ଯ୍ୟନ୍ତ ସାମୂହିକ ଛୁଟିରେ ରହି ସର୍କଲ ଅଫିସ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଧାରଣା ଦେବା ପାଇଁ କଳାହାଣ୍ଡି ଜିଲ୍ଲା ବନଖଣ୍ଡ ଅଧିକାରୀଙ୍କୁ ଛୁଟି ଦରଖାସ୍ତ ଦେଇଛନ୍ତି । ଓଡ଼ିଶା ନନ୍‌ଗେଜେଟେଡ଼ ବନସେବା ସଂଘ ପକ୍ଷରୁ ପୂର୍ବରୁ ଯେଉଁ ୩ଟି ଦାବି ସରକାରଙ୍କ ନିକଟରେ ଉପସ୍ଥାପନ କରାଯାଇଥିଲା ତାହା ଅଦ୍ୟାବଧି ତାହା ପୂରଣ କରାଗଲା ନାହିଁ । ଏଣୁ ସଂଘର ନିର୍ଦ୍ଦେଶ ପ୍ରକାରେ ସଂଘର ଜଣେ ଶୃଙ୍ଖଳିତ ସଭ୍ୟ/ ସଭ୍ୟା ଭାବରେ ସାମୂହିକ ଛୁଟିରେ ଯିବାପାଇଁ ମୁଁ ପ୍ରତିବଦ୍ଧ ଅଟେ । ସଂଘର ନିର୍ଦ୍ଦେଷ ପ୍ରକାରେ ମୁଁ ଆସନ୍ତା ୨୨ତାରିଖ ଠାରୁ ସଂଘର ପରବର୍ତ୍ତୀ ନିର୍ଦ୍ଦେଶ ଆସିବା ପର୍ଯ୍ୟନ୍ତ ସାମୂହିକ ଛୁଟିରେ ରହିବା ପାଇଁ ଆବେଦନ କଲି । ଏହି ସମୟରେ ମୁଁ ସଂଘ ନିର୍ଦ୍ଦେଶ ପ୍ରକାରେ ମୋର ସର୍କଲ ଅଫିସ ସାମ୍ନାରେ ଧାରଣା ଦେବାକୁ ଆପଣଙ୍କ ଦୃଷ୍ଟି ଆକର୍ଷଣ କଲି । ମୁଁ ଛୁଟିରେ ଥିବା ସମୟରେ ଯଦି କୌଣସି ପ୍ରକାର ଜଙ୍ଗଲ, ବନ୍ୟପ୍ରାଣୀ ବା କୌଣସି ସରକାରୀ କ୍ଷତି ଘଟେ ଅଥବା କୌଣସି ଅପ୍ରୀତିକର ପରିସ୍ଥିତି ଆସେ, ସେଥିପାଇଁ ଜନ ପ୍ରଶାସନ ଓ ସରକାର ଦାୟୀ ରହିବେ ବୋଲି ଆପଣଙ୍କ ଗୋଚରାର୍ଥେ ଜଣାଇଲି ବୋଲି ବନ କର୍ମଚାରୀ ମାନଙ୍କ ପକ୍ଷରୁ ପୃଥକ୍ ଭାବେ ଜିଲ୍ଲା ଉତ୍ତର ଓ ଦକ୍ଷିଣ ବନ ଖଣ୍ଡ ଅଧିକାରୀଙ୍କ ଉଦ୍ଦେଶ୍ୟରେ ଦେଇଥିବା ଛୁଟି ଦରଖାସ୍ତରେ ଉଲ୍ଲେଖ କରାଯାଇଥିବା ଦେଖାଯାଇଛି । ଏଠାରେ ପ୍ରକାଶ ଯୋଗ୍ୟ ଯେ ଓଡ଼ିଶା ନନ୍ ?ଗେଜେଟେଡ ବନ କର୍ମଚାରୀ ସଂଘ ପକ୍ଷରୁ ଗତ ୯ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ତିନି ଦଫା ଦାବିପତ୍ର କଳାହାଣ୍ଡି ଜିଲ୍ଲାପାଳଙ୍କ ମାଧ୍ୟମରେ ପ୍ରଦାନ କରାଯାଇଥିଲା । ଢେଙ୍କାନାଳ ହିନ୍ଦୋଳର ବନରକ୍ଷୀ ପ୍ରହଲ୍ଲାଦ ପ୍ରଧାନଙ୍କୁ କାଠ ମାଫିଆମାନେ ନିର୍ମମ ଭାବେ ହତ୍ୟା କରିବା ଘଟଣାକୁ ନିନ୍ଦା କରିବା ସହ ଦୋଷୀ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଥିଲା । ଭୌଗୋଳିକ ଅଞ୍ଚଳ ଓ ଘଞ୍ଚ ଜଙ୍ଗଲ ଅନୁସାରେ ରେଞ୍ଜ, ସେକ୍ସନ୍ ଓ ବିଟ୍‌ର ପୁନର୍ଗଠନ କରାଯିବା ସହ ମୃତ ବନ କର୍ମଚାରୀଙ୍କ ପରିବାରକୁ ଉଚିତ ନ୍ୟାୟ ପ୍ରଦାନ କରିବାକୁ ଦାବି ହୋଇଥିଲା । ତେବେ ଆଗାମୀ ଦିନରେ ସରକାର ଯଦି ତାଙ୍କ ଦାବି ପୂରଣ ନକରନ୍ତି, ତେବେ ଜୁନ ୧୫ରୁ କଳା ବ୍ୟାଜ ପିନ୍ଧି କାମ କରିବେ କିନ୍ତୁ କୌଣସି ବିପଦପୂର୍ଣ୍ଣ କାମ କରିବେ ନାହିଁ । ୨୨ ତାରିଖ ତାରିଖ ଠାରୁ ସର୍କଲ କାର୍ଯ୍ୟାଳୟ ସମ୍ମୁଖରେ ୟୁନିଫର୍ମ ଓ କଳା ବ୍ୟାଜ ପିନ୍ଧି ସାମୂହିକ ଛୁଟି ନେଇ ଧାରଣାରେ ବସିବେ । ଏହା ପରେ ମଧ୍ୟ ସରକାର ଉପେକ୍ଷା ଯଦି କଲେ ତେବେ ଭୁବନେଶ୍ୱର ରାଜରାସ୍ତାରେ ଆନ୍ଦୋଳନ କରିବେ ବୋଲି ରାଜ୍ୟ ସଂଘ ଉପସଭାପତି ଭବାନୀ ଶଙ୍କର ପରିଛା କହିଛନ୍ତି । ଭବାନୀପାଟଣା ଜୋନର ସଭାପତି ବିଶ୍ୱମୋହନ ପାଢ଼ୀ, ସମ୍ପାଦକ ସୁଶିଲ ମହାନନ୍ଦଙ୍କ ସମେତ ଜୋନ ଅନ୍ତର୍ଗତ ୧୧ଟି ଡିଭିଜନର ସଂଘ କର୍ମକର୍ତ୍ତା ଗତ ୧୫ ତାରିଖ ସମୂହ ଛୁଟି ଦରଖାସ୍ତ କରିଥିବା ବେଳେ ଏହି କର୍ମଚାରୀ ମାନେ କଳାହାଣ୍ଡି ସାଂସଦ ମାଳବିକା ଦେବୀଙ୍କୁ ମଧ୍ୟ ଭେଟିଥିବା ତାଙ୍କ ଦାବୀ ସମ୍ପର୍କରେ ଆଲୋଚନା କରିଥିବା ଜଣାପଡିଛି ।

## ଟେଣ୍ଡାପାଲି ପଞ୍ଚାୟତରେ ବିକାଶ ବାହନ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ



ଧର୍ମଗଡ (ଭାସ୍କର ନ୍ୟୁଜ) : ଧର୍ମଗଡ ବ୍ଲକ ଟେଣ୍ଡାପାଲି ପଞ୍ଚାୟତ ସାନକେନ୍ଦୁଗୁଡା ଗ୍ରାମ ପଞ୍ଚାୟତ ପରିସରରେ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଉପଲବ୍ଧି ଓ ବିକାଶ ବାହନ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ସୋମବାର ଦିନ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଧର୍ମଗଡ଼ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସଦାଶିବ ନାୟକ, ସମ୍ମାନିତ ଅତିଥି -ଜିଲ୍ଲା ପରିଷଦ ଶଙ୍କର ଜୁଏଡ଼, ଜିପିଡିଓ ଦେବୀ ପ୍ରସାଦ ମେହେର, ସାଂସଦ ପ୍ରତିନିଧି ଘନଶ୍ୟାମ ପଟେଲ, ପର୍ଲା ବିଜେପି ମଣ୍ଡଳ ସଭାପତି ଅକ୍ଷୟ ମେହେର, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଗୌରାଙ୍ଗ ନାଗ ପ୍ରମୁଖ ଉପସ୍ଥିତ ରହି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତିର ଅନେକ ଉପଲବ୍ଧି ବିଷୟରେ ଅଭିଭାଷଣ ରଖିଥିଲେ । ନୂତନ ସରକାର ଗଠନ ହେବା ପରେ ଏକ ବର୍ଷ ପୂର୍ତ୍ତିରେ ୯ଟି ବିଭିନ୍ନ ଯୋଜନାର ଉପଲବ୍ଧି ସାଧାରଣଙ୍କ ସମ୍ମୁଖରେ ଉପସ୍ଥାପନ କରିଥିଲେ । ସେଥିମଧ୍ୟରୁ ସୁଭଦ୍ରା, ଖଡିଛୁଆ, ଅନ୍ତୋଦୟଗୃହ, ଆୟୁଷମାନ ଭାରତ, ସିନିୟରସିଟିଜେନ୍ ଭତ୍ତା, ପିଏମ୍ ଜନମନ, ଲକ୍ଷପତି ଦିଦି ଓ ପିଏମ୍ ସୌର ଘର ଆଦି ରହିଥିବା ଉଲ୍ଲେଖ କରିଥିଲେ । କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ପଦାଧିକାରୀ, ଏସ୍‌ଏସ୍‌ଜି ମହିଳା, ଅଙ୍ଗନବାଡି କର୍ମୀ, ଆଶା କର୍ମୀ ସମେତ ସାଧାରଣ ଜନତାଙ୍କ ସମାଗମ ରହିଥିବା ଜଣାପଡିଛି ।

## ପଞ୍ଚାୟତସ୍ତରୀୟ ଜନଶୁଣାଣିରେ ହ୍ୱିଲ ଚେୟାର ବଣ୍ଟନ



ଧର୍ମଗଡ (ଭାସ୍କର ନ୍ୟୁଜ) : ଧର୍ମଗଡ ବ୍ଲକ ପର୍ଲା ଗ୍ରାମ ପଞ୍ଚାୟତ ପ୍ରାଙ୍ଗଣରେ ପଞ୍ଚାୟତ ସ୍ତରୀୟ ଯୁଗ୍ମ ଜନଶୁଣାଣି ଓ ସମାଧାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଗୋଷ୍ଠୀ ଉନ୍ନୟନ ଅଧିକାରୀ ସଦାଶିବ ନାୟକଙ୍କ ଅଧ୍ୟକ୍ଷତାରେ ଶିବିର ଅନୁଷ୍ଠିତ ହୋଇଥିବା ବେଳେ ବିଭିନ୍ନ ବିଭାଗରୁ ପଦାଧିକାରୀ ମାନେ ଉପସ୍ଥିତ ରହିଥିଲେ । ଏଥିରେ ବିଭିନ୍ନ ସମସ୍ୟା ଭିତ୍ତିକ ଅଭିଯୋଗ ସମେତ ସାମୁହିକ, ବ୍ୟକ୍ତିଗତ ଅଭିଯୋଗ ହୋଇଥିଲା । ବିଶେଷ କରି ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ବାର୍ଦ୍ଧକ୍ୟ ଭତ୍ତା, ଜମି ମରାମତି, ବରିଷ୍ଠ ନାଗରିକ ଭତ୍ତା ଭିତ୍ତିକ ଦରଖାସ୍ତ ରହିଥିଲା । ୭ଟି ଦରଖାସ୍ତର ତୁରନ୍ତ ସମାଧାନ ହୋଇଥିବା ବେଳେ ଦିବ୍ୟାଙ୍ଗ ରେବତୀ ପୋଡ଼ଙ୍କୁ ହ୍ୱିଲ ଚ୍ୟାୟାର ପ୍ରଦାନ କରାଯିବା ସହ ଅନେକ ଅଭିଯୋଗର ସମାଧାନ ଖୁବଶୀଘ୍ର ହେବା ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୂଚନା ଦେଇଛନ୍ତି । ସରପଞ୍ଚ ବ୍ରିଜଲାଲ ନାଏକ କାର୍ଯ୍ୟକ୍ରମର ପ୍ରମୁଖ ଭୂମିକା ତୁଲାଇ ଥିବା ବେଳେ ପଞ୍ଚାୟତ କାର୍ଯ୍ୟନିବାହି ଅଧିକାରୀ କ୍ଷେତ୍ର ମୋହନ ବିହାରୀ ,ଏଡିଓ - ବିଶ୍ୱଦୀପ ପାଣିଗ୍ରାହୀ ସହଯୋଗ କରିଥିଲେ । ଏହି ଶିବିରରେ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଧରିତ୍ରୀ ପାଣିଗ୍ରାହୀ ସମେତ ସମିତି ସଭ୍ୟା ପୂର୍ଣ୍ଣମୀ ଧରୁଆ, କନିଷ୍ଠ ଯନ୍ତ୍ରୀ ରୋମାଂଚଳ ଭୋଇ, ସମସ୍ତ ଅଙ୍ଗନବାଡି କର୍ମୀ ଆଶା କର୍ମୀ ପ୍ରମୁଖ ଉପସ୍ଥିତ ରହିଥିଲେ ।

## ମୌଳିକ ସୁବିଧାରୁ ବଞ୍ଚିତ ଚାବୃପଡା ଗ୍ରାମବାସୀ

କୋକସରା, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ କାଉଡୋଲା ପଞ୍ଚାୟତର ଏକ ହେମଲେଟ ଗ୍ରାମ ହେଉଛି ଚାବୃପଡା । କାଉଡୋଲା ପଞ୍ଚାୟତ ସଦର ମହକୁମାଠାରୁ ମାତ୍ର ୩ କିମି ଦୂରରେ ଅବସ୍ଥିତ । ଗାଁରେ ବସବାସ କରନ୍ତି ପ୍ରାୟ ୧୫/୨୦ ପରିବାର । ପାଖାପାଖି ୨୦୦ ଜନବସତି । କିନ୍ତୁ ଅବହେଳିତ ହୋଇ ରହିଛି ଗାଁ ଚାବୃପଡା । ତେବେ ସ୍ୱାଧୀନତାର ୭ ଦଶନ୍ଧି ପରେ ମଧ୍ୟ ଏହି ଗାଁକୁ ପକ୍କା ରାସ୍ତା ଖଣ୍ଡେ ନାହିଁ । ଅତି ଶୋଚନୀୟ ମାଟି କାଦୁଅ ରାସ୍ତା ଦେଇ ଯାତାୟାତ କରୁଛନ୍ତି ଗ୍ରାମବାସୀ । ଦୈନନ୍ଦିନ ଜୀବନରେ ଏହି ରାସ୍ତା ଦେଇ ବ୍ଲକ ସଦର ମହକୁମା, ବ୍ୟାଙ୍କ, ସ୍ୱାସ୍ଥ୍ୟ କେନ୍ଦ୍ର, ସ୍କୁଲ, କଲେଜ, ପଞ୍ଚାୟତକୁ ରାସନ ସାମଗ୍ରୀ ପାଇଁ, ଦୋକାନ ବଜାରକୁ ଯିବାପାଇଁ ଏହି ରାସ୍ତା ଉପରେ ନିର୍ଭର କରନ୍ତି । ଅନ୍ୟପଟେ ଗାଁରେ ଥିବା ପ୍ରାଥମିକ ବିଦ୍ୟାଳୟ ମଧ୍ୟ ଛାତ୍ରଛାତ୍ରୀ କମ୍ ଥିବା ନେଇ ଶିକ୍ଷା ବିଭାଗ ପକ୍ଷରୁ ସ୍କୁଲ ବନ୍ଦ କରି ଦେବା ପରେ ଏବେ ଏହି ଗ୍ରାମରେ ଥିବା ପିଲାଏ ଜଙ୍ଗଲ ରାସ୍ତା ଦେଇ ବିପଦପୂର୍ଣ୍ଣ ଭାବେ କାଉଡୋଲା ଠାରେ ଥିବା ପ୍ରାଥମିକ ବିଦ୍ୟାଳୟକୁ ପଢିବା ପାଇଁ ଯାଉଛନ୍ତି । ତେବେ ଅନେକ ଅଭିଭାବକ ମାନେ ନିଜର ପିଲାଙ୍କୁ ଜଙ୍ଗଲ ରାସ୍ତା ଦେଇ ସ୍କୁଲ ଯିବା ପାଇଁ ସୁରକ୍ଷିତ ମଣୁ ନଥିବା କହିଛନ୍ତି । ନିକଟରେ ଥିବା ଗିରି ଗୋବର୍ଦ୍ଧନ ଜଙ୍ଗଲରେ ଅନେକ ସମୟରେ ଭାଲୁ ବିଚରଣ କରୁଥିବା ବେଳେ ପିଲାଙ୍କ ପାଇଁ ପାଦେ ପାଦେ ବିପଦ ରହିଛି । ଏଣୁ ବନ୍ଦ ପଡିଥିବା ସ୍କୁଲକୁ ପୁନର୍ବାର ଖୋଲିବା ପାଇଁ ଗ୍ରାମବାସୀମାନେ ଦାବି କରିଛନ୍ତି । କାଉଡୋଲା ଠାରୁ ଗାଁକୁ ସଂଯୋଗ କରୁଥିବା ରାସ୍ତା ବର୍ଷା ଦିନରେ କାଦୁଅ ପଚ ପଚ ହୋଇ ଶୋଚନୀୟ ହୋଇ ପଡୁଥିବା ବେଳେ ଯାତାୟାତରେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଗ୍ରାମବାସୀ । ଜିଲ୍ଲା ପ୍ରଶାସନ ସଡକ ଯୋଜନାରେ ଏହି ରାସ୍ତାକୁ ଅନ୍ତର୍ଭୁକ୍ତ କରି ପକ୍କା ରାସ୍ତା ନିର୍ମାଣ କରିବା ପାଇଁ ମଧ୍ୟ ଚାବୃପଡା ଗ୍ରାମବାସୀ ଦାବି କରିଛନ୍ତି ।



## ବର୍ଷ ପୂର୍ତ୍ତି ଅବସରରେ ସଂକଳ୍ପ ସଭା



କେସିଙ୍ଗା, (ଭାସ୍କର ନ୍ୟୁଜ୍) : କେନ୍ଦ୍ର ସରକାରଙ୍କ ୧୧ ବର୍ଷ ଓ ରାଜ୍ୟ ସରକାରଙ୍କ ୧ବର୍ଷ ପୂର୍ତ୍ତି ଅବସରରେ ବିକଶିତ ଭାରତ, ବିକଶିତ ଓଡ଼ିଶାର ସଂକଳ୍ପ ସଭା ବୋରିଆ ମଣ୍ଡଳ ପକ୍ଷରୁ ଆୟୋଜିତ ହୋଇଯାଇଛି । କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ୍ ଅନ୍ତର୍ଗତ କିକିଆ ପଞ୍ଚାୟତ ଡଙ୍ଗରମୂର୍ଲି ସ୍ଥିତ ଶ୍ରୀ ଶ୍ରୀ ପାତାଳେଶ୍ୱର ଶୈବପୀଠ ପରିସରରେ ଏହି ସଂକଳ୍ପ ସଭା ଆୟୋଜନ କରାଯାଇଛି । ବୋରିଆ ମଣ୍ଡଳ ସଭାପତି ଝସକେତନ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କଳାହାଣ୍ଡି ଜିଲ୍ଲା ବିଜେପି ଜିଲ୍ଲା ସଭାପତି ଯୁଗଳ କିଶୋର ପୋଢ, ଜିଲ୍ଲା ଉପସଭାନେତ୍ରୀ ନିରୂପମା ସାମଲ, କେସିଙ୍ଗା ବ୍ଲକ ଅଧ୍ୟକ୍ଷ ଚନ୍ଦନ କୁମାର ସେନାପତି, ପୂର୍ବତନ ବ୍ଲକ ଅଧ୍ୟକ୍ଷ ରୋହିତ କୁମାର ଭୋଇ,କୃଷକ ମୋର୍ଚ୍ଚା ପୂର୍ବତନ ଜିଲ୍ଲା ସଭାପତି ବସନ୍ତ କୁମାର ପୁରୋହିତ, ଜିଲ୍ଲା ଓବିସି ମୋର୍ଚ୍ଚା ପୂର୍ବତନ ସଭାପତି ବଂଶୀ ପାଣି ସାହା, ରାଜ୍ୟ ସଂଯୋଜକ ଶଶାଙ୍କ ମହଲା ପ୍ରମୁଖ ଅତିଥି ଭାବେ ମଞ୍ଚାସିନ ରହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଜେପି ଜିଲ୍ଲା ବରିଷ୍ଠ କାର୍ଯ୍ୟକର୍ତ୍ତା ରୁପେଶ ଜୈନ, ନରହରି ଭୋଇ, ଲଇତରା ପଞ୍ଚାୟତ ସରପଞ୍ଚ ତଥା ବୋରିଆ ମଣ୍ଡଳର ଜିଲ୍ଲା ପ୍ରତିନିଧି ଅଶୋକ କୁମାର ପୋଢ, ସିରୋଲ ପଞ୍ଚାୟତ ସମିତି ସଭ୍ୟ ପ୍ରତାପ ବାଗ, ମାଧବ ସାହା, ଗୁଣନିଧି ଭାଟି ପ୍ରମୁଖ ସଭାରେ ମଞ୍ଚାସିନ ହୋଇଥିଲେ । ମଣ୍ଡଳସ୍ତରୀୟ ସଙ୍କଳ୍ପ ସଭାରେ ଦଳର ଶତାଧିକ କାର୍ଯ୍ୟକର୍ତ୍ତା ଯୋଗଦାନ କରିଥିବା ଜଣାପଡ଼ିଛି ।

## କାହ୍ନୁ ଚରଣ ସାହୁଙ୍କୁ ଶବ୍ଦ ଭାରତୀ ସମ୍ମାନ




କର୍ଲାମୁଣ୍ଡା, (ଭାସ୍କର ନ୍ୟୁଜ୍) : କେନ୍ଦୁଝର ଜିଲ୍ଲାର ଗଦାଧରପୁରସ୍ଥ ମା ତାରିଣୀ ସାହିତ୍ୟ ସଂସଦ ଓ ଯାଜପୁର ଜିଲ୍ଲା, ନଗୁଆଁର ଜଗନ୍ନାଥ ସାହିତ୍ୟ ସଂସଦର ମିଳିତ ସହଯୋଗରେ ସ୍ଥାନୀୟ ଜଗତଜନନୀ ମାଆ ତାରିଣୀ ପୀଠ, ଘଟଗାଁ ମନ୍ଦିର ପରିସରରେ ଥିବା କଲ୍ୟାଣ ମଣ୍ଡପ ଠାରେ ଚତୁର୍ଥ ବାର୍ଷିକ ମହୋତ୍ସବ ୨୦୨୪-୨୫ ମହାସମାରୋହରେ ପାଳିତ ହୋଇଯାଇଛି । ଉକ୍ତ ମହୋତ୍ସବରେ କଳାହାଣ୍ଡି ଜିଲ୍ଲା ମ.ରାମପୁର ବ୍ଲକ ସ୍ଥିତ ପଣ୍ଡକାମାଳ ଗ୍ରାମର ପିତା ସଂକୀର୍ତ୍ତନ ସାହୁ ଓ ମାତା ଶାନ୍ତି ସାହୁଙ୍କ ପୁଅ କାହ୍ନୁ ଚରଣ ସାହୁଙ୍କୁ ମା' ତାରିଣୀ ସାହିତ୍ୟ ସଂସଦ ତରଫରୁ 'ଶବ୍ଦ ଭାରତୀ ସମ୍ମାନ-୨୦୨୫' ସମ୍ମାନରେ ସମ୍ମାନିତ କରାଯାଇଛି । ଏହା ସହ ଜଗନ୍ନାଥ ସାହିତ୍ୟ ସଂସଦର କର୍ମକର୍ତ୍ତା ଶ୍ରୀ ସାହୁଙ୍କୁ ଶୁଭେଚ୍ଛା ପୂର୍ବକ 'ଜଗନ୍ନାଥ ସ୍ମୃତି କୈବଲ୍ୟ' ପତ୍ର ପ୍ରଦାନ କରିଛନ୍ତି । ଶ୍ରୀସାହୁଙ୍କ ପିଲାଟି ଦିନରୁ ସାହିତ୍ୟ ପ୍ରତି ବେଶ୍ ରୁଚି ରହିଛି । ସ୍କୁଲ ସମୟରୁ ଲେଖାଲେଖି କରିବା ସହ କଲେଜ ସମୟରେ ଅନେକ ସାହିତ୍ୟ ପ୍ରେମୀଙ୍କ ସଂସ୍ପର୍ଶରେ ଆସି ସାହିତ୍ୟକୁ ନେଇ ସୃଷ୍ଟି କରି ପାରିଛନ୍ତି ନିଜର ସ୍ୱତନ୍ତ୍ର ପରିଚୟ । ତାଙ୍କ ଦ୍ୱାରା ରଚିତ ବହୁ କବିତା ଓ ଗଳ୍ପ ଓଡ଼ିଶା ସମେତ ଓଡିଶା ବାହାରର ବିଭିନ୍ନ ପତ୍ର ପତ୍ରିକାରେ ପ୍ରକାଶିତ ହେବା ସହ ଅନେକ ପାଠକ ପାଠିକାଙ୍କୁ ଆକର୍ଷିତ କରିପାରିଛି । ସେ ଓଡ଼ିଆ ସହ କୋଶଲି ଓ ହିନ୍ଦୀ ଭାଷାରେ ମଧ୍ୟ ଲେଖାଲେଖି କରି ଆସୁଛନ୍ତି । ତାଙ୍କ କବିତା ଗଳ୍ପରେ ବାରି ହୋଇ ପଡେ ଗାଁରୁ ସହର, ମାଟିରୁ ଅନ୍ତରୀକ୍ଷ ଯାଏଁ ମଣିଷର ଜୀବନ୍ ଗାଥା । ଏଥିସହ ସେ ପ୍ରେମ, ବିରହ, ପ୍ରକୃତି, ସଂସ୍କୃତି ଓ ପରମ୍ପରାକୁ ନେଇ ଲେଖାଲେଖି କରିବାକୁ ଖୁବ୍ ଭଲ ପାଆନ୍ତି । ଏଥିପାଇଁ ସେ ବହୁ ସାହିତ୍ୟ ଅନୁଷ୍ଠାନ ଠାରୁ ସମ୍ମାନିତ ମଧ୍ୟ ହୋଇଛନ୍ତି । କଲେଜରେ ପଢିବା ସମୟରେ ଓଡ଼ିଆ ଭାଷା ସାହିତ୍ୟକୁ ବିଶ୍ୱର କୋଣ ଅନୁକୋଣରେ ବସବାସ କରୁଥିବା ଓଡ଼ିଆ ପ୍ରେମୀଙ୍କ ପାଖରେ ପହଞ୍ଚେଇବାର ନିଆରା ପ୍ରୟାସ କରି ପ୍ରତିଷ୍ଠା କରିଥିଲେ 'ସୃଷ୍ଟି ସମ୍ଭାର ଡିଜିଟାଲ ପତ୍ରିକା' । ଯାହା ପ୍ରତିଟି ସ୍ତରର ଲେଖକ ଲେଖିକାଙ୍କ ପାଖରେ ପହଁଚି ତାଙ୍କ ସୃଜନୀ ଶୈଳୀକୁ ଲୋକଲୋଚନକୁ ଆଣିବାରେ ସଫଳ ହୋଇ ପାରିଛି । ଓଡ଼ିଆ ଭାଷା ସାହିତ୍ୟରେ ଉଲ୍ଲଖନୀୟ ପ୍ରଚାର ପ୍ରସାର, ଲେଖାଲେଖି ଓ ସମ୍ପାଦନା ଦିଗରେ କାର୍ଯ୍ୟରତ ପାଇଁ ଶ୍ରୀ ସାହୁଙ୍କୁ ଉକ୍ତ ସମ୍ମାନ ପ୍ରଦାନ କରାଯାଇ ଥିବାର ମତବ୍ୟକ୍ତ କରନ୍ତି ମା ତାରିଣୀ ସାହିତ୍ୟ ସଂସଦର ପ୍ରାଣ ପ୍ରତିଷ୍ଠାତା ରାମନାରାୟଣ ଶର୍ମା । ଉକ୍ତ ସୃଜନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ସାହିତ୍ୟିକ ଦେବାଶିଷ ଚକ୍ରବର୍ତ୍ତୀ, ମୁଖ୍ୟବକ୍ତା ଭାବେ ଅବସର ପ୍ରାପ୍ତ ପ୍ରଶାସନିକ ଅଧିକାରୀ ପ୍ରକାଶ ଚନ୍ଦ୍ର ମିଶ୍ର, ସମ୍ମାନିତ ଅତିଥି ରୂପେ ଆଧାତ୍ମିକ ଓ ପୌରାଣିକ ଶାସ୍ତ୍ର ବ୍ୟାଖ୍ୟାକାର ବାବାଜୀ ଚରଣ ଦାସ ଓ ବିରଜାକୃପା ସାହିତ୍ୟ ସଂସଦର ସଭାପତି ବିଦ୍ୟୁତ୍ ପ୍ରଭା ମିଶ୍ର ଯୋଗଦେଇ ଓଡ଼ିଆ ଭାଷା ସାହିତ୍ୟର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ । ଅତିଥିମାନଙ୍କ କର କମଳରେ ଅନୁଷ୍ଠାନର ମୁଖପତ୍ର ଉନ୍ମୋଚିତ ହେଇଥିବା ବେଳେ ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ବହୁ କବି କବୟିତ୍ରୀ ଉକ୍ତ ସମାରୋହରେ ସାମିଲ ହୋଇ ସ୍ୱରଚିତ କବିତା ଆବୃତ୍ତି କରି ଜିଣିପାରିଥିଲେ ସଭିଙ୍କ ହୃଦୟ ।

## ଛଞ୍ଚାଣବାହାଲି ଆଞ୍ଚଳିକ ଯାଦବ ସମିତି ପୁନଃଗଠିତ



ଧର୍ମଗଡ଼, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବ୍ଲକ ଛଞ୍ଚାଣବାହାଲି ଠାରେ ଆଞ୍ଚଳିକ ଯାଦବ ସମିତିର ନୂତନ କର୍ମକର୍ତ୍ତା ଚୟନ ହୋଇଯାଇଛି । ପୂର୍ବତନ ସଭାପତି କମଲୁ ଗୋପାଳଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ଲକ ସଭାପତି ଶଙ୍କର ପ୍ରସାଦ ଯୁଆଡ, ବ୍ଲକ ସମ୍ପାଦକ ପତିରାମ ହଂସ, ବଡ଼ଘୁମେର ଆଞ୍ଚଳିକ ସଭାପତି ନିରାକାର ଗୋପାଳ, ବେହେରା ଆଞ୍ଚଳିକ ସଭାପତି ଗୌରବାଗ, ଯାଦବ ପୂଜକ ତୁଳସିରାମ ଯୁଏଡଙ୍କ ଉପସ୍ଥିତରେ ନୂତନ ଛଞ୍ଚାଣ ବାହାଲୀ ଆଞ୍ଚଳିକ ଯାଦବ ସମିତି ଗଠିତ ହୋଇଯାଇଛି । ସର୍ବସମ୍ମତି କ୍ରମେ ଉଛବ ହଂସଙ୍କୁ ସଭାପତି ଭାବେ ମନୋନୀତ କରାଯାଇଥିବା ବେଳେ ସମ୍ପାଦକ ଭାବେ ଗୋଲାପ ବାଗ, ଉପସଭାପତି ଗୋବର୍ଦ୍ଧନ ପୋଡ଼, ସହସମ୍ପାଦକ ଧବଳେଶ୍ୱର ପୋଡ଼, କୋଷାଧକ୍ଷ ଅଭିମନ୍ୟୁ ବାଗଙ୍କୁ ମନୋନୀତ କରାଯାଇଛି । ଆଗାମୀ ଦିନରେ ଯାଦବ ସମାଜର କୁସଂସ୍କାର ଦୂର କରି ଶିକ୍ଷା, ସ୍ୱାସ୍ଥ୍ୟ,ସାମାଜିକ ରୀତିନୀତିରେ ପରିବର୍ତ୍ତନ ଆଣି ସୁନ୍ଦର ଓ ସ୍ୱଚ୍ଛ ସମାଜ ଗଠନ ପାଇଁ ସମସ୍ତ କର୍ମକର୍ତ୍ତା ପ୍ରତିଶୃତି ଦେଇଥିଲେ, କାର୍ଯ୍ୟକ୍ରମକୁ ନୀଳାମ୍ବର ପୋଡ଼, ଶୀଧେଶ୍ୱର ଭଇସାଲ, ମହତ ରାମ ପୋଡ଼, ଅନନ୍ତରାମ ପୋଡ଼, କିଶୋର ଭଇସାଲ, ମଦନ ହଂସ, ଚୌବନ ପୋଡ଼, ଅକ୍ରୁର ପୋଡ଼, ସିମାଞ୍ଚଳ ବାରିକ ସହଯୋଗ କରିଥିବାବେଳେ ଛଞ୍ଚାଣ ବାହାଲୀ, ପଳସପାଣି, ବେହେରାଗୁଡା, ନାଗପଡା, ଚନମୁଣ୍ଡା, ରାବଣଗୁଡା ଗ୍ରାମର ଯାଦବ କର୍ମକର୍ତ୍ତା ଉପସ୍ଥିତ ରହିଥିଲେ ।

## ରାଶିଫଳ

ମଙ୍ଗଳବାର, ୧୭ ଜୁନ୍ ୨୦୨୫



**ମେଷ:** ପରିଶ୍ରମର ଫଳ ମିଠା ହେବ । ସାମାଜିକ କାର୍ଯ୍ୟରେ ଆଗ୍ରହୀ ହେବେ । ଆପଣଙ୍କପ ସମ୍ମାନ ମିଳିବ । ବ୍ୟବସାୟ ଇଚ୍ଛାକୃତ ଲାଭ ପ୍ରଦାନ କରିବ । ଜଣେ ପ୍ରଭାବଶାଳୀ ବ୍ୟକ୍ତିଙ୍କ ପରିଚୟ ବୃଦ୍ଧି ପାଇବ । ଶାରୀରିକ କଷ୍ଟ ସମ୍ଭାବନା । ଅଜ୍ଞାତ ଭୟ ହନ୍ତସନ୍ତ କରିବ । ଚିନ୍ତା ଏବଂ ଟେନସନ ରହିବ ।



**ବୃଷ:** ଆପଣ ଦୂରରୁ ସୁଖଦ ସୂଚନା ପାଇପାରିବେ । ଅତିଥିମାନେ ଘରେ ପହଞ୍ଚିବେ । ଆତ୍ମବିଶ୍ୱାସ ବୃଦ୍ଧି ପାଇବ । ବିପଦ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ । ବଡ କାମ କରିବାକୁ ଇଚ୍ଛା କରିବେ । ପରିବାର ସହାୟତା ଯୋଗାଇ ଦିଆଯିବ ।



**ମିଥୁନ:** ନୂତନ ପୋଷାକ କିଣିବା ଉପରେ ଖର୍ଚ୍ଚ ହେବ । ଯାତ୍ରା ଚିତ୍ତାକର୍ଷକ ହେବ । ଆପଣଙ୍କର ଭାଇମାନଙ୍କ ସମର୍ଥନ ପାଇବେ । ବିପଦ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ । ଘର ବାହାରେ ଖୁସିର ପରିବେଶ ରହିବ । ନୂତନ ବନ୍ଧୁ ସୃଷ୍ଟି ହେବ । ଏକ ନୂତନ ଉଦ୍ୟମ ଆରମ୍ଭ କରିବାକୁ ଯୋଜନା ହୋଇପାରେ ।




**କର୍କଟ:** ପାରିବାରିକ ଚିନ୍ତାଧାରା ରହିବ । କାରବାରରେ ତତ୍ପର ହୁଅନ୍ତୁ ନାହିଁ । ଆବଶ୍ୟକ ଦ୍ରବ୍ୟ ହଜିଯାଇ ପାରେ । ବିବାଦକୁ ପ୍ରୋତ୍ସାହିତ କରନ୍ତୁ ନାହିଁ । ଜଣେ ବ୍ୟକ୍ତିଙ୍କ ଉତ୍ତେଜନାରେ ଆସନ୍ତୁ ନାହିଁ । ଆଜି କୌଣସି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଅନ୍ତୁ ନାହିଁ ।



**ସିଂହ:** ପରିବାର ଏବଂ ସାଙ୍ଗମାନଙ୍କ ସହିତ ଏକ ମନୋରମ ଯାତ୍ରା ଆୟୋଜିତ ହୋଇ ପାରିବ । ବନ୍ଦ ହୋଇଥିବା ଅର୍ଥ ହେଉଛି ପ୍ରାପ୍ତିର ପରିମାଣ । ସାଙ୍ଗମାନଙ୍କ ସାହାଯ୍ୟରେ କାର୍ଯ୍ୟ ସମାପ୍ତ ହେବ । ଏକ ନୂତନ କାର୍ଯ୍ୟ ଆରମ୍ଭ କରିବାକୁ ଯୋଜନା ହେବ । ଏହି କାର୍ଯ୍ୟ ଉଚ୍ଚ ପଦାଧିକାରୀଙ୍କ ପ୍ରଶଂସା ପାଇବେ । ସମୟ ଅନୁକୂଳ ଅଟେ ।



**କନ୍ୟା:** କର୍ମକ୍ଷେତ୍ରରେ ପରିବର୍ତ୍ତନ ସମ୍ଭବ । ଆଜିର ଯୋଜନା ସଫଳ ହେବ । ବ୍ୟବସାୟ ଅଭିବୃଦ୍ଧିକୁ ବିଚାର କରାଯାଇପାରେ । ଅଧିକାରୀମାନେ ଚାକିରିରେ ଖୁସି ହେବେ । ଅଧସ୍ତନମାନଙ୍କ ସହଯୋଗ ଯୋଗାଇ ଦିଆଯିବ । ପାରିବାରିକ ଚିନ୍ତାଧାରା ରହିବ । ବ୍ୟବସାୟରେ ଅନୁକୂଳ ଲାଭ ହେବ । ଉତ୍ସାହ ଏବଂ ସୁଖ ରହିବ ।



**ତୁଳା:** ଏକ ଧାର୍ମିକ ସ୍ଥାନକୁ ଯାତ୍ରା ଯୋଜନା କରାଯାଇପାରେ । ସତସଙ୍ଗର ଲାଭ ହେବ । ପରିବାର ସହାୟତା ଉପଲବ୍ଧ ହେବ । ଘର ବାହାରେ ଶାନ୍ତି ଏବଂ ସୁଖ ରହିବ । ଜଣେ ପ୍ରଭାବଶାଳୀ ବ୍ୟକ୍ତିଙ୍କ ମାର୍ଗଦର୍ଶନ ସହାୟକ ହେବ । ଟଙ୍କା ପାଇବାରେ ବାଧା ଦୂର ହେବ ।




**ବିଛା:** ଆଘାତ ଏବଂ ଦୁର୍ଘଟଣାରୁ କ୍ଷତି ସମ୍ଭବ । ବେପରୁଆ ହୁଅନ୍ତୁ ନାହିଁ । ଜଣେ ବ୍ୟକ୍ତିଙ୍କ ସହିତ ଏକ ଅର୍ଥହୀନ ବିବାଦ ହୋଇପାରେ । ମାନସିକ ଦୁଃଖ ଆସିବ । ମୂଲ୍ୟବାନ ସାମଗ୍ରୀକୁ ସୁରକ୍ଷିତ ରଖନ୍ତୁ । ବିପଦ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ । ଚିନ୍ତା ଏବଂ ଟେନସନ ରହିବ । ଆୟ ହ୍ରାସ ହୋଇପାରେ । ବ୍ୟବସାୟ ଭଲ କରିବ । ଲୋକଙ୍କଠାରୁ ଅଧିକ ଆଶା କରନ୍ତୁ ନାହିଁ ।



**ଧନୁ:** ଶୀଘ୍ର କାର୍ଯ୍ୟ କଲେ ତାହା ଖରାପ ହେବ ଏବଂ ସମସ୍ୟା ବଢିପାରେ । ବିଭିନ୍ନ କ୍ଷେତ୍ରରେ ବିରୋଧ ହେବ । ପ୍ରେମ ସଂପର୍କରେ ସୁସଙ୍ଗତତା ରହିବ । ବାହାରକୁ ଯିବାକୁ ଯୋଜନା ହେବ । ଜଣେ ବୟସ୍କ ବ୍ୟକ୍ତିଙ୍କ ସହଯୋଗ କାର୍ଯ୍ୟକୁ ସହଜ କରିବ । ଘର ବାହାରେ ଶାନ୍ତି ରହିବ । ଚାକିରିରେ ଶାନ୍ତି ରହିବ । ବ୍ୟବସାୟ ଲାଭଦାୟକ ହେବ ।



**ମକର:** ଜମି, ବିଲଡିଂ, ଦୋକାନ, ଶୋ'ରୁମ୍ ଏବଂ କାରଖାନା ଇତ୍ୟାଦି କିଣାବିକାରେ ଲାଭବୃଦ୍ଧି ହେବ । ବଡ କାରବାର ବଡ ଲାଭ ଦେଇପାରେ । ଭାଗ୍ୟର ପଦୋନ୍ନତି ପ୍ରୟାସ ସଫଳ ହେବ । ବିବାଦକୁ ପ୍ରୋତ୍ସାହିତ କରନ୍ତୁ ନାହିଁ । ଦୁର୍ନିତିରୁ ଦୂରେଇ ରୁହନ୍ତୁ । ବିପଦ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ ।



**କୁମ୍ଭ:** ମୂଲ୍ୟବାନ ଜିନିଷକୁ ସୁରକ୍ଷିତ ରଖନ୍ତୁ । ଏକ ପାର୍ଟୀ ଏବଂ ପିକନିକ୍ ପାଇଁ ଏକ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇପାରିବ । ଶୁଭ କାର୍ଯ୍ୟରେ ଭାଗ ନେବାକୁ ଆପଣ ଏକ ସୁଯୋଗ ପାଇବେ । ସୁସ୍ୱାଦୁ ଖାଦ୍ୟଗୁଡ଼ିକ ଉପଭୋଗ ହେବ । ସାଙ୍ଗମାନଙ୍କଠାରୁ ସମର୍ଥନ ପାଇବେ । ପରିବାରରେ ସୁଖ ରହିବ । ଶୀଘ୍ର କାର୍ଯ୍ୟ କଲେ କ୍ଷତି ସମ୍ଭବ । ଶରୀର ସମସ୍ୟାରୁ ଦୂରେଇ ରୁହନ୍ତୁ ।



**ମୀନ:** ଅନ୍ୟମାନଙ୍କଠାରୁ ଅଧିକ ଆଶା କରନ୍ତୁ ନାହିଁ । ଶୀଘ୍ର କାର୍ଯ୍ୟରେ ବାଧା ସୃଷ୍ଟି କରିବ । ଦୌଡ଼ଧାପଡ ଅଧିକ ହେବ । ଆପଣ ଚିନ୍ତାଜନକ ସୂଚନା ପାଇପାରିବେ, ଧର୍ଯ୍ୟବାନ ହୁଅନ୍ତୁ । ନିର୍ମାଣ କାର୍ଯ୍ୟ ବିଳମ୍ବ ହେବ । ଚିନ୍ତା ଏବଂ ଟେନସନ ରହିବ । ସାଙ୍ଗମାନଙ୍କ ସହିତ ସମୟ ଭଲ ହେବ । ଚାକିରିରେ ରହିବେ ।




ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ବୋଲଗଡ (ଭାସ୍କର ନ୍ୟୁଜ୍): ବୋଲଗଡ ବ୍ଲକ ସାନପଦର ଗ୍ରାମପଞ୍ଚାୟତ ଅନ୍ତର୍ଗତ ରାସୋଳ ଗ୍ରାମର ପ୍ରସିଦ୍ଧ ରଜ ମହୋତ୍ସବ ଉଦ୍‌ଘାଟିତ ହୋଇଛି। ପ୍ରତିବର୍ଷ ଭଳି ଏବର୍ଷ ମଧ୍ୟ ଧୁମ୍‌ଧାମ୍ ସହକାରେ ରଜ ପର୍ବ ପାଳନ କରାଯାଇଛି ରାସୋଳ ଗ୍ରାମରେ। ଏଥିରେ ଯୁବ ସମାଜସେବୀ ଆନନ୍ଦ ଚନ୍ଦ୍ର ପରିଡାଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ସମାଜସେବୀ ମନୋଜ ପ୍ରଧାନ, ମୁଖ୍ୟବକ୍ତା ଭାବେ ସାନପଦର ଗ୍ରାମପଞ୍ଚାୟତର ସରପଞ୍ଚ ବୈକୁଣ୍ଠ ଚରଣ ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ସମିତି ସଭ୍ୟ ଦିଲ୍ଲୀପ କୁମାର ମହାପାତ୍ର, ସମରେନ୍ଦ୍ର ମହାନ୍ତି, ବାସୁଦେବ ମହାରଣା, ଗୌତମବୁଦ୍ଧ ମହାପାତ୍ର, ରାସୋଳ ଗ୍ରାମ କମିଟିର ସଭାପତି ପ୍ରଦୀପ କୁମାର ପାଲଟାସିଂହ, ସମ୍ପାଦକ ଗଙ୍ଗାଧର ଦଳାଇ, ସାମ୍ବାଦିକ ସତ୍ୟନାରାୟଣ ବାରିକ, ବିପିନ ବିହାରୀ ପାଇକରାୟ, ସୁଦର୍ଶନ ମହଲା, ବାସୁଦେବ ଦାସ, ବିନୋଦ ସାହୁ, ବୈକୁଣ୍ଠ ବଳିୟାରସିଂହ, ପୂର୍ଣ୍ଣଚନ୍ଦ୍ର ଜେନା ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ସମସ୍ତଙ୍କୁ ଏକତା ସୂତ୍ରରେ ବାନ୍ଧି ରଖିଥାଏ ମହୋତ୍ସବ ବୋଲି ଅତିଥି ମତପ୍ରକାଶ କରିଥିଲେ। ରଜ ପର୍ବ ଏକ ଗଣ ପର୍ବ ସମସ୍ତ ଯୁବକ ଓ ପୁରୁଷମାନେ ଏହି ରଜ ପର୍ବରେ ଘର ମୁହାଁ ହୋଇ ଘରକୁ ବାହୁଡ଼ିଥାନ୍ତି କାରଣ ଏହି ପର୍ବ ଭାଇଚାରାର ପର୍ବ ଭାବରେ ବେଶ ଜଣାଶୁଣା ଏବଂ ଏହି ରଜ ପର୍ବ ନୂତନ ଚାଷ କାର୍ଯ୍ୟ ପାଇଁ ଶୁଭ ସଂକେତ ଦେଇଥାଏ ଓ ରଜ ପର୍ବରେ ସମସ୍ତ ମହିଳା ରାଜବତୀ ହୋଇ ନୂତନ ପୋଷାକ ପିନ୍ଧି ଏକାଠି ମିଳିମିଶି ବିଭିନ୍ନ ବ୍ୟଞ୍ଜନ ଖାଇବା ସହିତ ନନା ଖେଳ ଖେଳିଥାନ୍ତି ବୋଲି ସମ୍ମାନିତ ଅତିଥିମାନେ କହିଥିଲେ। ଶେଷରେ ଅରବିନ୍ଦ ବଳିୟାର ସିଂହ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ସାମଗ୍ରୀକ ଉପଲବ୍ଧି

ବାରିପଦା (ଭାସ୍କର ନ୍ୟୁଜ୍) : ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ, ଏହା ହେଉଛି ରାଜ୍ୟ ସରକାରଙ୍କର ଏକ ଅଭିନବ ଯୋଜନା, ଯେଉଁଥିରେ ଆଦିବାସୀ ମାନଙ୍କର ଆର୍ଥିକ, ସାମାଜିକ ବିକାଶ ନିମନ୍ତେ ମୟୂରଭଞ୍ଜ ଜିଲ୍ଲାରେ ୪ ଗୋଟି ଆଇ.ଟି.ଡ଼ି.ଏ, ଯଥା କପ୍ତିପଦା, କରଞ୍ଜିଆ, ରାଇରଙ୍ଗପୁର ଏବଂ ବାରିପଦା ମାଧ୍ୟମରେ ୨୬ ଗୋଟି ବ୍ଲକରେ ମୋଟ ୨୭୮ କ୍ଲଷ୍ଟର ଗଠନ କରାଯାଇଛି, ୪୧୬୬୬ ଗୋଟି ଆଦିବାସୀ ପରିବାରକୁ ଅନ୍ତର୍ଭୁକ୍ତ କରାଯାଇ ସେମାନଙ୍କର ଚିରସ୍ଥାୟୀ ଜୀବନ ଜୀବିକା ଓ ଆର୍ଥିକ ବିକାଶ ନିମନ୍ତେ ନିରନ୍ତର ଉଦ୍ୟମ ଜାରି ରହିଛି। ଏହି କାର୍ଯ୍ୟକ୍ରମ ଆନୁକୂଲ୍ୟରେ ୨୦୨୪-୨୫ ଆର୍ଥିକ ବର୍ଷରେ



ଖରିଫ, ରବି ଏବଂ ଯାଏଦେ (ଗ୍ରୀଷ୍ମ) ଋତୁରେ ସମୁଦାୟ ୧୩୧୫୬.୫ ଏକର ଏବଂ ୩୨୩୧୧ ହିତାଧିକାରୀ ମାନଙ୍କୁ ଉନ୍ନତମାନର ବିହନ, ଜୈବିକ ସାର, ଅଣୁସାର ଏବଂ କୀଟନାଶକ ଆଦି ସାମଗ୍ରୀ ଯୋଗାଇ ଦିଆଯିବା ସହିତ ବୈଷୟକ ଜ୍ଞାନ କୌଶଳ ତାଲିମ ପ୍ରଦାନ କରାଯାଉଛି। ଜଳସେଚନର ସୁବିଧା ନିମନ୍ତେ ୨୮୪ଟି ପାଣିପମ୍ପ ସେଟ ଯୋଗାଇ ଦିଆଯିବା ସହିତ ଚାଷୀମାନଙ୍କୁ ଆନୁସଙ୍ଗିକ କୃଷି ଯନ୍ତ୍ରପାତି ଯଥା ସିଞ୍ଚନ ଯନ୍ତ୍ର, ଧାନ ଅମଳ ଯନ୍ତ୍ର, ପ୍ଲାଷ୍ଟିକ କ୍ରେଟ ଓ ଘାସବଛା ଯନ୍ତ୍ର ଯୋଗାଇ ଦିଆଯାଇଛି। ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ଜନଜାତି ପରିବାରଙ୍କୁ ଛେଳି ଓ କୁକୁଡା ପାଳନ ନିମନ୍ତେ ସହାୟତା ଯୋଗାଇ ଦିଆଯାଇଛି। ଜନଜାତି ଯୁବ ଉଦ୍ୟୋଗୀଙ୍କର ଉଦ୍ୟୋଗର ବିକାଶ ନିମନ୍ତେ ୮୦୦ ଜଣଙ୍କୁ ଏକଲକ୍ଷ ଟଙ୍କାର ଆର୍ଥିକ ସହାୟତା ସିଧାସଳଖ ଭାବେ ପ୍ରଦାନ କରିବା ସହିତ ବ୍ୟବସାୟକ ତାଲିମ ଦିଆଯାଇଛି। ଫଳରେ ସେମାନେ ନିଜେ ଆତ୍ମ ନିର୍ଭରଶୀଳ ହେବା ସହିତ ଅନ୍ୟମାନଙ୍କୁ ରୋଜଗାର ଦେଇ ପାରୁଛନ୍ତି। ଆଗାମୀ ଦିନରେ ଅଧିକରୁ ଅଧିକ ଲୋକଙ୍କୁ ରୋଜଗାରକ୍ଷମ କରାଇବା ସହିତ ସ୍ୱାବଲମ୍ବୀ କରାଇବା ପାଇଁ ବିଭାଗ ପକ୍ଷରୁ ନିରନ୍ତର ଉଦ୍ୟମ କରାଯାଉଛି।

# କେନ୍ଦ୍ରାପଡ଼ାକୁ ଡେଇଁଲା ଡାଇରିଆ

ଡେରାବିଶ (ଭାସ୍କର ନ୍ୟୁଜ୍) : ଯାଜପୁର, କଟକ, ଢେଙ୍କାନାଳ ପରେ ଡାଇରିଆ ଏବେ କେନ୍ଦ୍ରାପଡ଼ା ଜିଲ୍ଲାକୁ ଡେଇଁଛି। ତା'ର କରାଳ ପଦଧ୍ୱନୀ ଏବେ କେନ୍ଦ୍ରାପଡ଼ା ଜିଲ୍ଲା ଅନ୍ତର୍ଗତ ଡେରାବିଶ ବ୍ଲକରେ ଦେଖିବାକୁ ମିଳିଛି। ଶନିବାର ସକାଳୁ ଡାଇରିଆରେ ଆକ୍ରନ୍ତ ଜଣେ ମହିଳାଙ୍କ ମୃତ୍ୟୁ କେନ୍ଦ୍ରାପଡ଼ା ଜିଲ୍ଲାରେ ଡାଇରିଆର ପ୍ରବେଶକୁ ପ୍ରମାଣ ଦେଇଛି। ଏଥିସହିତ ୬ରୁ ଉର୍ଦ୍ଧ୍ୱ ଆକ୍ରାନ୍ତ କେନ୍ଦ୍ରାପଡ଼ା ଓ କଟକ ମେଡ଼ିକାଲରେ ଚିକିତ୍ସିତ ହେଉଥିବା ଜଣାଯାଇଛି। ସୂଚନାରୁ ପ୍ରକାଶ କେନ୍ଦ୍ରାପଡ଼ା ଜିଲ୍ଲା ଡେରାବିଶ ବ୍ଲକ ଅନ୍ତର୍ଗତ ଏଣ୍ଡର ପଂଚାୟତର ଶ୍ୟାମସୁନ୍ଦରପୁର ଗ୍ରାମର ସଜନୀ ମଲିକ (୬୧) ଶୁକ୍ରବାର ଡାଇରିଆରେ ଆକ୍ରାନ୍ତ ହୋଇ ପ୍ରଥମେ ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ ଅବସ୍ଥା ଗୁରୁତର ହେବାରୁ କଟକ ମେଡ଼ିକାଲକୁ ସ୍ଥାନାନ୍ତରିତ ହୋଇଥିଲେ। ହେଲେ ସେଠାରେ ଶନିବାର ଚିକିତ୍ସାଧୀନ ଅବସ୍ଥାରେ ସଜନୀଙ୍କର ମୃତ୍ୟୁ ହୋଇଯାଇଥିଲା। ସଜନୀଙ୍କ ପୁଅ ଭାଗିରଥି (୪୩), ନିରଞ୍ଜନ (୩୦) ମଧ୍ୟ ଡାଇରିଆରେ ଆକ୍ରନ୍ତ ହୋଇ କଟକ ମେଡ଼ିକାଲ୍‌ରେ ଚିକିତ୍ସିତ ହେଉଛନ୍ତି। ସେହିପରି ଗ୍ରାମର ରଙ୍ଗଲତା ମଲିକ (୪୫), ତପନ ମଲିକ (୪୬), କୁଞ୍ଜବିହାରୀ ମଲିକ (୭୫), ରଶ୍ମିତା ମଲିକ (୪୬) ମଧ୍ୟ ଆକ୍ରାନ୍ତ ହୋଇ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ତେବେ ଡରାଇରିଆରେ ଡେରାବିଶରେ ମହିଳାଙ୍କ ମୃତ୍ୟୁ ଖବର ବ୍ୟାପିବା ପରେ ସ୍ଥାନୀୟ ଅଂଚଳରେ ଭୟର ବାତାବରଣ ଦେଖାଦେଇଛି। ଘଟଣା ସ୍ଥଳରେ କେନ୍ଦ୍ରାପଡ଼ା ଜିଲ୍ଲା ପବ୍ଲିକ ହେଲ୍‌ଥ ଅଫିସର ଡାକ୍ତର ନିରୁପମା ଶତପଥି ଓ ଡେରାବିଶର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡାକ୍ତର ଚିତରଞ୍ଜନ ବେହେରାଙ୍କ ନେତୃତ୍ୱରେ ଡକ୍ତରୀ ଟିମ୍ ପହଂଚିଛନ୍ତି। ଏଥିସହିତ ସ୍ଥାନୀୟ ଆଶା, ଅଙ୍ଗନୱାଡ଼ି କର୍ମୀମାନେ ପହଂଚିଥିଲେ। ସ୍ୱାସ୍ଥ୍ୟ ବିଭାଗର ଟିମ୍ ଆକ୍ରାନ୍ତଙ୍କର ଘରକୁ ଯାଇ ରୋଗ ଉତ୍ପତିର କାରଣ ଖୋଜିଥିଲେ। ସ୍ୱାସ୍ଥ୍ୟ ବିଭାଗ ଟିମ୍ ସହ ଏଣ୍ଡର ସରପଂଚ ଦୁର୍ଯ୍ୟୋଧନ ମଲିକ ଓ ସମାଜସେବୀ ମହେନ୍ଦ୍ର ମଲିକ ଉପସ୍ଥିତ ରହି ଗ୍ରାମର ସମସ୍ତ ଘରକୁ ଯାଇ ଲୋକମାନଙ୍କ ସ୍ୱାସ୍ଥ୍ୟବସ୍ଥା ସମ୍ପର୍କରେ ପଚାରି ବୁଝିଥିଲେ ଏବଂ ଲୋକମାନଙ୍କୁ ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଦେଇଥିଲେ। ଘଟଣା ସ୍ଥଳରେ ରାଜ୍ୟ ବିଜେପି ମୁଖପାତ୍ର ତେଜେଶ୍ୱର ପରିଡ଼ା ପହଂଚି ମୃତକଙ୍କ ପରିବାର ନିକଟରେ ପହଂଚି ସମବେଦନା ଜ୍ଞାପନ କରିବା ସହିତ ଆକ୍ରାନ୍ତମାନଙ୍କ ଘରକୁ ଯାଇ ସରକାରୀ ସ୍ତରରେ ସେମାନଙ୍କ ସମସ୍ତ ଉନ୍ନତ ଚିକିତ୍ସା କରାଯିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏଥିସହିତ ସ୍ୱାସ୍ଥ୍ୟ ବିଭାଗ ଟିମ୍‌କୁ ଧରି ସ୍ଥାନୀୟ ଅଂଚଳବାସୀଙ୍କୁ ସଚେତନତା କରାଇଥିଲେ। ଏଥିସହ ଘରେ ଘରେ ବ୍ଲିଚିଂ ପାଉଡ଼ର, ହାଲୋଜିନ୍ ଟ୍ୟାବଲେଟ୍ ବଂଟାଯାଇଛି। ଏଥିସହିତ ଘଟଣା ସ୍ଥଳରେ ଆରଡବ୍ଲୁଏସ୍‌ଏସ୍ ଏକ୍‌ଜିକ୍ୟୁଟିଭ୍ ଇଞ୍ଜିନିୟର ବସନ୍ତ ନାୟକ ଓ ଯନ୍ତ୍ରୀ ରୁଦ୍ର କେଶରୀ ସେଠୀ ଉପସ୍ଥିତ ସ୍ଥାନୀୟ ଅଂଚଳରେ ଥିବା ୫୦ରୁ ଉର୍ଦ୍ଧ୍ୱ ନଳକୂପକୁ ବିଶୁଦ୍ଧିକରଣ କରାଇଛନ୍ତି। ଏବଂ ଏହି ଅଂଚଳରେ ଥିବା ଓଭରହେଡ୍ ଟାଙ୍କି ପାଣିକୁ ମଧ୍ୟ ଅଧିକ ବିଶୁଦ୍ଧିକରଣ କରାଯାଇ ଲୋକମାନଙ୍କୁ ଯୋଗାଇ ଦିଆଯିବ ବୋଲି କହିଛନ୍ତି। ଆସନ୍ତା ୭ ସାତ ଦିନ ପାଇଁ ଡାଇରିଆ ଆକ୍ରାନ୍ତ ଗ୍ରାମକୁ ଟ୍ୟାଙ୍କର ଯୋଗେ ବିଶୁଦ୍ଧ ପାନୀୟ ଜଳଯୋଗାଇ ଦେବାପାଇଁ ବିଭାଗ ପକ୍ଷରୁ ବ୍ୟବସ୍ଥା କରାଯାଇଛି। ତେବେ ଶ୍ରୀ ପରିଡ଼ା ଏଣ୍ଡର ପଂଚାୟତଟି ଯାଜପୁର ଜିଲ୍ଲା ସୀମାକୁ ଲାଗିଥିବା ବେଳେ ଏହି ଭୂତାଣୁ ହୁଏତ କୌଣସି କାରଣରୁ ଯାଜପୁର ବ୍ୟାପିଥିବା ସନ୍ଦେହ କରି ଡାକ୍ତରୀ ଟିମ୍‌କୁ ଏହାର କାରଣ ଖୋଜିବା ଓ ଯାଜପୁର ଜିଲ୍ଲା ସୀମାକୁ ଲାଗିଥିବା ଡେରାବିଶ ବ୍ଲକର ବେଣିପୁର, ମଙ୍ଗଳପୁର ଓ ଛୋଟି ଅଂଚଳର ଗ୍ରାମ ଗୁଡ଼ିକ ଉପରେ ତୀକ୍ଷ୍ଣଣ ନଜର ରଖିବା ପାଇଁ ଅନୁରୋଧ କରିଥିଲେ। ଏଥିସହିତ ଆଜିଠାରୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଶ୍ୟାମସୁନ୍ଦରପୁର ଅଙ୍ଗନୱାଡ଼ି କେନ୍ଦ୍ରରେ ଏକ ଅସ୍ଥାୟୀ ସ୍ୱାସ୍ଥ୍ୟ ସହାୟତା କେନ୍ଦ୍ର ମଧ୍ୟ ଖୋଲାଯାଇଛି। ଶ୍ରୀ ପରିଡ଼ା ପାଟକୁରା ନିର୍ବାଚନ ମଣ୍ଡଳୀ ଡେରାବିଶ ବ୍ଲକ ଅଂଚଳରେ ଆରମ୍ଭ ହୋଇଥିବା ଡାଇରିଆ ସ୍ଥିତି ସମ୍ପର୍କରେ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଓ କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡାଙ୍କୁ ଅବଗତ କରିଥିଲେ।

# ରଜ ଉପଲକ୍ଷେ ସ୍ୱରୂପ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ

କେନ୍ଦୁଝର, (ଭାସ୍କର ନ୍ୟୁଜ୍) : ରଜ ଉପଲକ୍ଷେ 'ସ୍ୱରୂପ' ସ୍ୱେଚ୍ଛାସେବୀ ଅନୁଷ୍ଠାନ ତରଫରୁ ହରିଚନ୍ଦନପୁର ବ୍ଲକର ତମ୍ବାହରା ଗ୍ରାମରେ ସାଂସ୍କୃତିକ କାର୍ଯ୍ୟକ୍ରମ ୧୫ ତାରିଖ ରବିବାର ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ସମାଜସେବୀ ରାମଚନ୍ଦ୍ର ମୁଣ୍ଡା ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଶ୍ରୀ ମୁଣ୍ଡା କହିଥିଲେ ଯେ ଏ ମଞ୍ଚ ଏକ ନିଆରା ମଞ୍ଚ, ଯାହାକି ଗ୍ରାମାଞ୍ଚଳରେ ଲୁଚି ଯାଉଥିବା ପ୍ରତିଭାର ପୁନଃଉଦ୍ଧାର କରି ଲୋକଲୋଚନକୁ ଆଣିବାର ପ୍ରୟାସକୁ ଭୂୟସୀ ପ୍ରଶଂସା କରିବା ସହିତ ସାଧୁବାଦ୍ ଜଣାଇଥିଲେ। କଳାକାରମାନଙ୍କର ସାଂସ୍କୃତିକ କାର୍ଯ୍ୟକ୍ରମ ପରସ୍ପର ମଧ୍ୟରେ ଏକତା ଓ ଭାଇଚାରା ପ୍ରତିଷ୍ଠା କରିବାର ଏକ ବଳିଷ୍ଠ ମାଧ୍ୟମ ବୋଲି କହିଥିଲେ। ଏହିପରି କାର୍ଯ୍ୟକ୍ରମ ଆଗାମୀ ଦିନରେ ସୁଦୁରପ୍ରସାରୀ କରିବାକୁ ସମସ୍ତଙ୍କୁ ଆହ୍ୱାନ ଜଣାଇଥିଲେ। ଏହି ସାଂସ୍କୃତିକ କାର୍ଯ୍ୟକ୍ରମରେ ଭଜନ, ସମ୍ବଲପୁରୀ ନୃତ୍ୟ, ନାଗପୁରୀ, ସାନ୍ତାଳି, ଏବଂ ଝୁମର ଇତ୍ୟାଦି ଲୋକନୃତ୍ୟ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମରେ ସତ୍ୟବାନ ମହାନ୍ତ, କ୍ଷେତ୍ରବାସୀ ମହାନ୍ତ, ପ୍ରଜ୍ଞା ପ୍ରିୟଦର୍ଶନୀ ମହାନ୍ତ, ପିଂଟୁ ପାତ୍ର, ସୁରେଶ ମୁଣ୍ଡା, ଶିବ ମୁଣ୍ଡା, ବବୁଲୁ ମୁଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନ ଓ ପରିଚାଳନାରେ ସହଯୋଗ କରିଥିଲେ। ଏତଦ୍‌ବ୍ୟତୀତ ସୁବାସିନୀ ମୁଣ୍ଡା ଓ ସୁରେଶ ନୃତ୍ୟ ନିର୍ଦ୍ଦେଶନା ଦେଇଥିଲେ।

# ୪ର୍ଥ ବାର୍ଷିକ ରଜୋତ୍ସବ ପାଳିତ

ଗୋପ, (ଭାସ୍କର ନ୍ୟୁଜ୍) : ଗାଁ ଠାରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ଧୂମ୍‌ଧାମରେ ପାଳିତ ହେଉଛି ରଜ ମହୋତ୍ସବ। ପିଠା ଓ ମିଠାର ବାସ୍ନାରେ ମହକୁଛି ପୁରପଲ୍ଲୀ। ହେଲେ ଓଡ଼ିଶାର ଗଣପର୍ବ ଭାବେ ପରିଚିତ ରଜ ପର୍ବ ଗାଁ ଗହଳିରୁ ଆସ୍ତେ ଆସ୍ତେ ଲୋପ ପାଇବାକୁ ବସିଲାଣି। ପୂର୍ବ ଭଳି ଆଉ ଆମ୍ବ ତୋଟାରେ ରଜ ଦୋଳି ଦେଖିବାକୁ ମିଳୁନି କି ପୋଡପିଠାର ମହକ ମିଳୁନି। ହେଲେ ଏହି ପରମ୍ପରାକୁ ଉଜ୍ଜୀବିତ କରି ରଖିବା ପାଇଁ ଅଣ୍ଟା ଭିଡିଛନ୍ତି ଗୋପ ତୁଳସୀ ଆଞ୍ଚଳିକ ମଞ୍ଚ। ଏହି ମଞ୍ଚ ପକ୍ଷରୁ ରଜର ଦ୍ୱିତୀୟ ଦିବସ ତଥା ରଜ ସଂକ୍ରାନ୍ତି ଅବସରରେ ଗୋପ ଆଖଣ୍ଡଳେଶ୍ୱର ମହାଦେବଙ୍କ ପ୍ରାଙ୍ଗଣରେ ୪ର୍ଥ ବାର୍ଷିକ ରଜ ମହୋତ୍ସବ ଧୂମ୍‌ଧାମରେ ପାଳିତ ହୋଇଛି। ତୁଳସୀ ଆଞ୍ଚଳିକ ମଞ୍ଚ ପକ୍ଷରୁ ଦୋଳି ଲାଗିଥିବା



ବେଳେ ଝିଅ ବୋହୂ ମାନେ ନୂତନ ବସ୍ତ୍ର ପରିଧାନ କରି ଦୋଳିର ବେଶ୍ ମଜା ନେଉଛନ୍ତି। ଏହି ଅବସରରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ସମାଜସେବୀ କସ୍ତୁରୀ ବାଳା ସ୍ୱାଇଁ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ବିଭୂତି ଭୂଷଣ ପଟ୍ଟନାୟକ, ସମ୍ମାନିତ ଅତିଥିଭାବେ ଆଖଣ୍ଡଳେଶ୍ୱର ମହିଳା ଶକ୍ତି ସଂଗଠନର ସଭାପତି ଜେନା ରାଣୀ, ସଂପାଦିକା ଶୈଳବାଳା ପରମାଣିକ, ଏମ୍‌ବିକେ ସୁକାନ୍ତି ଦେଇ, ତୁଳସୀ ଆଞ୍ଚଳିକ ମଞ୍ଚର ସଭାପତି ମମତା ସିଂ, ସମ୍ପାଦିକା ରୀତାରାଣି ଦାସ, ସିଆରପି ସୁଲୋଚନା ସିଂ, ମନୋରମା ସିଂ, ପୂର୍ଣ୍ଣିମା ଦେଈ, ଭାନୁ କାନ୍ତି ଯୋଗଦେଇ ଆଗାମୀ ଦିନରେ ଏହି ଉତ୍କଳୀୟ ପରମ୍ପରାର ନିଆରା ଗଣପର୍ବ ରଜକୁ ଉଜ୍ଜୀବିତ କରି ରଖିବା ସହ ଆହୁରି ସରସ ସୁନ୍ଦର କରିବା ଏବଂ ଉତ୍ସାହ ସହ ପାଳନ ପାଇଁ ମତବ୍ୟକ୍ତ କରିଥିଲେ। ପରେ ଝିଅ ବୋହୂମାନଙ୍କ ମଧ୍ୟରେ ହୁଳହୁଳି ଶଙ୍ଖ ବାଦନ, ପିଠା, ପାନ ଆଦି ପ୍ରତିଯୋଗିତା ହୋଇଥିବା ବେଳେ କୁନି କୁନି ପିଲାମାନଙ୍କ ମଧ୍ୟରେ ହୋଇଥିବା ନାଚ ଗୀତ ବେଶ୍ ମନ୍ତ୍ରମୁଗ୍ଧ କରିଥିଲା। ଶେଷରେ ପ୍ରତିଯୋଗୀ ମାନଙ୍କୁ ଅନୁଷ୍ଠାନ ପକ୍ଷରୁ ପୁରସ୍କୃତ କରାଯାଇଥିଲା।

# ଅଲିଯୋଡାରେ ଶ୍ରୀ ଅରବିନ୍ଦ ପାଠଚକ୍ର

ମାହାଙ୍ଗା (ଭାସ୍କର ନ୍ୟୁଜ୍) : କଟକ ଜିଲ୍ଲା ମାହାଙ୍ଗା ବ୍ଲକ ଜେ. ଏନ୍ କଲେଜ ପରିସରରେ ପବିତ୍ର ରଜ ସଂକ୍ରାନ୍ତି ଅବସରରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ଅଲିଯୋଡ଼ା ଶ୍ରୀ ଅରବିନ୍ଦ ପାଠଚକ୍ର ଆନୁକୂଲ୍ୟରେ ୪୭ତମ ଶ୍ରୀ ଅରବିନ୍ଦ ପାଠଚକ୍ର ପାଳିତ ହୋଇଯାଇଛି। ଶିକ୍ଷକ ଭାସ୍କର ଚନ୍ଦ୍ର ସାହୁଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ମାତୃ ରଚନା ଭଳି ବିଷୟ ବସ୍ତୁ ଉପରେ ଆଲୋଚନା କରାଯାଇଥିଲା। ଏଥିରେ ଆଲୋଚକ ଭାବେ ପୂର୍ବତନ ପ୍ରାଧ୍ୟାପକ ଶରତ ଚନ୍ଦ୍ର ରଥ, ଶିକ୍ଷୟତ୍ରୀ ଶାନ୍ତିଲତା ମହାନ୍ତି, ଶିକ୍ଷକ



ଦାମୋଦର ଲେଙ୍କା ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏଥିରେ ଜଗବନ୍ଧୁ ନାୟକ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ଏହି ଅବସରରେ ମାତୃ ପତାକା ଓ ବନ୍ଦେ ମା ତରମ ଗାନ କରାଯାଇଥିଲା। ମାନସ ରଞ୍ଜନ ବିଶ୍ୱାଳ, ଶରତ ଚନ୍ଦ୍ର ସ୍ୱାଇଁ, ମାଧବାନନ୍ଦ ଜେନା, ବିଜୟ କୁମାର ସ୍ୱାଇଁ, ଶରଦ ସ୍ୱାଇଁ, ମାନସ ରଞ୍ଜନ ବିଶ୍ୱାଳଙ୍କ ସମେତ ବହୁ ଶ୍ରୀମା ଅରବିନ୍ଦ ଆଶ୍ରିତ ଅପା ଭାଇ ମାନେ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

## ବାଇକ୍ ଚୋରକୁ ଗିରଫ କରିବା ସହ ୩ ଗାଡ଼ି ଜବତ କରିଛି ପୋଲିସ

ମାଲକାନଗିରି (ଭାସ୍କର ନ୍ୟୁଜ୍) : ମାଲକାନଗିରି ପୋଲିସ ଜଣେ ବାଇକ୍ ଚୋରଙ୍କୁ ରବିବାର ଦିନ ଗିରଫ କରିବା ସହ ତାଙ୍କଠାରୁ ତିନୋଟି ଗାଡି ଜବତ କରିଛି। ଗିରଫ ଜଣକ ହେଲେ ମାଲକାନଗିରି ଜିଲ୍ଲା କାଲିମେଲା ସଦର ଥାନା ଜଗନ୍ନାଥ ମନ୍ଦିର ସାହିର ଶୀତଳ ପାଇକ ଓରଫ ରିଙ୍କୁ ପାଇକ ଓରଫ ଚେପା। ସୂଚନା



ଅନୁଯାୟୀ, ଜୁନ୍ ୨ରେ ମାଲକାନଗିରି ସଦର ମହକୁମା ଆଇଏମ୍‌ଏସ୍‌ଟି ବିଦ୍ୟାଳୟ ଛକ ନିକଟରେ ରହୁଥିବା ପ୍ରକାଶ ବର୍ମନ ତାଙ୍କ ବାଇକ୍ ରାତିରେ ଚୋରି ହୋଇଥିବା ନେଇ ସେ ଜୁନ୍ ୩ ତାରିଖ ଦିନ ମାଲକାନଗିରି ଥାନାରେ ଅଭିଯୋଗ କରିଥିଲେ। ସେହିପରି ଏଜୁକେସନ କଲୋନୀର ଭବାନୀ ଶଙ୍କର ଜେନା ଏପ୍ରିଲ ୨୦, ୨୦୨୫ ଦିନ ରାତିରେ ଘର ସମ୍ମୁଖରେ ବାଇକ୍ ରଖିଥିବା ବେଳେ ତାହା ଚୋରି ହୋଇଥିବା ନେଇ ସେ ଅଭିଯୋଗ କରିଥିଲେ। ସେହିପରି ଏମ୍‌ଭି ୪୨ ଗ୍ରାମର ଭବତୋଷ ବିଶ୍ୱାସଙ୍କ ଗାଡ଼ି ଫେବୃଆରୀ ୬-୨୦୨୫ ରାତିରେ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ କରିଥିଲେ। ଏହି ସମସ୍ତ ଘଟଣାକୁ ଆଧାର କରି ପୋଲିସ ଏହାର ତଦନ୍ତ ଜାରି ରଖିଥିବା ବେଳେ ରବିବାର ଜଣେ ଅଭିଯୁକ୍ତଙ୍କୁ ଗିରଫ ପରେ ତାଙ୍କ ଠାରୁ ତିନୋଟି ଗାଡି ଜବତ କରିଛି। ଅଭିଯୁକ୍ତଙ୍କୁ ଆଜି କୋର୍ଟ ଚାଲାଣ କରାଯିବ ବୋଲି ମାଲକାନଗିରି ଥାନା ପକ୍ଷରୁ ଥାନା ଅଧିକାରୀ ରୀଗାନ କିଣ୍ଡୋ ସୂଚନା ଦେଇଛନ୍ତି।

## ଦୁର୍ଘଟଣାରେ ବାଇକ୍ ଚାଳକ ମୃତ

ଜଳେଶ୍ୱର (ଭାସ୍କର ନ୍ୟୁଜ୍) : ଚନ୍ଦନେଶ୍ୱରରୁ ଜଳେଶ୍ୱର ଅଭିମୁଖେ ଆସୁଥିବା ଏକ ବାଇକ୍ ନାମ୍ପୋ ଫାଣ୍ଡି ନିକଟରେ ଛିଡା ହୋଇଥିବା ଏକ କାର୍‌କୁ ପଛପଟୁ ଧକ୍କା ଦେଇ ଛିଟିକି ପଡିଥିଲା। ବିପରିତ ଦିଗରୁ ଯାଉଥିବା ଏକ ଅଜଣା ଗାଡି ଧକ୍କାରେ ବାଇକ୍ ଚାଳକ ଗୁରୁତର ହୋଇଥିଲା। ଭଲ ଭଣ୍ଡାରୀର ସମାଜସେବୀ ବିଦ୍ୟୁତ୍ ବିଭାଗ ଗାଡିରେ ଜିକେ ଭଟ୍ଟର ହସ୍ପିଟାଲକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ଯୁବକ ଜଣକ ବିହାର ମୋଜାଫର ଜିଲ୍ଲା ସାକଡ଼ା ଥାନା ଇଲାକାର ଘର ହୋଇଥିବା ବେଳେ ତା'ର ନାମ ଏମ୍‌ଡି ମୁରାଦ (୨୮) ବୋଲି ଜଣାଯାଇଛି। ସେ ସୁନାକଣିଆ ପେଟ୍ରୋଲପମ୍ପ ନିକଟରେ ଗ୍ୟାରେଜ ଦୋକାନ କରିଥିବା ଥିବାବେଳେ ୧ବର୍ଷ ତଳେ ବିବାହ କରିଥିବା ତାଙ୍କ ସମ୍ପର୍କୀୟ ଭାଇ ସୂଚନା ଦେଇଛନ୍ତି।

## ଯୁବ ସମାଜସେବୀଙ୍କ ବିୟୋଗରେ କ୍ୟାଣ୍ଡେଲ ଶୋଭାଯାତ୍ରା

ବୋଲଗଡ, (ଭାସ୍କର ନ୍ୟୁଜ୍): ବୋଲଗଡ ବ୍ଲକ ସାନପଦର ଗ୍ରାମ ପଞ୍ଚାୟତର ରାସୋଳ ଗ୍ରାମର ସ୍ୱର୍ଗତ ରଙ୍କନାଥ ସାମନ୍ତରାୟଙ୍କ ପୁତ୍ର ସୁବ୍ରତ କୁମାର ସାମନ୍ତରାୟ (୨୫)ଙ୍କ ବିଦ୍ୟୁତ ଆଘାତରେ ଆକସ୍ମିକ ମୃତ୍ୟୁ ଘଟିଛି। ସୁବ୍ରତ ରାସୋଳ ଗ୍ରାମ ପାଇଁ ଅନେକ ରାମନାଟକ ମଞ୍ଚ, ରଜ ପାଇଁ ମଞ୍ଚ ତିଆରି କରିବା, ରାମଲୀଳାମଞ୍ଚ ସହିତ ବିଭିନ୍ନ ଗ୍ରାମରେ ଟେଷ୍ଟ କାର୍ଯ୍ୟ କରିଛନ୍ତି। ଏଥିସହ ସେ ଆଧ୍ୟାତ୍ମିକ ପ୍ରତି ସର୍ବଦା ଜଡିତ ଥିଲେ। ତାଙ୍କ ମୃତ୍ୟୁକୁ ନେଇ ପଞ୍ଚାୟତ ସାରା ଏକ ନିସ୍ତବ୍ଧ ଚହଳ ସୃଷ୍ଟି ହୋଇଛି। ଶନିବାର ପହିଲି ରଜ ରାସୋଳ ଗ୍ରାମବାସୀ ଏକ ଶୋକସଭା କରିଥିଲେ। ପରେ ଗ୍ରାମର ଯୁବକମାନେ କ୍ୟାଣ୍ଡେଲ ଶୋଭାଯାତ୍ରାରେ ବାହାରି ତାଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଭଗବାନଙ୍କ ନିକଟରେ ପ୍ରାର୍ଥନା କରିଥିଲେ। ଏହି ଶୋଭାଯାତ୍ରାରେ ସାନପଦର ସରପଞ୍ଚ ବୈକୁଣ୍ଠ ଚରଣ ସ୍ୱାଇଁ, ପ୍ରଦୀପ କୁମାର ପାଲଟାସିଂ, ପୂର୍ଣ୍ଣଚନ୍ଦ୍ର ଜେନା, ଅରବିନ୍ଦ ବଳିୟାରସିଂହ, ବାସୁଦେବ ଦାସ, ଆନନ୍ଦ ପରିଡା, ରମାକାନ୍ତ ପରିଡା, ମକୁ ଦଳାଇ, କିଶୋର ଦାସ, ବ୍ରହ୍ମାନନ୍ଦ ସାହୁଙ୍କ ସମେତ ଗ୍ରାମର ଶତାଧିକ ଯୁବକ ଏହି ଶୋଭାଯାତ୍ରାରେ ସାମିଲ ଥିଲେ।



# ଅସରାଏ ବର୍ଷାରେ ବେହାଲ ମାତୁଛି ଗାଁ ଦାଣ୍ଡ



ପରଜଙ୍ଗ (ଭାସ୍କର ନ୍ୟୁଜ୍) : ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ବସୋଇ ପଞ୍ଚାୟତ ବସୋଇ ଗ୍ରାମରେ ରବିବାର ଅପରାହ୍ନରେ ହୋଇଥିବା ବର୍ଷାରେ ପାଣି ନିଷ୍କାସନ ହୋଇ ନପାରିବରୁ ଗାଁ ଦାଣ୍ଡ ସାରା ପାଣିରେ ବେହାଲ ମାତୁଥିବା ଦେଖାଯାଇଛି। ଯାହା ଫଳରେ ସର୍ବସାଧାରଣ କାଦୁ ପାଣିରେ ଚଳିବା କଷ୍ଟକର ହେବା ସହିତ ବିଭିନ୍ନ ରୋଗରେ ଆକ୍ରାନ୍ତ ହେବା ସମ୍ଭାବନା ବୋଲି ସାଧାରଣରେ ଅଭିଯୋଗ ରହୁଛି। ଢେଙ୍କାନାଳ ଜିଲ୍ଲାର ବିଭିନ୍ନ ସ୍ଥାନରେ ବର୍ତ୍ତମାନ ଡ଼ାଇରିଆ ରୋଗୀ ଚିହ୍ନଟ ହୋଇଥିବା ବେଳେ, ଯଦି ଗାଁ ଗହଳିରେ ବର୍ଷା ପାଣି ନିଷ୍କାସନ ନହେବ ତେବେ ଅଧିକ ମାତ୍ରାରେ ଡ଼ାଇରିଆ ସହ ଅନ୍ୟ ରୋଗରେ ସାଧାରଣ ଲୋକ, ଗାଈଗୋରୁ ଶିକାର ହେବାର ଆଶଙ୍କା ରହୁଛି। ଆଗକୁ ବର୍ଷାଦିନ ଆସୁଥିବା ହେତୁ ଗଚ୍ଛିତ ପାଣି ନିଷ୍କାସନ ପାଇଁ ଡ୍ରେନେଜ ସଫା ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବା ଏବଂ ଏଥିପାଇଁ ବିଭାଗୀୟ ପ୍ରଶାସନ ସମସ୍ୟାକୁ ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ସର୍ବସାଧାରଣରେ ଦାବି ହେଉଛି।

## ଗଦାଶିଳା ପଞ୍ଚାୟତରେ ବିକାଶ ବାହନକୁ ସ୍ୱାଗତ ଜଣାଇଲେ ସାଂସଦ

ଓଡ଼ାପଡ଼ା (ଭାସ୍କର ନ୍ୟୁଜ୍) : ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଅବସରରେ ଜନସାଧାରଣଙ୍କୁ



ଯୋଗାଇ ଦିଆଯାଇଥିବା ସେବା ସୁଶାସନ ଏବଂ ଗରିବ କଲ୍ୟାଣ ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବିକାଶ ବାହନ ଯାନକୁ ଗଦାଶିଳା ପଞ୍ଚାୟତ ଠାରେ ସାଂସଦ ରୁଦ୍ରନାରାୟଣ ପାଣି ସ୍ୱାଗତ କରିଥିଲେ। ଓଡ଼ାପଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦିଲିପ କୁମାର ଷଡଙ୍ଗୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ସାଂସଦ ରୁଦ୍ରନାରାୟଣ ପାଣି, ଓଡ଼ାପଡ଼ା ପଞ୍ଚାୟତ ଅଧିକାରୀ ପ୍ରିୟବ୍ରତ ପଟ୍ଟନାୟକ, ଜିଲ୍ଲା ପରିଷଦ ସଭ୍ୟ ବାଳକୃଷ୍ଣ ସାହୁ, ଓଡ଼ାପଡ଼ା ବ୍ଲକ ଅଧକ୍ଷା ସସ୍ମିତା ମହାନ୍ତି, ଗଦାଶିଳା ସରପଞ୍ଚ ପ୍ରତାପ ଚନ୍ଦ୍ର ସାହୁ, ସଦାଶିବପୁର ପଞ୍ଚାୟତ ସରପଞ୍ଚ ଶ୍ରୀମତୀ ଧରିତ୍ରୀ ମଲ୍ଲିକ, ସିମିନଇ ପଞ୍ଚାୟତ ସରପଞ୍ଚ ଅଜିତକୁମାର ସିଂ, ବିଜେପି ନେତ୍ରୀ ଇତିଶ୍ରୀ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ କିଛି ହିତାଧିକାରୀଙ୍କୁ ରେସନ କାର୍ଡ ଏବଂ ଆୟୁଷ୍ମାନ କାର୍ଡ ଅତିଥିମାନେ ବଣ୍ଟନ କରିଥିଲେ।

## ମାଧ୍ୟମିକ ମେଧା ପ୍ରତିଭା ସମ୍ମାନ

# 'ବଡ଼ ମଣିଷ ଠାରୁ ଭଲ ମଣିଷ ଅଧିକ ଆବଶ୍ୟକ'

ଜଳେଶ୍ୱର (ଭାସ୍କର ନ୍ୟୁଜ୍) : ଜଳେଶ୍ୱରର ଅଗ୍ରଣୀ ସାମାଜିକ ଅନୁଷ୍ଠାନ ସମାଜ କଲ୍ୟାଣ ବିକାଶ ପରିଷଦ ପକ୍ଷରୁ ଚଳିତବର୍ଷ ମାଧ୍ୟମିକ ପରୀକ୍ଷାରେ ୯୦ପ୍ରତିଶତରୁ ଅଧିକ ନମ୍ବର ରଖିଥିବା ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସମ୍ବର୍ଦ୍ଧନା ଛାତ୍ରଛାତ୍ରୀଙ୍କ ପାଇଁ ପ୍ରୋତ୍ସାହନ ଓ ପ୍ରେରଣାର ଉତ୍ସ ହୋଇଥିବା ବେଳେ ବଡ ମଣିଷ ଠାରୁ ଭଲ ମଣିଷର ଆବଶ୍ୟକ ଅଧିକ ବୋଲି ମତପ୍ରକାଶ ପାଇଛି। ଆଜି ଅପରାହ୍ନରେ ଭଞ୍ଜଶ୍ରୀ ବିହାର ପରିସରରେ ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବକୁ ସମ୍ବୋଧିତ କରି ପୂର୍ବତନ ମନ୍ତ୍ରୀ ତଥା ପରିଷଦର ପ୍ରତିଷ୍ଠାତା ସଭାପତି ରଘୁନାଥ ମହାନ୍ତି କହିଲେ ଯେ ସାମ୍ପ୍ରତିକ ସମାଜରେ ବଡ ମଣିଷ ଠାରୁ ଭଲ ମଣିଷର ଆବଶ୍ୟକ ଅଧିକ ହୋଇଥିବାରୁ ଏଣିକି ଅଭିଭାବକମାନେ ଧ୍ୟାନ ଦେବାକୁ ଗୁରୁତ୍ୱାରୋପ କରିଥିଲେ। ପରିଷଦର କାର୍ଯ୍ୟକାରୀ ସଭାପତି ଡ. ରମାକାନ୍ତ ଭଞ୍ଜ ସଭାପତିତ୍ୱ କରି ବିଳମ୍ବରେ ହେଲେ ମଧ୍ୟ ଏପରି କାର୍ଯ୍ୟ ଛାତ୍ରଛାତ୍ରୀଙ୍କୁ ପ୍ରେରଣା ଯୋଗାଇବ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଅଧ୍ୟକ୍ଷ ଜିତାରାମ ଦେ ଯୋଗଦେଇ ପିତାମାତାମାନେ ସଂସ୍କାରିତ ହେଲେ ପିଲାମାନେ ଶୃଙ୍ଖଳିତ ହେବେ ବୋଲି କହିଥିଲେ। ସମ୍ପାଦକ ବରିଷ୍ଠ ଆଇନ୍‌ଜୀବୀ ରାମଚନ୍ଦ୍ର ଜେନା ଯୋଗଦେଇ ପରିଷଦ ବିଭିନ୍ନ ଜନହିତକର ଓ ବିକାଶ କାର୍ଯ୍ୟରେ ସାମିଲ ଥିବାବେଳେ ଚଳିତବର୍ଷ ଏପରି କାର୍ଯ୍ୟ ହାତକୁ ନେଇ ସୁସ୍ଥ ପରମ୍ପରା ସୃଷ୍ଟି କରିଛି ବୋଲି କହିଥିଲେ। ଡ. ଅଜିତ୍ ମହାନ୍ତି ସଂଯୋଜନା କରିଥିବା ବେଳେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ମୂରଲୀ ମୋହନ ପ୍ରଧାନ ମଞ୍ଚ ଆହ୍ୱାନ ଓ ବରିଷ୍ଠ ସାମ୍ବାଦିକ ଅବନୀ ଚାନ୍ଦ ପ୍ରାରମ୍ଭିକ ସୂଚନା ଓ ଉଦ୍ଦେଶ୍ୟଜ୍ଞାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସେଣ୍ଟସିଟି କଲେଜର ଅଧ୍ୟକ୍ଷ ଡ. ଅକ୍ଷୟ ପରିଡା, ଜ୍ଞାନବିକାଶ ଗ୍ରୁପ ଅଫ ଇନଷ୍ଟିଚ୍ୟୁଟର ନିର୍ଦ୍ଦେଶକ ଲେଲିନ ପ୍ରଧାନ, ହାୟାର ସେକେଣ୍ଡାରୀ ସ୍କୁଲର ଅଧ୍ୟକ୍ଷ ଡ. ସୁଧିର କର, ମାସ୍ ଏକାଡେମୀର ନିର୍ଦ୍ଦେଶକ ଆଦିକନ୍ଦ ଦାସ ଅଧିକାରୀ, ଦି ମଦର କଲେଜର ନିର୍ଦ୍ଦେଶକ ପ୍ରତାପ ପ୍ରଧାନ, ଦିଗମ୍ବରୀ ଦେବୀ ଶିକ୍ଷା ସମୂହର ସମ୍ପାଦିକା ମଧୁଛନ୍ଦା ମହାନ୍ତି, ଦିଲ୍ଲୀପ ଗିରି, ସିଦ୍ଧାର୍ଥ ଶଙ୍କର ପାଳ, ସୁଧିର ମହାନ୍ତି ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ୩୭ଜଣ ଏ୧ ଛାତ୍ରଛାତ୍ରୀଙ୍କୁ ମାନପତ୍ର ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

# ରଜରେ ବଢୁଛି ବନାରସି, ଫାଏର ପାନର ଚାହିଦା

ଅସ୍ତରଙ୍ଗ (ଭାସ୍କର ନ୍ୟୁଜ୍): ସରିଯାଇଛି ରଜ କିନ୍ତୁ ରଜରେ ପାନର ରହିଛି ଏକ ସ୍ୱତନ୍ତ୍ରତା। କେବଳ ରଜ ତିନି ଦିନ ନୁହେଁ ଏହାପରେ ବି ରଜ ପାନର ଚାହିଦା ଖୁବ୍ ଅଧିକ ରହିଛି। ପୋଡ଼ପିଠା ବିନା ଯେପରି ରଜ ଅଧୁରା, ସେହିପରି ପାନ ବିନା ସବୁ କିଛି ଫିକା। ରଜ ପାନ ଲାଗି ସମସ୍ତଙ୍କ ରହିଥାଏ ଆଶା। ବର୍ଷସାରା ପାନ ଠାରୁ ଦୂରେଇ ରହିଥିବା ବ୍ୟକ୍ତିଟିଏ ରଜ ତିନିଦିନ ପାନ ଖଣ୍ଡିଏ ଖାଇବା ପାଇଁ ମନ ବଳାଇଥାଏ। ତେଣୁ ଗାଁ ଠାରୁ ସହର ସବୁଠି ରଜପାନ ପସରା ମେଲିଥାଏ। ତେବେ ରଜ ଆସିଲେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଞ୍ଚଳ ସମେତ ବିଭିନ୍ନ ଗ୍ରାମାଞ୍ଚଳରେ ଚଳଚଞ୍ଚଳ ହୋଇଉଠିଥାଏ। ଅସ୍ତରଙ୍ଗ ମୁଖ୍ୟ ବଜାର ଥାନା ଛକ ନିକଟରେ ରଜପାନ ଲାଗି ସୁକାନ୍ତ ସ୍ୱାଇଁ ବେଶ ଜଣାଶୁଣା। ୩ ଦିନ ବ୍ୟାପି ଏଠାରେ ଗ୍ରାହକଙ୍କ ଭିଡ଼ ଜମିଥାଏ।



ଅସ୍ତରଙ୍ଗ ମୁଖ୍ୟ ବଜାରକୁ ଆସୁଥିବା ଲୋକେ ଏହି ରଜ ପାନ ଦୋକାନରେ ଅଟକି ଏଠାରୁ ପରିବାର ଲୋକଙ୍କ ପାଇଁ ରଜପାନ ନେଇଥାନ୍ତି। ଏହାକୁ ଦୃଷ୍ଟିରେ ରଖି ପାନ ବ୍ୟବସାୟୀଙ୍କ ପକ୍ଷରୁ ବିଭିନ୍ନ ପାନର ବ୍ୟବସ୍ଥା କରାଯାଇଛି। ଚଳିତ ବର୍ଷ ଅସ୍ତରଙ୍ଗ ମୁଖ୍ୟ ବଜାର ରେ ୭ରୁ ଉର୍ଦ୍ଧ୍ୱ ଦୋକାନରେ ରଜପାନର ଷ୍ଟଲ ଲାଗିଛି। ଗ୍ରାହକଙ୍କୁ ଆକୃଷ୍ଟ କରିବା ଲାଗି ପାନ ବ୍ୟବସାୟୀ ମାନେ ଦୋକାନକୁ ସୁସଜ୍ଜିତ କରିଛନ୍ତି। ୧୦ଟଙ୍କାରୁ ୫୦ଟଙ୍କା ପର୍ଯ୍ୟନ୍ତ ବିଭିନ୍ନ ପ୍ରକାର ମିଠା ପାନ ମିଳିଥାଏ। ଗ୍ରାହକଙ୍କ ଚାହିଦା ଅନୁସାରେ ୧୫ପ୍ରକାର ପାନ ଭଙ୍ଗା ଯାଇଥାଏ। ବନାରସୀ ମିଠାପତ୍ର ପାନ, ପ୍ରଜାପତି, ସିଙ୍ଗଡ଼ା, କୋନ, କୁଲଫି, କାକରା ଏବଂ ଫାଏର ପାନର ବେଶ ଚାହିଦା ରହିଛି। ବିଶେଷ କରି ବନାରସୀ ପାନ ଓ ଫାଏର ପାନର ଗ୍ରାହକଙ୍କ ଅଧିକ ପସନ୍ଦ। ଏ ନେଇ ବ୍ୟବସାୟୀ ସୁକାନ୍ତ ସ୍ୱାଇଁ କୁହନ୍ତି, ରଜ ଆସିବାର ଏକ ମାସ ପୂର୍ବରୁ କୋଲକାତା, ଭୁବନେଶ୍ୱର, ବ୍ରହ୍ମପୁରରୁ କଞ୍ଚାମାଲ ସଂଗ୍ରହ କରାଯାଏ। ଚଳିତ ବର୍ଷ ବନାରସୀ ପତ୍ର ସହିତ ଅନ୍ୟ ସାମଗ୍ରୀର ଦର ମଧ୍ୟ ବୃଦ୍ଧି ପାଇଛି। ପାନରେ ସାଧାରଣତଃ ଖଜୁରୀ, ନଚ୍ଛା, ସୀମାଇ ବିଭିନ୍ନ ରଙ୍ଗର ୩ପ୍ରକାର, ଛୁଞ୍ଚିଗୁଆ, ନଡ଼ିଆ ସହିତ ଅନ୍ୟାନ୍ୟ ସାମଗ୍ରୀ ବ୍ୟବହାର କରାଯାଇଥାଏ। ସେହିପରି ଚଳିତ ବର୍ଷ ବେପାର ଭଲ ହେବ ଆଶା ରଖିଛନ୍ତି ବ୍ୟବସାୟୀ ସୁକାନ୍ତ ସ୍ୱାଇଁ। ସେ କହିଛନ୍ତି ଏହି ୩ ଦିନ ସକାଳୁ ରାତି ପର୍ଯ୍ୟନ୍ତ ବେପାର ଜମିଥାଏ। ବିଶେଷତଃ ଚକୋଲେଟ, ଫାଏର ପାନର ଚାହିଦା ରହିଛି। ଗ୍ରାହକଙ୍କ ଚାହିଦା ଅନୁସାରେ ପାନ ପ୍ରସ୍ତୁତ ହୁଏ। ୧୦ରୁ ୫୦ଟଙ୍କା ପର୍ଯ୍ୟନ୍ତ ପାନ ବିକ୍ରି ହେଉଛି। ଅସ୍ତରଙ୍ଗ ରଜପାନ ପ୍ରତି ରହିଥାଏ ଆଗ୍ରହ ଏଠାକୁ ଟାଣି ଆଣିଥାଏ।